# ସାହିତ୍ୟ ସନ୍ଦର୍ଶନ ।

ଲେଖକ-

**ଶ୍ରୀ ସର୍ବେଶ୍ୱର ଦାଶ**, ଏମ୍. ଏ.,

ଅଧ୍ୟାପକ,

**ବେସିକ୍ ଟ୍ରେନିଙ୍ଗ୍ କଲେଜ**

**ଅନୁଗୁଳ ।**

ପ୍ରକାଶିକା

**ଶ୍ରୀମତୀ ମେନକା ଦେବୀ ।**

ମୁଦ୍ରାକର:-

**ଶ୍ରୀ ଅନନ୍ତ ତ୍ରିପାଠି ଶର୍ମ୍ମା,**

ଶିରୋମଣି ପ୍ରେସ୍

**ବ୍ରହ୍ମପୁର ।**

୧୯୫୫ ।

ମୂଲ୍ୟ ଦେଢ଼ ଟଙ୍କା

# ସୂଚୀପତ୍ର ।


| ବିଷୟ | | ପୃଷ୍ଠା । |
|---|---|---|
| ୧ । | ବୈଷ୍ଣବ ସାହିତ୍ୟରେ ମାନବିକତା | ୧ |
| ୨ । | ସାହିତ୍ୟରେ ଆଧ୍ୟାତ୍ମିକତା | ୨୨ |
| ୩ । | ଭଞ୍ଜ ସାହିତ୍ୟରେ ପ୍ରେମଚିତ୍ର | ୩୬ |
| ୪ । | ଭଞ୍ଜ ସାହିତ୍ୟର ଅନ୍ୟ ଗୋଟିଏ ଦିଗ | ୫୦ |
| ୫ । | ଭକ୍ତକବି ଭୀମା ଭୋଇ | ୬୧ |
| ୬ । | ଦୁଃଖବାଦ ଓ କବିବର ରାଧାନାଥ | ୭୭ |
| ୭ । | ଆନନ୍ଦବାଦ ଓ ଭକ୍ତକବି ମଧୁସୂଦନ | ୯୩ |
| ୮ । | ଅର୍ଘ୍ୟଥାଳୀରେ ମେହେର କବିଙ୍କ ଜୀବନ ସନ୍ଦେଶ | ୧୧୩ |
| ୯ । | ସାହିତ୍ୟର ଉତ୍ପତ୍ତି ଓ ବିକାଶରେ ଅର୍ଥନୀତିର ପ୍ରଭାବ | ୧୨୫ |

# ବୈଷ୍ଣବ ସାହିତ୍ୟରେ ମାନବିକତା ।

ଏ ସଂଗୀତ ରସଧାରା ନହେ ମିଟିବାର
ଦୀନ ମର୍ତ୍ତ୍ୟବାସୀ ଏଇ ନରନାରୀଦେର
ପ୍ରତି ରଜନୀର ଆର ପ୍ରତି ଦିବସେର
ତପ୍ତ ପ୍ରେମ ତୃଷା ?
ଏ ଗୀତ ଉତ୍ସବ ମାଝେ
ସୁଧୁ ତିନି ଆର ଭକ୍ତଜନ ନିର୍ଜ୍ଜନେ ବିରାଜେ ।

—ରବୀନ୍ଦ୍ରନାଥ—

ଓଡ଼ିଆ ବୈଷ୍ଣବ ସାହିତ୍ୟ ତାର ଦୀର୍ଘ ତିନିଶତାଧିକ ବର୍ଷର ଜୀବନକାଳ ମଧ୍ୟରେ ଉତ୍କଳ ଭାରତୀଙ୍କର କାବ୍ୟ-ଭଣ୍ଡାରକୁ ବହୁ ଅତୁଳନୀୟ ଅକ୍ଷୟ ସଂପଦରେ ଭରି ଦେଇଛି । ଛନ୍ଦମାଧୁରୀ, ସଂଗୀତ-ବିଭବ, ସୌନ୍ଦର୍ଯ୍ୟସଂପଦ ଓ ରସସମ୍ଭାର ପରିବେଷଣ କରି ଆଧ୍ୟାତ୍ମିକ ଓ କଳାତ୍ମକ କ୍ଷୁଧା ଓ ଆକାଙ୍କ୍ଷାର ପରିତୃପ୍ତି ବିଧାନଦ୍ୱାରା ଏକୋଟି ଉତ୍କଳୀୟଙ୍କର ଜୀବନ ବିକାଶ ପଥରେ ଅଶେଷ ସହାୟତା କରିଅଛି । କିନ୍ତୁ ପ୍ରତିଥର ଯେତେବେଳେ ବୈଷ୍ଣବ ସାହିତ୍ୟର ପୃଷ୍ଠା ଉଦ୍‌ଘାଟନ କରେ ଅନ୍ତରରେ ଜାଗେ ସେହି ଗୋଟିଏ ପ୍ରଶ୍ନ— "ଏ ଗୀତ ଉତ୍ସବ ମାଝେ, ସୁଧୁ ତିନି ଆର ଭକ୍ତଜନ ନିର୍ଜ୍ଜନେ ବିରାଜେ ।" ପୂର୍ବରାଗ, ଅନୁରାଗ, ମାନଅଭିମାନ, ବିରହ ମିଳନ, ଉଖଳାଲୋଲା ଖଞ୍ଜନାକ୍ଷୀର ସ୍ନିଗ୍ଧ ସଲଜ୍ଜ ଚାହାଣୀ, ବେଦନାତୁର ପ୍ରାଣର ଅତୁଳ ଆକାଙ୍କ୍ଷା, ନୀରବ ନିସ୍ତବ୍ଧ ରଜନୀର ଗୁପ୍ତ ଗୋପନ ଅଭିସାର, ଯମୁନା ପୁଳିନରେ ମଞ୍ଜୁ ମଧୁର ନୂପୁର ନିକ୍ୱଣ,

କେଳିକଦମ୍ବଲତାର ନିଭୃତ ନିକୁଞ୍ଜରେ ପ୍ରେମପୂର୍ଣ ଦୁଇଟି ତରୁଣ ପ୍ରାଣର ବାଞ୍ଛା ଚିନ୍ମୟ ଇତ୍ୟାଦିର ଯେ ମଞ୍ଜୁଳ ମନୋହର ବର୍ଣ୍ଣନାଗୁଡ଼ିକ ବୈଷ୍ଣବ ସାହିତ୍ୟରେ ପ୍ରତିଚ୍ଛନ୍ଦ ସୁନ୍ଦର ଚିତ୍ରିତ ତାହା କଣ ମଣିପର ନା ଦେବତାର, ମର୍ତ୍ତ୍ୟଜଗତର ନା ବୈକୁଣ୍ଠ-ଧାମର, କୋଟି ନାରୀର ଅନ୍ତରବାସିନୀ ବନ୍ଧୁକାର ନା ଶ୍ରୀକୃଷ୍ଣ ହୃଦୟ-ହାରିଣୀ ବୃଷଭାନୁନନ୍ଦନୀ ମହାଭାବସ୍ୱରୂପିଣୀ ଶ୍ରୀରାଧାଙ୍କର ? ବୈଷ୍ଣବ ଭକ୍ତର ଅଟଳ ଅଚଳ ବିଶ୍ୱାସ, ବୈଷ୍ଣବ ଶାସ୍ତ୍ରକାରର ଧ୍ରୁବ ନିଶ୍ଚିତ ମତ, ସାଧାରଣ ଭକ୍ତର ଦୃଢ଼ଧାରଣା ଯେ ବର୍ଣ୍ଣିତ ମିଳନଟି ଏ ଜଗତ ବହିର୍ଭୂତ। ନର ନାରୀର ନୁହେଁ, ପ୍ରକୃତି ପୁରୁଷର; ଧରଣୀର ନୁହେଁ, ଗୋଲୋକର; ରକ୍ତମାଂସର ନୁହେଁ, ଅଧ୍ୟାତ୍ମ-ଜଗତର । ଭଗବାନ୍ ଶ୍ରୀକୃଷ୍ଣ ମର୍ତ୍ତ୍ୟ ଭୂମିରେ ସ୍ୱପ୍ରେମରସ ଆସ୍ୱାଦନର ସୁଯୋଗ ଦାନରେ ଭକ୍ତମାନଙ୍କର ଜନ୍ମଜନ୍ମାନ୍ତରର—ଆକୁଳ ଆକାଂକ୍ଷାକୁ ଚରିତାର୍ଥ କରିବା ନିମିତ୍ତ ସ୍ୱଶକ୍ତି ମହାଭାବସ୍ୱରୂପିଣୀ ଶ୍ରୀରାଧାଙ୍କ ସହ ଧରାଧାମରେ ଅବତୀର୍ଣ୍ଣ ହୁଅନ୍ତି । ରାଧା ଶକ୍ତି, କୃଷ୍ଣ ଶକ୍ତିମାନ୍, ରାଧା ଜୀବ, କୃଷ୍ଣ ପରମ ।

ଅପ୍ରାକୃତ ପ୍ରେମ ମୂର୍ତ୍ତି ଜୟ ରାଧା ହରି
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କରି ଅବତରି—ଅଭିମନ୍ୟୁ

ଶ୍ରୀରାଧାକୃଷ୍ଣ ଚନ୍ଦ୍ରାବଳୀ
ଏ ନିତ୍ୟ ଭିନ୍ନ ରୂପେ କେଳି ।
ଜୀବ ପରମ ବ୍ରହ୍ମ ଏହି
ଶୁଣି ବଧିକା ମନ ଦେଇ ॥

ପ୍ରେମଭକ୍ତି ବ୍ରହ୍ମଗୀତା ।

ଶ୍ରୀଚୈତନ୍ୟଚରିତାମୃତରେ ବ ଓଡ଼ିଆ ବୈଷ୍ଣବ ସାହିତ୍ୟର ଏ ଉକ୍ତିର ସମର୍ଥନ ଅଛି ।

ପ୍ରେମରସ ନିର୍ଯ୍ୟାସ କରିବେ ଆସ୍ୱାଦନ
ରାଗ ମାର୍ଗ ଭକ୍ତି ଲୋକେ କରିବେ ପ୍ରଚାରଣ
ରସିକ ଶେଖର କୃଷ୍ଣ ପରମ କରୁଣ
ଏହି ଦୁଇ ଇଚ୍ଛା ହେତୁ ହୈଲ ଇଚ୍ଛାର ଉଦ୍‌ଗମ ।

ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ "ବିଦଗ୍ଧ ଚିନ୍ତାମଣି," "ଗୋପୀଭାଷା," "ରହସ୍ୟ ମଞ୍ଜରୀ" ପ୍ରେମ ପଞ୍ଚାମୃତ," "ମଥୁରା ମଙ୍ଗଳ," ଓ "ରସକଲ୍ଲୋଳ" ଇତ୍ୟାଦି ଗ୍ରନ୍ଥସମୂହର ମୁଖବନ୍ଧରେ ମଧ୍ୟ ସୁଯୋଗ୍ୟ ସମ୍ପାଦକଗଣ ବୈଷ୍ଣବ ସାହିତ୍ୟର ଏହି ଗୂଢ଼ ରହସ୍ୟ ପ୍ରତି ସର୍ବଦା ଅବହିତ ହେବାକୁ ବାରମ୍ବାର ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରି ଅଛନ୍ତି ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତୀତ ହେବ ଯେ ଗୋଷ୍ଠୀ ବା ସମ୍ପ୍ରଦାୟ ନିର୍ବିଶେଷରେ ବୈଷ୍ଣବ କବି, ଭାଷ୍ୟକାର ଓ ଶାସ୍ତ୍ର-ରଚୟିତା ସମସ୍ତେ ଗୋଟିଏ ବିଷୟରେ ସମ୍ପୂର୍ଣ୍ଣ ଏକମତ । ତାହା ହେଉଛି ବୈଷ୍ଣବ ସାହିତ୍ୟରେ ମାନବୀୟ ରତିର ଅବତାରଣା ତତ୍ତ୍ୱ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଗୌଣ, ବାସ୍ତବତାବିହୀନ ଏବଂ ଯାଥାର୍ଥ୍ୟ-ବର୍ଜିତ । ସୁତରାଂ ପୂର୍ବରାଗ, ପରରାଗ, ମାନ, ଅଭିମାନ, ବିରହ-ମିଳନ, ଉନ୍ମାଦ, ମୋହ, ବିପ୍ରଲାପ, ସଂପ୍ରଳାପ, ସଂଦେଶ-ପ୍ରେଷଣ, ଚିନ୍ତା, ଉଦ୍‌ବେଗ, ସ୍ତମ୍ଭ, ସ୍ୱେଦ, ବେପଥୁ, ଚୁମ୍ବନ, ଆଲିଙ୍ଗନ, ପୁଲକାଶ୍ରୁ ଇତ୍ୟାଦି ମାନବୀୟ ପ୍ରେମର ସମଗ୍ର ଅଭିବ୍ୟକ୍ତି ଏକ ସୁଦୀର୍ଘ ରୂପକମାଳା ସ୍ୱରୂପ ବର୍ଣ୍ଣ୍ୟ ଅର୍ଥାତ୍ ବୈଷ୍ଣବ କାବ୍ୟ କବିତାରେ ଯାହା କିଛି ମାନବୀୟ, ଜାଗତିକ, ଦେହ ସଂପର୍କଯୁକ୍ତ; ଯହିଁରେ ମାଟିର, ରକ୍ତମାଂସର, କାମନା ବାସନାର ଗନ୍ଧ ଅଛି ସେ ସବୁ କେବଳ ସଙ୍କେତମାତ୍ର, କବି କଳ୍ପନା, ମାନସପ୍ରମୋଦକ, ସୁତରାଂ ନିଷ୍ପ୍ରାଣ ଉକ୍ତିର, ଜିତେନ୍ଦ୍ରିୟ ସାଧକର ଦୃଷ୍ଟିରେ ଅସାର, ଅବାଞ୍ଛନୀୟ, ଅସତ୍ୟ ଏବଂ ସତ୍ୟ ଶୁଦ୍ଧ ନିର୍ମଳପ୍ରାଣ ଭକ୍ତର ଏକମାତ୍ର

ଅନୁଚିନ୍ତନୀୟ ସାରବସ୍ତୁ ହେଉଛି ଅନ୍ତର୍ନିହିତ ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱ-ରାଜି । ଯେଉଁମାନେ ଜାଗତିକ ଦୃଷ୍ଟିକୋଣରୁ ଏ ସମସ୍ତ ଦେଖିବାକୁ ଅଭ୍ୟସ୍ତ ସେମାନଙ୍କ ନିମିତ୍ତ ଆଇନତଃ ବୈଷ୍ଣବ ସାହିତ୍ୟର ସିଂହଦ୍ୱାର ରୁଦ୍ଧ ।

ବୈଷ୍ଣବ ସାହିତ୍ୟର ଗ୍ରନ୍ଥକାର, ଭାଷ୍ୟରଚୟିତା ଓ ସମ୍ପାଦକ-ମାନଙ୍କର ଏ ସମସ୍ତ ଯୁକ୍ତିରେ କିନ୍ତୁ ସହୃଦୟ ରସିକ ପାଠକର ସଂପୂର୍ଣ୍ଣ ହୃଦ୍‌ବୋଧ ହୁଏନି । ଭାରତରେ ଧର୍ମ ପ୍ରଚାରର ପ୍ରଧାନ ରଙ୍ଗଭୂମି ଉତ୍କଳରେ ଗଭୀରଆଧ୍ୟାତ୍ମିକତଥ୍ୟସମ୍ବଳିତ ଶାସ୍ତ୍ର-ପୁରାଣ, ଚଉତିଶା ଚଉପଦୀ, ଭଜନ, ଦୋହା, ପୋଇ, ମାଳିକାଦି କେତେ ଯେ ରଚିତ ହୋଇଥିବ ତାର ଇୟତ୍ତା ନାହିଁ, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଅଧିକାଂଶର ଚିହ୍ନବର୍ଣ୍ଣ ବି ଆଜି ଆମ ଦୃଷ୍ଟି ଓ କଳ୍ପନାର ଅଗୋଚର । ସାମାନ୍ୟ ଯେ କେତେକ ଗ୍ରନ୍ଥ ଭାଗବତ-ଗାଦିମାନଙ୍କର ସଯତ୍ନ ସଞ୍ଚିତ ଗର୍ବ ଓ ଗୌରବର ନିଶାଣ ଅଥବା ସଂପ୍ରଦାୟ ବିଶେଷର ଧର୍ମ ସାଧନାର ଗୁପ୍ତ କୁଞ୍ଚିକାରୂପେ କଥଂଚିତ୍ ଆତ୍ମ ରକ୍ଷା କରିବାରେ ସମର୍ଥ ହୋଇଛି । ଦେଶ ସେଗୁଡ଼ିକୁ ଆନନ୍ଦାଶ୍ରୁର ଅର୍ଘ୍ୟ ଦେଇ ଅଭିନନ୍ଦିତ କରିନି, ସ୍ନେହ ସହାନୁଭୂତିର ଦୂର୍ବାକ୍ଷତ ସିଞ୍ଚି ସାହିତ୍ୟର ସିଂହାସନରେ ଅଭିଷିକ୍ତ କରି ନି । ଧନୀ, ମାନୀ, ଚଷା, ଯୋଷା, ଆଚଣ୍ଡାଳ ଅପାମର ଜନତା ଅମରତ୍ୱର ବିଜୟମାଲ୍ୟ ପିନ୍ଧାଇ ସେଗୁଡ଼ିକୁ ଏକାନ୍ତ ଆପଣାର କରି ନେଇନି । ଅଥଚ 'ବିଦଗ୍ଧ ଚିନ୍ତାମଣି' 'ମଥୁରାମଙ୍ଗଳ' ବା 'ଚମ୍ପୂର' ଗୋଟିଏ ଗୋଟିଏ ଛନ୍ଦ ଜାତି, ଧର୍ମ, ବର୍ଣ୍ଣ ବା ସଂପ୍ରଦାୟ ନିର୍ବିଶେଷରେ ଦିନ ସାରା କର୍ମକ୍ଳାନ୍ତ ସାୟଂ ଫେରନ୍ତା କୃଷକ, ଶ୍ରମିକର ବିଷାଦ-ପାଣ୍ଡୁର ଅଧରୋଷ୍ଠରେ ଉକୁଟାଏ ହାସ୍ୟର ବିମଳ ଆଲୋକରେଖା, ଭକ୍ତ ନିର୍ମଳ ହୃଦୟସରସୀରେ ଫୁଟାଏ ଆଶାର ଶତ ହେମପଦ୍ମ ଏବଂ

ନୈସର୍ଗିକ ଜଙ୍ଗଲ ଦ୍ରୁମାଙ୍ଗନରେ ତୋଳେ ସଙ୍ଗୀତର ବିଚିତ୍ର ଝଙ୍କାର; ସହସ୍ର ମୁଗ୍ଧା ପଲ୍ଲୀବାଳାର ନୀରବ ନିଶ୍ଚଳ ଅନ୍ତର୍ଦେଶରେ ଆଣେ ଗୁଞ୍ଜନର କଳକଲ୍ଲୋଳ, ହରିଦ୍ରାରଞ୍ଜିତ ଗଣ୍ଡଦେଶରେ ଅଙ୍କିଦିଏ ଲଜ୍ଜାର ରକ୍ତ କୋକନଦ, ଶୁଣାଏ ପ୍ରେମର ଆଦ୍ୟ ଆଗମନୀ ଏବଂ ସୃଷ୍ଟି କରେ ଅଜ୍ଞାତ, ଅପରିଚିତ କେଉଁ ପ୍ରେମିକର ପିଚ୍ଛଳଦୋଳା ପ୍ରଣୟ ସୃଷ୍ଟି । ପୁଣି ସନ୍ତାନ ବିରହ ବିଧୁରା ଅସଂଖ୍ୟ କୌଶଲ୍ୟା ଗୌତମୀ ଓ ଯଶୋଦାର ସ୍ତନରୁ ସ୍ରବେ କରୁଣାର ସ୍ତନ୍ୟ ଧାର, ଆଖିରୁ ଖସାଏ ଲକ୍ଷ ତପ୍ତ ଲୋତକ ବିନ୍ଦୁ । କିନ୍ତୁ ବୈଷ୍ଣବ ସାହିତ୍ୟର ଏ ସାର୍ବଜନୀନ ଆକର୍ଷଣର ମୂଳ ଉତ୍ସ କେଉଁଠି ? କୌଣସି ସ୍ଥାନରେ ବସନ୍ତର ଆବିର୍ଭାବରେ ଦେଶ ଦେଶାନ୍ତରରୁ ରଙ୍ଗ ବିରଙ୍ଗ ଚିତ୍ର ବିଚିତ୍ର ମଧୁରବୀ କେଜାଣି କେତେ ପକ୍ଷୀ ଆପଣାଛାଏଁ ଉଡ଼ିଆସି ସେଠାରେ ମେଲାଇ ଦିଅନ୍ତି ଶୋଭାର ପସରା, ସଙ୍ଗୀତର ସ୍ଥିରୁ ରଙ୍ଗଶାଳା । ବସନ୍ତର ଆକର୍ଷଣ ତାର ସୌନ୍ଦର୍ଯ୍ୟଧର୍ମ । ସାହିତ୍ୟର ଆକର୍ଷଣ ସେହିପରି ତାର ଅପୂର୍ବ ମାୟା ଶକ୍ତି ଏବଂ ତାର ସେ ମାୟାଶକ୍ତିର ମୂଳରେ ମାନବିକତା । ମଣିଷର ଦୁଃଖ, ଦୈନ୍ୟ, ଅଶ୍ରୁ, ହର୍ଷ ଆନନ୍ଦ, ପୁଲକ, ପ୍ରେମ, ଦୟା, ଦାକ୍ଷିଣ୍ୟ, ମୈତ୍ରୀ, କରୁଣା, ଭ୍ରାତୃଭାବ. ରାଗ, ରୋଷ, ହିଂସା, ଦ୍ୱେଷ ଘୃଣା, ଗର୍ବ, ଦମ୍ଭ, ଅଭିମାନ, ଆଶା, ଆକାଂକ୍ଷା, ଅଭିଳାଷ, ଭୋଗାସକ୍ତି, ବିଳାସପରାୟଣତା, ତ୍ୟାଗ, ଅହିଂସା, ସତ୍ୟ ଓ ସୁନ୍ଦରର ଜୀବନ ପ୍ରତି ଅଦମ୍ୟ ପିପାସା ଇତ୍ୟାଦିର ସାମଗ୍ରିକ ସତ୍ତାର ନାମ ମାନବିକତା; ଏହାହିଁ ମାନବ ଧର୍ମ, ମାନବର ମାନବତ୍ୱ ଏଇଠି । ମାନବିକତାର ଶାଶ୍ୱତୀ ଟୀକା ମଣ୍ଡିତ ସାହିତ୍ୟର ଅମ୍ଳାନ ତେଜସ୍ୱର ମୂର୍ତ୍ତି ହୁଏ ମାନବର ତମିସ୍ରାରୁଦ୍ଧ, ପଙ୍କିଳ, ପିଚ୍ଛିଳ ଜୀବନସରଣିର ଅଭ୍ରାନ୍ତ ଆଲୋକସ୍ତମ୍ଭ । ଏହି ମାନବିକ

ଉପାଦାନହିଁ ଦେଶ, କାଳ, ଜାତି, ଧର୍ମ ସଭ୍ୟତା ସଂସ୍କୃତି ଭାଷା ଇତ୍ୟାଦିର ସମସ୍ତ ଶୃଙ୍ଖଳ ଛିନ୍ନ କରି ସାହିତ୍ୟକୁ ଦିଏ ଚିରନ୍ତନ ବିଦ୍ୟମାନତା, ଗୌରବମଣ୍ଡିତ ସାର୍ବଜନୀନତା, ଏବଂ ଅଖଣ୍ଡ ସର୍ବ-ବ୍ୟାପକତ୍ୱ । ଧର୍ମ, ସଭ୍ୟତା, ସଂସ୍କୃତି ଓ ଜାତିଗତ ସମ୍ପର୍କର ସମସ୍ତ ବିଭେଦ ସତ୍ତ୍ୱେ ବେଦର ସମ୍ବାଦସୂକ୍ତ, ରାମାୟଣ, ମହାଭାରତ ମେଘଦୂତ, ଶକୁନ୍ତଳା, ଗୀତାଞ୍ଜଳି ଇତ୍ୟାଦି ବିଭିନ୍ନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାଷାମାନଙ୍କରେ ଅନୂଦିତ ହୋଇ ଜନସାଧାରଣ ସମ୍ମାନ ଲାଭକରେ । ଅନ୍ୟ ପକ୍ଷରେ ସେହିପରି ସେକ୍ସପିୟରଙ୍କ ଅମର ନାଟକାବଳୀ, ଟଲ୍‌ଷ୍ଟୟ ଓ ଗୋର୍କିଙ୍କର ଉପନ୍ୟାସ ସମୂହ, ଦାନ୍ତେ, ମିଲ୍‌ଟନ, ସେଲି, ବାଇରଣ ଏବଂ କୀଟ୍‌ସ୍ ପ୍ରମୁଖ କବିମାନଙ୍କର କବିତାପୁଞ୍ଜ ଏ ଦେଶର କୋଟି ପାଠକ ପ୍ରାଣର ସୂକ୍ଷ୍ମତମ ତନ୍ତ୍ରୀକୁ ସ୍ପର୍ଶକରେ, ଦେଶାତ୍ମବୋଧର ପବିତ୍ର ପ୍ରରୋଚନାରେ ଅଗଣିତ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରେ, ଏବଂ କୋଟି ଯୁବ-ପ୍ରାଣରେ ବିପ୍ଳବର ପ୍ରଳୟବହ୍ନି ଜାଳି ଦିଏ । ମୂଳତଃ ଧର୍ମ, ରାଜନୀତି, ଅର୍ଥନୀତି ବାଣିଜ୍ୟନୀତି ଓ ସ୍ୱାର୍ଥଦ୍ୱେଷାଦିର ହୀନଷଡ଼୍‌ଯନ୍ତ୍ର ଦ୍ୱାରା ଶତଧା ବିଦୀର୍ଣ୍ଣ ମାନବସମାଜର ଏକମାତ୍ର ବନ୍ଧନସେତୁ ସାହିତ୍ୟ ଏବଂ ସାହିତ୍ୟର ସର୍ବଶ୍ରେଷ୍ଠ ଆୟୁଧ ତାର ମାନବିକତା । ଦୁଇ ଦୁଇଟି ସର୍ବଗ୍ରାସୀ ବିଶ୍ୱଯୁଦ୍ଧର ତିକ୍ତ ବିସ୍ୱାଦ ଅନୁଭୂତି ପରେ ବିଶ୍ୱର ଭାବୁକ ସମାଜ ଧର୍ମ, ଦର୍ଶନ, ରାଜନୀତି ଏବଂ ବିଜ୍ଞାନର ଶାନ୍ତିଦୌତ୍ୟରେ ସମ୍ପୂର୍ଣ୍ଣ ଆସ୍ଥା ହରାଇଛି । କିନ୍ତୁ ସାହିତ୍ୟ ଏ ପର୍ଯ୍ୟନ୍ତ ମାନବ ଜାତିର ନିର୍ବାଣୋନ୍ମୁଖୀ ଆଶାର କ୍ଷୀଣ ଦୀପଶିଖାଟିକୁ କଥଂଚିତ୍ ଉଜ୍ଜୀବିତ ରଖିବାରେ ସମର୍ଥ ହୋଇଛି । ବୁଦ୍ଧି, କୌଶଳ, ଚତୁରର ମଣିଷ ମଧ୍ୟରେ ଭେଦର ବିରାଟ ପରିଖା ବର୍ତ୍ତମାନ ଥିଲେହେଁ, ଆବେଗ, ଅନୁଭୂତି, ସ୍ନେହ, ସମବେଦନାର

ମନୀଷ ସବୁଠି ସମାନ । ବିଶ୍ୱସାହିତ୍ୟର ପ୍ରାଙ୍ଗଣରେ ବୈଷ୍ଣବ-ସାହିତ୍ୟର ଆସନ ନିର୍ଭର କରେ ତାର ଅମୂଲ୍ୟ ମାନବିକତାର ଉପାଦାନ ଉପରେ । ଶାସ୍ତ୍ର ପୁରାଣର ଯେଉଁ ରାଧାକୃଷ୍ଣଙ୍କର ଜୀବନ-ଗାଥା, ଦ୍ୱୈତ, ବିଶିଷ୍ଟାଦ୍ୱୈତ, ଦ୍ୱୈତାଦ୍ୱୈତବାଦର ଯେ ତୁଙ୍ଗ ଦାର୍ଶନିକତଥ୍ୟ ବୈଷ୍ଣବ ସାହିତ୍ୟରେ ସନ୍ନିବେଶିତ ତାହା ଦେଶ, ଜାତି, ବା ଧର୍ମ ଭେଦରେ ଗ୍ରହଣୀୟ ହୋଇପାରେ ବା ନପାରେ କିନ୍ତୁ କୋଟି ନରନାରୀର ଅନ୍ତର୍ଦ୍ଦେଶରେ ବିଳସମାନ ରାଧାକୃଷ୍ଣ, ନନ୍ଦ ଯଶୋଦା, ଦାମ ସୁଦାମ, ବିଶାଖା ଲଳିତା; କଂସ ଚାଣୂର, ଉଦ୍ଧବ, ଅକ୍ରୂରର ଯେ ମର୍ମବାଣୀ ବୈଷ୍ଣବ ସାହିତ୍ୟର ପୃଷ୍ଠା-ମାନଙ୍କରେ ଧ୍ୱନିତ ତାହା ସର୍ବବ୍ର ଆଦରଣୀୟ ହେବ ସନ୍ଦେହ ନାହିଁ । ସୁତରାଂ ବୈଷ୍ଣବ ଧର୍ମର ବର୍ଦ୍ଧୟିତ୍ରୀ, ଏବଂ ବୈଷ୍ଣବ ଶାସ୍ତ୍ରର ରକ୍ଷଣ-ଶୀଳ ବ୍ୟାଖ୍ୟାକାରମାନଙ୍କର ଅନୁମୋଦନୀୟ ହେଉ ବା ନ ହେଉ ବୈଷ୍ଣବ ସାହିତ୍ୟର ରସାସ୍ୱାଦନ ତଥା ସାହିତ୍ୟିକ ମୂଲ୍ୟ ବିବେ-ଚନାରେ ତାହାର ମାନବିକ ଉପାଦାନ ସମୂହକୁ କଦାପି ବାଦ୍ ଦେଇ ହେବନି ।

ବୈଷ୍ଣବ ସାହିତ୍ୟ ସହସ୍ର ସରସ ସୁନ୍ଦର ମାନବିକ ଚିତ୍ରରେ ପରିପୂର୍ଣ୍ଣ । ନରନାରୀର ପ୍ରେମଭାବ, ସ୍ନେହମୟୀ ଜନନୀର ପବିତ୍ର ବାତ୍ସଲ୍ୟଭାବ, ଅନ୍ତରଙ୍ଗ ସଖାର ଶୁଦ୍ଧ ନିର୍ମଳ ସଖ୍ୟ ଭାବ, ଦାସ-ଦାସୀର ନିଷ୍କପଟ ନିରହଙ୍କାର ଅନୁରକ୍ତି, ଦୁରନ୍ତ ଶତ୍ରୁର ଉତ୍କଟ ବୈରଭାବ ଏବଂ ନିରପେକ୍ଷ ଜନତାର ସୌଜନ୍ୟ ସହାନୁଭୂତି କେଉଁଠି ବାଦ ପଡ଼ିନି । ହେଲେହେଁ ବୈଷ୍ଣବ ସାହିତ୍ୟ ପ୍ରେମ-ପ୍ରଧାନ ଏବଂ ନରନାରୀର ଏହି ଜୈବ ଆକର୍ଷଣ ମାନବିକତାର ଏକ ଚିରନ୍ତନ ଉପାଦାନରୂପେ ଗୃହୀତ ।

''ଭଙ୍ଗୀ ବନ୍ଧସୂରେ କୃଷ୍ଣ ଗଣ୍ଡିଆ
କାହା କଟି ସ୍ଥିତ ଦେଖି ମାଠିଆ ।
ବୋଲନ୍ତି ବନ୍ଧୁ ମୁଁ ତୋହ ବେଠିଆ
ପାଣି ଅଣିବାକୁ ମୋତେ ପଠିଆ ।
ଶୁଣି ଗୋପୀ ହୋଇ ଠିଆ ଯେ
ହସିଲା ଭାଷିଲା ବଢ଼ିଲାକୁ କାହ୍ନୁ
ହେଲ ଏଡ଼େ ଅପାଠିଆ ଯେ''

—ବିଦଗ୍ଧ ଚିନ୍ତାମଣି

କୃଷ୍ଣ ଓ ଗୋପୀମାନଙ୍କ କଥୋପକଥନ ପ୍ରସଙ୍ଗରେ ଉକ୍ତ ହୋଇଥିଲେହେଁ ହାସ୍ୟ ପରିହାସ, କୌତୁକରହସ୍ୟମୟ କୈଶୋରଜୀବନର ଅପୂର୍ବ ମିଳନାକାଂକ୍ଷାର ସରଳ ମାଧୁର୍ଯ୍ୟ ମଣ୍ଡିତ 'ବିଦଗ୍ଧ'ର ଏ କେତୋଟି ପଂକ୍ତିରେ ଏକ ସାର୍ବଜନୀନ ସତ୍ୟର କି ଗଭୀର ଦ୍ୟୋତନା ! ଏହି ଟି କେବଳ ଉତ୍କଳର ନୁହେଁ, କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱର । କୈଶୋରର ଆଦ୍ୟ ଆକର୍ଷଣ ଯେତେବେଳେ ଯୌବନୋଦ୍‌ଗମରେ ପ୍ରଣୟର ପ୍ରଥମ ଉନ୍ମେଷ-ରୂପେ ପ୍ରକାଶ ପାଏ ସେତେବେଳେ ପ୍ରେମପାତ୍ରର ରୂପଗୁଣ, ବେଶ ବୟସର ଚରିତାଦିର ସମ୍ୟକ୍ ପରିଚୟ ପାଇଁ ପ୍ରାଣ ବ୍ୟାକୁଳ ହୋଇ ଉଠେ ।

''ବୟସ କେତେ ତାଙ୍କର ?
ନବତରୁଣିମ ଅବସ୍ଥା ବୟସ ହୋଇଥିବ ବାର ତେର''

× × ×

—ଗୋପାଳକୃଷ୍ଣ

ସ୍ୱଚ୍ଛ ସରଳ ତରଳ ଚଞ୍ଚଳ ପ୍ରେମପୂର୍ଣ୍ଣ ଦୁଇଟି ପ୍ରାଣର ପ୍ରିୟର 'ପ୍ରଥମ ସାକ୍ଷାତ୍' ଜନିତ ଭାବୋଦ୍‌ବେଳ ଆତ୍ମହରା ଅବଶ ଜଡ଼-ଭାବର ବର୍ଣ୍ଣନା ଅତୀବ ଚମତ୍କାର ।

"ନୀରଜ କି ନୀଳ ପ୍ରତିମା ସେ କଣ୍ଠୁ ବାରି ପାରିଲି ନାହିଁ ରେ
ନୟନେ ନାଚୁଛି ରେ × ×"

ନବାନୁରାଗର ପ୍ରଥମ ଦର୍ଶନ ଜନିତ ବିସ୍ମୟ ବିହ୍ୱଳ ଅବଶ ଜଡ଼ଭାବ କଟି ଯାଇ ହୃଦୟସ୍ଥ ସ୍ନେହାଙ୍କୁର ଯେତେବେଳେ ସ୍ମୃତିରତର ପ୍ରଣୟ ନିର୍ଯ୍ୟାସରେ ପରିଣତ ହୁଏ ସେତେବେଳେ ମିଳନର ଦୁର୍ବାର ଆକାଂକ୍ଷାରେ ଅନ୍ତର ବ୍ୟାକୁଳ ହୋଇ ଉଠେ ।

ତୋହଲେ ତୁ ପରିହାଣି ନିର୍ଦ୍ଦୟ ନିଠୁରବାଣି
ନିଃଶଙ୍କ କଲୁଟି ଦେହ ଲତା
ନୀପକୁଞ୍ଜ ଉପକଣ୍ଠେ ନ୍ୟସ୍ତ କରିଅ ମୋ କଣ୍ଠେ
ନାଗରୀନ୍ଦ୍ର ନିରୁପମ ବାହା ।

—କବିସୂର୍ଯ୍ୟ

ଭାବୋଦ୍‌ବେଳ ଚଞ୍ଚଳ ବେଦନାତୁର ମିଳନପ୍ରୟାସୀ ଦୁଇଟି ତରୁଣ ପ୍ରାଣର ଆଶା, ଆକାଂକ୍ଷା, ଉତ୍କଣ୍ଠା, ଉଦ୍‌ବେଗ ଲଜ୍ଜା, ଭୟ, ଶଙ୍କା, ସଙ୍କୋଚର ଅନବଦ୍ୟ ସୁଷମା ମଣ୍ଡିତ ଯେ ଅନୁପମ ଆଲେଖ୍ୟ ସମୂହ ବୈଷ୍ଣବ ସାହିତ୍ୟର ପୃଷ୍ଠାମାନଙ୍କରେ ଅଙ୍କିତ ସେ ଗୁଡ଼ିକର ଉପଲବ୍ଧିରେ ହୃଦୟର ଅଦ୍ଧସଙ୍ଗ ଏକ ଦିବ୍ୟ କାରୁଣ୍ୟ ରସରେ ପରିପ୍ଲୁତ ହୁଏ । ବନମାଳୀଙ୍କର 'ଧୀରେ ରାଧା କର ଧର' ଚମ୍ପୂର 'ଥାଟିରେ କଷ୍ଟ ତଥାପିରେ' ଛାନ୍ଦମାନ ପାଠକଲେ କେଉଁ ହୃଦୟହୀନ ଚଣ୍ଡାଳର ମଧ୍ୟ ଆଖିରୁ ଲୁହ ନ ଝରି ରହିବ । ପ୍ରେମର ଗତି ବଡ଼ ବକ୍ର, ଏ ସହଜ ସ୍ୱୀକୃତ, ଅଯାଚିତ ଆତ୍ମ-ସମର୍ପଣ ପ୍ରେମଶାସ୍ତ୍ରର ନିଷିଦ୍ଧ । ବାଧାହୀନ ପ୍ରତିବନ୍ଧକ-ଶୂନ୍ୟ ସିଦ୍ଧିର ସରଳ ସଂକ୍ଷିପ୍ତ ପନ୍ଥା ପ୍ରେମର ପ୍ରତିକୂଳ । ଚିରବାଞ୍ଛିତ ଲକ୍ଷ୍ୟର ସମୀପବର୍ତ୍ତିନୀ ହୋଇ ମଧ୍ୟ ଦୂରକୁ ଅପସରି ଯିବାରେ,

ଚିରକାଂଷିତ ଅମୂଲ୍ୟ ନିଧିକୁ ହାତମୁଠାରେ ପାଇ ମଧ୍ୟ ପ୍ରତ୍ୟାଖ୍ୟାନ କରିବାରେ, ପୁଣି ଲାଞ୍ଛିତ, ଅବମାନିତ, ଭର୍ତ୍ସିତ ଓ ଅସ୍ୱୀକୃତ ହୋଇ ମଧ୍ୟ ପ୍ରେମାସ୍ପଦର ବାରବାର ଅନୁସରଣରେହିଁ ପ୍ରେମର ସାର୍ଥକତା! ପ୍ରେମର ମହତ୍ତ୍ୱ, ପ୍ରେମର ଆନନ୍ଦ । ହଁ ନାହିଁ, ଆଶା ନିରାଶା, ଆନନ୍ଦାଶ୍ରୁର ସଂଶୟ କଣ୍ଟକିତ କାନନ ଶଯ୍ୟାରେ ପ୍ରେମର ଅମଳ କୋମଳ କଳିକାଟିର ସମ୍ୟକ୍ ପ୍ରସ୍ଫୁରଣ । ଏହିପରି ଭାବରେ ପ୍ରେମିକ ପ୍ରେମିକା ମାନସ ତତ୍ତ୍ୱର ସୂକ୍ଷ୍ମାତିସୂକ୍ଷ୍ମ ବିଭାବ ସମୂହର ସଫଳ ରୂପାୟନରେ ବୈଷ୍ଣବ କବି ଯେଉଁ ଅପୂର୍ବ କଳାକୁଶଳତାର ପରିଚୟ ଦେଇ ଅଛନ୍ତି ତାହା ବାସ୍ତବରେ ଯେ କୌଣସି ଉନ୍ନତ ସାହିତ୍ୟର ଗର୍ବ ଓ ଗୌରବର ସାମଗ୍ରୀ ହୁଅନ୍ତା । ପ୍ରବନ୍ଧର ପରିକଳ୍ପିତ କଳେବର ମଧ୍ୟରେ ସେ ସବୁର ବିଶଦ ବ୍ୟାଖ୍ୟାନ ପାଇଁ ଅବକାଶ ନାହିଁ ଜାଣି, ମାତ୍ର ସାମାନ୍ୟ କେତୋଟି ଦୃଷ୍ଟାନ୍ତ ଉଦ୍ଧାର ପୂର୍ବକ ଏ ଅନୁଚ୍ଛେଦଟିର ଉପସଂହାର କରିବା ।

"ମାଳତି ସଙ୍ଗେ ଥାଇ ୮ଦଶା ହେଲେ
ପ୍ରେମ ପ୍ରମାଦ ପଡ଼ିଲ ସେ କାଳେ
ବଳାଇଁ ଗତି ପାଦ ନ ଚଳଇ
ଲାଜ ପୀରତି ବିବାଦ ବଢ଼ଇ
ଦେହ ଥିଲେ ତେଣେ ହେ
ମନ ଆକର୍ଷି ହେଉଥାଇ ଏଣେ
କାହାକୁ କି କହିଲୁ ପରା ହୋଇ
ଠିକିଏ ଠିକିଏ ସେ ରହି ରହି
ବାହୁ ଗୃହୁଡ଼ି ସଙ୍ଗେ ମିଶିଯାଇ
ପଦେ ପଦେ ଅଧେ ଅଧେ କହଇ
ନ ଗୁହିଁଲା ହୋଇ ହେ
ପୋଥିଏ କଥା ନୟନେ କହଇ ।

ଗୁରୁଜନ ମେଳରେ ନିବିଡ଼ ପ୍ରଣୟାସକ୍ତ ପ୍ରେମ ତଦ୍‌ଗତ-ପ୍ରାଣ ତରୁଣ ତରୁଣୀଙ୍କର ପରସ୍ପର ସାକ୍ଷାତ ଏକ ପରମ ସଂକଟମୟ ମୁହୂର୍ତ୍ତ । ଭାବାବେଗ ପ୍ରକାଶନପର ଯୁବ ପ୍ରାଣର ଏ ବିଷମ ଅଗ୍ନି ପରୀକ୍ଷାର ଯେ ଅପୂର୍ବ ରମଣୀୟ ଚିତ୍ର କବିଙ୍କ କଳାର ଅମର ବର୍ଦ୍ଧାଣୀ ଅଭିମନ୍ୟୁ ଆଙ୍କିଛନ୍ତି ତାହା ଯେତିକି ବାସ୍ତବ ସେତିକି ମର୍ମସ୍ପର୍ଶୀ ।

"ଶ୍ୟାମ ଅପରାଧିନୀ ମୁଁ ସଙ୍ଗିନୀ
ଚନ୍ଦ୍ରାବଳୀକି ଅଣାନ୍ତୁ ସେ ଡାକି
ସେ ସିନା ହୃଦର ବିଳାସିନୀ
ଗଲେ ଯିବ ଯେଣେ ନ ଛାଡ଼ିବ କ୍ଷଣେ
ଗହଣେ ଥିବ ଦିବସ ରଜନୀ"

ଅନ୍ତରର ଗଭୀର ସ୍ନେହ ରସରେ ଅଭିଷିକ୍ତ ନାରୀର ଈର୍ଷା-ମିଶ୍ରିତ ପ୍ରେମର ଏ ଚିତ୍ର ଅତ୍ୟନ୍ତ ମନୋହର । ମାନବର ମୌଳିକ-ବୃତ୍ତି ଉପରେ ଏହାର ପ୍ରତିଷ୍ଠା । ଏଠି ଈର୍ଷା ଦୂଷଣ ନୁହେଁ, ଭୂଷଣ । ନିରଭିମାନ ନିରହଙ୍କାର ପ୍ଲେଟୋନିକ ପ୍ରଣୟ ମଣିଷର ନୁହେଁ, ଦେବତାର; ଇନ୍ଦ୍ରିୟ ଜଗତର ନୁହେଁ ଅତୀନ୍ଦ୍ରିୟ ରାଜ୍ୟର ।

"କର କଠୋର ଯେତେ ପୀରତି
କଷ୍ଟ ତହୁଁ ବଡ଼ ନାହିଁ କ୍ଷିତି ପରେ

"କୋଟି କୋଟି ଦଣ୍ଡବତ ପୁଣ୍ଡରୀକ ନୟନଙ୍କୁ କହିବ,
କୁବୁଜା ପାଶରେ ଥିବା ସମୟରେ ଦୁଃଖ ଏକା ନ କହିବ ।
ଇଚ୍ଛୁ ନୋହିଲେ ତାହାଙ୍କ ବୋଲ ।
କଲେ ଏହା ସେ ଆମ୍ଭଙ୍କୁ ଭଲ ।।"

ନାରୀ ତ୍ୟାଗ ଓ ସହନଶୀଳରେ ମୂର୍ତ୍ତିମତୀ ଦେବୀ । ଶତ ସହସ୍ର ଦୁଃଖ, ଯାତନା, ଲାଞ୍ଛନା, ଗଞ୍ଜଣା, ଅବହେଳା, ନିନ୍ଦା ଅପବାଦ ସେ ହସି ହସି ବରଣ କରି ନିଏ କିନ୍ତୁ ସପତ୍ନୀ ସମକ୍ଷରେ

ଅସ୍ମାବମାନନା ବା କୌଣସି ପ୍ରକାର ନ୍ୟୂନଭାବ ତାହା ପକ୍ଷରେ ସେପରି ମରଣ ଠାରୁ ବଳି ଦୁଃସହତର ।

ଥରେ ହେଲେ ସ୍ପର୍ଶ କର
ବଲେକ ନାହିଁ ମୁଁ ଡର
କଳା କି ଗୋରି ସେ ନବ ଶିଖଣ୍ଡ ମୁକୁଟ ।
ଅତିମନ୍ଦ ମୋ ନଣନ୍ଦ ଜାଣିଲକ୍ଷଣି ଅଳିନ୍ଦ
ଶତ କ୍ରୋଧ ହୋଇ ବଦନ କରୁଛି ବିକଟ;

ଉତ୍କଳର ରକ୍ଷଣଶୀଳ ପଲ୍ଲୀ ପରିବାରରେ ଅତିମାତ୍ର ଭୀତା ସଂକୁଚିତା ଏପରି ଗୋଟିଏ ଦରଦୀ ଭାଉଜଙ୍କ ବୋହୂ ଏବଂ ଏକ ମୁଖରା ନଣନ୍ଦର ଚିତ୍ର କାହାର ଅପରିଚିତ ? କିନ୍ତୁ କବିର ଅମର ତୁଳିକା ଏହି ଚିର ପୁରାତନ ଦୃଶ୍ୟଟିକୁ କେତେ ଅପୂର୍ବ ମନୋଜ୍ଞ ସାଜରେ ସଜାଇ ଦେଇଛନ୍ତି ।

କନ୍ଦର୍ପ କଳା କୁଶଳା ହୋଇ ଥିବ ବାଳା
କରୁଥିବ ଗତି ଭ୍ରୂଭଙ୍ଗ କଟାକ୍ଷ ଲୀଳା
କର୍ଣ୍ଣରେ କୁଣ୍ଡଳ ହେଉଥିବ ଦୋଳାୟିତ
କଲେ ତା ଦର୍ଶନ ନୋହେ କେଉଁ ସ୍ଫୂର୍ତ୍ତି ଜାତ
କଣିଆଇଁ ଚୁହୁଁଥିବ ନାସିକା ଫୁଲାଇ
କହୁଥିବ ବକ୍ରବାଣୀ ଅଳପ ଗେହ୍ଲାଇ
କର୍ଣ୍ଣ ତାହା ଶୁଣୁଥିବ ଦେଖୁଥିବ ନେତ୍ର
କଲେ ତରତମ ସ୍ୱର୍ଗସୁଖ କେତେ ମାତ୍ର
କେବଳହିଁ ନୋହୁଥିବ ଅତ୍ୟନ୍ତ ଉଦ୍ଧତ
କେତେବେଳେ ନୋହିଥିବ ଅତି ଲଜ୍ଜାବନ୍ତ
କହିବାକୁ କହୁଥିବ ସ୍ନେହଗର୍ଭବାଣୀ
କି କହିବ ଇନ୍ଦ୍ରସୁଖ କର୍ଣ୍ଣେ ତାହା ଶୁଣି । — ଦୀନକୃଷ୍ଣ

ଓଡ଼ିଆ ବୈଷ୍ଣବ ସାହିତ୍ୟରେ ମିଳନର ଶତସହସ୍ର ଆଲେଖ୍ୟ ଥାଉଁ ଥାଉଁ ଏହି ଗୋଟିକୁ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ହେଉଛି, ପ୍ରତ୍ୟେକ ରସିକ ହୃଦୟର ଚିର ଅନୁଭୂତ ଏହି ଚିରନ୍ତନ ସୁଷମା, ସଂଯମ ଓ ସାବଲୀଳତାର ଅତୁଳନୀୟ ବିଭବଯୁକ୍ତ ।

କିନ୍ତୁ ମାନବୀୟ ପ୍ରେମର ଏ ଭୋଗାତ୍ମକ ଚିତ୍ର ଯେତେ ସୁନ୍ଦର ଓ ସ୍ୱାଦ୍ୟ ହେଲେହେଁ ବୈଷ୍ଣବ ସାହିତ୍ୟର ଶେଷ ବା ସର୍ବଶ୍ରେଷ୍ଠ ଦାନ ନୁହେଁ । ପ୍ରେମର କ୍ରମପରିଣାମରେ ଦୁଇଟି ଅବସ୍ଥା ଲକ୍ଷ୍ୟ କରିବାର କଥା । ଗୋଟିଏ ଦେହର, ଅନ୍ୟଟି ଦେହାତୀତର, ଗୋଟିଏ ରୂପର ଅନ୍ୟଟି ରୂପୋତ୍ତରର, ଗୋଟିଏ ସର୍ବୈଶ୍ୱର୍ଯ୍ୟମୟୀ ଚଞ୍ଚଳା ଲକ୍ଷ୍ମୀର ସ୍ୱର୍ଣ୍ଣମୟୀ ପ୍ରତିମା, ଅନ୍ୟଟି ସର୍ବତ୍ୟାଗିନୀ ତପସ୍ୱିନୀ ଉମାର ଅତିପବିତ୍ର ବିଗ୍ରହ । ଏକର ଅଧିଷ୍ଠାନ ଗୁଳ୍ମଲତାଚ୍ଛାଦିତ ଜଳାର୍ଦ୍ର ଉପତ୍ୟକା, ଅନ୍ୟଟିର ହିମାଚଳର ତୁଷାରଶୁଭ୍ର ତୁଙ୍ଗ ଶିଖର । ପ୍ରେମର ପରିପୂର୍ଣ୍ଣ ବିକାଶରେ ଦୁଇଟିଯାକ ଅବଶ୍ୟକ, ଅନିବାର୍ଯ୍ୟ, ଦୁହେଁ ଅନ୍ୟୋନ୍ୟସାପେକ୍ଷ ।

କୁସୁମ କୋଦଣ୍ଡ କାଣ୍ଡ   କେତେ କରିଥିଲା ଦଣ୍ଡ
କର୍କଶ ନୋହିବା ଭାରତୀରେ

କହୁଛି ବିରଜା ଲଜ୍ଜା   କେବଳ ହେଲା ମୋ ମଜ୍ଜା
ମଜ୍ଜିଯିବ କି ଉଭା ରତିରେ ।

—ଚମ୍ପୂ

ସଂସାର ବିରାଗୀ ଋଷି, ମହାତ୍ମା, ଦାର୍ଶନିକ ଯାହା କହନ୍ତୁ ନା କାହିଁକି ଧୂଳିମାଟି, ରକ୍ତମାଂସ, କାମନାବାସନାରେ ଗଢ଼ା ମଣିଷର ଯୌବନ ସତ୍ୟ, ପଞ୍ଚଶରର ମଧୁପୀଡ଼ନ ବାସ୍ତବ, ଯୌବନର ଉନ୍ମାଦ ମଦିର ସୁସ୍ୱାଦ ।

ଭଞ୍ଜ କବିଙ୍କର—

"ଯୁବତି ସଙ୍ଗେ ବିହାର, ନାହିଁ ବିଚ୍ଛେଦ ଯାହାର
ଧିକ ଜୀବନ ତାର ହେଉ ସଂହାର ।

ଓଷ୍ଠେ ସୁଧା ସୁଦେହାର ଥାଉ ଅମରେ ନିହାର-
କର କରନ୍ତୁ ଆହାର, ତାଙ୍କୁ ଜୁହାର ॥

ତାଙ୍କ ଗ୍ରୀବ ସୃଷ୍ଟି ବାହାର, ବାଳା ବାହୁ ଥାଉଁ ହୃଦେ
ବହନ୍ତୁ ହାର ।"

ପଲ୍ଲି କବି ନନ୍ଦକିଶୋରଙ୍କର—

"ସମସ୍ତ ସୁନ୍ଦର କିନ୍ତୁ ତରୁଣୀର ତନୁ
ବାରେ ନିରେଖିଲେ ଅଉ ନ ପାଶୋରେ ମନୁ
କି ପୀୟୂଷ ବିଶ୍ୱକର୍ମୀ ଢାଳି ଅଛି ତହିଁ
ସେତିକି ସୁନ୍ଦର ଦିଶେ ଯେତେ ନିରେଖଇ ଦେହି ।"

ଏହା ତ୍ୟାଗ ଓ ଆଦର୍ଶର ପ୍ରୋଜ୍ଜ୍ୱଳ ମହିମାରେ ଭାସ୍ୱର ନ ହେଲେହେଁ ଭୋଗ ଓ ସ୍ୱାଭାବିକତାର ସୁସ୍ନିଗ୍ଧ ରମଣୀୟତାରେ ଅପୂର୍ବ ମନୋହର । ମେଦନୀର ମୃତ୍ତିକାରେ ହୁଏ ମନ୍ଦିରର ମୂଳ-ପତ୍ତନ । ହେଲେହେଁ ଆକାଶର ଅନନ୍ତ ନୀଳିମାର ନିବିଡ଼ ଆଲିଙ୍ଗନରେହିଁ ତାର ଚରମ ଗୌରବ । ଓଡ଼ିଆ ବୈଷ୍ଣବ ସାହିତ୍ୟ-ବର୍ଣ୍ଣିତ ପ୍ରେମର ବିଶେଷତ୍ୱ ଏଇଟି ।

ଦସ୍ୟୁ ନଙ୍କରନ୍ତୁ ମୁଁ ଦାସୀ ସିନା ରେ
ଦୁଃଖ ଦେଇ ଶ୍ୟାମକୁ ରାଧା ସୁଖୀ ହେବାକୁ
ରୁଚିବ କିଲ୍ କି ଏ ଅଲୋଚନା ରେ ।

ଯେ ତାଙ୍କ ମନୋହାରୀ ତା ନଉଛର କରି
ଦିନ ନେବି ପଛେ ଗୁମାନ ନାରେ ॥

ଯାହାରେ କେଲେ ସଖୀ ସେ ହୋଇ ଥିଲେ ସୁଖୀ
ମିଳିଲ୍ଲ ପର କୋଟି ଲକ୍ଷ ସୁନା ରେ ।

ଏକ ଶାନ୍ତ ସମାହିତ ଶୁଦ୍ଧ ଅନାବିଲ ପ୍ରେମର ପୁଣ୍ୟ ସ୍ପର୍ଶର ଜ୍ୟୋତରେ ଯେତେବେଳେ ଅନ୍ତର୍ଦେଶ ଉଦ୍‌ଭାସିତ, ହୃଦୟର ସମସ୍ତ କ୍ଲେଦ, କାଳିମା, ମଳିନତା, ଓ ଅନ୍ଧକାର ସଂପୂର୍ଣ୍ଣ ତିରୋହିତ, ବିରହର ପବିତ୍ର ଅନ୍ତର୍ଦାହନରେ କାମନା ବାସନା କ୍ଷୁଧା ଓ ତୃଷା ଦଗ୍‌ଧୀଭୂତ ଏବଂ ମାଂସର ମୋହ, ରକ୍ତର ଆକର୍ଷଣ ଏବଂ ରୂପ ରସ, ଗନ୍ଧ ଗାନର ନିଶା ପରାଭୂତ, ସେତେବେଳେ ପ୍ରେମାସ୍ପଦର ପୂଜାବେଦିରେ ଆପଣାକୁ ନିଃଶେଷିତ କରି ଦେବାରେହିଁ ଜୀବନର ପରମ ସୁଖ, ଚରମ ସାର୍ଥକତା ।

ବୋଲନ୍ତି କିଶୋରୀ ଗୋ ।

ଯା ଯା ଜୀବନ ବହନ ବାହାର
ଏତେ କଦର୍ଥନା ପାଇ କାହିଁକି ।
ଶଶ ଶଶୀ ପ୍ରାପ୍ତି ହେତୁ ନାହିଁକି
କ୍ଷୁମ୍ଭକାର କାଷ୍ଠ ଧୀଷାକୁ ବହ ।
କୃଷ୍ଣ ଦେହ ପାଇ ନିଶ୍ଚିନ୍ତେ ରହ
ଶ୍ୟାମ ନାମ ଧରେ
ଯା ଯା ଅନୁକୂଳ କରି ବାହାର ।

ମଧୁର ମିଳନ ଓ ପରିପୂର୍ଣ୍ଣ ଭୋଗମୟ ଜୀବନର ସୁଖକର କଳ୍ପନାରେ ଯେଉଁ ପ୍ରେମର ଅଦ୍ୟ ଉନ୍ମେଷ, ମୃତ୍ୟୁକୁ ହସି ହସି ବରଣ କରି ନେବାରେହିଁ ତାର ଚରମ ପରିଣତି । "ଜୀବନ ଲାଗି ମରଣ ସମ । ମରଣ ସୋହାବନରେ—"ବିଦ୍ୟାପତି । ପ୍ରେମର ଏ ବୈରାଗୀ, ଜିତେନ୍ଦ୍ରିୟ, ମୃତ୍ୟୁଞ୍ଜୟ, ଯୋଗେଶ୍ୱରରୂପ ମାନବୀୟ ଯୌନ ଆକର୍ଷଣର ଅନନ୍ତ ସମ୍ଭାବ୍ୟତାର ସମୁଜ୍ଜ୍ୱଳସ୍ମାରକ ସ୍ତମ୍ଭରୂପେ

ଅଶେଷ ଭୁଲଭ୍ରାନ୍ତି ମାୟା ମୋହ ଲୋଭ ନୀତି ଶଙ୍କା ସଂଶୟର ଉଗ୍ର ତରଙ୍ଗ ଦୋଳାରେ ଅନୁକ୍ଷଣ ଦୋଳାୟିତ, ପଥଭ୍ରଷ୍ଟ ଜୀବନ ତରୀର ମାର୍ଗ ଦର୍ଶକ ହୋଇ ରହିବ ।

ତାଦାତ୍ମ୍ୟିକ ଭାବେ ମଗ୍ନ ମାନସ
ଅପେ ତା ହୃଦେ କି ହୃଦ ତା ବାସ
ତା ଦେଖେ ନେତ୍ର କି ନେତ୍ରେ ସେ ଅଛି
କି ଶ୍ରୁତି ବଚନ ମିଶି ରହିଛି
ସତ୍ୟ ଏହିପରି ନେ ! ବଣ୍ଟେ ଅଛିଦ୍ରଭାବେ ଅଛି ପୂର ।

ଅକାଶଗାମୀ ବିହଙ୍ଗମ ପକ୍ଷରେ ତାହାର ସ୍ନେହ, ଶ୍ରମ ଓ ଯତ୍ନରେ ଗଢ଼ା କୁଲାୟଟି ଅତୀବ ପ୍ରିୟ, ଶତ ଅନନ୍ଦମୟ ମୁହୂର୍ତ୍ତର ନୀରବ ସହଚର, ଝଡ଼ ଝଞ୍ଜା ଝଟିକାରେ ଜୀବନର ଏକମାତ୍ର ଆଶ୍ରୟ ସ୍ଥଳ । କିନ୍ତୁ ସୁନୀଳ ଅମ୍ବରର ଅନନ୍ତ ପ୍ରସାରହିଁ ତାହା ଜୀବନର ଏକମାତ୍ର ଲକ୍ଷ୍ୟ । ମାନବର ଶୁଦ୍ଧ ନିର୍ମଳ ପ୍ରେମ ସେହିପରି ପ୍ରେମାସ୍ପଦର କ୍ଷୁଦ୍ର ସୀମିତ ଦୈହିକ ଅସ୍ତିତ୍ୱକୁ ଅତିକ୍ରମ କରି ଚାଲିଯାଏ । ବିଶ୍ୱର ରନ୍ଧ୍ରେ ରନ୍ଧ୍ରେ ଅଣୁ ପରମାଣୁରେ ଫୁଲେ ଫୁଲେ ଗନ୍ଧେ ଗନ୍ଧେ ସେ ଶୁଣେ ପ୍ରିୟ କଣ୍ଠର ମଧୁ ସଙ୍ଗୀତ, ଅନୁଭବ କରେ ସେହି ରମଣୀୟ ତନୁର ହୃଦୟାହ୍ଲାଦକାରୀ ସ୍ନିଗ୍ଧ କୋମଳ ପରଶ, ଅଘ୍ରାଣ କରେ ଅପୂର୍ବ ଶାନ୍ତିଦାୟୀ ସେହି ପବିତ୍ର ଅଙ୍ଗ ସୌରଭ । ଏକ ଅଖଣ୍ଡ ବିଶ୍ୱବୋଧ ସଙ୍ଗେ ତାର ସ୍ୱତନ୍ତ୍ର ପ୍ରେମସତ୍ତା ବିଲ୍‌କୁଲ୍ ଏକାକାର ହୋଇଯାଏ । ପ୍ରେମର ଦରିଦ୍ର କୁଟୀରରେ ହୁଏ ଈଶ୍ୱରର ଅବିର୍ଭାବ ।

ପ୍ରେମ ବୈଷ୍ଣବ ସାହିତ୍ୟର ପ୍ରଧାନ ଉପଜୀବ୍ୟ ବସ୍ତୁ । ପ୍ରେମର ଚରଣତ ମାତୃତ୍ୱରେ । ଏଣୁ ଅଦିରସର ଉତ୍ତରସାଧକରୂପେ ବାତ୍ସଲ୍ୟ ରସର ସାର୍ବଜନୀନ ଅକର୍ଷଣ । ଜୀବନର ସର୍ବନାସ୍ୟାମକ

ସନ୍ଧି-ଶନ୍ଦ୍ରରୂପେ ଶିଶୁ ଜନକ ଜନନୀର ଭାବଜଗତକୁ ଗମ୍ଭୀର-ଭାବରେ ଆନ୍ଦୋଳିତ କରେ । ଏହି ଆନ୍ଦୋଳନ ସମ୍ଭୂତ, ହୃଦୟ-ମନ୍ଥନଜାତ ବାତ୍ସଲ୍ୟ ସୁଧାର ପରିବେଷଣରେ ଓଡ଼ିଆ ବୈଷ୍ଣବକବି କଦାପି ତ୍ରୁଟି କରିନି । ବୈଷ୍ଣବ ସାହିତ୍ୟର ବାତ୍ସଲ୍ୟ ବର୍ଣ୍ଣନା ମୁଖ୍ୟତଃ ଶ୍ରୀକୃଷ୍ଣଙ୍କ ବାଲଲୀଳାକୁ କେନ୍ଦ୍ରକରି ଯଶୋଦାଙ୍କ ଉତ୍କଣ୍ଠାରେ ଗଢ଼ି ଉଠିଥିଲେହେଁ ଏଥିରେ କୋଟି ଜନନୀର ବୁକୁର ସ୍ପନ୍ଦନ, ପ୍ରାଣର ଦରଦ, ଅନ୍ତରର ମର୍ମବାଣୀ ମୂର୍ତ୍ତିମନ୍ତ ହୋଇଅଛି ।

'ପଦ୍ୟାବଳୀ'ର—

ଉଠିଲୁ ଏବେଡ଼ ବେଗି କାହିଁକି ରେ,
ଦଧି ମନ୍ଥାଇ ଦେବୁ ନାହିଁକି ରେ

'ଲବଙ୍ଗଧର'—

ଧୀରେ ଯେବେ କାନନରେ କୃଷ୍ଣ ବଳମ୍ବିଛି ।

'ମଥୁରାମଙ୍ଗଳ'ର—

ଅରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ—

ଇତ୍ୟାଦି—

ଛନ୍ଦମାନ ପ୍ରତ୍ୟେକ ଏକ ଏକ ଅପୂର୍ବ ସୃଷ୍ଟି । ଏଠି ଆଧ୍ୟାତ୍ମିକତାର ଭାନ ନାହିଁ, ଦାର୍ଶନିକତାର ବାହାସ୍ଫୋଟ ନାହିଁ, ପୌରାଣିକତାର ଜଟିଳ ଇନ୍ଦ୍ରଜାଲ ନାହିଁ, ମାତୃହୃଦୟର ସ୍ୱଚ୍ଛ ନିର୍ମଳ ଦୈବିକ ସ୍ନେହଧାରା ଯେପରି ଏକ ଅପୂର୍ବ ଅନୁପ୍ରେରଣାରେ ବିଗଳିତ ହୋଇ ବୋହି ଯାଇଛି । ସେ ବିମଳ ବାରିଧାରର ସ୍ପର୍ଶ କି ଶୀତଳ, କି ଅମୃତ ସୁଖଦାୟୀ । ଜନନୀ ପ୍ରାଣର କରୁଣାସିକ୍ତ ଏ ଯେଉଁ ବାସ୍ତବ ମନୋହର ପ୍ରକାଶଦ୍ୱାରା ବୈଷ୍ଣବ ସାହିତ୍ୟର ପୃଷ୍ଠାରାଜି ସୁମଣ୍ଡିତ ତାହା କେବଳ ଉତ୍କଳର ନୁହେ, କେବଳ ଭାରତର ନୁହେଁ, ସମଗ୍ର ବିଶ୍ୱଭୁବନର । ଶିଶୁତ୍ୱର ଶୁଭ୍ରାଲୋକରେ

ଅତୀତର ଲୁପ୍ତସମ୍ପଦର ସୁଖମୟ ସ୍ମୃତି ତଥା ଭବିଷ୍ୟତର ଚିର-ପୋଷିତ ଆକାଂକ୍ଷାର ଗୌରବୋଜ୍ଜ୍ୱଳ ପ୍ରତିବିମ୍ବ ଦର୍ଶନ କରି ମାନବ ଅପାର ଆନନ୍ଦରେ ଅଭିଭୂତ ହୁଏ । କବି ୱାର୍ଡ଼ସ୍ୱାର୍ଥଙ୍କ ମତରେ ଶିଶୁ ଯଥାର୍ଥରେ ମାନବର ସର୍ବଶ୍ରେଷ୍ଠ ଅଧ୍ୟୟନର ବିଷୟ ।

ପ୍ରେମ ଓ ବାତ୍ସଲ୍ୟ ମାନବ ଜୀବନର ଏହି ଦୁଇଟି ବିଶିଷ୍ଟ ବିଭାବ ଉପରେ ବୈଷ୍ଣବ ସାହିତ୍ୟର ସମଗ୍ର କଥାବସ୍ତୁ ଅବଲମ୍ବିତ । ପ୍ରସଙ୍ଗକ୍ରମେ ଦାମ ସୁଦାମ, ସୁବଳ ମଧୁମଙ୍ଗଳ, ଲଳିତା ବିଶାଖାଦି ସଖା ସଖୀମାନଙ୍କର ନିର୍ମଳ, ନିଷ୍କପଟ, ଶୁଦ୍ଧ, ଅନାବିଲ ସେବା ଓ ସଖ୍ୟଭାବ, କଂସ ଚାଣୁରାଦି ବୈରିଭାବାପନ୍ନ ବ୍ୟକ୍ତିମାନଙ୍କର ହିଂସା-ଦ୍ୱେଷ ଛଳ କପଟ, ସାଧାରଣ ଦର୍ଶକ ରୂପେ ମଥୁରା ନରନାରୀ ମାନଙ୍କର କୃଷ୍ଣଙ୍କ ପ୍ରତି ସ୍ନେହ ସହାନୁଭୂତି କାରୁଣ୍ୟ ଓ ସମ-ବେଦନାର ଚିତ୍ର, ସ୍ଥଳ ବିଶେଷରେ ପ୍ରଦତ୍ତ ହୋଇ ଥିଲେହେଁ ମୁଖ୍ୟ ପ୍ରତିପାଦିତ ବିଷୟ ଦୃଷ୍ଟିରୁ ଅପ୍ରାସଙ୍ଗିକ ମଣି ଓଡ଼ିଆ ବୈଷ୍ଣବ କବି ସେଗୁଡ଼ିକର ପୂର୍ଣ୍ଣାଙ୍ଗ ବିକାଶ ପ୍ରତି ବିଶେଷ ଧ୍ୟାନ ଦେଇନି । ତେଣୁ ସ୍ୱାଦ ବିସ୍ୱାଦ ତିକ୍ତ ମଧୁର ଅସଂଖ୍ୟ ଧାରା ପରିପୁଷ୍ଟ ଜୀବନ ଜଳଧିର ବିଶାଳାୟତନ ସମକ୍ଷରେ ବୈଷ୍ଣବ ସାହିତ୍ୟର ଜୀବନ ଚିତ୍ର ଅତ୍ୟନ୍ତ କ୍ଷୁଦ୍ର ଓ ସଂକୁଚିତ ବୋଧ ହେବ, ସନ୍ଦେହ ନାହିଁ । କିନ୍ତୁ ବୈଷ୍ଣବ ସାହିତ୍ୟର ପରିସର ସୀମିତ ହେଲେହେଁ ହିଁଙ୍କି ସ୍ୱଳ୍ପ ନୁହେଁ । ଯେ ହେତୁ ଜୀବନର ବ୍ୟାପକତ୍ୱ, ବୈଚିତ୍ର୍ୟ ଓ ବହୁବିଧ-ତାର ଉପଲବ୍ଧିରେ ଅନ୍ତରରେ ବିସ୍ତୃତିର ସଞ୍ଚାର, ଚିତ୍ତର ପ୍ରସାର ସାଧନ ଓ ଦୃଷ୍ଟି ଭଙ୍ଗିର ଔଦାର୍ଯ୍ୟର ଯେ ସମ୍ଭାବନା ରହିଛି ତାହା ମୂଲ୍ୟବାନ ହେଲେହେଁ ସ୍ୱଳ୍ପ ପରିସର ମଧ୍ୟରେ ଉଚ୍ଛ୍ୱଳାଲୋକ ସଂଘାତ ଫଳରେ ଉପଲବ୍ଧିର ଯେ ଗଭୀରତା, ପ୍ରଖରତା ଓ ତୀବ୍ରତା ରସାନୁଭୂତିର ଯେ ତନ୍ମୟତା ଏବଂ ହୃଦୟର ଯେ ପରିଦ୍ରାବଣ

ସମ୍ଭବପର ତାହା କୌଣସି ଗୁଣରେ ନ୍ୟୂନ ନୁହେଁ । ବରଂ ସ୍ଥଳ-ବିଶେଷରେ ଅଧିକ ଫଳପ୍ରଦ ହେବାର ଦେଖାଯାଇଛି ।

ଉପରର ଆଲୋଚନାରୁ କାହାର କାହାର ହୁଏତ ଧାରଣା ଜନ୍ମିପାରେ ଯେ ଏଠାରେ ବୈଷ୍ଣବସାହିତ୍ୟର ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱରାଜିର ପ୍ରତିଦ୍ୱନ୍ଦ୍ୱରୂପେ ମାନବିକତାକୁ ଠିଆ କରାଯାଇଛି । ବାସ୍ତବରେ ସେପରି କୌଣସି ପ୍ରୟାସର କଳ୍ପନା ପର୍ଯ୍ୟନ୍ତ ଏଥିରେ ନାହିଁ । ତେଣୁ ଆଧ୍ୟାତ୍ମିକତାରେହିଁ ମାନବତ୍ୱର ଚରମ ନିକଷ, ଅମୃତତ୍ୱହିଁ ମଣିଷର ଭାଗ୍ୟଲିପି, ଏବଂ ଈଶ୍ୱରହିଁ ତାର ଜୀବନର ଧ୍ରୁବତାରା ।

"ସତ୍ତାଭ୍ୱ ଦେବାତ୍ୱ ତାର ଲଲାଟେ ଲିଖିତ
କେ ତାକୁ ସେଥିରୁ କଣେ କରବ ବଞ୍ଚିତ ?"

—ମଧୁସୂଦନ

"ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶୁଛି ଅମୃତାଧାରେ
ଗତି କରୁଛି ସେ ଅକୂପାରେ
ପଥେ ଶୁଖିଗଲେ ପାପ ତାପରେ
ହୋଇ ଶିଶିର ମିଶିବି ତା'ପରେ
ଅମୃତ ମୟୁ  ଅମୃତ ରୟୁ
ସହିତ ମିଶିବି ସାଗରେ

—ଗଙ୍ଗାଧର

ହେଲେହେଁ ବିଜ୍ଞାନର ନବ ନବ ଆବିଷ୍କାର ଫଳରେ ଦେବତାର ସାମ୍ରାଜ୍ୟ ଆଜି ଧୂଳିସାତ୍ ହୋଇ ଯାଉଛି, ପୌରାଣିକତା ଓ ଅତିମାନବିକତାର ଗୌରବ ଜାଲ ଛିନ୍ନ ବିଚ୍ଛିନ୍ନ ହୋଇ ଯାଇଛି । "ଈଶ୍ୱର କହିଲେ—ଆଲୋକ ହେଉ, ଆଲୋକ ହୋଇଗଲା,

ଭଗବାନ ବ୍ରହ୍ମାଙ୍କୁ ଆଦେଶ ଦେଲେ ସୃଷ୍ଟି କର, ବ୍ରହ୍ମା ମୁଖ,ବାହୁ, ଉଦର ଓ ପାଦରୁ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଶୂଦ୍ର ଚାରି ଜାତି ବାହାର କରି ଦେଇଥିଲେ ।" ବାଇବଲ ବା ବେଦର ଏ ଅତିରଞ୍ଜିତ ଉକ୍ତିରେ ଆଜି କେହି ଆସ୍ଥାରଖି ବିଶ୍ୱାସ ସ୍ଥାପନ କରିବେ ନା । ଏକ Jelly fish ବା କ୍ଷୁଦ୍ରାତିକ୍ଷୁଦ୍ର ଜୀବରୁ କ୍ରମ ପରିଣାମ ପ୍ରକ୍ରିୟାରେ ମଣିଷର ଉଦ୍ଭବ କି ସୃଷ୍ଟିର ଆଦି କାଳରୁ ମନୁଷ୍ୟ ନାମକ ଜୀବ ପୃଥିବୀ ପୃଷ୍ଠରେ ବିଚରଣ କରୁଅଛି ସେ ସମ୍ବନ୍ଧରେ ଶେଷ କଥା ଏ ପର୍ଯ୍ୟନ୍ତ ବିଜ୍ଞାନ କ୍ଷେତ୍ରରେ ଉଚ୍ଚାରିତ ହୋଇ ନ ଥିଲେ ମଧ୍ୟ ହିଂସ୍ର, ଆହାର ବିହାର ଭୟ ମୈଥୁନ ସର୍ବସ୍ୱ ଏକ ଜୈବ ସ୍ଥିତିରୁ ନିରବଚ୍ଛିନ୍ନ ସଂଗ୍ରାମ ଓ ସାଧନା ଦ୍ୱାରା ମଣିଷ ଯେ ଦେବତ୍ୱର ସୁଦୂରବିସ୍ତୃତ ପର୍ବତ ଶୃଙ୍ଗ ଆଡ଼କୁ ପ୍ରତିନିୟତ ଧାବିତ ହେଉଅଛି ଏଥିରେ ସଂଶୟର ଅବକାଶ ନାହିଁ । ଧର୍ମ, ଦେବତା ଓ ଭଗବାନର କଳ୍ପନା ମାନବର ଆତ୍ମୋନ୍ନତି ପ୍ରୟାସରେ ସୋପାନ-ପରଂପରା ବିଶେଷରୂପେ ବିବେଚନୀୟ । ବୈଷ୍ଣବ ସାହିତ୍ୟ ଅନ୍ତଃପ୍ରକୃତି ଉପରେ ମାନବର ବିଜୟ ଅଭିଯାନର ଏକ ଗୌରବମୟ ଅଧ୍ୟାୟ । ଦେବତା ନାଁରେ ବୈଷ୍ଣବ କବି ମଣିଷର ଜୟଗୀତହିଁ ଗାଇ ଯାଇଛି । ମାନବୀୟ ପ୍ରକୃତି ବିଶେଷ କରି ଯୌନ ଆକର୍ଷଣ ବା ପ୍ରେମର ଅନନ୍ତ ସମ୍ଭାବ୍ୟତାର ଏପରି ସରସ ସୁନ୍ଦର ଆଲେଖ୍ୟ ଅନ୍ୟତ୍ର ଦୁର୍ଲଭ । ଏହି ବିଶାଳକାୟ ଭାରତ ଭୂମିରେ ବହୁଧର୍ମ, ବହୁବାଦ, ବହୁ ସଂପ୍ରଦାୟ ଯଶଃ ଓ ଉନ୍ନତିର ଚୂଡ଼ାନ୍ତରେ ପଦାର୍ପଣ କରି ପୁଣି କ୍ରମେ ନିଶ୍ଚିହ୍ନ ହୋଇଯାଇଛନ୍ତି । ବୈଷ୍ଣବ ଧର୍ମର ଯେ ସେ ଅବସ୍ଥା ନ ହେବ ଏ କଥା କେହି ସାହସ କରି କହି-ପାରିବନି । ଦୁର୍ଭାଗ୍ୟ ବା ସୌଭାଗ୍ୟବଶତଃ ଯଦି ସେପରି ଦିନ କେବେ ଆସେ ଓଡ଼ିଆ ବୈଷ୍ଣବ ସାହିତ୍ୟ ବିଶ୍ୱସାହିତ୍ୟର ଦରବାରରେ ପରିଚିତ ହେବ କେବଳ ତାର ମାନବିକତା ପାଇଁ ।

ବୈଷ୍ଣବ ସାହିତ୍ୟରେ ଧ୍ୱନିତ ଶ୍ରୀକୃଷ୍ଣଙ୍କର ମୁରଲୀ ଧ୍ୱନି ହୁଏତ ନୀରବିତ ହୋଇ ଯାଇ ପାରେ କିନ୍ତୁ ବୈଷ୍ଣବ କବି ମାନବିକତାର ଯେଉଁ ମଧୁର ବୀଣା ସ୍ୱରକୁ ବିବତ୍ୱର ତାରରେ ବାନ୍ଧି ରଖି ଦେଇ ଯାଇଛନ୍ତି ତାହା ଚିରଦିନ ରସିକ ପାଠକର କର୍ଣ୍ଣ ରସାୟନରେ ସମର୍ଥ ହେବ । ବୈଷ୍ଣବ କବି ମାନସ ମରାଳର ଯେ କଳକୂଜନ ଉଡ଼ିଆ ବୈଷ୍ଣବ ସାହିତ୍ୟର ଛନ୍ଦେ ଛନ୍ଦେ ପ୍ରତିଧ୍ୱନିତ ତାହା ଯେ ଦିନେ ବହୁଗୁଣିତ ହୋଇ ମାନବ ଅନ୍ତରର ସମସ୍ତ ଭୁଲ, ଭ୍ରାନ୍ତି, ମାୟା ମୋହ, ଗ୍ଲାନି, ବିରୋଧକୁ ଦିବ୍ୟ ଦୁର୍ନିବାର ଅମୃତପ୍ରବାହରେ ନିମଜ୍ଜିତ କରି ଏକ ଅଖିଳ ପ୍ରେମତନ୍ତ୍ରର ପଥ ପରିଷ୍କାର କରି ଦେବ ଏହି ବିଶ୍ୱାସ ହୃଦୟରେ ପୋଷଣ କରି ବୈଷ୍ଣବ ସାହିତ୍ୟର ସ୍ରଷ୍ଟା-ମାନଙ୍କରେ ପ୍ରତିବିମ୍ବିତ ବିଶ୍ୱମାନବିକତା ପ୍ରତି ମୋର ଅନ୍ତରର କ୍ଷୁଦ୍ର ପ୍ରଣତିଟି ଜଣାଇ ଏ ପ୍ରବନ୍ଧର ଉପସଂହାର କରୁଅଛି ।

# ସାହିତ୍ୟରେ ଆଧ୍ୟାତ୍ମିକତା ।

ଅନେକଙ୍କର ବିଶ୍ୱାସ, ଆଧୁନିକ ସାହିତ୍ୟ ଲକ୍ଷ୍ୟଭ୍ରଷ୍ଟ ହୋଇ ପଡ଼ୁଛି— ଦେବତାର ଆରାଧନା ଛାଡ଼ି ଶଇତାନର ତୋଷଣ, ଅଧ୍ୟାତ୍ମଲୋକର ମଣିମାଣିକ୍ୟ ବିନିମୟରେ ମର୍ତ୍ତ୍ୟଭୂମିର ଧୂଳିମାଟିର ଆହରଣରେ ତଲ୍ଲୀନ ରହି ସମୂଳ ଧ୍ୱଂସର ଏକ ନିଷ୍ଠୁର ନିର୍ମମ ପରିଣତି ପ୍ରତି ଦ୍ରୁତ ପଦକ୍ଷେପରେ ଅଗ୍ରସର ହେଉଅଛି । ଏ ଉକ୍ତିର ଯାଥାର୍ଥ୍ୟ ଏବଂ ସମୀଚୀନତା, ଈଶ୍ୱର ଏବଂ ଆଧ୍ୟାତ୍ମିକତା ସଙ୍ଗେ ସାହିତ୍ୟର ଶାଶ୍ୱତ ସମ୍ବନ୍ଧ, ପ୍ରାଚୀନ ସାହିତ୍ୟରେ ଆଧ୍ୟାତ୍ମିକତାର ସ୍ଥାନ ଏବଂ ଆଧୁନିକ ସାହିତ୍ୟର ବସ୍ତୁନିଷ୍ଠ ନିରୂପଣ ଉପରେହିଁ ନିର୍ଭର କରିବ । ସାହିତ୍ୟାମୋଦୀ ରସିକ ଏବଂ ବିଦଗ୍ଧ ସମାଲୋଚକ ମାନେ ଜାଣନ୍ତି ଯେ, ସାହିତ୍ୟ କେବଳ ତତ୍ତ୍ୱ ବ୍ୟାଖ୍ୟାନ, ଧର୍ମ-ଶାସ୍ତ୍ର ବା ପୁରାଣ ଇତିହାସର ଶୁଷ୍କ ନୀତିଭାଷଣ ନୁହେଁ । ସାହିତ୍ୟର ଅଧିଷ୍ଠାନ ଆଧ୍ୟାତ୍ମିକତାର ଉତ୍ତୁଙ୍ଗ ଅଟ୍ଟାଳିକାରେ ନୁହେଁ, ଜୀବନର ନଗଣ୍ୟ କୁଟୀରରେ—ଧର୍ମ ବା ଦର୍ଶନର ମଣିମଣ୍ଡପରେ ନୁହେଁ, ମେଦିନୀର ମଳିନ ମୃତ୍ତିକାରେ—ଈଶ୍ୱରର ରତ୍ନ ସିଂହାସନରେ ନୁହେଁ, କର୍ଦ୍ଦମ-ସଙ୍କୁଳାକୀର୍ଣ୍ଣ, ମୃତ୍ତିକା ପାଷାଣମୟ ସଂସାରର କର୍କଶ ବନ୍ଧୁର ଉପତ୍ୟକାରେ । ହସ କାନ୍ଦ, ଲହୁ ଲୁହ, ସୁଖ, ଦୁଃଖ, ଆଶା ନିରାଶା, ଦୟା ଦାକ୍ଷିଣ୍ୟ, ପ୍ରେମ ମୈତ୍ରୀ, ହିଂସା ଦ୍ୱେଷ, ଛଳ କପଟ, ଆବେଗ ଅନୁଭୂତି, ଆକାଂକ୍ଷା ଅଭିଳାଷ, ଗର୍ବ, ଦମ୍ଭ ମାନ ଆଦି ନିତାନ୍ତ ମାନବୀୟ ବୃତ୍ତିସମୂହକୁ ଅନ୍ତରର ରସରେ ଅଭିସିଞ୍ଚିତ କରି, ପ୍ରାଣର ଦୈହିକ ସ୍ନେହଧାତୁରେ ରସାଣିତ କରି, ହୃଦୟର ମଞ୍ଜୁଳ ସଂଗୀତରେ ମୂର୍ଚ୍ଛିତ କରି ବାଣୀ ବିଭବ, ଛନ୍ଦମାଧୁର୍ଯ୍ୟ ଓ ଅର୍ଥ ସମ୍ପଦରେ ସୁମଣ୍ଡିତ ଓ ସୁରଞ୍ଜିତ କରି

ଯେତେବେଳେ କବି, ଔପନ୍ୟାସିକ, ନାଟ୍ୟକାର ବା କଥାଶିଳ୍ପୀ ଜନସାଧାରଣର ମନୋହାରିଣୀ ରସମୟୀ ମୂର୍ତ୍ତିରେ ଉପସ୍ଥାପିତ କରେ, ତାର ନାମ ହୁଏ ସାହିତ୍ୟ । ଈଶ୍ୱରାଖ୍ୟ ବସ୍ତୁର ଧ୍ୟାନ,ଦର୍ଶନ, ମନନ, ନିଦିଧ୍ୟାସନ ସାଧୁ ସନ୍ୟାସୀର କାର୍ଯ୍ୟ । ମୋକ୍ଷ, ନିର୍ବାଣ, କୈବଲ୍ୟ ବା ଅପବର୍ଗର ପ୍ରାପ୍ତିରେ ସେ ଜୀବନର ସାର୍ଥକ ପରିସମାପ୍ତି । କିନ୍ତୁ କବି ଯିଏ, ତାର ଦୃଷ୍ଟିରେ—

ବୈରାଗ୍ୟ ସାଧନେ ମୁକ୍ତି ସେ ଆମାର ନୟ
ଅସଂଖ୍ୟ ବନ୍ଧନ ମାଝେ ମହାନନ୍ଦମୟ
ଲଭିବ ମୁକ୍ତିର ସ୍ୱାଦ
ବିଶ୍ୱ ଯଦି ଚଲେ ଯାୟ କାନ୍ଦିତେ କାନ୍ଦିତେ
ଆମି ଏକା ବସେ ରବ ମୁକ୍ତି ସମାଧିତେ !—

—ରବୀନ୍ଦ୍ରନାଥ

ସେ କେବଳ ଦ୍ରଷ୍ଟା ନୁହେଁ, ସ୍ରଷ୍ଟା, କେବଳ ଜ୍ଞାତା, ନୁହେଁ ଭୋକ୍ତା । ହୃଦୟର ସୁସ୍ନିଗ୍ଧ ରଶ୍ମି ସମ୍ପାତରେ ସେ ଜଗତ ଓ ଜୀବନର ସ୍ଥିତି, ବିକାଶ ଓ ପରିଣତିର ପରମ୍ପରାସତ୍ତ୍ୱକୁ ପରଖି ନିଏ ଏବଂ ଏକ ଦୁର୍ନିବାର ସୃଜନୀ ଶକ୍ତିର ଇଙ୍ଗିତରେ ନବ ନବ ସୃଷ୍ଟି ଗଢ଼ି ଚାଲେ; ଆପଣା ସୃଷ୍ଟିର ସୌନ୍ଦର୍ଯ୍ୟ ରସବତ୍ତା, ରହସ୍ୟ ଓ ମହନୀୟତାରେ ଆପେ ମୁଗ୍ଧ ହୁଏ, ବିଦଗ୍ଧ ଜନତାକୁ ମୁଗ୍ଧ ବିହ୍ୱଳ କରେ । ଆକାଶର ନୀଳିମା, ଅରଣ୍ୟ ପ୍ରକୃତିର ସ୍ନିଗ୍ଧ ସବୁଜ ଶ୍ରୀ, ଅନନ୍ତ ବାରିଧିର ଲୀଳାଚପଳ ଫେନିଳ ତରଙ୍ଗରାଜି, ବସନ୍ତ କୋକିଳର ମଦିର କଳକୂଜନ, ରୂପସୀ ଲଳନାର ଲୋଲ ଅପାଙ୍ଗ ନୃତ୍ୟ ଭୁବନ ମୋହିନୀ ଉର୍ବଶୀର ତନୁଲାବଣ୍ୟ, ଦଳିତ ନିଷ୍ପେଷିତର ତପ୍ତ ଲୋତକବିନ୍ଦୁ, ଘୃଣିତ, ଲାଞ୍ଛିତ ଅବହେଳିତର ଉଷ୍ଣ ଦୀର୍ଘ-ଶ୍ୱାସରେ ସେ ଲୋଡ଼େ ଜୀବନର ମୁକ୍ତି । ପରିସରତାର ସଙ୍କୁଚିତ,

ଲକ୍ଷ୍ୟ ସୀମିତ, ପୁଞ୍ଜି ସ୍ୱଳ୍ପ । ସୃଷ୍ଟି ତାର ସଂପୂର୍ଣ୍ଣ ଜାଗତିକ ଏବଂ ମାନବୀୟ ।

"ଶୁନ ହେ ମାନୁଷ ଭାଇ
ସବାର ଉପରେ ମାନୁଷ ସତ୍ୟ,
ତାର ଉପରେ ନାଇଁ" —ବିଦ୍ୟାପତି

"ସ୍ୱର୍ଗପ୍ରାପ୍ତିରନେନୈବ ଦେହେନ ବିରକଣ୍ଠିନି" ସଂସ୍କୃତ ଅଳଙ୍କାର ଗ୍ରନ୍ଥ । ବ୍ୟାସ, ବାଲ୍ମୀକି, ଅଶ୍ୱଘୋଷ, ଭାସ, କାଳିଦାସ, ଭବଭୂତି, ମାଘ, ଶ୍ରୀହର୍ଷ, ଦାନ୍ତେ, ସେକ୍‌ସପିଅର୍, ମିଲ୍‌ଟନ ପ୍ରଭୃତି ବିଶ୍ୱବିଶ୍ରୁତ କଳାକାରମାନଙ୍କ କୃତିସମୂହରେ ଏହାର ସତ୍ୟତା ପ୍ରତିପାଦିତ । ଉତ୍ତରରାମ ଚରିତ, ଗୀତ ଗୋବିନ୍ଦ, ଶିଶୁପାଳ ବଧ, ରାମଚରିତ ମାନସ, ବିଦଗ୍ଧ ଚିନ୍ତାମଣି, ଗୋପାଳ-କୃଷ୍ଣ ପଦ୍ୟାବଳୀ ଇତ୍ୟାଦିରେ ଅବଶ୍ୟ ବହୁ ଅତିମାନବଙ୍କ ଚରିତ୍ର ଅବତାରଣା କରାଯାଇ ଅଛି । କିନ୍ତୁ ସେ ସବୁ ସ୍ଥାନରେ ଦେବତା-ମାନବର ସମକୋଠିରେ ଆସୀନ । ନାମରେ ଦେବତା ହେଲେହେଁ ଏମାନେ ସ୍ୱଭାବ, ଗୁଣ, କାର୍ଯ୍ୟ, ଅନ୍ତର, ବହିରବୃତ୍ତି, ନୀତି,ଆବେଗ ଅନୁଭୂତିରେ ବସ୍ତୁତଃ ମଣିଷ । ମଣିଷ ଭଳି ଏମାନେ ଉତ୍ଥାନ ପତନ, ଦୋଷ ଦୁର୍ବଳତା, ତ୍ରୁଟି ବିଚ୍ୟୁତିର ଅଧୀନ । ଦୁଃଖରେ ଏମାନେ ଅଧୀର ହୁଅନ୍ତି, ରୋଗ, ଶୋକ ବ୍ୟାଧିରେ ଅଶ୍ରୁ ବିସର୍ଜନ କରନ୍ତି, ସୁଖସମ୍ଭୋଗ ଓ ସମ୍ପଦର ଆନନ୍ଦରେ ଆତ୍ମହରା ହୁଅନ୍ତି ଏବଂ ବିରହରେ ବାତୁଳ ଓ ମୁହ୍ୟମାନ ହୋଇ ପଡ଼ନ୍ତି ।

"ଦଳତି ହୃଦୟଂ ଗାଢୋଦ୍ୱେଗଂ
ଦ୍ୱିଧା ତୁ ନ ଭିଦ୍ୟତେ
ବହତି ବିକଳଃ କାୟୋ ମୋହଂ
ନ ମୁଞ୍ଚତି ଚେତନାମ୍

ଜ୍ୱଳୟତି ତନୁମନ୍ତର୍ଦାହଃ
କରୋତି ନ ଭସ୍ମସାତ୍—
ପ୍ରହରତି ବିଧିର୍ମର୍ମଚ୍ଛେଦୀ
ନ କୃନ୍ତତି ଜୀବିତମ୍" ।

କେବଳ ସଂସ୍କୃତ ସାହିତ୍ୟ ନୁହେଁ ବିଶ୍ୱସାହିତ୍ୟର ଏକ ଶ୍ରେଷ୍ଠ ଓ ସୁନ୍ଦରତମ ସୃଷ୍ଟିର ଚିରନ୍ତନ ଅବଦାନ ରୂପେ ଏହି ଯେଉଁ କେତୋଟି ପଂକ୍ତି ସଂବେଦନଶୀଳ ପାଠକର ହୃଦୟତନ୍ତ୍ରୀକୁ ଏକ ସୁଗଭୀର ବିଷାଦରାଗିଣୀର ଗୁରୁ ଝଙ୍କାରରେ ନିନାଦିତ କରେ, ତାହା କେବଳ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ମୁଖ ନିଃସୃତ ବାକ୍ୟ ବୋଲି ନୁହେଁ, ଅତୀତ ଅନାଗତ ଅନନ୍ତ ବିରହୀ ପ୍ରାଣର ମର୍ମନ୍ତୁଦ ବେଦନା, ଅଗ୍ନି ଓ ଅଶ୍ରୁ ଏଥିରେ ମୂର୍ତ୍ତିମନ୍ତ ହୋଇଅଛି ବୋଲି ।

ଯାସ୍ୟତ୍ୟଦ୍ୟ ଶକୁନ୍ତଳେତି ହୃଦୟଂ
ସଂସ୍ପୃଷ୍ଟ ମୁତ୍କଣ୍ଠୟା
କଣ୍ଠଃ ସ୍ତମ୍ଭିତ ବାଷ୍ପବୃତ୍ତି କଲୁଷଶ୍ଚିନ୍ତାଜଡ଼ଂ
ଦର୍ଶନମ୍,
ବୈକ୍ଳବ୍ୟଂ ମମ ତାବଦୀଦୃଶମହୋ
ସ୍ନେହାଦରଣ୍ୟୌକସଃ
ପୀଡ଼୍ୟନ୍ତେ ଗୃହିଣଃ କଥଂ ନୁ ତନୟା
ବିଶ୍ଳେଷଦୁଃଖୈର୍ନବୈଃ ।

ସ୍ଥିତପ୍ରଜ୍ଞ, ଜିତେନ୍ଦ୍ରିୟ, ସଂସାରବିରାଗୀ ସନ୍ନ୍ୟାସୀର ରୁକ୍ଷ କଠିନ ବିଗ୍ରହ ତଳେ କାରୁଣ୍ୟକୋମଳ ପ୍ରେମ ଟଳ ଟଳ ପିତୃ-ପ୍ରାଣର ମୃଦୁ ସ୍ପନ୍ଦନହିଁ ଶକୁନ୍ତଳା ନାଟକର ଏହି ଶ୍ଳୋକଟିକୁ ଚିରନ୍ତନତାର ଗୌରବରେ ମଣ୍ଡିତ କରିଅଛି ।

"ଅରେ ହେଲେ, ସ୍ୱଚ୍ଛ କରି ବିଲୋକି ନାହିଁ ମୁଁ ଡରି
କଳା କି ଗୋରି ସେ ନବ ଶିଖଣ୍ଡ ମୁକୁଟ ମା,
ଅତି ମନ୍ଦ ମୋ ନଣନ୍ଦ ଜଣିଲାଣି ଅଳିନ୍ଦ
ସଙ୍କୋଚ ହୋଇ ବଦନ କରୁଛି ବିକଟ" ।
—ଗୋପାଳକୃଷ୍ଣ

ଶତ ସହସ୍ର ଲାଞ୍ଛନା, ଯାତନା, ଅବହେଳନା, ନିନ୍ଦା ଓ ଅପବାଦର ଅବଗୁଣ୍ଠନ ତଳୁ ମଥା ଟେକି ନବନୀତ-କୋମଳ ନାରୀ-ହୃଦୟର ଦରଦ, ବ୍ୟଥା ଓ ବେଦନାର ଯେ ସୁରମ୍ୟ ଆଲେଖ୍ୟଟି ଫୁଟି ଉଠିଛି, ତାହା ମହାଭାବ ସ୍ୱରୂପିଣୀ ଶ୍ରୀ ରାଧାଙ୍କର ଶକ୍ତି ଓ ମାହାତ୍ମ୍ୟର ସହସ୍ର ବାର କୀର୍ତ୍ତନରେ ମଧ୍ୟ ସମ୍ଭବପର ହୁଅନ୍ତାନି ।

ଏହି ସମସ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରତିପାଦିତ ହେବ ଯେ, ଆଧ୍ୟାତ୍ମିକତା ନୁହେଁ, ମାନବିକତାହିଁ ସାହିତ୍ୟର ମୂଳାଧାର; ଈଶ୍ୱର ନୁହେଁ, ମର୍ତ୍ତ୍ୟ ମାନବହିଁ ସାହିତ୍ୟ ସୃଷ୍ଟିର ମଧ୍ୟବିନ୍ଦୁ, ପ୍ରଧାନ ଆକର୍ଷଣ କେନ୍ଦ୍ର । ବେଦ ଏହି ଅର୍ଥରେ ସାହିତ୍ୟ ନୁହେଁ, ଧର୍ମଗ୍ରନ୍ଥ କିନ୍ତୁ ଯମଯମୀସମ୍ବାଦ, ପୁରୁରବାଉର୍ବଶୀ ସମ୍ବାଦ, ସରମା-ପଣି ସମ୍ବାଦ ବା ଶ୍ୱେତକେତୁ ଉପାଖ୍ୟାନ ଇତ୍ୟାଦି ବୈଦିକ ସୂକ୍ତମାନଙ୍କରେ ଯେଉଁଠି ମାନବର ଅନ୍ତରାତ୍ମାର ଧ୍ୱନି ସୁସ୍ପଷ୍ଟ ସେଠି ବେଦ କେବଳ ନୀରସ ଧର୍ମଗ୍ରନ୍ଥ ନୁହେଁ ଉଚ୍ଚାଙ୍ଗ ସାହିତ୍ୟ ମଧ୍ୟ ।

ଏଇଠି ଅନ୍ତରରେ ଦ୍ୱନ୍ଦ୍ୱ ଜାଗେ, ସାହିତ୍ୟର ପ୍ରାଙ୍ଗଣରେ ଈଶ୍ୱର କଣ ଅବାଞ୍ଛିତ ଆଗନ୍ତୁକ, ଦିନଦ୍ୱୟର ଅନାକାଂକ୍ଷିତ ଅତିଥି, ବ୍ୟକ୍ତି ବିଶେଷର ଖିଆଲ, ଉଦ୍‌ଭ୍ରାନ୍ତର ଉଦ୍ଭଟ କଳ୍ପନା ? ସତ୍ୟ, ଶିବ, ସୁନ୍ଦର ସବୁ କଣ ଅଲୀକ, ଅସାର; କେବଳ ଗଜଦନ୍ତ-ମିନାରୀ ଭାବଜୀବୀର ମାନସଉନ୍ମାଦକ, ବୃନ୍ତହୀନ, ବୃନ୍ତଚ୍ୟୁତ କଳ୍ପନା-କୁସୁମ । ଆଧୁନିକ ସାହିତ୍ୟରେ ଯେଉଁମାନେ ଯଥାର୍ଥବାଦୀ-

ନାମରେ ପରିଚିତ, ଭଲ ମନ୍ଦ, ପାପ ପୁଣ୍ୟ, ସୁରୁଚି କୁରୁଚି, ସୁନ୍ଦର-ଅସୁନ୍ଦର, ନିନ୍ଦନୀୟ—ବନ୍ଦନୀୟର ବର୍ଗର ଯେଉଁମାନଙ୍କ ନିକଟରେ ଅବାନ୍ତର ଓ ଅନାବଶ୍ୟକ, ସେମାନଙ୍କ ମତ ଯାହା ହେଉ ନା କାହିଁକି, ସାହିତ୍ୟ ଜଗତରେ ଅନ୍ୟ ଯେଉଁମାନେ ଅଧିକାରୀ-ନାମରେ ପ୍ରଖ୍ୟାତ, ସେମାନଙ୍କ ଦୃଷ୍ଟିରେ ସାହିତ୍ୟରେ ଈଶ୍ୱର ଓ ଆଧ୍ୟାତ୍ମିକତାର ଅବତାରଣା ନିରର୍ଥକ ନୁହେଁ । ସେମାନେ ଜାଣନ୍ତି ଯେ, ମାନବ ଜୀବନ ସ୍ୱାଧୀନ; କିନ୍ତୁ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ, ପ୍ରାଣ ପ୍ରଚୁର କିନ୍ତୁ ଲକ୍ଷ୍ୟହୀନ, ଅର୍ଥ ଶୂନ୍ୟ ନୁହେଁ । ପ୍ରଭାତର ପ୍ରସ୍ଫୁଟ ଶେଫାଳୀ ଭଳି ଦିନକର ଶୋଭା, କ୍ଷଣକର ଆଭାରେ ଦିଗ୍‌ବଦିଗ ଚମତ୍କୃତ କରି ଅନନ୍ତ କାଳଗର୍ଭରେ ଲୀନ ହୋଇଯିବା ତାର ଲକ୍ଷ୍ୟ ନୁହେଁ । ପାଦପଚ୍ୟୁତ କୁସୁମଭଳି ସ୍ରୋତ ବକ୍ଷରେ କେବଳ ଭାସିବୁଲିବା ତାହାର ଧର୍ମ ନୁହେଁ । "ଯାବଜ୍ଜୀବେତ୍ ସୁଖଂ ଜୀବେତ୍ ଋଣଂ କୃତ୍ୱା ଘୃତଂ ପିବେତ୍—ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ" କୁ ସେ ଲଲାଟ ଲିଖନ ବୋଲି ଧରିନେବାକୁ ପ୍ରସ୍ତୁତ ନୁହେଁ । ଏକ ହିଂସ୍ର ଆହାର-ବିହାର-ଭୟ ମୈଥୁନ ସର୍ବସ୍ୱ ଜୈବସ୍ଥିତିରୁ ଏହା ଶତ ସହସ୍ର ଉତ୍ଥାନପତନ, ସଫଳତାବିଫଳତା, ଜୟ ପରାଜୟ, ସ୍ଖଳନ ବିଚ୍ୟୁତି, ଅଶ୍ରୁ ପୁଲକ ମଧ୍ୟ ଦେଇ ସୁଦୂର ଦିଗ୍‌ବଳୟର ପରପାରରେ ସ୍ଥିତ ଚିର ଦେଦୀପ୍ୟମାନ ଏକ ଧ୍ରୁବନିଶ୍ଚିତ ଲକ୍ଷ୍ୟ ବା ଆଦର୍ଶ ପ୍ରତି ପ୍ରତିନିୟତ ଧାବିତ । ବିନ୍ଦୁ ସିଏ; କିନ୍ତୁ ସିନ୍ଧୁ ତାର ଲକ୍ଷ୍ୟ । ଅଂଶୁ ସିଏ; କିନ୍ତୁ ଅଂଶୁମାନର ବିପୁଳ ବକ୍ଷପ୍ରତି ତାର ନିବିଡ଼ ଆକର୍ଷଣ । ଦେହର, ରୂପର, ମୁହୂର୍ତ୍ତର ସ୍ୱର୍ଣ୍ଣନୀଡ଼ ଭାଙ୍ଗି ଦେହାତୀତ, ରୂପୋତ୍ତର, ଚିରନ୍ତନର ମୁକ୍ତାକାଶ ପ୍ରତି ଉଡ଼ିଯିବାକୁ ସେ ସର୍ବଦା ଉତ୍କଣ୍ଠିତ । ଅମର ବାଞ୍ଛିତ ସୁଖ ସୌନ୍ଦର୍ଯ୍ୟର ପସରାକୁ ପାଦରେ

ଠେଲି ଦେଇ ଉମା ସେଥିପାଇଁ ତପସ୍ୱିନୀ ସାଜେ, ଇନ୍ଦ୍ର ସଂପଦର ସଂଭାବନାକୁ ତୁଚ୍ଛ କରି ସୁଦାମା ଚିର ଦରିଦ୍ର ରହିବାରେ ତୃପ୍ତି ଲଭେ ଏବଂ ରାଜ ସିଂହାସନର ମାୟା କାଟି ହରିଶ୍ଚନ୍ଦ୍ର ଚଣ୍ଡାଳର ଦାସତ୍ୱକୁ ଶ୍ରେୟ ମଣେ । ମୂଳତଃ ମୃତ୍ୟୁରୁ ଅମୃତକୁ, ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକକୁ ଗ୍ଭଲିଯିବାରେହିଁ ତାର ମନୁଷ୍ୟତ୍ୱ ପରିସ୍ଫୁଟ । "ଅସତୋ ମାଂସଦ୍ ଗମୟ ତମସୋ ମାଂଜ୍ୟୋତିର୍ଗମୟ, ମୃତ୍ୟୋ ର୍ମାମମୃତଂ ଗମୟ"—ଉପନିଷଦ୍ । ବେଦ ବେଦାନ୍ତ ଦର୍ଶନ ଉପନିଷଦ, ଶାସ୍ତ୍ର ପୁରାଣମାନଙ୍କରେ ବୁଦ୍ଧି ଓ ଯୁକ୍ତିର କ୍ଷୁରଧାରରେ ବିଶ୍ଳେଷଣ କରି ସେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୁଏ, ସାହିତ୍ୟ, ଶିଳ୍ପକଳା, ସଙ୍ଗୀତ, ସୌନ୍ଦର୍ଯ୍ୟ ଓ ରସାନୁଭୂତିର ମାଧ୍ୟମରେ ତାକୁ ଆପଣାର ଏକାନ୍ତ ନିଜସ୍ୱ କରି ନିଏ । କବି ପ୍ରଜାପତିର ସମଗ୍ର ସୃଷ୍ଟିର ଅନ୍ତରାଳରେ ମାନବ ଜୀବନର ଏହି ସତ୍ୟବାଣୀ ଧ୍ୱନିତ ।

ଈଶ୍ୱରର ଆରାଧନାରେ ସେ କିନ୍ତୁ ଦ୍ୱୈତବାଦୀ; ସଂପୂର୍ଣ୍ଣ ନିର୍ଗୁଣ, ନିରାକାର, ନିରଞ୍ଜନ ଓ ନିର୍ବିଶେଷ ପ୍ରତି ତାର ଆଗ୍ରହ ନାହିଁ । ରୂପର ପିପାସୁ ସେ, ଅରୂପ ରତ୍ନର ସନ୍ଧାନରେ ରୂପସାଗରରେ ବୁଡ଼ ଦିଏ । ବିଶ୍ୱଭୁବନର ରୂପରସ, ଗାନ ଛନ୍ଦ, ପ୍ରେମ ପ୍ରୀତି, ଆଲୋକ ପୁଲକରେ 'ରୂପଂ ରୂପଂ ଯଦ୍ ପ୍ରତିରୂପଂ ବଭୂବ'ର ନିତ୍ୟ ନୂତନ ଅଭିବ୍ୟକ୍ତିର ଉପଲବ୍‌ଧିରେ ବିସ୍ମିତ ବିହ୍ୱଳ ହୁଏ । ବସ୍ତୁ, ପ୍ରସଙ୍ଗ, ରୁଚି, ଶିକ୍ଷା ବ୍ୟକ୍ତିତ୍ୱ ଭେଦରେ ଏହାର ପ୍ରକାଶ ଓ ପରିବେଷଣରେ ଅବଶ୍ୟ ତାରତମ୍ୟ ଲକ୍ଷିତ ହୁଏ । ଯେଉଁଠି ଧର୍ମ ପ୍ରଚାର, ତତ୍ତ୍ୱ ବ୍ୟାଖ୍ୟାନ ବା ଈଶ୍ୱରର ମାହାତ୍ମ୍ୟ କୀର୍ତ୍ତନ ମୂଳଲକ୍ଷ୍ୟ, ସେଠି ସୌନ୍ଦର୍ଯ୍ୟ ଓ ରସସୃଷ୍ଟି ବ୍ୟାହତ । ସାହିତ୍ୟ ସେଠି ଈଶ୍ୱରର ପୂଜାବେଦୀରେ ଉତ୍ସର୍ଗୀକୃତ । ଓଡ଼ିଆରେ ପଞ୍ଚସଖା ଯୁଗର ସାହିତ୍ୟ

ଏହି ଶ୍ରେଣୀର ସାହିତ୍ୟ । କିନ୍ତୁ ଓଡ଼ିଆ ବୈଷ୍ଣବ ସାହିତ୍ୟ ଧର୍ମଗ୍ରନ୍ଥ-ରୂପେ ଅଦୃତ ଏବଂ ଅଭିନନ୍ଦିତ ହେଉଥିଲେହେଁ ଯଥାର୍ଥରେ ସାହିତ୍ୟ । ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ନିର୍ବିଶେଷରେ ଏହା ମଣିଷମାତ୍ରର ଉପଭୋଗ୍ୟ । ଏଥିରେ ମଣିଷର ପ୍ରାଣଧାତୁ ଯେପରି କେଉଁ ଏକ ଅପୂର୍ବ ସ୍ନେହ ରସର ସ୍ପର୍ଶରେ ବିଗଳିତ ହୋଇ ଅମୃତନିସ୍ୟନ୍ଦ ରୂପେ ବୋହି ଯାଇଛି ଏବଂ ସେହି ରସ ନିସ୍ୟ-ନ୍ଦର ପ୍ରତି ବୁଦ୍‌ବୁଦ୍ ପ୍ରତି ଆବର୍ତ୍ତି, ପ୍ରତି ତରଙ୍ଗଭଙ୍ଗ ଏବଂ ଛନ୍ଦପତନରେ ପାଠକ ଶୁଣେ ଆପଣା ପ୍ରିୟକଣ୍ଠର ମଧୁସଙ୍ଗୀତ, ଅନୁଭବ କରେ ଆପଣା ହୃଦୟତନ୍ତ୍ରୀର ମଞ୍ଜୁଳ ହରଣ, ବୁକୁର ସ୍ପନ୍ଦନ, ପ୍ରାଣର ଦରଦ ଏବଂ ଆପଣା ବ୍ୟର୍ଥ ଜୀବନରେ ନିଷ୍ଫଳ ନିଷ୍ଫଳତାର କରୁଣ ଆର୍ତ୍ତନାଦ । ମାନବ ଜୀବନର ଏପରି ପ୍ରାଣବନ୍ତ ରସାଳ ଅଭିବ୍ୟକ୍ତି ଅନ୍ୟତ୍ର ଦୁର୍ଲ୍ଲଭ । ମାନବିକତା ବୈଷ୍ଣବ ସାହିତ୍ୟର ପ୍ରାଣ, ଏଥିରେ ସଂଶୟ ନାହିଁ; ହେଲେହେଁ ରାଧାକୃଷ୍ଣ କଳ୍ପନା କେବଳ ଉପଲକ୍ଷ୍ୟ ନୁହେଁ, ଦରଦୀ ଭକ୍ତପ୍ରାଣର ଭାବୋଚ୍ଛ୍ୱାସମାତ୍ର ନୁହେଁ । ମାନବିକତା ବୈଷ୍ଣବ ସାହିତ୍ୟର ପ୍ରାଣ ହେଲେ ଈଶ୍ୱର ଏବଂ ଆଧ୍ୟାତ୍ମିକତା ସେ ସାହିତ୍ୟର ପ୍ରାଣ-ଦାୟିନୀ ଶକ୍ତି । ମାନବିକତା ଅସ୍ଥି,ମେଦ, ମାଂସ, ଚକ୍ଷୁ,କର୍ଣ୍ଣ, ନାସିକା ହେଲେ, ଆଧ୍ୟାତ୍ମିକତା ସେ ସମସ୍ତର ଜୀବନାଧାୟକ ସଂଜୀବନୌ-ଷଧି । ବୈଷ୍ଣବ ସାହିତ୍ୟ କୌଣସି ନିର୍ଦ୍ଦିଷ୍ଟ ମତବାଦର ତତ୍ତ୍ୱ ବ୍ୟାଖ୍ୟାନ ରୂପେ ଅଦୃତ ନ ହେଉ, ବିଶ୍ୱ ମାନବର ଚିରନ୍ତନ ଦର୍ଶନ ଏଥିରେ ଅଭିବ୍ୟକ୍ତ । ବୈଷ୍ଣବ ସାହିତ୍ୟ ପ୍ରେମପ୍ରଧାନ । ନରନାରୀର କାମନା ପ୍ରଣୋଦିତ ଜୈବ ଆକର୍ଷଣର ନଗ୍ନ ବ୍ୟାଖ୍ୟାନରେ ବହୁସ୍ଥଳରେ ଏହାର ପୃଷ୍ଠାଚୟ କଣ୍ଟକିତ । କିନ୍ତୁ ପ୍ରେମର ପରିବେଷଣରେ ଏହା କେବଳ ଧୂଳିମଳିନ ନୁହେଁ, ନଭଃସ୍ପର୍ଶୀ ମଧ୍ୟ ।

"ପ୍ରେମସ୍ୱାଦୁ ନିନ୍ଦେ ସୁଧା ଶାକର
ସୁରତ ମୁଣ୍ଡରେ ଶନ୍ଦେ ଠାକର
ସ୍ନେହ ସୁଖ ଯହିଁ ହେ
ରତକି ଅବକାଶ କାହିଁ ତହିଁ" ?

ବିଦଗ୍ଧ ଚନ୍ଦ୍ରାମଣିର ଏ ପ୍ରେମ ଶୁଦ୍ଧି, ବୁଦ୍ଧି, ବୋଧମୟ ।

ଜୀବନ ଗଲେ ଏତକି କରିବ
ଶ୍ୟାମ ନାମ ମୋର ହୃଦେ ଲିହିବ
ଶ୍ୟାମ ରୂପ ମୂର୍ତ୍ତି ହୃଦେ ଲଦାଇ
ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ
ଶ୍ୟାମ ଗତପଥେ
ମୋ ଶବ ପୋତିବ ଅପଣା ହାତେ"—

—ବିଦଗ୍ଧ ଚନ୍ଦ୍ରାମଣି

ମୃତ୍ୟୁର ସହସ୍ର ତୋରଣ ଅତିକ୍ରମ ନକଲେ ମର୍ତ୍ତ୍ୟମାନବର ଅମୃତାତ୍ମୋପଲବ୍ଧି, ଜୀବାତ୍ମାର ପରମ ଦର୍ଶନ ସମ୍ଭବପର ହୁଏନି । ଉପନିଷଦ, ଭଗବଦ୍‌ଗୀତା, ଧମ୍ମପଦ ଇତ୍ୟାଦିରେ ମାନବଜୀବନର ଏହି ସତ୍ୟ ପ୍ରତିପାଦିତ । ପଞ୍ଚସଖା ସାହିତ୍ୟରେ ଶୂନ୍ୟ ସାଧନାର ତାତ୍ପର୍ଯ୍ୟ ଏହିଠାରେ । ସୁନ୍ଦରର ଅନ୍ତର୍ଦେଶରେ ସତ୍ୟ ଏବଂ ଶିବର ମୁଗ୍ଧକାର ଦ୍ୟୋତନାହିଁ ବୈଷ୍ଣବ ସାହିତ୍ୟକୁ ଏକ ମହନୀୟ ଦୀପ୍ତିରେ ପ୍ରୋଜ୍ଜ୍ୱଳ କରିଅଛି । ମାଣ ଭଞ୍ଜ ସାହିତ୍ୟର ପନ୍ଥା କିନ୍ତୁ ସ୍ୱତନ୍ତ୍ର ।

ନିରଙ୍କୁଶ ନଗ୍ନ ପ୍ରେମଚିତ୍ରରେ ପରିପୂର୍ଣ୍ଣ ତାର ପୃଷ୍ଠାସବୁ । ହେଲେହେଁ ସତ୍ୟ ଓ ଶିବ ସଙ୍ଗେ ଏହାର ବିରୋଧ ନାହିଁ, ଈଶ୍ୱର ଓ ଆଧ୍ୟାତ୍ମିକତା ପ୍ରତି ସଂଶୟ ବା ଦ୍ୱିଧାଭାବ ନାହିଁ । ଜୀବନର ଅର୍ଥ ଓ ଚରମ ଲକ୍ଷ୍ୟ ସମ୍ବନ୍ଧରେ ଶଙ୍କା ବା ସଂକୋଚ

ନାହିଁ । ଜୀବନ ଏବଂ ଯୌବନର କବି ସେ । ତାରୁଣ୍ୟର ବିଜୟ-ଗୀତିକା ସୌନ୍ଦର୍ଯ୍ୟର ଅମର ଲିପିକାରେ ନିବଦ୍ଧ କରିବାରେ ତାଙ୍କର ଗୌରବ ପର୍ଯ୍ୟବସିତ । ତ୍ୟାଗ, ସଂଯମ, ସମାଧି ସାଧନା ବା ଆଦର୍ଶର ବାଣୀ ସେ ଉଚ୍ଚାରଣ କରି ନାହାନ୍ତି । ନିରଙ୍କୁଶ ନଗ୍ନ-ଭୋଗମୟ ପ୍ରେମର ବିଚିତ୍ର ବର୍ଣ୍ଣବିଳାସ ଅନ୍ତରାଳରେ ଆଦର୍ଶର ବ୍ୟଞ୍ଜନା ସାହିତ୍ୟର ବିଶେଷତ୍ୱ । ସେ ମେଘମେଦୁର ଆକାଶର ଘନକୃଷ୍ଣିମାର ପୃଷ୍ଠଦେଶରେ ବର୍ତ୍ତମାନ ବିମଳ ସୌରକରର ପ୍ରକାଶ ସଦୃଶ ଭୋଗମୟ ପ୍ରେମଚିତ୍ରର ଅନ୍ତରାଳରେ ଈଶ୍ୱର ଏବଂ ଆଧ୍ୟାତ୍ମିକତା ପ୍ରତି ଭଞ୍ଜସାହିତ୍ୟର ଯେଉଁ ଦୃଢ଼ ଅଙ୍ଗୁଳି ସଙ୍କେତ ତାହା ବିସ୍ମୃତ ହେଲେ, ଭଞ୍ଜ ସାହିତ୍ୟ ପ୍ରତି ସୁବିଚାର ହେବନି । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ଲାବଣ୍ୟବତୀର ପ୍ରମୋଦ ଉଦ୍ୟାନ ବା ବିହାର ପ୍ରକୋଷ୍ଠରେ ରାମଚନ୍ଦ୍ର ବା ଜଗନ୍ନାଥଙ୍କ ନାମକୀର୍ତ୍ତନ କଦାପି ତାତ୍ପର୍ଯ୍ୟବିହୀନ ନୁହେଁ ।

ଭଞ୍ଜଯୁଗ ପରେ ନବଯୁଗର ଶୁଭ ସ୍ୱସ୍ତିକରେ ଗାତ୍ର ମଣ୍ଡନ କରି ନବୀନ ଉତ୍କଳର ବାଣୀମନ୍ଦିରକୁ ଅଲଙ୍କୃତ କରିଛି ରାଧାନାଥ ସାହିତ୍ୟ । ଏ ଯୁଗସାହିତ୍ୟର ମୂଳ ପ୍ରେରଣା ଆସିଛି ମୁଖ୍ୟତଃ ପାଶ୍ଚାତ୍ୟ ଖଣ୍ଡରୁ । ପାଶ୍ଚାତ୍ୟ ସାହିତ୍ୟ, ସଭ୍ୟତା ଓ ସଂସ୍କୃତିର ଭାବଧାରା ଭାରତର ଧର୍ମ ସମାଜ ଓ ରାଜନୀତି କ୍ଷେତ୍ରରେ ଯେଉଁ ନବ ଜାଗରଣ ଆଣିଥିଲା, ଉତ୍କଳରେ ତାର ସର୍ବପ୍ରଥମ କଳାତ୍ମକ ପ୍ରକାଶ ହୋଇଛି ରାଧାନାଥ ଯୁଗର ସାହିତ୍ୟରେ । ଉତ୍କଳ-ସାହିତ୍ୟର ଇତିହାସରେ ଏହି ଯୁଗ **Renaissance** ନାମରେ ଅଭିହିତ ହେବା ଉଚିତ । ପାଶ୍ଚାତ୍ୟରେ **Renaissance**ର ଗୁରୁତ୍ୱ ତଥା ଦୂରପ୍ରସାରୀ ପ୍ରଭାବ ସମ୍ବନ୍ଧରେ ସମାଲୋଚକମାନଙ୍କ ମଧ୍ୟରେ ଦ୍ୱିମତ ନାହିଁ । **Renaissance** ପାଶ୍ଚାତ୍ୟ ସାହିତ୍ୟକୁ

ଦୁଇ ପ୍ରଧାନ ଭାଗରେ ବିଭକ୍ତ କରିଦେଇଛନ୍ତି— ପୂର୍ବ Renaissance ସାହିତ୍ୟ ଓ ଉତ୍ତର Renaissance ସାହିତ୍ୟ । ପୂର୍ବ Renaissance ଯୁଗରେ ଜୀବନ ଥିଲା ନିଶ୍ଚଳ, ନିର୍ଦ୍ଧନ୍ଦ୍ୱ, ଅବଦ୍ଧ, ଶାନ୍ତ ଜଳାଧାର ସଦୃଶ ତରଙ୍ଗହୀନ ବୁଦ୍‌ବୁଦଶୂନ୍ୟ, ନୃତ୍ୟ ଛନ୍ଦ, ଗୀତ, ଗର୍ଜନ ଓ ଭ୍ରୂକୁଟିବର୍ଜିତ । ଯୁକ୍ତି ବିଚାର, ଅନୁଭୂତି, ସ୍ୱପ୍ନ, କଳ୍ପନା, ବ୍ୟକ୍ତିତ୍ୱର ଜୀବନ ଜାହ୍ନବୀ, ବିଶ୍ୱାସ, ସଂସ୍କାର, ଧର୍ମ, ପରମ୍ପରା, ରାଜଶକ୍ତିର ନିର୍ମମ ଶିଳାସ୍ତୂପ ତଳେ ଚୁପା ପଡ଼ି ଯାଇଥିଲା । ସ୍ୱର୍ଗ, ମର୍ତ୍ତ୍ୟ, ପାପ, ପୁଣ୍ୟ, କରୁଣା, କାର୍ପଣ୍ୟ, ଦଣ୍ଡ, ଅପରାଧ, ଅନ୍ୟାୟ, ଅନାଚାର, ପୋପ, ଗୀର୍ଜା, ଈଶ୍ୱର, ଶୟତାନ, ଧର୍ମଧ୍ୱଜା ଓ ରାଜସିଂହାସନ ସବୁକୁ ସେ ଧ୍ରୁବ ଅବିସମ୍ବାଦିତ ସତ୍ୟ "ନାତଃପରଂ ଶାଶ୍ୱତୋଽୟଂ ପୁରାଣଃ" ରୂପେ ଧରି ନେଇଥିଲା । କିନ୍ତୁ ବିଜ୍ଞାନର ନବ ନବ ଆବିଷ୍କାର, ଶିଳ୍ପ, ବାଣିଜ୍ୟ ଯାତାୟାତ ବ୍ୟବସ୍ଥା, ସାମାଜିକ ଏବଂ ଆର୍ଥନୈତିକ ସଙ୍ଗଠନରେ ଅଭୂତପୂର୍ବ ପରିବର୍ତ୍ତନ ତାର ଜଡ଼ତା ଭାଙ୍ଗି ଦେଲା, ଅନ୍ଧ ବିଶ୍ୱାସ ଓ ପରମ୍ପରା କୁସଂସ୍କାର, ନିୟମ ଓ ଶୃଙ୍ଖଳାର ନାଗପାଶରୁ ତାକୁ ମୁକ୍ତ କରିଦେଲା, ଜଗତ ଏବଂ ଜୀବନ ତା ସମକ୍ଷରେ ନବ-ବର୍ଣ୍ଣ ବିଳାସ, ନୂତନ ପ୍ରତିଶ୍ରୁତି, ସମ୍ଭାବ୍ୟତା, ଅର୍ଥ ଏବଂ ତାତ୍ପର୍ଯ୍ୟ-ମଣ୍ଡିତ ହୋଇ ପ୍ରତିଭାତ ହେଲା । ଯୁକ୍ତି, ବିଚାର, ସ୍ୱପ୍ନ ଓ କଳ୍ପନାର ପକ୍ଷମଣ୍ଡିତ ହୋଇ ସେ ବିଶ୍ୱଭୁବନର ଉନ୍ମୁକ୍ତ ପରିସର ମଧ୍ୟରେ ବିହାର କରିବାକୁ ଲାଗିଲା । ସେତେବେଳେ ଈଶ୍ୱର ଏବଂ ଆଧ୍ୟାତ୍ମି-କତା ତା ପାଇଁ ଅନ୍ଧ ଗୀର୍ଜାଘରର ଚୂନ କାନ୍ଥ ମଧ୍ୟରେ, ବାଇବଲର କୀଟଦଷ୍ଟ ଜୀର୍ଣ୍ଣ ପୃଷ୍ଠାଚୟରେ ବା ପ୍ରବଳ ପରାକ୍ରାନ୍ତ ପୋପଙ୍କର ଅନତି-କ୍ରମଣୀୟ ଆଦେଶନାମାରେ ସୀମାବଦ୍ଧ ହୋଇ ରହିଲା ନାହିଁ । ବିଶ୍ୱର ରନ୍ଧ୍ରେ ରନ୍ଧ୍ରେ, ଛନ୍ଦେ ଛନ୍ଦେ, ଅଣୁ ପରମାଣୁରେ ନିଃଶ୍ୱାସ ପ୍ରଶ୍ୱାସରେ ସେ ଈଶ୍ୱରର ସ୍ନିଗ୍ଧ ଶୀତଳ ସ୍ପର୍ଶ ଲଭି

ନିଜକୁ ଧନ୍ୟ ମନେ କଲା । ସେ ସବୁକୁ ହଜାଇ ସେ ପୁଣି ଥରେ ଫେରି ପାଇଲା । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର ଯୁଗର ସାହିତ୍ୟର ବୈଶିଷ୍ଟ୍ୟ ଏଇଠି । ବୈଷ୍ଣବ ଯୁଗର ଭାବୋଲ୍ଲାସ ସାଙ୍ଗକୁ ଆଧୁନିକ ଯୁଗର ସଂଶୟଶାଣିତ ଅନୁସନ୍ଧିତ୍ସା ଏ ଯୁଗର ସାହିତ୍ୟରେ ଈଶ୍ୱର ଓ ଆଧ୍ୟାତ୍ମିକତାର ଚିନ୍ତାକୁ ଏକ ଅପୂର୍ବ ମନୋହର ଦୀପ୍ତିରେ ପ୍ରୋଜ୍ଜ୍ୱଳ କରିଅଛି । ଶାସ୍ତ୍ରର ଶାସନ ବ୍ରାହ୍ମଣର ଅଧିରାଜତ୍ୱ, ପାରମ୍ପରିକତାର ମୋହ, ଆବର୍ଜନାର ସ୍ତୂପ, ଜାତିର ଜଡ଼ତା ବିରୁଦ୍ଧରେ ସଂଗ୍ରାମର ରକ୍ତ ସ୍ୱସ୍ତିକରେ ମଣ୍ଡିତ ହେଲେହେଁ ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ଯାହା କିଛି ସୁନ୍ଦର ଓ ଚିରନ୍ତନ ଗୌରବମଣ୍ଡିତ, ତାକୁ ବଞ୍ଚାଇ ରଖିବାର ଅପ୍ରାଣ ପ୍ରୟାସ ଏଥିରେ ସୁସ୍ପଷ୍ଟ । ରାଧାନାଥୋତ୍ତର ଯୁଗରେ ବୈକୁଣ୍ଠନାଥ କୁନ୍ତଳାକୁମାରୀଙ୍କ ରଚନାବଳୀରେ ପ୍ରାଚୀନ ସାହିତ୍ୟର ଆଧ୍ୟାତ୍ମିକ ପରମ୍ପରା ସମ୍ୟକ୍ ରକ୍ଷିତ ହୋଇଥିଲେହେଁ ଏ ଯୁଗରେ ମାୟାଧର କାଳିନ୍ଦୀ, କାହ୍ନୁଚରଣ, ଗୋପୀନାଥ ସାହିତ୍ୟ ବାସ୍ତବରେ ନିର୍ମଳ ମାନବିକତାର ସାହିତ୍ୟ । ଏ ଯୁଗର କବି ଓ କଥାଶିଳ୍ପୀ କେତେବେଳେ ନରନାରୀର ପ୍ରୀତିମୁଗ୍ଧ କୁସୁମ କିଶଳୟ ସମ୍ଭାରରେ ରଚିଛି କବିତାରାଣୀର ସ୍ୱପ୍ନକୁଞ୍ଜ ବା ସାହିତ୍ୟଦେବତାର ମୋହନ ଦୋଳା, କେତେବେଳେ ଅବା ଦୁନିଆର ଦୂଷଣ, ଶୋଷଣ, କଷଣ ଅନ୍ୟାୟଅନାଚାରର ପୀଡ଼ିତ ମାନବ ଜୀବନର କଠିନ କଠୋର ପାଷାଣ ବୁକୁ ଚିରି ବୁହାଇଛି ଅଶ୍ରୁ ଓ ସମବେଦନାର ଲୋହିତ ନିର୍ଝର, ବୁହାଇଛି ବିପ୍ଳବର ପ୍ରଳୟ ଝଞ୍ଜା, ଜଳାଇଛି ମୃତ୍ୟୁ ଓ ଧ୍ୱଂସର ଲେଲିହାନ ରକ୍ତଚିତା । ମୂଳତଃ ମାନବ ହୋଇଛି ସାହିତ୍ୟିକର ଧ୍ୟାନ, ଦର୍ଶନ, ମନନ, ନିଦିଧ୍ୟାସନର ଏକମାତ୍ର ପୂଜା ପ୍ରତିମା । ମାନବିକତାର ଚକ୍ରବାଳ ଡେଇଁ ଅନ୍ୟବିଧ

ଆଦର୍ଶ ବା ସ୍ୱପ୍ନଦ୍ୱାରା ତାର ଦୃଷ୍ଟିରେଖା ଅଚ୍ଛନ୍ନ ହୋଇନ ହେଲେହେଁ ଏ ସାହିତ୍ୟ ଆଦର୍ଶ ବା ଆଧ୍ୟାତ୍ମିକତା ବର୍ଜିତ ନୁହେଁ । ପରିବର୍ତ୍ତିତ ପରିସ୍ଥିତିର ଅନୁରୋଧରେ ସମୟର ଗତି ସଙ୍ଗେ ତାଳ ରଖି ଏହା ହୁଏତ ପ୍ରାଚୀନ ପରମ୍ପରାରୁ କହିଁତ ଖସି ଆସିଛି ।

ଆଧୁନିକ ଯୁଗର ବସ୍ତୁସ୍ଥିତି ସଙ୍ଗେ ତାଳସର ପ୍ରୟାସ ହୁଏତ ଏଥିରେ ଅଛି; କିନ୍ତୁ ଏହା ଲକ୍ଷ୍ୟଚ୍ୟୁତ ବା ଆଦର୍ଶଭ୍ରଷ୍ଟ ହୋଇଛି ବୋଲି କୁହାଯାଇ ପାରିବ ନାହିଁ । ଯେତେବେଳେ ହିଂସା, ଦ୍ୱେଷ, ସ୍ୱାର୍ଥ, ବିଚ୍ଛେଦ, ଦୁଃଖ, ଦ୍ୱନ୍ଦ୍ୱ, ସଙ୍ଘର୍ଷର ଜୀମୂତନାଦ ପାଖରେ ତଳେ ମାନବାତ୍ମା ନିଷ୍ପିଷ୍ଟ, ନିଃସମ୍ବଳ ଅରକ୍ଷ ଶିଶୁ ସଦୃଶ କନ୍ଦନୈକସହାୟ, ସେତେବେଳେ ସତ୍ୟ ଶିବ ସୁନ୍ଦରର ଜୟ ଜୟ-କାର, ଅସୀମ, ଅରୂପ, ଅନନ୍ତର ଆରାଧନା ହୁଏନ୍ତା ନିଷ୍ଫଳ, ନିରର୍ଥକ, ଅବାସ୍ତବ ଏବଂ ହାସ୍ୟାସ୍ପଦ । ଦୋଷ ଦୁର୍ବଳତା, ତ୍ରୁଟି ବିଚ୍ୟୁତିର ମଣିଷ ପକ୍ଷରେ ଏହାଠାରୁ ଅଧିକ ଗୌରବର କଥା ହେଉଛି ଆପଣାର ପଷାଣ ବୁକୁରେ ବାଧାବନ୍ଧର ପର୍ବତଭାରକୁ ଠେଲିଦେଇ, ବାସ୍ତବତାର ଦୁର୍ନିବାର ସ୍ରୋତକୁ ଦ୍ୱିଧା ଭିନ୍ନ କରି ନିଜର ସଂଗ୍ରାମ ଏବଂ ସାଧନା ବଳରେ ମାନବିକତାର ସମୁଜ୍ଜ୍ୱଳ ସ୍ୱର୍ଣ୍ଣ ସରଣି କାଟି ନେବା । ମାଟିର ମଣିଷ ଉପନ୍ୟାସରେ ବରଜୁ, ଶାସ୍ତି ଉପନ୍ୟାସର ସନିଆ ଚରିତ୍ରରେ ଏହା ସମ୍ଭବପର ହୋଇଅଛି । ନାରୀଚରିତ୍ର ଚିତ୍ରଣରେ ଅମର ଆଦର୍ଶ ଥିଲେ ସୀତା, ସାବିତ୍ରୀ, ସାନ୍ତାଣୀ, ଚୂଡ଼ାମଣି । ଏମାନେ ଆମର ପୂଜ୍ୟ, ନମସ୍ୟ, ଭୟ ଭକ୍ତିର ପାତ୍ର, ଆଦର୍ଶ ଓ ଊର୍ଦ୍ଧ୍ୱରେ ସ୍ଥ । କିନ୍ତୁ ଧୋବି 'କ୍ଷଣପ୍ରଭା' ବା 'ଢଇଁ' ଭଳି ଯେଉଁମାନେ ମାୟା ମୋହ, ପାପ ପ୍ରଲୋଭନର ଅଗ୍ନିକୁଣ୍ଡରେ ଝାସ ଦେଇ ନିର୍ମଳ ନିଷ୍କଳଙ୍କ ହୋଇ ବାହାରି ଆସନ୍ତି, ସେମାନେ ଆମର ଅଧିକ ନିକଟବର୍ତ୍ତୀ, ଶ୍ରଦ୍ଧା, ସ୍ନେହ ଓ ସହାନୁଭୂତିର ପାତ୍ର ।

ଆଧୁନିକ ସାହିତ୍ୟ ଶେଷୋକ୍ତ ଚିନ୍ତା ବର ନେଇଛନ୍ତି । ପ୍ରାଚୀନ ସାହିତ୍ୟରେ ଆଧ୍ୟାତ୍ମିକତା ଥିଲା ନଭସ୍ତମ୍ଭୀ କିନ୍ତୁ ଆଜି ତାହା ବିଶ୍ୱପ୍ରସାରୀ; ହେଲେହେଁ ଆଧ୍ୟାତ୍ମିକତାହିଁ ବିଶ୍ୱ ସାହିତ୍ୟର ମୂଲ୍ୟ ନିରୂପଣରେ ଚରମ କଷଟି ହୋଇ ରହିଛି ଓ ରହିବ । ଓଡ଼ିଆ ସାହିତ୍ୟରେ ଆଧ୍ୟାତ୍ମିକତାର ଅବଚ୍ଛିନ୍ନ ପ୍ରବାହ ବିଶ୍ୱ ସାହିତ୍ୟର ଦରବାରରେ ସମ୍ମାନିତ ହେବ, ସଂଶୟ ନାହିଁ ।

# ଭଞ୍ଜ ସାହିତ୍ୟରେ ପ୍ରେମଚିତ୍ର ।

"ବିବେକ ଗ୍ରାହକ କୋଟି କବି ଅଛୁ ଘେନି
ବର୍ତ୍ତିଥିଲେ କବି କବିତ୍ୱ କି ହେବ ମ୍ଳାନି ହେ"
—ବିଦଗ୍ଧ ଚିନ୍ତାମଣି

ସାହିତ୍ୟ ବଞ୍ଚି ରହେ, ଯତ୍ନ ସଞ୍ଚିତ ସହସ୍ର ପୁସ୍ତକର ପୃଷ୍ଠାରେ ନୁହେଁ, ଗୁଣଗ୍ରାହୀ କୋଟି ରସିକ ପାଠକର ରସପୂର ଅନ୍ତରରେ । ଭଞ୍ଜ ସାହିତ୍ୟ ଆଜି ବି ବଞ୍ଚି ରହିଛି । ତାର ପ୍ରମାଣ ରହିଛି ଭଞ୍ଜ ଜୟନ୍ତୀ, ଭଞ୍ଜ ସାହିତ୍ୟ ପରିଷଦ, ଭଞ୍ଜ ସାହିତ୍ୟ-ସପ୍ତାହ ଇତ୍ୟାଦିରେ ଆଉ ଗାଁ ଗହଳର ବିଲ ଗାହ୍ନଡ଼ା ଶ୍ରମକ୍ଳାନ୍ତ କୃଷି ମୂଲିଆର ସୁଲଳିତ କଣ୍ଠର ସୁମଧୁର ଆବୃତ୍ତି ଆଦିରେ । କିନ୍ତୁ କଥାରେ ଅଛି 'ଭିନ୍ନରୁଚିର୍ହି ଲୋକଃ' । ଏଣୁ ଭଞ୍ଜ ସାହିତ୍ୟ-ସମ୍ବନ୍ଧରେ ସମସ୍ତେ ଏକପ୍ରକାର ମତପୋଷଣ କରିବେ ଏ ପ୍ରକାର ଆଶା କଦାପି କରାଯାଇ ନ ପାରେ । ଭଞ୍ଜ ସାହିତ୍ୟର ପାଠକମାନଙ୍କ-ମଧ୍ୟରେ ସାଧାରଣତଃ ଦୁଇ ଶ୍ରେଣୀର ଲୋକ ଦେଖା ଯାଇଥାନ୍ତି । ଏକ ଶ୍ରେଣୀର ପାଠକମାନଙ୍କର ମତରେ ଭଞ୍ଜସାହିତ୍ୟ ଅନୁପମ, ଏକମେବ ଅଦ୍ୱିତୀୟ, ନାହିଁ ନୋହିବ ଭୂମଣ୍ଡଳେ । ଅନ୍ୟ ଶ୍ରେଣୀର ପାଠକମାନଙ୍କ ମତରେ ଏହା ଘୋର ଅଶ୍ଳୀଳ, ବିଶ୍ୱ-ସାହିତ୍ୟର ଦରବାରରେ ଅପାଂକ୍ତେୟ, ଅସ୍ପୃଶ୍ୟ । ଉପରୋକ୍ତ ଦୁଇ ମତବାଦ ମଧ୍ୟରୁ କେଉଁଟି ହେଲେ ନିରପେକ୍ଷ ସମାଲୋଚକ-ପକ୍ଷରେ ଗ୍ରହଣୀୟ ହୋଇ ନ ପାରେ । ଯେହେତୁ ଏକ ପକ୍ଷରେ ଯେପରି ଅବାସ୍ତବକତା ଅନ୍ୟପକ୍ଷରେ ସେହିପରି ଅନୁଦାର ଏକଦେଶଦର୍ଶିତା ଯଥାକ୍ରମେ ଏ ଉଭୟ ମତବାଦକୁ କଳୁଷିତ କରୁଅଛି । ପ୍ରେମହିଁ ଭଞ୍ଜ ସାହିତ୍ୟର ପ୍ରଧାନ ଉପଜୀବ୍ୟ ବିଷୟ ।

ଏଣୁ ଭଞ୍ଜ ସାହିତ୍ୟରେ ପ୍ରେମଚିତ୍ରର ସ୍ୱରୂପନିର୍ଣ୍ଣୟଦ୍ୱାରା ତାର ମୂଲ୍ୟ ନିର୍ଦ୍ଧାରଣ କରିବା ସୁଗମ ହେବ, ଏହା ବିଶ୍ୱାସ କରିବା ସ୍ୱାଭାବିକ ।

ପ୍ରାଚ୍ୟ ପାଶ୍ଚାତ୍ୟ, ପ୍ରାଚୀନ ଅର୍ବାଚୀନ, ସର୍ବଦେଶ ସର୍ବକାଳର ସାହିତ୍ୟରେ ପ୍ରେମର ଚର୍ଚ୍ଚା ଦେଖାଯାଏ । ଆର୍ଯ୍ୟର ଆଦି ଧର୍ମଗ୍ରନ୍ଥ ଅପୌରୁଷେୟ ବେଦ ବି ବାଦ ପଡ଼ିନି । ଋଗ୍‌ବେଦର ଯମଯମୀସମ୍ବାଦ, ପୁରୁରବାଉର୍ବଶୀସମ୍ବାଦ ଏବଂ ଊଷା ବର୍ଣ୍ଣନରେ ପ୍ରେମର ଚିତ୍ର ଅତ୍ୟନ୍ତ ସୁସ୍ପଷ୍ଟ, ପ୍ରାଣବନ୍ତ ଏବଂ ଏକାନ୍ତ ମର୍ମସ୍ପର୍ଶୀ । କଥାରେ ଅଛି ନଈକେ ବାଙ୍କ, ଦେଶକେ ଫାଙ୍କ । ଦେଶ ଭେଦରେ, କାଳ ଭେଦରେ ଏବଂ ପ୍ରସଙ୍ଗ ଭେଦରେ ପ୍ରେମରସର ପରିବେଷଣରେ ଅଳ୍ପବିସ୍ତର ଭେଦ ଲକ୍ଷିତ ହେବା ସ୍ୱାଭାବିକ । ସଂସ୍କୃତ ତଥା ପ୍ରାକୃତ ପୁରାଣ ଇତିହାସାଦିରେ ପ୍ରେମଚିତ୍ର ଅବଶ୍ୟ ଗୌଣ । କିନ୍ତୁ ସ୍ଥଳ ବିଶେଷରେ ଯେଉଁଠି ପ୍ରେମଚିତ୍ର ପ୍ରଦତ୍ତ ହୋଇଛି, ସେଗୁଡ଼ିକ ଏକାନ୍ତ ହୃଦ୍ୟ ଏବଂ ଅତ୍ୟନ୍ତ ମନୋହର ହୋଇଅଛି । କାବ୍ୟଯୁଗର ଭାବାଳୁତା, ବର୍ଣ୍ଣନା ଚାତୁରୀ ଏବଂ କଳାନୈପୁଣ୍ୟ ସେ ଗୁଡ଼ିକରେ ନାହିଁ । କିନ୍ତୁ ସ୍ୱଚ୍ଛତା ଅଛି, ସରସତା ଏବଂ ଗଭୀରତା ଅଛି । ଚତୁରୀ ପ୍ରଗଲ୍‌ଭା ନାୟିକାର କୁଟିଳ କଟାକ୍ଷ ନାହିଁ କିନ୍ତୁ ମୁଗ୍‌ଧା ଗ୍ରାମ୍ୟବଧୂର ସ୍ନିଗ୍‌ଧ ସଲଜ୍ଜ ଚାହାଣି ଅଛି । ପ୍ରକାଶ ନାହିଁ, ବ୍ୟଞ୍ଜନା ଅଛି, ରଙ୍ଗ ନାହିଁ ରେଖା ଅଛି । ପ୍ରେମଗୀତିକା ହିସାବରେ ପ୍ରାକୃତ ଗାଥା ସପ୍ତଶତୀ, ସଂସ୍କୃତ ଅମରୁଶତକ, ଶୃଙ୍ଗାର ଶତକ ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ । ଆଶା ଆକାଂକ୍ଷା, ମାନ ଅଭିମାନ, ପ୍ରଣୟ ପ୍ରଣତି, ବିରହ ମିଳନ ଆଦି ପ୍ରେମିକ ଜୀବନର ଶତସହସ୍ର ନିବିଡ଼ ଅନୁଭୂତିରେ ଏଗୁଡ଼ିକ ନିତ୍ୟ ସରସ ଓ ପ୍ରାଣବନ୍ତ ! ଓଡ଼ିଆ ଚଉତିଶା ଚଉପଦୀ ମଧ୍ୟରୁ

ଅନେକ ଏହି ପର୍ଯ୍ୟାୟଭୁକ୍ତ । ଗୀତ କବିତାପରେ ସଂସ୍କୃତରେ ଦେଖାଦିଏ କାବ୍ୟ ଯୁଗ । ବର୍ଣ୍ଣନା ଗୁରୁତ୍ୱ, ରଚନା-ପାଟବ, କଳାନୈପୁଣ୍ୟରେ ଏ ଯୁଗର ସୃଷ୍ଟି ଅଦ୍ୱିତୀୟ । ପ୍ରତ୍ୟେକେ ଯେପରି ସୁଦକ୍ଷ ଶିଳ୍ପୀ ହାତର ଗଢ଼ା ଗୋଟିଏ ଗୋଟିଏ ସାହିତ୍ୟର କୋଣାର୍କ । ଅଧିକାଂଶ କାବ୍ୟ ଶୃଙ୍ଗାର ପ୍ରଧାନ; କିନ୍ତୁ ଶୃଙ୍ଗାର ରସର ପରିବେଷଣରେ ଗୀତକବିତା ଯୁଗର ସ୍ୱଚ୍ଛତା, ସରସତା ଏବଂ ସ୍ୱାଭାବିକତା ସ୍ଥାନରେ ଦେଖା ଦେଇଛି ଭାବାଳୁତା, କୃତ୍ରିମତା ଏବଂ ଉଚ୍ଛ୍ୱାସ । ବସ୍ତୁ ବୈଚିତ୍ର୍ୟର ସ୍ଥାନ ଅଧିକାର କରିଛି ସୂକ୍ଷ୍ମ ବିଶ୍ଳେଷଣ । ଶୃଙ୍ଗାର ରସର ଅତିମାତ୍ରା ବିଶ୍ଳେଷଣ ହୋଇପଡ଼ିଛି ଗୋଟାଏ ଧର୍ମ । ସେଥିପାଇଁ ଏ ଯୁଗର ସାହିତ୍ୟ ପ୍ରତି ସମାଲୋଚକର କ୍ରୂର କଟାକ୍ଷ । କିନ୍ତୁ ମନେ ରଖିବାକୁ ହେବ ଯେ, ଲେଖକ ସର୍ବଦା ଯୁଗଧର୍ମର ଅନୁସରଣ କରିବାକୁ ବାଧ୍ୟ ।' **The great poet in writing himself writes his time (T. S. Eliot.)** ଶୃଙ୍ଗାର ରସର ଲୋକଚିତ୍ତାନୁରଞ୍ଜକତ୍ୱ ହେତୁ ତାହା କାଳକ୍ରମେ ସଂସ୍କୃତ ଆଲଙ୍କାରିକମାନଙ୍କ ଦ୍ୱାରା ସର୍ବଶ୍ରେଷ୍ଠ ରସ-ରୂପେ ପରିଗଣିତ ହେଲା ।

ଶୃଙ୍ଗାର ଏବ ମଧୁରଃ ପରଃ ପ୍ରହ୍ଲାଦନୋ ରସଃ ।
ତନ୍ମୟଂ କାବ୍ୟମାଶ୍ରିତ୍ୟ ମାଧୁର୍ଯ୍ୟଂ ପ୍ରତିତିଷ୍ଠତି ।

(ଧ୍ୱନ୍ୟାଲୋକ)

ଶୃଙ୍ଗାରୀ ଚେତ୍ କବିଃ କାବ୍ୟେ ଜାତଂ ରସମୟଂ ଜଗତ୍
ସ ଏବ ବୀତରାଗଶ୍ଚେନ୍ନୀରସଂ ସର୍ବମେବ ତତ୍ ।

(ଭୋଜରାଜ)

ଅନେକ ଆଲଙ୍କାରିକ ଶୃଙ୍ଗାର ରସର ବର୍ଣ୍ଣନା ପାଇଁ ଗୋଟାଏ ନିର୍ଦ୍ଦିଷ୍ଟ ଗ୍ରନ୍ଥି ବି ଗଢ଼ି ଦେଲେ । ଯଥା—ନାୟକ ନାୟିକା-ଭେଦ, ଦୂତୀ ଭେଦ, କାମଦଶଦଶା, ଅଷ୍ଟସାତ୍ତ୍ୱିକଭାବ ଇତ୍ୟାଦି ।

ସାଧାରଣତଃ ସୃଷ୍ଟିରୁ ଆସେ ସମାଲୋଚନା ପୁଣି ସୃଷ୍ଟି ବ ସମାଲୋଚନାର ଅନୁସରଣ କରେ । ଉତ୍ତର କାଳର ସଂସ୍କୃତ ସାହିତ୍ୟରେ ସେଇଆ ହେଲା । ସାହିତ୍ୟିକ ସମାଲୋଚକର ଅନ୍ଧ ଅନୁସରଣ କରିବାକୁ ଲାଗିଲା । ଅଳଙ୍କାରିକମାନଙ୍କ ଦ୍ୱାରା ଗଢ଼ା ଗ୍ଲୁଅ୍ଙ୍କ ସାଙ୍ଗକୁ ବାତ୍ସ୍ୟାୟନ ପ୍ରଣୀତ କାମସୂତ୍ରରେ ବର୍ଣ୍ଣିତ ନାଗରିକ-ଜୀବନର ଭୋଗମୟ ତତ୍ତ୍ୱ ମଣିକାଞ୍ଚନର ସଂଯୋଗ ଘଟାଇଲା, ପ୍ରେରଣା ଏବଂ ପୋଷକତା ମିଳିଲା ରାଜାମାନଙ୍କଠୁଁ । ଏହିପରି ଭାବରେ ସ୍ୱାଧୀନ ଚିନ୍ତାର ପଥ ରୁଦ୍ଧ ହୋଇଯିବା ଫଳରେ ସଂସ୍କୃତ-ସାହିତ୍ୟ ଗୋଟାଏ ଧରାବନ୍ଧା ଗ୍ଲୁଅ୍ଙ୍କରେ ପଡ଼ିଗଲା ।

ଭଞ୍ଜ ସାହିତ୍ୟରେ ପ୍ରେମତତ୍ତ୍ୱର ଆଲୋଚନାପ୍ରସଙ୍ଗରେ ଏ ଦୀର୍ଘ ଭୂମିକାର ପ୍ରୟୋଜନ— କାରଣ ଭଞ୍ଜେ ସଂସ୍କୃତ ସାହିତ୍ୟର ପରମ୍ପରାରେ ପରିବର୍ଦ୍ଧିତ । ମାଘ ନୈଷଧ, କାଦମ୍ବରୀ ଇତ୍ୟାଦି ସଂସ୍କୃତ କାବ୍ୟର ପ୍ରଭାବ ତାଙ୍କ ରଚନାରେ ସର୍ବତ୍ର ସୁପରିସ୍ଫୁଟ ।

ଭଞ୍ଜ ସାହିତ୍ୟ ଧନିକ ଅଭିଜାତ ଜୀବନର ଏକ ତାଜ-ମହଲ । ଏଥିରେ ପ୍ରତ୍ୟେକଟି ମାର୍ବଲ ପାଲିସ୍ ଚକ୍ ଚକ୍; ପ୍ରତ୍ୟେକଟିରେ ସୁନିପୁଣ ବିଜ୍ଞାଣିର ଅପୂର୍ବ କଳାକୁଶଳତାର ମୁଦ୍ରା । ଏଥିରେ ସର୍ବତ୍ର ଶାରଦ ଜ୍ୟୋସ୍ନାର ଚପଳ କ୍ରୀଡ଼ା ଏବଂ ବାସନ୍ତୀ ଶ୍ରୀର ଶୋଭନ ବିଳାସ । ଭଞ୍ଜଙ୍କର ସମସ୍ତ ନାୟକ ନାୟିକା ପ୍ରାୟ ଏହି ଶ୍ରେଣୀର । ରାଜମହଲର ରେଶମୀ ପର୍ଦ୍ଦାର ଅନ୍ତରାଳରୁ ଏ ପାରିର ଜୀବନକୁ ଥରେ ଉଁକି ମାରି ଦେଖିବାର ସୌଭାଗ୍ୟ ଏମାନଙ୍କ ଜୀବନରେ କେବେ ଘଟିନି । ଜୀବନର ଝଡ଼ ଝଞ୍ଜା ଉଠପଡର ଧାସ ଏମାନଙ୍କଠିଁ କେବେ ବାଜିନି । ଏମାନଙ୍କର ଜୀବନତନ୍ତ୍ରୀ ଗୋଟିଏ ମାତ୍ର ସ୍ୱରରେ ବନ୍ଧା । ଜୀବନର ଗତି ବ ବଡ଼ ସାଧା ସିଧା । ଅଡ଼ବାଙ୍କ ତେଡା ମେଡ଼ା କେଉଁଠି

ଝିକଏ ହେଲେ ଦେଖିବନା । ପୂର୍ବରାଗ, ସ୍ୱପ୍ନରେ ମିଳନ, ବିଚ୍ଛେଦ ଓ ତଜ୍ଜନିତ ବିରହ ଏବଂ ଶେଷ ମିଳନ, ଏହି ହେଲା ଭଞ୍ଜ ସାହିତ୍ୟରେ ପ୍ରେମରସର କ୍ରମ । ଭଞ୍ଜ ସାଧାରଣ ଜୀବନର ଚିତ୍ର ଅଙ୍କିବାକୁ ଯାଇ ନାହାନ୍ତି । ସେତେବେଳେ ଏହାର ଚଳଣି ନ ଥିଲା । ରାଜନୀତି ସଦୃଶ ସାହିତ୍ୟର ପ୍ରାଙ୍ଗଣ ବି ସାଧାରଣଙ୍କ ପାଇଁ ଛପିଛି ଥିଲା । ସାହିତ୍ୟ ରାଜ୍ୟରେ ଗୃହୀ ମୂଳଆର ରାଜ୍ ଆମ-ଦେଶରେ ଏବକାର କଥା । ଏଣୁ ଭଞ୍ଜଙ୍କୁ ଦୋଷ ଦେଇ ଲାଭ ନାହିଁ । ଏଇ ସୀମିତ ପରିସର ମଧ୍ୟରେ ଭଞ୍ଜ ସାହିତ୍ୟର ପ୍ରେମ-ରସକୁ ଚାଖି ଦେଖିବାକୁ ହେବ ।

ବିପ୍ରଲମ୍ଭ ଶୃଙ୍ଗାର—

ବଶୀଭୂତ ରାମ ପ୍ରୀତି ଆଦରେ,
ବଶୀଭୂତ ପତି ରସ୍ପୁର ଦରେ ।
ବାରବାଣ ହେବ ସୁନ୍ଦରୀ ଖର
ବାରବାଣକୁ ପଞ୍ଚ ବାଣିଖର ।
ବଶାଖା ସ୍ୱଭାବେ । ବଶାଖାପତି ମୁଗ୍ଧ ଛବି ଭାବେ ।
ବାହୁ ଲତାରେ ସମ ନୋହି ଧାନ,
ବାହୁ ଲତାରେ ତାକୁ କେଉଁ ଦାନ
ବାନ୍ଧ ବରଚବ ନ କର ମଠ;
ବାନ୍ଧବ ବୋଲି ଧରବ ନମଠ ।
—ବୈଦେହୀଶ ବିଳାସ

ସମ୍ଭୋଗ ଶୃଙ୍ଗାର—

ବାନ୍ଧବୀ ଏଥିରେ ଦେଖା ଯାଉ ନାହିଁ
ନାଚିବାର ନୃତ୍ୟକାରୀ
ବେଣୀ ନାସାମଣି ରମଣୀ ମଣିରେ
ନଚ୍ଛ ଅନୁଗ୍ରହ କରି ।

ବହନ୍ତି ନବୀନ ନବୀକବରହି ।
ବୋଲି ଚତୁରୀ ନାସା ପୁଡ଼ା ଫୁଲାଇ
ଶିରସ୍ଥାଳି ଦେଇ କହି ।

—ବୈଦେହୀଶ ବିଳାସ

ଉପରୋକ୍ତ ଉଦାହରଣଦ୍ୱୟରୁ ପ୍ରତୀତ ହେବ ଯେ, ପ୍ରେମର ବିବରଣୀରେ ଭଞ୍ଜଙ୍କର ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ବାସ୍ତବିକ । ତାଙ୍କ ନାୟକନାୟିକାମାନଙ୍କର ରଙ୍ଗମଞ୍ଚ ଧୂଳିମାଟି, ରକ୍ତମାଂସ, ବର୍ଣ୍ଣ-ଗନ୍ଧ, ଦୋଷ ଦୁର୍ବଳତାର ଏଇ ଦୁନିଆ । ମର୍ତ୍ତ୍ୟ ଭୂମିରେ ସ୍ୱର୍ଗର କଳ୍ପନା କିମ୍ବା ମାନବର ଅନ୍ତରରେ ଦେବତାର ଆବାହନ ସେ କରିବାକୁ ମନ ବଳାଇ ନାହାନ୍ତି । ଇନ୍ଦ୍ରିୟଗ୍ରାହ୍ୟରୂପଜ ପ୍ରେମ ନେଇ ତାଙ୍କର କାରବାର । ଯୌନ ମିଳନରେହିଁ ସେ ପ୍ରେମର ଚରମ ପରିଣତି ।

ପରମ ଦ୍ରବ୍ୟ ପୀରତି, ପରମ ସୁଖ ସୁରତି,
ରତିରୁ ଜାତ ପୀରତି ପ୍ରୀତିରୁ ରତି ।
ରମାର ରମ୍ୟ ମୂରତି, ନାହିଁ ଏ ତାର କୀରତି,
ଏହୁ ତିନହେଁ ହରନ୍ତି ଚିତ୍ତ ଧୂରତି ।

ପ୍ରେମ ସୁଧାନିଧି—

ବିଦଗ୍ଧଚିନ୍ତାମଣିରେ ଅଛି—

ପ୍ରେମ ସୁଧା ଯହିଁ ସୁଧା ଶାକର ।
ସୁରତି ମୁଣ୍ଡରେ ଶଏ ଠାକର
ସ୍ନେହ ସୁଖ ଯହିଁ ହେ । ରତିକି ଅବକାଶ କାହିଁ ତହିଁ ।

ପ୍ରେମ କଲ୍ପନାର ଏ ଦୁର୍ଦ୍ଧରୋହ ଶୃଙ୍ଗର ଶିଖର ଦେଶକୁ ଭଞ୍ଜେ ଉଠିପାରି ନାହାନ୍ତି ।

ଅଦ୍ୱୈତଂ ସୁଖ ଦୁଃଖୟୋରନୁଗୁଣଂ ସର୍ବାସ୍ୱବସ୍ଥାସୁ ଯଦ୍
ବିଶ୍ରାମୋ ହୃଦୟସ୍ୟ ଯତ୍ର ଜରସା ଯସ୍ମିନ୍ନହାର୍ଯ୍ୟୋ ରସଃ ।
କାଲେନାବରଣାତ୍ୟୟାତ୍ ପରିଣତେ ଯତ୍ ପ୍ରେମସାରେ ସ୍ଥିତଂ
ଭଦ୍ରଂ ତସ୍ୟ ସୁମାନୁଷସ୍ୟ କଥମପ୍ୟେକଂ ହି ତତ୍ ପ୍ରାର୍ଥ୍ୟତେ ।"

—ଉତ୍ତର ରାମଚରିତ

ପ୍ରେମର ଏ ରୂପାତୀତ ଶାନ୍ତସୁନ୍ଦର ମୂର୍ତ୍ତି ଭଞ୍ଜ ସାହିତ୍ୟରେ ଏକାନ୍ତ ଦୁର୍ଲଭ ।

ପ୍ରେମର ଚିତ୍ରଣରେ ଭଞ୍ଜ ମୁଖ୍ୟତଃ ସମ୍ଭୋଗବାଦୀ । କିନ୍ତୁ ଭଞ୍ଜଙ୍କର ଏ ସମ୍ଭୋଗବାଦ 'ଯାବଜ୍ ଜୀବେତ୍ ସୁଖଂ ଜୀବେଦ୍ ଋଣଂ କୃତ୍ୱା ଘୃତଂ ପିବେତ୍" (**Eat, drink and be merry**) ଶ୍ରେଣୀର ନୁହେଁ । ଆର୍ଯ୍ୟର ପବିତ୍ର ସନାତନ ଧର୍ମର ସୁନିର୍ଦ୍ଦିଷ୍ଟ ପରିସରମଧ୍ୟରେ ତାହାର ପ୍ରତିଷ୍ଠା; ମହର୍ଷି ବାତ୍ସ୍ୟାୟନଙ୍କ ପ୍ରଣୀତ କାମଶାସ୍ତ୍ରରେ ବର୍ଣ୍ଣିତ ପନ୍ଥା ତାହାର ଆଦର୍ଶ । ଦାମ୍ପତ୍ୟ ଜୀବନର ବିଧି ସଙ୍ଗତ, ନିର୍ଦ୍ଦୋଷ, ଅନାବିଲ ପ୍ରେମ ବର୍ଣ୍ଣନରେ ଭଞ୍ଜ ଲେଖନୀ ଚିର ମୁଖର । ପ୍ରେମିକ ଜୀବନର ବିଭିନ୍ନ ବିଭାବର ବିଚିତ୍ର ପରିକଳ୍ପନା ତଥା ରମଣୀୟ ରୂପାୟନ ଏଗୁଡ଼ିକୁ ଏକ ଅପୂର୍ବ ରୂପଶ୍ରୀରେ ମଣ୍ଡିତ କରିଛି । ଅବଶ୍ୟ ବହୁ ସ୍ଥଳରେ ସଂସ୍କୃତ ସାହିତ୍ୟର ପାରମ୍ପରିକତା ଓ ଅଳଙ୍କାର ଏବଂ କାମଶାସ୍ତ୍ରର ନିର୍ଦ୍ଦେଶର ଅନୁସରଣଜନିତ ଗତାନୁଗତିକତା ଫଳରେ ବିଷୟ ବସ୍ତୁରେ ବୈଚିତ୍ର୍ୟ ସମ୍ପାଦନ କିଛିଟା ବ୍ୟାହତ ହୋଇଛି । କିନ୍ତୁ କବିଙ୍କର ସ୍ୱସୃଷ୍ଟ ଏ ସମସ୍ତ ବାଧା ବିଘ୍ନ ଭିତରେ ମଧ୍ୟ ପ୍ରେମିକ ଜୀବନର ସୂକ୍ଷ୍ମ ମନସ୍ତତ୍ତ୍ୱ ଚିତ୍ରଣର ପ୍ରୟାସ ଅଛି ।

ଅଭିଧେୟ ରୂପରେ ହେଉ ଅଥବା ବ୍ୟଙ୍ଗ୍ୟ ରୂପରେ ହେଉ,ପ୍ରେମିକ ପ୍ରାଣର ଆଶା ଆକାଂକ୍ଷା, ଦ୍ୱିଧା ଦୈନ୍ୟ, ଉଦ୍‌ବେଗ, ଉତ୍କଣ୍ଠା ଓ ଆବେଗର ମନୋହର ପ୍ରକାଶଦ୍ୱାରା ଭଞ୍ଜ ସାହିତ୍ୟର ପ୍ରତିଚ୍ଛବି ଶବଳିତ ।

ଉଦାହରଣ—

ସ୍ୱରଭଙ୍ଗ ପ୍ରବଳରେ ଭାଷା କେ ବର୍ଣ୍ଣେ ଋଜୁରେ
ଥୋଇ ବାଳା ଭାବନା ଥାଇ ତହିଁରେ
ସବର୍ଣ୍ଣାଦି ଶବଦ ଶୁଣି
ସାଧୁ ଶୁକ ଅଇଲ କି ହୁଅଇ ଭଣି ।"

—ଲାବଣ୍ୟବତୀ

"ହୋଇ ତୁମ୍ଭେ ନିସ୍ତନିତ ନ କର ସମ୍ପାତପାତ ନ ଧେନତ ନଭସ୍ୱତ ସ୍ୱନତଃ । ଟାଅଁଳା ଶୋଭିତ ଭୃତ ବେଦନା ନାଶନ ସତ ଦେଖି ହୋଇଣି ଗମିତ ମିତ ହେ। ଜଳଧର, କହିବ ଚିତ୍ତ-ମୋହିତ ହିତ । ହେବ ତେ। ଏକାନ୍ତ କାନ୍ତ ଗୃହରେ ବସି ତ ସିତହାସି ସେ ତୋରେ ନିରତ ଋତ । ସୁନ୍ଦର ସଦ୍ଗୁଣ ଯା ଭଙ୍ଗୀ-ବିଶେଷ ଶେଷ; ନୋହିଥିବ ଯେ ଆବେଶ ·ବେଶ । କାମ ବାସେ ଈଶ ଈଶପ୍ରେମ ବଶେ ଈଶ ଈଶ ଗୀରେ ଥିବ ଯେ ଅଶ୍ଳେଷ ଶ୍ଳେଷ ହେ ।

—ପ୍ରେମସୁଧାନିଧି

ପ୍ରେମିକ ପ୍ରାଣର ଏହି ମର୍ମସ୍ପର୍ଶୀ କାତରୋକ୍ତି ଫୁଟି ଉଠିଛି ଠିକ୍ ଏମିତି ଭାଷାରେ ବିରହୀ ଯକ୍ଷର ମୁହଁରେ କାଳିଦାସଙ୍କ 'ମେଘଦୂତ'ରେ ।

ଶୃଙ୍ଗାରଶ୍ରିତ କାବ୍ୟ ସମୂହରେ ଆଲମ୍ବନ ବିଭାବ ସ୍ୱରୂପ ନାରୀ ସୌନ୍ଦର୍ଯ୍ୟର ବର୍ଣ୍ଣନା ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବା ସ୍ୱାଭାବିକ କଥା । ନାରୀ ସୌନ୍ଦର୍ଯ୍ୟର ଜୟଗାନରେ ଭଞ୍ଜ ଲେଖନୀ ଚିର ପ୍ରଗଲ୍‌ଭ । ଏମିତକି ଏ ପ୍ରଗଲ୍‌ଭତା ସ୍ଥଳ ବିଶେଷରେ ନଗ୍ନତାର କୋଠିକୁ ମଧ୍ୟ ସ୍ପର୍ଶ କରିଛି । ଭଞ୍ଜ କାବ୍ୟର ନାୟିକା ରସିକା, ରହସ୍ୟମୟୀ ଏବଂ କନ୍ଦର୍ପକଳାକୁଶଳା । ସେ କଲ୍ୟାଣୀ, ଅମୃତମୟୀ, ସର୍ବଂସହା, କରୁଣାର ମୂର୍ତ୍ତିମତୀ ଦେବୀ ନହୋଇ ପାରେ, କିନ୍ତୁ ସତତ ଲଜ୍ଜାବତୀ ପତିପରାୟଣା ଗୃହିଣୀ । 'ବସନ୍ତ ଗାଥା'ରେ ମଧୁବାବୁଙ୍କ କଳ୍ପିତ ନାୟିକା ହୋଇଛି—

"ଅମଣ୍ଡିତ ଦୀନ ବସ୍ତ୍ରେ ମନୋଜ୍ଞମଣ୍ଡନା
ଅର୍ଦ୍ଧ ମୁକୁଳିତ ନେତ୍ରୀ ଲଜ୍ଜା ମୂର୍ତ୍ତିମତୀ ।"

ଭଞ୍ଜ ସାହିତ୍ୟର ନାରୀ ଅମଣ୍ଡନା ନୁହେଁ ସୁମଣ୍ଡନା; କିନ୍ତୁ ସତତ ଲଜ୍ଜାଶୀଳା । "ବୈଦେହୀଶ ବିଳାସ"ରେ ଜଣେ ଶବର ସିମନ୍ତିନୀର ପ୍ରଶ୍ନରେ ସୀତା କହିଛନ୍ତି—

"ବରବେହା ଏ ପୁରୁଷ ପାର ଦୁହେଁ ସୋଦର କିବା ତୁମ୍ଭର
ବୁଲନ୍ତି ଜଗତେ ଯେନି ସଙ୍ଗତରେ ସୂସମେନଶୀଳେବର
ବୋଲନ୍ତି ଶିର କମ୍ପାଇ
ବିଲମ୍ବ କରନ୍ତେ ପ୍ରଲମ୍ବ କୁନ୍ତଳା ତାଙ୍କେ ଲକ୍ଷ୍ମଣ କୁମାର
ବାମାକୁ ବୋଧିଲେ ଏ ଦେବର ବୋଲି ମନ୍ଥର ଗତି ସତ୍ୱର ।
—ବୈଦେହୀଶବିଳାସ

ଭାରତୀୟ ନାରୀତ୍ୱର ଏ ଶାଶ୍ୱତ ଅନବଦ୍ୟ ବାଙ୍‌ମୟ ରୂପାୟନ ଦ୍ୱାରା ଭଞ୍ଜ ଲେଖନୀ ସାର୍ଥକ ହୋଇଛି ।

ଜୟଦେବ ଗୀତଗୋବିନ୍ଦରେ ଗୋପୀମାନଙ୍କର ପ୍ରେମ ଚେଷ୍ଟାର ବର୍ଣ୍ଣନା ପ୍ରସଙ୍ଗରେ କହିଅଛନ୍ତି—

'ଚକେଳିକଳାକୁତୁକେନ ଚ କାଚିଦମୁଂ ଯମୁନାଜଳ କୂଳେ,
ମଞ୍ଜୁଳ ବଞ୍ଜୁଳ କୁଞ୍ଜଗତଂ ବିଚକର୍ଷ କରେଣ ଦୁକୂଳେ ହରି ।'
(କେଳିକଳା ପ୍ରବୀଣା କୌଣସି ପ୍ରେମିକା ଯମୁନାତୀରରେ କୌତୁକରେ ମନୋହର ଅଶୋକକୁଞ୍ଜଲୀନ ଶ୍ରୀକୃଷ୍ଣଙ୍କ ଅଞ୍ଚଳଧରି ଟାଣିବାକୁ ଆରମ୍ଭ କଲା) ଶାରଳା ଦାସଙ୍କ ଦ୍ରୌପଦୀ ପଞ୍ଚପତିଙ୍କର ହୃଦୟହାରିଣୀ ହୋଇ ମଧ୍ୟ କର୍ଣ୍ଣଙ୍କର କନ୍ଦର୍ପବିନିନ୍ଦିତ ରୂପକୁ ଦେଖି ଉନ୍ମନା ହୋଇ ପଡନ୍ତି । ନାରୀ ମନସ୍ତତ୍ତ୍ୱ ଦୃଷ୍ଟିରୁ ଏ ସବୁ ହୁଏତ ଅବଶେଷରେ ସତ୍ୟ ରୂପରେ ପ୍ରତିପାଦିତ ହୋଇପାରେ, କିନ୍ତୁ ଭଞ୍ଜ କାବ୍ୟର ସତୀ ସାଧ୍ୱୀ ନାୟିକା ଏତାଦୃଶ ଚପଳ କଳ୍ପନାରେ ଏକାନ୍ତ ଅନଭ୍ୟସ୍ତା । ଭୋଗମୟ ଦାମ୍ପତ୍ୟ ଜୀବନର ପ୍ରେମାଳାପ ଓ ରତି ବର୍ଣ୍ଣନା ପ୍ରସଙ୍ଗରେ ଭଞ୍ଜ ସମାଲୋଚକମାନଙ୍କର କଠୋର ତିରସ୍କାରର ପାତ୍ର ହୋଇଅଛନ୍ତି । କିନ୍ତୁ ଆଧୁନିକର ଦୃଷ୍ଟିରେ ସେଗୁଡ଼ିକ ଅଶ୍ଳୀଳବତ୍ ପ୍ରତୀୟମାନ ହେଲେହେଁ ଶାସ୍ତ୍ର ଓ ନୀତି-ଦୃଷ୍ଟିରୁ ଯେ ସେଗୁଡ଼ିକ ଏକାନ୍ତ ନିର୍ଦ୍ଦୋଷ, ଅନାବିଲ ଏବଂ ନିଷ୍କଳୁଷ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏ ସମ୍ପର୍କରେ ଜଣେ ପାଶ୍ଚାତ୍ୟ ସମାଲୋଚକ ମିଲ୍‌ଟନଙ୍କ "Paradise Lostର" ସମାଲୋଚନା ପ୍ରସଙ୍ଗରେ କହି ଅଛନ୍ତି—

"In strongest opposition we have married love and its permanent physical rights. Those who think of abstention from sexual inter-course in terms of purity and innocence are hypocrites or ranged with the devil"

ଅନ୍ୟ ପକ୍ଷରେ ଆମ୍ଭେ ଦେଖୁ ବୈବାହିକ ପ୍ରେମ ଏବଂ ତାହାର ଶାଶ୍ୱତ ଯୌନ ଅଧିକାର, ଶୁଦ୍ଧତା ଓ ନିର୍ଦ୍ଦୋଷତା-କାରଣରୁ ଯେଉଁମାନେ ଯୌନ ସଂଯୋଗରୁ ଦୂରରେ ରହିବାକୁ ଚାହାନ୍ତି, ସେମାନେ ହୁଏତ କପଟାଚାରୀ ନଚେତ୍ ଶୟତାନ ଅଟନ୍ତି ।

ଶୁଦ୍ଧ, ଶାସ୍ତ୍ରସମ୍ମତ ବିବାହିତା ପତ୍ନୀର ସ୍ୱକୀୟା ଅନୁଭୂତରେ ବାହାରେ ଅନ୍ୟବିଧ ପ୍ରେମର କଳ୍ପନା ଯେପରି ଭଞ୍ଜଙ୍କ ପକ୍ଷରେ ଅସମ୍ଭବ ।

ରେ ପୁଂସ ପକ୍ଷୀର ଚଞ୍ଚୁରେ ଚୋଟିତ
କଲ୍ପ ଅଣି ଜାତ ଲତାକୁ
ପରଭୃତକାକୁ ଡାକଣି କହିଲ
କୋଳେ ବସାଇ ବନିତାକୁ
ଏହା ତୁ, ଯତ୍ନ କରଥିବୁ ସନ୍ତତେ
ପ୍ରବାସ ପ୍ରୟାଣ ଦୋଷ ନ ଦେଖିବ
ଯାଉଅଛୁ ଅଣଆୟତ୍ତେ ।
ରେ କୋଇଲ ମୋହପାଇଁ ନ ଭୁଲିବ
ସାରବ ବେଳକାଳେ ମାତ
ତୁମ୍ଭେ ସବ ଶୁଣ ଥିଲେ ସବୁ ଅଛୁ
ନ ମିଳିବେ କେତେ ଯୁବତୀ
ରେ ସଖୀ ଦ୍ୱାରରେ ଏମନ୍ତ କୁହାଇ
ବାହୁଡ଼ ଅସି ଯାହାକୁ ବିଭା ହେବ
ଏ ରୂପେ ନୋହିବ ଅସ୍ନେହୀ ।

—ଲବଣ୍ୟବତୀ

ବୈଦେହୀଶ ବିଳାସ, କୋଟିବ୍ରହ୍ମାଣ୍ଡସୁନ୍ଦରୀ, ରସିକ-ହାରବଳୀ, ପ୍ରେମସୁଧାନିଧି ସବୁଠି ଦାମ୍ପତ୍ୟ ଜୀବନର ଏହି ଶୁଦ୍ଧ ଶାଶ୍ୱତ ପ୍ରେମ ରସର ଉନ୍ମୁକ୍ତ ପ୍ରବାହ ଦୃଷ୍ଟିଗୋଚର ହୁଏ । ଭଞ୍ଜ ନାୟିକା ପକ୍ଷରେ ପ୍ରେମିକାନ୍ତର କଳ୍ପନା ଏକାନ୍ତ ଅସମ୍ଭବ । ଏ ଜନ୍ମରେ ତ ନୁହେଁ, ଜନ୍ମଜନ୍ମାନ୍ତରରେ ବି ନୁହେଁ । ଆଧୁନିକ ଯୁଗର ପ୍ରାରମ୍ଭ ପର୍ଯ୍ୟନ୍ତ ପାଶ୍ଚାତ୍ୟ ସାହିତ୍ୟରେ ପ୍ରେମ କହିଲେ

ଫୁଟାଉଥିଲା, ଶୃଙ୍ଖଳିତ ଦାମ୍ପତ୍ୟ ଜୀବନ ପରିଧିର ବାହାରେ ଉନ୍ମୁକ୍ତ ଉଚ୍ଛୃଙ୍ଖଳ ଏକ ଅବୈଧ ପ୍ରେମ ।

"The association of adultery with love, an association which has lasted in continental literature down to our own times has deeper causes. Two things prevented the men of that age from connecting their ideal of romantic and Passionate love with marriage.

\+ +

Marriage had nothing to do with love and no nonsense about marriage was tolerated."

—Allegory of Love

ଓଡ଼ିଆ ସାହିତ୍ୟରେ ମାର୍ଜିତ ରୁଚି ଓ ସଂଯତ ପ୍ରକାଶର ଆଦ୍ୟପ୍ରବର୍ତ୍ତକ କବିବର ରାଧାନାଥ ବି ପିତାମାତାଙ୍କ ଅଜାଣତରେ ରାଜକୁମାରୀ ଲଳିତାକୁ ଅଜ୍ଞାତ କୁଳଶୀଳ ଛଦ୍ମବେଶୀ ଏକ ଯୁବକ ସହିତ ଅବୈଧ ପ୍ରଣୟର ପ୍ରଶ୍ରୟ ଦେଇ ଅଛନ୍ତି । ଗଙ୍ଗେଶ୍ୱର ଦେବଙ୍କ କଥା ଉଲ୍ଲେଖ ନ କରିବା ହିଁ ଭଲ । ରାଧାନାଥ ଏ ସବୁ ଆମଦାନୀ କରିଛନ୍ତି ପାଶ୍ଚାତ୍ୟ ସାହିତ୍ୟରୁ । ଅବଶ୍ୟ ନିର୍ବାଚନର ପୂର୍ଣ୍ଣ ଦାୟିତ୍ୱ ରାଧାନାଥଙ୍କର । ରାଧାନାଥୋତ୍ତର ଯୁଗରେ ଓଡ଼ିଆ ସାହିତ୍ୟରେ ନୂଆଁ ବେଶ ନୂଆଁ ଢଙ୍ଗରେ ଯେଉଁ ତଥାକଥିତ ଶ୍ଳୀଳପ୍ରେମ-ସାହିତ୍ୟର ସୃଷ୍ଟି ହୋଇଛି, ତାର ପ୍ରେରଣା ବି ଆସିଛି ସେହି ପାଶ୍ଚାତ୍ୟରୁ । ମଦ ମାଂସରେ ବେଲପତ୍ରୀ ପକାଇ ପ୍ରସାଦ ବନାଇବା ଭଳି ବୈଷ୍ଣବମାନେ ବୀଭତ୍ସ ପରକୀୟା ପ୍ରେମ ଚିତ୍ରକୁ ରହସ୍ୟବାଦର ଜାଲରେ ଛନ୍ଦି ଭକ୍ତି ସାହିତ୍ୟ ନାମରେ ପ୍ରଚାର କରିଛନ୍ତି । କିନ୍ତୁ ଭଞ୍ଜ କେଉଁଠାରେ ସନାତନ ଆର୍ଯ୍ୟ ଧର୍ମର ଆଦର୍ଶ ତଥା ଉତ୍କଳର ଜାତୀୟ ପରଂପରାରୁ ବିଚ୍ୟୁତ ହୋଇ ନାହାନ୍ତି । ନିରଙ୍କୁଶ,

ନଗ୍ନ ଭୋଗମୟ ପ୍ରେମର ବିଶିଷ୍ଟ ପ୍ରକାଶ ମଧ୍ୟରେ ଆଦର୍ଶର ସୂକ୍ଷ୍ମ ବ୍ୟଞ୍ଜନା ଭଞ୍ଜ ସାହିତ୍ୟର ଏକ ବିଶେଷତ୍ୱ । ମେଘମେଦୁର ଆକାଶର ଘନ କୃଷ୍ଣିମା ଭେଦ କରି ସୂର୍ଯ୍ୟଙ୍କର କ୍ଷଣିକ ବିମଳ ପ୍ରକାଶ ସଦୃଶ ଭୋଗମୟ ପ୍ରେମ ଚିତ୍ରର ଅନ୍ତରାଳରେ ସେହି ଚିର ସଂଯତ ଆତ୍ମାର କ୍ଷଣିକ ଆଭାସ ଅତ୍ୟନ୍ତ ପ୍ରୀତିଦାୟକ ।

କ୍ରୌଞ୍ଚ ମିଥୁନର ବିଯୋଗରେ ମହର୍ଷି ବାଲ୍ମୀକିଙ୍କର କାରୁଣ୍ୟମଥିତ ହୃଦୟ କନ୍ଦରରୁ ନିସୃତ ଶୋକ ପ୍ରବାହ ଶ୍ଳୋକ-ରୂପରେ ପରିଣତ ହୋଇ ଜଗଦ୍‌ବାସୀଙ୍କୁ ମୁଗ୍ଧ କରିଥିବା ବିଷୟ ରାମାୟଣରେ ଲେଖା ଅଛି । ଭଞ୍ଜଙ୍କ ଅପୂର୍ବ ପ୍ରାଣ ଶକ୍ତିର ଅପରାନ୍ତ ଉତ୍ସ ସେହିପରି ଯେଉଁ ଦିବ୍ୟ କାବ୍ୟାମୃତର ଧାର ଉତ୍କଳର ସାହିତ୍ୟ ରାଜ୍ୟରେ ବୁହାଇ ଦେଇ ଅଛି, ତାହା ପ୍ରତ୍ୟେକ ଉତ୍କଳ ବାସୀର ପରମ ଉପଭୋଗ୍ୟ । ଭର୍ତ୍ତୃହରିଙ୍କ ପଦାବଳୀରେ ଆଦର୍ଶ ଏବଂ ବାସ୍ତବ, ଭୋଗ ଏବଂ ତ୍ୟାଗ ମଧ୍ୟରେ ସଂଘର୍ଷର ସୂଚନା ଦେଖିବାକୁ ମିଳେ । ଭର୍ତ୍ତୃହରି ଦୁଇ ବିପରୀତମୁଖୀ ଭାବଧାରାଦ୍ୱାରା ଅତୃପ୍ତ ହୋଇ ଅବଶେଷରେ ବୈରାଗ୍ୟ ଦିଗରେ ଜୀବନର ସମାଧାନର ସୂତ୍ର ଖୋଜିଛନ୍ତି । କିନ୍ତୁ ଭଞ୍ଜଙ୍କ ଜୀବନରେ ଚିନ୍ତା-ଧାରାର ଏପରି କୌଣସି ସଂଘର୍ଷ ଦେଖାଦେଇନି, ଆଦର୍ଶର ବୃହତ୍ତର ବେଷ୍ଟନୀ ମଧ୍ୟରେ ସେ ଭୋଗମୟ ଜୀବନକୁ ମାନବର ଶ୍ରେୟଃସ୍ୱରୂପ ବାଛି ନେଇଛନ୍ତି । ଏ ଦୃଷ୍ଟିରୁ ବିଚାର କଲେ ଭଞ୍ଜଙ୍କର କାଳ୍ପନିକ ପ୍ରେମ କାବ୍ୟମାନଙ୍କରେ ଭଗବାନ ରାମଚନ୍ଦ୍ରଙ୍କର ମହିମା କୀର୍ତ୍ତନ ଦ୍ୱାରା ଯେ ଅସଙ୍ଗତ ଓ ସ୍ୱବିରୋଧର ସମ୍ଭାବନା ଅଛି, ତାର ସୁସମାଧାନ ସହଜ ହେବ ବୋଲି ମନେ ହୁଏ ।

ଭଞ୍ଜ ସାହିତ୍ୟ ଚିର ଉପଭୋଗ୍ୟ, ଅନୁକରଣୀୟ ବୋଲି ମୁଁ କହୁନି । ଭଞ୍ଜ ସାହିତ୍ୟ ପ୍ରତି ଆଜି ଯେ ଗ୍ରାହକତା

ଦେଶରେ ଦେଖା ଦେଉଛି, ତାହା ସର୍ବଥା ପ୍ରଶଂସନୀୟ । ଉପଯୁକ୍ତ ଗ୍ରାହକତା ବିନା ଯେତେ ସରସ ସାହିତ୍ୟ ହେଲେ ମଧ୍ୟ ପାଠକ-ସମ୍ମୁଖରେ ମଉଳା ଫୁଲପରି ନୀରସ ଓ ଶୁଷ୍କ ବୋଧ ହୁଏ ।

କବିତ୍ୱ ବନିତା କବିତା ପିତା
କହିବା ଲୋକ ତାର ଉପମାତା
କୁମତି ଗୁଆଁର
କେବଳ ବର୍ତ୍ତମାନ ଭାଇ ତାର
କଲେ ଭୋଗ ତାକୁ ରସିକ ନେତା
କେତେହେଁ ପୁଣି ରହିଲ ଯୋଗ୍ୟତା ।

—ଦୀନକୃଷ୍ଣ

# ଭଞ୍ଜସାହିତ୍ୟର ଅନ୍ୟ ଗୋଟିଏ ଦିଗ ।

ଭଞ୍ଜ ସାହିତ୍ୟ ଆନନ୍ଦମୟ, ଅମୃତମୟ ଏବଂ ବୈଚିତ୍ର୍ୟମୟ; ନବନୀତ-କୋମଳ, ପୁଣି ନାରିକେଳ-କଠିନ । ଏହାର "ମୂର୍ତ୍ତିମନ୍ତ ମୃଦୁଗୀତ ପଦ ସଞ୍ଚଳଧ୍ୱନି"ରେ ରସିକ ପାଠକର ଅନ୍ତରରେ ମନ୍ଦ ମଳୟର କଅଁଳ ପରଶ ବୋଳିଦିଏ ପୁଣି ଅର୍ଥଗୌରବର ବଜ୍ର-ନିର୍ଘାତ ପ୍ରହାରରେ ମହା ମହା ପଣ୍ଡିତଙ୍କ ଗର୍ବର ପର୍ବତକୁ ଚୂନା କରିଦିଏ ।

"ଏଥି ଅନନ୍ତରର ରସ    ଶୁଣି ହେ ମାଳିନୀ ବେଶ,
ଝଡ଼ିଫଳ ପରି ଚୋପା    ଖୋସିଛୁ ଯୋଷା ଯେ"

ଏହି ସରସ ସରଳ ବର୍ଣ୍ଣନା ସାଙ୍ଗକୁ "ଅସାରେ ସଘନ କାଳ ହୋଇ ଉଦୟ ଅସିତ ପରବଳରୁ ଦରଶମୟ" ପରି କଠିନ ଗୋଲକଧନ୍ଦା ବି ଏଥିରେ ଅଛି । ମୂଳତଃ ଭଞ୍ଜ ସାହିତ୍ୟ ପ୍ରାଚୀନ କାବ୍ୟକଳାର ସକଳ ବିଭବରେ ପରିପୂର୍ଣ୍ଣ । ତଥାପି ଭଞ୍ଜକାବ୍ୟ ସେତେ ଜନପ୍ରିୟ ହୋଇପାରି ନା । ଜଗନ୍ନାଥ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ ଯେପରି ଯୁଗ ଯୁଗ ଧରି ଜଣର ହୃଦୟସିଂହାସନରେ ଅସ୍ଥାନ ମାଡ଼ି ବସିଛନ୍ତି, ଭଞ୍ଜେ ତା ପାରି ନାହାନ୍ତି । ପ୍ରାଚୀନ ଉତ୍କଳ ସାହିତ୍ୟ-ରାଜ୍ୟରେ ଭଞ୍ଜଙ୍କ ଏକାଙ୍ଗ ଚକ୍ରବର୍ତ୍ତିତ୍ୱର କେହି କେବେ ପ୍ରତିଦ୍ୱନ୍ଦ୍ୱିତା କରି ନାହାନ୍ତି, ଏ କଥା ସତ । ସେହି ମୁକୁଟବିହୀନ ରାଜଶିରର ବିଶାଳ ଛତ୍ରଛାୟାତଳେ କେତେ କବି, କେତେ ପଣ୍ଡିତ ଆଶ୍ରା ନେଉଛନ୍ତି ଏବଂ ପ୍ରାଣଭରି ଶୀତଳତାର ଆହ୍ଲାଦ ଆସ୍ୱାଦନ କରୁଛନ୍ତି, ଏ କଥା ବି ସତ । କିନ୍ତୁ ଗଣ ଭଞ୍ଜଙ୍କର ସେତେ ନିକଟବର୍ତ୍ତୀ ହୋଇପାରି ନାହାନ୍ତି । ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ତାଙ୍କର ବିଦଗ୍ଧଚିନ୍ତାମଣିର ମୁଖବନ୍ଧରେ

କହିଅଛନ୍ତି—"ଅଭିମନ୍ୟୁ ଅଧିକ ଭାଗ୍ୟବାନ୍, କାରଣ ବିଦଗ୍ଧର ଛାନ୍ଦଗୁଡ଼ିକ ଯେପରି ଜନପ୍ରିୟ, ଭଞ୍ଜଙ୍କର କୌଣସି କାବ୍ୟ ସେପରି ନୁହେଁ ।"

କିନ୍ତୁ ଏହାର କାରଣ କଣ ହୋଇପାରେ ? ହୁଏତ କେହି କେହି କହିବେ ଯେ ଭଞ୍ଜ କାବ୍ୟରୂପ ଚିତ୍ରଚିତ୍ରଶାଳାର ଦ୍ୱାର ଫାଟକରେ ଯେଉଁ ଦୁର୍ଭେଦ୍ୟ ପାଚେରି ଘେରି ରହିଛି, ତାହା ଅତିକ୍ରମ କରି ଚିତ୍ରଶାଳାର ଅନୁପମ ସୌନ୍ଦର୍ଯ୍ୟର ଉପଲବ୍ଧି ସମସ୍ତଙ୍କ ପକ୍ଷରେ ସମ୍ଭବପର ହୋଇ ନ ଥାଏ । କିନ୍ତୁ ଉପରେ ଯେଉଁ ଅଭିମନ୍ୟୁଙ୍କୁ ଉପଲକ୍ଷ୍ୟ ଦିଆଯାଇଛି, ସେ ତ ପୁଣି ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରୟୋଗ ଓ କ୍ଲିଷ୍ଟପଦ ଯୋଜନାରେ ଭଞ୍ଜଙ୍କ ବି ବଳିଯାଇ ଅଛନ୍ତି । ପୁଣି 'ବିଡ଼ମ୍ବିତ ଅଲିଙ୍ଗନ' ସଦୃଶ ଭଞ୍ଜଙ୍କର ଯେଉଁ କେତେକ ଛାନ୍ଦ ଜନ ସମାଜର ଆଦର ଲାଭ କରିଛି, ସେ-ଗୁଡ଼ିକ ଯେ ଏକାବେଳକେ ସରଳ ତରଳ ଭାଷାରେ ରଚିତ, ତା ବି ନୁହେଁ । କେତେକଙ୍କ ମତରେ ଭଞ୍ଜ ସାହିତ୍ୟ ଚିତ୍ରକାବ୍ୟ-ପ୍ରଧାନ । ତେଣୁ ଧ୍ୱନିର ଧାର ଧରି ସେ ସବୁ ସାହିତ୍ୟର ମୂଲ୍ୟ ନିରୂପଣ କଲେ କବି ସମ୍ରାଟ ଭଞ୍ଜଙ୍କ ରଚନାବଳୀକୁ ପ୍ରଥମ ଶ୍ରେଣୀର କାବ୍ୟ ବୋଲି କହିବାରେ ସତ୍ୟର ଅପଲାପ ଘଟିବାର ଆଶଙ୍କା ।

ପ୍ରାଚ୍ୟତତ୍ତ୍ୱବିତ୍‌ମାନଙ୍କ ମତରେ ସହୃଦୟ ନାମା କେହି ବ୍ୟକ୍ତି ପ୍ରଥମେ ଧ୍ୱନିବାଦର ପ୍ରତିଷ୍ଠା କରିଥିଲେ । ଧ୍ୱନ୍ୟାଲୋକର କାରିକା-ଗୁଡ଼ିକ କେବଳ ତାଙ୍କର ରଚନା ।

ପରେ ରାଜାନକ ଆନନ୍ଦବର୍ଦ୍ଧନ ବୃତ୍ତି ଗୁଡ଼ିକ ରଚନା କରି ଧ୍ୱନିବାଦକୁ ଅଧିକ ସ୍ପଷ୍ଟ କରି ଦେଇ ଅଛନ୍ତି । ପରବର୍ତ୍ତୀ କାଳରେ କାବ୍ୟ ପ୍ରକାଶ ରଚୟିତା ମମ୍ମଟ ଆନନ୍ଦବର୍ଦ୍ଧନଙ୍କ ପଦାଙ୍କ ଅନୁସରଣ କରି ଧ୍ୱନିତତ୍ତ୍ୱର ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ବିଶ୍ଳେଷଣ

କରି ଅଛନ୍ତି । ସେ କାବ୍ୟ ସମୂହକୁ ଉତ୍ତମ, ମଧ୍ୟମ ଏବଂ ଅଧମ-ଭେଦରେ ତିନି ଶ୍ରେଣୀରେ ବିଭକ୍ତ କରିଅଛନ୍ତି । ୧ ଧ୍ୱନିକାବ୍ୟ, ୨ ଗୁଣୀଭୂତ ବ୍ୟଙ୍ଗ୍ୟ, ୩ ଚିତ୍ରକାବ୍ୟ ।

ଭଞ୍ଜକାବ୍ୟାବଳୀ ସଭଙ୍ଗ, ଅଭଙ୍ଗ, ଭଙ୍ଗାଭଙ୍ଗ, ଦନ୍ତାକ୍ଷର ଚ୍ୟୁତ ଦନ୍ତାକ୍ଷରାଦିଶ୍ଳେଷ, ଆଦ୍ୟ, ମଧ୍ୟ, ପ୍ରାନ୍ତ, ମହାଯମକ, ସର୍ବ-ଯମକାଦି ଯମକ, ଶୃଙ୍ଖଳା, ଶାର୍ଦ୍ଦୂଳ ବିକ୍ରୀଡିତ, ସିଂହାବଲୋକନ ଗୋମୂତ୍ର, ବନ୍ଧୁମତୀ, ଅନ୍ତର୍ଲାପି, ବହିର୍ଲାପି, ପ୍ରହେଳିକା, ଅଚଳା, ସବେଷ୍ଟକ, ନିର୍ବେଷ୍ଟକ ଇତ୍ୟାଦି ଚିତ୍ରକାବ୍ୟର ନାନା ବିଚିତ୍ର ବିଭବରେ ପରିପୂର୍ଣ୍ଣ । ଅଭିମନ୍ୟୁ ବି ଚିତ୍ରକାବ୍ୟର ବହୁଳ ପ୍ରୟୋଗ କରିଅଛନ୍ତି—

"ଯମକାଦି ଚିତ୍ର କାବ୍ୟ ପ୍ରବନ୍ଧ ପ୍ରବନ୍ଧ

ଯଥାଜାତ ଧନ୍ଦା ଏଥି ବୁଧ ମନବୋଧ ହେ ।

ଏକା ଅଭିମନ୍ୟୁ କାହିଁକି, ବୃନ୍ଦାବତୀ ଦାସୀଙ୍କ ଠାରୁ ଆରମ୍ଭ କରି ଯଦୁମଣିଙ୍କ ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅଧିକାଂଶ କବି ଊଣା ଅଧିକେ, ଚିତ୍ରକାବ୍ୟର କୌଣସି ନା କୌଣସି ଉପାଦାନ ପ୍ରୟୋଗ କରିଛନ୍ତି । ଚିତ୍ରକାବ୍ୟର ପ୍ରୟୋଗରେ ଦକ୍ଷିଣୀ ତେଲୁଗୁ ତାମିଲ କବିମାନଙ୍କଦ୍ୱାରା ଯେତେ ପ୍ରଭାବିତ ହୋଇ ନାହାନ୍ତି, ତାହାଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ନୈଷଧ, ଶିଶୁପାଳ ବଧ, କାଦମ୍ବରୀ ଆଦି ସଂସ୍କୃତ କାବ୍ୟଗ୍ରନ୍ଥ ଏବଂ ସଂସ୍କୃତର ବିଭିନ୍ନ ଅଳଙ୍କାର ଗ୍ରନ୍ଥଦ୍ୱାରା । କିନ୍ତୁ ଏଠାରେ ବିଚାରିବାର କଥା, ଚିତ୍ରକାବ୍ୟ କଣ ଭଞ୍ଜକାବ୍ୟ ସମୂହର ଶେଷ କଥା ଏବଂ ପ୍ରଧାନ କଥା । ପ୍ରକାରାନ୍ତରରେ ଭଞ୍ଜକାବ୍ୟ କଣ ଧ୍ୱନିବିହୀନ ? ବ୍ୟଙ୍ଗ୍ୟାର୍ଥ-ପ୍ରଧାନ କାବ୍ୟର ନାମ ଧ୍ୱନି ।"

ଯତ୍ରାର୍ଥଃ ଶବ୍ଦୋ ବା ତମର୍ଥମୁପସର୍ଜନୀକୃତସ୍ୱାର୍ଥୌ
ବ୍ୟଙ୍‌କ୍ତଃ କାବ୍ୟବିଶେଷଃ ସ ଧ୍ୱନିରିତି ସୂରିଭିଃ କଥିତଃ"

-- ଧ୍ୱନିକାର ।

ଅର୍ଥାତ୍ ଯେଉଁଠାରେ ବ୍ୟଙ୍ଗ୍ୟ ବା ସୂଚିତ ଅର୍ଥ ବାଚ୍ୟାର୍ଥ ବା ପ୍ରକାଶିତ ଅର୍ଥଠାରୁ ଅଧିକ ଚମତ୍କାରଜନକ, ତାହାର ନାମ ଧ୍ୱନି । ସୂଚିତାର୍ଥର ସ୍ୱରୂପାନୁଯାୟୀ ଧ୍ୱନି ବସ୍ତୁ, ଅଳଙ୍କାର ଏବଂ ରସ ଭେଦରେ ପୁନଶ୍ଚ ତ୍ରିବିଧ । ଧ୍ୱନିକୁ ସାଧାରଣ ଭାବରେ କାବ୍ୟର ଆତ୍ମା ସ୍ୱରୂପ ଗ୍ରହଣ କରାଯାଇଥିଲେହେଁ ଲୋଚନକାର ଅଭିନବଗୁପ୍ତଙ୍କ ମତାନୁଯାୟୀ ରସଧ୍ୱନିହିଁ ପ୍ରଧାନ । ଧ୍ୱନିକାର ଏବଂ ଆନନ୍ଦବର୍ଦ୍ଧନ ଧ୍ୱନିକୁ ସାଧାରଣ ଭାବରେ କାବ୍ୟର ଆତ୍ମା ସ୍ୱରୂପ ଗ୍ରହଣ କରିଥିଲେହେଁ ଅଭିନବ ଗୁପ୍ତଙ୍କ ପଦାଙ୍କ-ଅନୁସରଣପୂର୍ବକ ରସବାଦୀମାନେ ପରବର୍ତ୍ତୀ କାଳରେ ରସହିଁ କାବ୍ୟର ଆତ୍ମା ବୋଲି କହି ଅଛନ୍ତି । 'ବାକ୍ୟଂ ରସାତ୍ମକଂ-କାବ୍ୟମ୍'—(ବିଶ୍ୱନାଥ କବିରାଜ ।) ଭଞ୍ଜ କାବ୍ୟ ସମୂହ ଧ୍ୱନିଯୁକ୍ତ ଏବଂ ରସପ୍ରଧାନ । "ପଦ ସରଳ ଧ୍ୱନିରେ ମାନସ ମୋହିବ, ଅର୍ଥୀଜନ ପ୍ରକରକୁ ଆନନ୍ଦ କରିବ ।" "ନାନା ବନ୍ଧ ବିଖ୍ୟାତ ଶୃଙ୍ଖଳ ଧ୍ୱନି ଘେନି, ବକ୍ରୋକ୍ତି ଜନିବ ମେଳ ହୋଇଲେ ସଜ୍ଜନୀ ।" ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବୈଦେହୀଶ-ବିଳାସ, ରସିକ ହାରାବଳୀ ସର୍ବତ୍ର ରସରହିଁ ପ୍ରାଧାନ୍ୟ । ଭଞ୍ଜ-କାବ୍ୟ ସମୂହରେ ନବ ରସର ବିଳାସ ପରିଦୃଷ୍ଟ ହେଲେହେଁ ଅଧିକାଂଶ କାବ୍ୟ ଶୃଙ୍ଗାରପ୍ରଧାନ । ଚିତ୍ରକାବ୍ୟ ନିଃସନ୍ଦେହ ଭାବରେ ଭଞ୍ଜକାବ୍ୟର ଗୌଣବସ୍ତୁ । ସୁଦୀର୍ଘ ରାଜପଥରେ ଦୂରପଥ ତୀର୍ଥଯାତ୍ରୀର କ୍ଷଣିକ ସାଥୀସମ ଏମାନେ କେବଳ ଟିକିଏ ରଙ୍ଗରସ, ଟିକିଏ ହସ କୌତୁକ କରି ପୁଣି ଯେ ଯାହାର ଗନ୍ତବ୍ୟ ପଥ ଧରି

ଗୁଲଛନ୍ତି । ତୀର୍ଥଯାତ୍ରାରେ କେବେ ବାଧା ହେଇନ, ବିଳମ୍ବ ହୁଏ ତ କେତେବେଳେ କମିତ ହୋଇଥିବ ।

ହେଲେହେଁ ଏ ରଙ୍ଗରସ, ହସ କୌତୁକ, କୁସ୍ତି କସରତ ଏବଂ ଖେଳା କୁହୁକ ରସିକ ତୀର୍ଥଯାତ୍ରୀର ଏକାନ୍ତ ଅବହେଳାର ବସ୍ତୁ ନୁହେଁ । ଏଥି ନିମିତ୍ତ ପ୍ରସିଦ୍ଧ ସଂସ୍କୃତ ଅଳଙ୍କାର ଗ୍ରନ୍ଥ 'ରସ-ଗଙ୍ଗାଧର'ରଚୟିତା ପଣ୍ଡିତ ଜଗନ୍ନାଥ କବିରାଜ "ବାକ୍ୟଂ ରସାତ୍ମକଂ କାବ୍ୟମ୍" ବିଶ୍ୱନାଥ ପ୍ରଦତ୍ତ କାବ୍ୟର ଏହି ସଂଜ୍ଞାକୁ ଗ୍ରହଣ କରିବା ଫଳରେ ମହାକବିମାନଙ୍କର ଚତୁର ଅବମାନନା ହେବ ବୋଲି ସୂଚିତ କରି ଚମତ୍କାର ପ୍ରତିପାଦକ ବାକ୍ୟହିଁ କାବ୍ୟ, ଏହିପରି ଏକ ଅବ୍ୟାପ୍ତି ଦୋଷରହିତ ସଂଜ୍ଞା ପ୍ରଦାନ କରି ଅଛନ୍ତି—ଦ୍ରୁତି ଓ ଦୀପ୍ତି ଭେଦରେ କାବ୍ୟର ଧର୍ମ ଦ୍ୱିବିଧ । ଗୋଟିଏ ବସନ୍ତ କୋକିଳର କାନ୍ତ କୋମଳ ସୁଧାଧାରା, ଅପରଟି ରୁଦ୍ର ଗମ୍ଭୀର ବଜ୍ର ନିର୍ଘୋଷ । ଏକ କଅଁଳ ଜ୍ୟୋତ୍ସ୍ନାର ପରଶ ଭଳି ଚିତ୍ତକୁ ତରଳାଇ ଦିଏ, ଅପରଟି ହୃଦୟରେ ଏକ ଅପୂର୍ବ ଚମତ୍କାର ଭାବ ଆଣିଦିଏ । କେହି କେହି କହିବାର ଶୁଣାଯାଏ ଯେପରି, "ରସେ ସାରଶ୍ଚମତ୍କାରଃ" । ଏଣୁ ଏକ ପ୍ରକାର ଚମତ୍କାର ଭାବର ଦ୍ୟୋତକ ପୋଷ୍ଟକ, ନିରୋଷ୍ଠକ, ସଭଙ୍ଗ, ଅଭଙ୍ଗ, ଭଙ୍ଗାଭଙ୍ଗ, ବହିର୍ଲାପି ଅନ୍ତର୍ଲାପି ଇତ୍ୟାଦି ଚିତ୍ରକାବ୍ୟର ଉପାଦାନଗୁଡ଼ିକ ନିତାନ୍ତ ନଗଣ୍ୟ ଏବଂ ରସିକ ପାଠକର ଏକାନ୍ତ ଅବହେଳାର ବସ୍ତୁ ନୁହେଁ । କିନ୍ତୁ ସର୍ବମତ୍ୟନ୍ତଗର୍ହିତମ୍ । ଚିତ୍ରକାବ୍ୟର ଅତ୍ୟାଧାରରେ ପ୍ରୟୋଗ ଫଳରେ ଭଞ୍ଜକାବ୍ୟ ସ୍ଥଳ ବିଶେଷରେ ଦୂଷିତ ହୋଇ-ଥିଲେହେଁ ଧ୍ୱନି, ବିଶେଷତଃ ରସଧ୍ୱନିହିଁ ଭଞ୍ଜକାବ୍ୟର ପ୍ରାଣବସ୍ତୁ । ଏଣୁ ଧ୍ୱନିର ଧାରା ଧରି ବିଗୁର କଲେ ମଧ୍ୟ ଭଞ୍ଜକାବ୍ୟ ସମୃଦ୍ଧ

ପ୍ରଥମ ଶ୍ରେଣୀର କାବ୍ୟ ରୂପରେ ପରିଗଣିତ ହେବ । ଏଣୁ ଅଲଙ୍କାର-ସାହିତ୍ୟର ଦୃଷ୍ଟି ଆଲୋଡ଼ନ ନକରି ଭଞ୍ଜସାହିତ୍ୟର ଉତ୍କର୍ଷାପକର୍ଷ-ନିରୂପଣ ନିମିତ୍ତ ଆମକୁ ଅନ୍ୟତ୍ର ଅନୁସନ୍ଧାନ କରିବାକୁ ହେବ ।

ଅଲଙ୍କାର, ବ୍ୟାକରଣ, ଛନ୍ଦ, ଭାଷା ଯାହା କିଛି କହ ସେ ସମସ୍ତଠାରୁ ଜୀବନ ସହିତ ସାହିତ୍ୟର ସଂପର୍କ ଅଧିକଘନିଷ୍ଠ । ତେଣୁ ଜୀବନ ପର୍ଯ୍ୟାଲୋଚନା ମୂଳରେ ପ୍ରଥମେ ଭଞ୍ଜ-ସାହିତ୍ୟର ଦୋଷ ତ୍ରୁଟି ଖୋଜି ନେବାକୁ ହେବ । ମଣିଷ ରୂପର ପିପାସୁ । ତାର ଭୋକିଲା ଇନ୍ଦ୍ରିୟଗୁଡ଼ିକ ଖୋଜି ବୁଲେ ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦର ସୁମଧୁର ଆସ୍ୱାଦ । ଏଇଠି ମଣିଷ ଅନୁଭବ କରେ ଜୀବନରେ ସାହିତ୍ୟର ଉପଯୋଗିତା । ନାରୀର କମନୀୟ ଦେହ-ଲତା, ଜ୍ୟୋସ୍ନାର କଅଁଳ ପରଶ, ଫୁଲର ସୌରଭ, କୋକିଳର କୁହୁସ୍ୱନ ତାର ଚିତ୍ତକୁ କି ଏକ ଅପୂର୍ବ ତୃପ୍ତିର ଆସ୍ୱାଦନରେ ଭରିଦିଏ । କିନ୍ତୁ ମଣିଷ ଜୀବନରେ ଏ ପ୍ରଜାପତିଆ ସୋହାଗର ଦିନ ଅନ୍ତରେ ପୂରି ଆସେ । ଉପରର ଇନ୍ଦ୍ରଧନୁ ରଞ୍ଜିତ ତରଙ୍ଗରାଜିର କ୍ରୀଡ଼ା ଚଞ୍ଚଳରୂପ ଯେତେବେଳେ ଆଖିକୁ କଟିକଟିଆ ଲାଗେ, ସେତେବେଳେ ଅତଳ ନିସ୍ତରଙ୍ଗ ସାଗରର ନୀରବ ସଂଗୀତର ଅନନ୍ତତ୍ୱ ମଧ୍ୟରେ ଆପଣାର କ୍ଷୁଦ୍ର ସୀମିତ ଅସ୍ତିତ୍ୱକୁ ଏକାବେଳକେ ହଜାଇ ଦେଇ ଏକ ଅଦ୍ୱିତୀୟ ମହାସୁଖର ଆସ୍ୱାଦନ-ନିମିତ୍ତ ପ୍ରକୃତ ପ୍ରେମିକର ଚିତ୍ତ ପାଗଳ ହୋଇ ଉଠେ । ଠିକ ସେହିପରି ମଣିଷର ରୂପଜ ସୌନ୍ଦର୍ଯ୍ୟର ନିଶା ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ସାହିତ୍ୟ ଭିତରେ ସେ ଖୋଜେ ଜୀବନର ଗମ୍ଭୀର ସନ୍ଦେଶ । ଏଇଠି ସତ୍ୟ ହୁଏ ସୌନ୍ଦର୍ଯ୍ୟ, ଆଉ ସୌନ୍ଦର୍ଯ୍ୟ ହୁଏ ସତ୍ୟ ।

"Beauty is truth and truth is beauty."
—Keats.

ପ୍ରସିଦ୍ଧ ଜର୍ମାନ୍ କବି ଏବଂ ଦାର୍ଶନିକ ଗେଟେ ଶକୁନ୍ତଳା ନାଟକ ପାଠ କରି ଶକୁନ୍ତଳା ଉପରେ ଯେଉଁ ମନ୍ତବ୍ୟ ପ୍ରକାଶ କରି ଅଛନ୍ତି, ତାହା ପ୍ରତ୍ୟକ ସାହିତ୍ୟରସିକର ଅନୁଧ୍ୟାନର ଯୋଗ୍ୟ:—

"Wouldst thou the young years blossoms and the fruit of its decline
And all by which the soul is charmed
Enraptured, feasted and fed
Wouldst thou the earth and heaven itself
In one soul combine
I name thee O Sakuntala and all at once is said."

ଦାର୍ଶନିକ କବିଦ୍ରଷ୍ଟାଙ୍କର କି ଦିବ୍ୟ ବିଚିତ୍ର ଅନୁଭୂତି ! ମର୍ତ୍ତ୍ୟରୁ ସ୍ୱର୍ଗକୁ, ସସୀମରୁ ଅସୀମକୁ, ରୂପରୁ ଅରୂପକୁ ଏବଂ ଶାନ୍ତରୁ ଅନନ୍ତ ଅଡ଼କୁ ଏ ଯେଉଁ ଗତି କଥା ଏଠାରେ ସୂଚିତ ହୋଇଛି, ଏହାହିଁ ମାନବ ଜୀବନର ଚିରକାମ୍ୟ । ଏହାହିଁ ସତ୍ୟ, ଶିବ ଓ ସୁନ୍ଦର ଏବଂ ଏହାର ସାର୍ଥକ ରୂପାୟନରେହିଁ ସାହିତ୍ୟର ଚରମ ମହତ୍ତ୍ୱ ନିର୍ଭର କରେ । "Othello ଏବଂ Hamlet ନାଟକ ପାଠ କରି ଆ-ମେ ଯେଉଁ ଆନନ୍ଦ ଲାଭ କରୁ, ତାହା ସାଧାରଣ ଆନନ୍ଦ ନୁହେଁ, ସତ୍ୟ, ଯାହା କି ପୁଣି ସୌନ୍ଦର୍ଯ୍ୟର ରୂପାନ୍ତର ମାତ୍ର, ତାର ସାର୍ଥକ ରୂପାୟନ-ଜନିତ ଏକ ଅଲୌକିକ ଦିବ୍ୟ ଆନନ୍ଦ ।"
—Viswa Bharathi Quarterly.

ପ୍ରସିଦ୍ଧ ଫରାସି ଦାର୍ଶନିକ, କବି ଓ ନାଟ୍ୟକାର Materlink ଉଚ୍ଚକୋଟିର କବିତାର ଲକ୍ଷଣ ନିର୍ଦ୍ଦେଶ ପ୍ରସଙ୍ଗରେ କହିଅଛନ୍ତି—

"The constituents of high poetry are the three-fold beauty of language, the passionate portrayal of what is real around and in us, nature and our feelings and enveloping the whole, creating its peculiar atmosphere the idea that the part forms to himself of the unknown."

ଅର୍ଥାତ୍ ଭାଷାସୌଷ୍ଠବ, ବହିଃପ୍ରକୃତି ଏବଂ ଅନ୍ତଃପ୍ରକୃତିର ଆବେଗମୟ ଚିତ୍ରଣ ଏବଂ ଅଜ୍ଞାତ ସହଯୋଗସୂତ୍ର ସ୍ଥାପନ ଉପରେ କାବ୍ୟର ମହତ୍ତ୍ୱ ନିର୍ଭର କରେ । ଜୀବନ ରହସ୍ୟମୟ । ତା ଉପରେ ଆଲୋକ ସମ୍ପାତ କରେ ବୋଲି ଲୋକରେ ସାହିତ୍ୟର ଆଦର । ଏଇଠି ଲକ୍ଷ୍ୟ ଦୃଷ୍ଟିରୁ ସାହିତ୍ୟ, ଦର୍ଶନ ଏବଂ ବିଜ୍ଞାନ ପରସ୍ପରର ଅତ୍ୟନ୍ତ ନିକଟବର୍ତ୍ତୀ । ଦର୍ଶନ ଏବଂ ବିଜ୍ଞାନରେ ହୋଇଥାଏ ଜୀବନର ରହସ୍ୟର ଚିନ୍ତାମୂଳକ ବିଶ୍ଳେଷଣ । ସାହିତ୍ୟ କିନ୍ତୁ ତାର କାବ୍ୟିକ ଆବେଗମୟ ପ୍ରକାଶ । ଯଥାର୍ଥରେ ମଣିଷର ଏହି ଜୀବନ ଚିର ବିଚିତ୍ର ଏବଂ ନିତ୍ୟ ନୂତନ । ମଣିଷ ଜାତି ଯୁଗେ ଯୁଗେ ନବ ଉତ୍ସାହ, ନବ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ସେହି ରହସ୍ୟ ଉଦ୍‌ଘାଟନରେ ମନପ୍ରାଣ ଢାଳି ଦେଉଛନ୍ତି । ଏହି ପ୍ରଚେଷ୍ଟାର ଅନ୍ତ ହୋଇ ନା, ହେବ ନା, ଯେତେ ଦିନ ଯାଏ ସୃଷ୍ଟି ଅଛି, ମଣିଷ ଜାତି ବଞ୍ଚିଛି । ଭାରତରେ ଋତ, ତତ୍ତ୍ୱମସି, ପ୍ରେମମୂଳା ମେଦିନୀ, ଷଟିକ ବିଜ୍ଞାନ ବା ଶୂନ୍ୟର ଜରଅରେ ବିଶ୍ୱ ରହସ୍ୟ ଉଦ୍‌ଘାଟନର ନାନା ଚେଷ୍ଟା ହୋଇଛନ୍ତି ଏବଂ ଉଣାଅଧିକେ ତାର ପ୍ରକାଶ ହୋଇଛି ସାହିତ୍ୟରେ । ପାଶ୍ଚାତ୍ୟ ଦେଶମାନଙ୍କରେ ସେହିପରି ବାଇବଲ, ଫରାସୀ ବିପ୍ଳବ, ରୋମାଣ୍ଟିକବାଦ, ବିବର୍ତ୍ତନବାଦ, ମନସ୍ତାତ୍ତ୍ୱିକ ବିଶ୍ଳେଷଣ ବା ଫ୍ରଏଡ଼ ବାଦ ଏବଂ ମାର୍କସ ବା ସାମ୍ୟବାଦ ବହୁ ଭାବରେ ସାହିତ୍ୟକୁ ପ୍ରଭାବିତ କରିଛି ।

ଏହି ରହସ୍ୟ, ଏହି ସତ୍ୟ, ଏହି ସୌନ୍ଦର୍ଯ୍ୟ ସାହିତ୍ୟକୁ କରେ ଚିରନ୍ତନ, ନିତ୍ୟନୂତନ । ବ୍ୟାସ, ବାଲ୍ମୀକି, କାଳିଦାସ, ଭବଭୂତି, ସେକ୍ସପିଅର, ମିଲ୍ଟନ, ଶେଲି, କୀଟ୍ସ୍, ଟଲ୍‌ଷ୍ଟୟ ପ୍ରଭୃତିଙ୍କର ସାହିତ୍ୟ ଆଜି ମଧ୍ୟ ଅମର ଚିତ୍ତ ବିନୋଦନରେ ସମର୍ଥ ହୁଏ । ଯେଉଁଠି ଜୀବନଠୁଁ ଆଦର୍ଶ ଅଲଗା, ସେଠି ସାହିତ୍ୟ ଉପଦେଶାତ୍ମକ ହୋଇ ପଡ଼େ ଏବଂ ଯେଉଁଠି ଦର୍ଶନର ଜବରଦସ୍ତି, ସେଠି କବିତାର ହୁଏ ମୃତ୍ୟୁ । ଏହି କାରଣରୁ ମଧୁସୂଦନ, ଭକ୍ତଚରଣ ଏବଂ ଭୀମ ଭୋଇଙ୍କର ଅନେକ କବିତା ଉପଦେଶାତ୍ମକ ହୋଇ ପଡ଼ିଛି । ପ୍ରତିଭାଶାଳୀ ଲେଖକର ସ୍ୱଚ୍ଛ କଳ୍ପନା ଓ ସାର୍ଥକ ପ୍ରକାଶ-ପରିପାଟୀ ଦ୍ୱାରା ଯେତେବେଳେ ଜୀବନ ଓ ଦର୍ଶନ, ଆଦର୍ଶ ଓ ବାସ୍ତବ, ସତ୍ୟ ଓ ସୌନ୍ଦର୍ଯ୍ୟର ମଧ୍ୟବର୍ତ୍ତୀ ଭେଦ ବା ବ୍ୟବଧାନର ବିଲୁପ୍ତି ଘଟେ ସେତିକିବେଳେ ସାହିତ୍ୟ ହୁଏ ଅମର ପରମ ଉପ-ଭୋଗ୍ୟ । ଓଡ଼ିଆରେ ଭାଗବତ, ରସକଲ୍ଲୋଳ, ବିଦଗ୍ଧ ଚିନ୍ତାମଣି, ଚମ୍ପୂ ଇତ୍ୟାଦି ବୈଷ୍ଣବ ସାହିତ୍ୟ ଗଣର ହୃଦୟରେ ଯୁଗ ଯୁଗ ଧରି ଗଭୀର ରେଖ ମାଡ଼ି ରହିପାରିଛି । ତାହା ସେଗୁଡ଼ିକର ପ୍ରେମ-ବର୍ଣ୍ଣନା ପାଇଁ ନୁହେଁ, କିମ୍ବା ଅଳଙ୍କାରଗୁଚ୍ଛ ପାଇଁ ନୁହେଁ, ନଗ୍ନ ଭୋଗମୟ ଚିତ୍ରର ଅନ୍ତରାଳରେ ସତ୍ୟ ଏବଂ ସୌନ୍ଦର୍ଯ୍ୟର ଯେଉଁ ସଙ୍କେତ ଅଛି, ତାହାରି ପାଇଁ । ଗଣ ଦର୍ଶନ ବୁଝେ ନା—ଜୀବନ ବୁଝେ, ସତ୍ୟ ବୁଝେ ନା—ସୌନ୍ଦର୍ଯ୍ୟ ବୁଝେ । ସତ୍ୟ ଶିବ ସୁନ୍ଦରର କଳାତ୍ମକ ପ୍ରକାଶ ବୈଷ୍ଣବ ସାହିତ୍ୟର ଏକ ବିଶେଷତ୍ୱ । ରାଧାକୃଷ୍ଣଙ୍କର ବିରହ ବେଦନାର କରୁଣ ମୂର୍ଚ୍ଛନାର ଅନ୍ତରାଳରେ ଅଜ୍ଞାତ, ଅନାଗତର ଯେଉଁ ସଙ୍କେତ ଅଛି, ତାହାହିଁ ବୈଷ୍ଣବ ସାହିତ୍ୟକୁ ଏତେ ଜନପ୍ରିୟ କରିପାରିଛି ।

"ବୋଇଲେ କିଶୋରୀ !
ଯା ଯାରେ ଜୀବନ ବହନ ବାହାର
ଏତେ କଦର୍ଥନା ପାଉ କାହିଁକି ?
ଶଶ ଶୃଙ୍ଗପ୍ରାପ୍ତି ହେଉ ନାହିଁକି ?
କୁମ୍ଭକାର କାଠ ଧାଷାକୁ ବହି ।
କୃଷ୍ଣ ଦେହ ପାଇ ନିଶ୍ଚିନ୍ତେ ରହି ।"

ବଦଗ୍ଧ ଚନ୍ଦ୍ରାମଣିର ଏ ଉକ୍ତି କେବଳ ପ୍ରେମପାଗଳିନୀ ଶ୍ରୀରାଧା-ନାମଧାରିଣୀ କୌଣସି ଏକ ଅଜ୍ଞାତ ଅଭ୍ରରମଣୀର ନୁହେଁ; ସମଗ୍ର ବିଶ୍ୱ ପ୍ରକୃତିର ଆକୁଳ କ୍ରନ୍ଦନ ଇଏ, ଯାହାର କରୁଣ ରାଗିଣୀର ମୂର୍ଚ୍ଛନା ଝଙ୍କାର ତୋଳେ ପ୍ରତି ମାନବର ଅନ୍ତରରେ । ବଦଗ୍ଧ ଚନ୍ଦ୍ରାମଣିର ପ୍ରତି ଛନ୍ଦରେ ନିନାଦିତ ସେହି କାନ୍ତକୋମଳ ମୃଦୁ ମଧୁର ମୁରଲୀ ସ୍ୱନହିଁ ପ୍ରତି ମାନବର ଚରମ ଆକାଙ୍କ୍ଷା ।

"'Let us dance to the tune of his Bansi-lute and all would be well' (ମହାତ୍ମା ଗାନ୍ଧୀ) । ପାଶ୍ଚାତ୍ୟ କବି Keats ତାଙ୍କ କବି ଜୀବନର ଚରମ ଆକାଙ୍କ୍ଷା ସମ୍ବନ୍ଧରେ କହି ଅଛନ୍ତି :—

'Yes, I must pass them for a nobler life where I may find the agonies the strife of human hearts"

ମାନବ ଜୀବନର ଏହି ଆକୁଳ କ୍ରନ୍ଦନ ଓ ମର୍ମାନ୍ତିକ ଯନ୍ତ୍ରଣାର ଧ୍ୱନିହିଁ କାବ୍ୟକଳାରେ ଉଚ୍ଚତର ମହତ୍ତ୍ୱର ସ୍ୱର୍ଗୀୟ ଓ ଅଲୌକିକ ଆନନ୍ଦର କାରଣ । ସାହିତ୍ୟ ଏବଂ କଳାର ଏହି ସାର୍ବଜନୀନତା ଉପରେ ତାର ଚରମ ମୂଲ୍ୟ ନିର୍ଭର କରେ ।

ରସିକ ପାଠକ ଏଇଟି ତୀବ୍ର ଭାବରେ ଅନୁଭବ କରିବ ଭଞ୍ଜ-ସାହିତ୍ୟର ଅଭାବ । "Wouldst thou the earth and heaven itself combine in one soul" ଲବଣ୍ୟବତୀ କିମ୍ବା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀଙ୍କୁ ସମ୍ବୋଧନ କରି ଆମେ କହି ପାରିବୁ ନାହିଁ ।

ଆଉ ଲବଣ୍ୟବତୀ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଯାହା ଉଣା ଅଧିକେ ଭଞ୍ଜଙ୍କର ଅନ୍ୟାନ୍ୟ ସମସ୍ତ କାବ୍ୟରେ ସେହି ଏକା କଥା । ଭଞ୍ଜ ନିପୁଣ କାରିଗର । ରୂପ ରସ ବର୍ଣ୍ଣ ଗନ୍ଧର ସେ ଯେଉଁ ପ୍ରତିମା ଗଢ଼ିଛନ୍ତି, ତାହାର "ସୁନ୍ଦର ଧନରେ ପଟାନ୍ତର ନାହିଁ, ଯେତେ ଦେଖୁଥିଲେ ନୂଆଁ ଦିଶୁଥାଇ" । କିନ୍ତୁ ସେ ପ୍ରତିମା ମାଟିର ପ୍ରତିମା ।

ବୈଦେହୀଶ ବିଳାସ ପ୍ରଭୃତି ଭଞ୍ଜଙ୍କର କେତେକ କାବ୍ୟରେ ଆଦର୍ଶର ଏକ କ୍ଷୀଣ ସଂକେତ ଅଛି । କିନ୍ତୁ ନଗ୍ନ ନିଃଙ୍କୁଶ ଭୋଗ-ମୟ ନିଏର ନିବିଡ଼ ଅରଣ୍ୟାନୀ ମଧ୍ୟରେ ସତ୍ୟପୂତ ସୌନ୍ଦର୍ଯ୍ୟର ସେ କୋମଳ କଳିକାଟି ଯେପରି ଫୁଟିବାର ଅବକାଶ ପାଇ ନାହିଁ । ଭଞ୍ଜ-ସାହିତ୍ୟ ଫଟୋଗ୍ରାଫିର ଅଧ ମ୍ନିକ ପ୍ଲେଟଟି ନେଗେଟିଭ୍ ରୂପରେହିଁ ରହିଗଲା ।

# ଭକ୍ତ କବି ଭୀମା ଭୋଇ ।

କବି ପ୍ରତିଭା ସହସ୍ର ରଶ୍ମିଯୁକ୍ତ । ତାର ପରିସ୍ଫୁରଣ ବିଚିତ୍ର ଏବଂ ଅନନ୍ତ ରହସ୍ୟମୟ । କବିସୃଷ୍ଟ କାବ୍ୟଲୋକ ଅନୁପମ, ଅଦ୍ୱିତୀୟ, ଅନନ୍ୟପରତନ୍ତ୍ର, ନିୟମ ନିରଙ୍କୁଶ, ସ୍ୱୟମ୍ଭୂ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ । ଏଣୁ ତାହାକୁ ଯଥାଯଥ ଭାବେ ଶ୍ରେଣୀବଦ୍ଧ କରିବାର ପ୍ରୟାସ ବିଫଳ ହେବା ସୁନିଶ୍ଚିତ ହେଲେହେଁ ଆଲୋଚନାର ସୁବିଧା, ବିଚାରର ସୌକର୍ଯ୍ୟ ନିମିତ୍ତ ଜଗତର କବି ସମ୍ପ୍ରଦାୟକୁ ଦୁଇ ପ୍ରଧାନଗୋଷ୍ଠୀରେ ବିଭକ୍ତ କରାଯାଇ ପାରେ । ଜାତିଏ କବି ଅଛନ୍ତି ଯେଉଁମାନଙ୍କ କାବ୍ୟ ସମୂହର ବିପୁଳ ବାଣୀବିଭବ, ମଧୁମୟ ଛନ୍ଦସମ୍ପଦ, ତୁଙ୍ଗ ଭାବକଳ୍ପନା, ଅମୃତରସମାଧୁରୀ, ଅନୁପମ ପ୍ରକାଶଚାତୁରୀ ଏବଂ ସୁମନୋହର ଗଠନ ପରିପାଟୀର ଶ୍ରବଣ, ଦର୍ଶନ ଓ ମନନରେ ଜଗତ ମୁଗ୍ଧ ଓ ଚକିତ ହୁଏ । ଦାନ୍ତେ, ସେକ୍‌ସପିଅର, ମିଲ୍‌ଟନ, କାଳିଦାସ, ଭବଭୂତି, ଶ୍ରୀହର୍ଷ ପ୍ରଭୃତି ବିଶ୍ୱବରେଣ୍ୟ କବିବୃନ୍ଦ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ । ଏମାନେ ଯଥାର୍ଥରେ କବିପଦବାଚ୍ୟ । ସତ୍ୟ ସଙ୍ଗେ ସୌନ୍ଦର୍ଯ୍ୟ, ବାଣୀ ସଙ୍ଗେ ବିଭୂତି, କଳ୍ପନା ସଙ୍ଗେ କୁହୁକ, ମନ୍ତ୍ର ସହିତ ଯନ୍ତ୍ର ଓ ତନ୍ତ୍ର, ସୁମଧୁର ମଧୁରସ ସଙ୍ଗେ ସ୍ୱର୍ଗୀୟ ବର୍ଣ୍ଣଚ୍ଛଟା ଏକ କଥାରେ "high seriousness" ସାଙ୍ଗକୁ "a simple and superb style" ଏମାନ କବିକର୍ମର ଚରମ ଲକ୍ଷ୍ୟ । କେବଳ ସ୍ରଷ୍ଟାର ସୃଜନୀ ପ୍ରତିଭା ନୁହେଁ ଶିଳ୍ପୀର ନିର୍ମାଣ ସୁଷମାରେହିଁ ଏମାନଙ୍କର କୃତିସମୂହର ମୂଲ୍ୟ ଓ ମହତ୍ତ୍ୱ ପ୍ରତିପାଦିତ । ଏମାନଙ୍କୁ ଛାଡିଦେଲେ ଆଉ ଏକ ଶ୍ରେଣୀର କବି ଅଛନ୍ତି ଯେଉଁମାନଙ୍କୁ ଚିରାଚରିତ ପରଂପରାର ଅବଲମ୍ବନରେ ହେଉ ଅଥବା ଅନ୍ୟବିଧ ସାର୍ଥକ ନାମକରଣର ଅଭାବ ଜନିତ ହେଉ

ଜଗତର ସୁଧୀସମାଜ କବି ଆଖ୍ୟା ପ୍ରଦାନ କରିଥିଲେହେଁ, କଳ୍ପନାର ଯାଦୁ, କଥାର ବାଜିଗିରି, କବିତାର ଗୁରୁଗିରି, ନିର୍ମାଣର କାରିଗରି, ପଦପ୍ରକାଶର ମଣ୍ଡନବିଧି, ବିଷୟବସ୍ତୁର ସଯତ୍ନବିନ୍ୟାସ ଏବଂ ରସାଦିର ସୁନିପୁଣ ସଂସ୍ଥାନ ପ୍ରତି ଏମାନଙ୍କର କେବେ ଆସ୍ଥା ବା ଆଗ୍ରହ ନ ଥାଏ, "ମନ୍ଦଃ କବିଯଶଃପ୍ରାର୍ଥୀ" ହେବାର ସ୍ୱପ୍ନ ଏମାନେ କେବେ ଦେଖନ୍ତିନି, ତେଣୁ ଦର୍ଶକର ଚିତ୍ତବିନୋଦନ, ଶ୍ରୋତାର କର୍ଣ୍ଣରସାୟନ ରସିକ ପାଠକର ତୃପ୍ତିବିଧାନ ଏବଂ କଠୋର ସମାଲୋଚକର ବଜ୍ରମୁଷ୍ଟିର ଶିଥିଳୀକରଣଠାରୁ ଅହୁରି ଉଚ୍ଚତର ଏବଂ ମହତ୍ତର ନିୟମ ପରମ୍ପରାଦ୍ୱାରା ଏମାନଙ୍କର କୃତି-ସମୂହର ରୂପରେଖା ନିୟନ୍ତ୍ରିତ ହୋଇଥାଏ । ରୂପ, ରସ, ଗନ୍ଧ, ସ୍ପର୍ଶ ଶବ୍ଦର ମଦିର ଆହ୍ୱାନ, ସୁମନୋହର ଇନ୍ଦ୍ରିୟ ଜଗତର ନିବିଡ଼ ଆକର୍ଷଣ ଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ଏକ ଚିନ୍ମୟ ଅଧ୍ୟାତ୍ମ-ଲୋକ ସହିତ ଏମାନଙ୍କ ଅନ୍ତରାତ୍ମା ଏକ ଅବିଚ୍ଛିନ୍ନ ଯୋଗସୂତ୍ରରେ ଗ୍ରଥିତ । ହୃଦୟର ବାଣୀ, ଅନ୍ତରର ଅନ୍ତର୍ନାଦ ଏବଂ ସ୍ୱର୍ଲୋକର ପୁଣ୍ୟ ଆଲୋକ ରୂପେ ଅନୁଭୂତ ସେହି ଚିନ୍ମୟ ଧାମର ଇଙ୍ଗିତ ଓ ଆଦେଶକୁ ଏମାନେ ଧର୍ମର ଆହ୍ୱାନ ଏବଂ କର୍ତ୍ତବ୍ୟର ତାଡ଼ନାରେ ଜଗତରେ ପ୍ରଚାର କରିବାକୁ ଜୀବନର ସର୍ବଶ୍ରେଷ୍ଠ ସୁଖ ମଣିଥାନ୍ତି । ଜଗତ ଶୁଣୁ ବା ନ ଶୁଣୁ, ଜନସମାଜ ସମାଦର କରୁ ବା ନକରୁ, ସାହିତ୍ୟର ଦରବାରରେ ସେମାନଙ୍କର କୃତି ସମୂହ ନିନ୍ଦିତ ବା ବନ୍ଦିତ ହେଉ, ନିରାଳମ୍ବ ନିର୍ବିକାର ଚିତ୍ତରେ ସେମାନେ ସେମାନଙ୍କର କର୍ମ କରି ଚାଲି ଯାଆନ୍ତି । ସେମାନଙ୍କୁ ସ୍ରଷ୍ଟା ନ କହି ଦ୍ରଷ୍ଟା, କବି ନ କହି ସାଧକ, ମୃଣ୍ମୟଜଗତର ଗୁରୁଚେଲେକର ନ କହି ଚିନ୍ମୟଧାମର ସନ୍ଦେଶବାହକ ଦେବଦୂତ କୁହାଯିବା ଉଚିତ । କବୀର, ନାନକ, ମୀରାବାଈ, ତୁଳସୀଦାସ, ଜ୍ଞାନେଶ୍ୱର,

ନାମଦେବ, ସମର୍ଥ ରାମଦାସ, ଶଙ୍କର ଦେବ ପ୍ରଭୃତି ଏହି-ଶ୍ରେଣୀର ଅନ୍ତର୍ଭୁକ୍ତ । ଶଂସିତ କବି ଭୀମା ଭୋଇ ଏହି ଅର୍ଥରେ କବି । ଓଡ଼ିଆ ସାହିତ୍ୟରେ ସେ ଅଚ୍ୟୁତାନନ୍ଦ, ଦେବଦୁର୍ଲ୍ଲଭ, ଜଗନ୍ନାଥ ଦର୍ଶିତ କାବ୍ୟ ସରଣୀର ଦେଶିକ, ସେମାନଙ୍କ କୃତି-ସମୂହର ରସିକ ଗ୍ରାହକ, ସେହି କାବ୍ୟ ପରମ୍ପରାର ସୁଯୋଗ୍ୟ ଦାୟାଦ । ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ଏବଂ ରାଧାନାଥଙ୍କ କବିତାରାଜି ତୁଲ୍ୟ ତାଙ୍କର କବିତା କୁସୁମ ସହସ୍ରଦଳ ପଦ୍ମର ବର୍ଣ୍ଣ-ବୈଭବ, ରସ ନିର୍ଯ୍ୟାସ ଏବଂ ସୁରଭିସଂପଦରେ ଯୁକ୍ତ ନୁହେଁ । ଜଗତ ଓ ଜୀବନର ସହସ୍ର ରାଗିଣୀ ତାଙ୍କର ହୃଦୟ ବୀଣାରେ ବାଜି ଉଠିନି । ବିଶ୍ୱଭୁବନର ଅନନ୍ତ ରଶ୍ମି ତାଙ୍କର ଚିତ୍ତ ଫଳକରେ ପ୍ରତିବିମ୍ବିତ ହୋଇନି । ଯୁଦ୍ର ଏକତାରା ଭଳି ତାହା କେବଳ ଗୋଟିଏ ମାତ୍ର ସ୍ୱର, ଏକମାତ୍ର ଆଲୋଡ଼ନରେ ମୂର୍ଚ୍ଛିତ । ପ୍ରଳୟ-ପୟୋଧିସ୍ଥିତ ମୃଣାଳଦଣ୍ଡ ସଦୃଶ ଭୀମାଭୋଇଙ୍କର କବିପ୍ରାଣ ଆପଣାର ବିପୁଳବକ୍ଷରେ କେବଳ ଗୋଟିଏ ମାତ୍ର ଦେବତାଙ୍କୁ ଆସ୍ଥାନ ଦେଇଛି । ତେଣୁ ଖେଳାଲୋଳା ଖଞ୍ଜନାକ୍ଷୀର ସ୍ନିଗ୍ଧ ସଲଜ୍ଜ ଚାହାଣି, ରୂପସୀ ଉର୍ବଶୀର ଦଳିତାଞ୍ଜନନିଭ କମନୀୟ କେଶଦାମ, ପ୍ରକୃତିର ଶୋଭାପାରାବାର ଅପ୍‌ସରଭୁବନ ଏବଂ ମାନବ ହୃଦୟର ବିଚିତ୍ର କଳକୂଜନ ତାଙ୍କର ଅମରତୂଳିକାରେ କିପରି ଫୁଟି ଉଠି-ଥାନ୍ତା ତାହା ଜାଣିବାର ଅବକାଶ ଆମର ନାହିଁ । ତାଙ୍କର ସମସ୍ତ ଶକ୍ତି, ସାମର୍ଥ୍ୟ ଓ ନିର୍ମାଣ ପ୍ରତିଭା ଗୋଟିଏ ମାତ୍ର ମୂର୍ତ୍ତିକୁ ରୂପାୟିତ କରିବାରେ ବ୍ୟୟିତ ହୋଇଛି ଏବଂ ଏହି ସୀମିତ ପରିସର ମଧ୍ୟରେ ସେହି ପ୍ରତିଭାର ପ୍ରକାଶକୁ ଫେରି ଦେଖିବାକୁ ହେବ ।

ଅନ୍ତର୍ନିହିତ ସାରସ୍ୱତ ପ୍ରତିଭାର ପୂର୍ଣ୍ଣ ପରିସ୍ଫୁର୍ତ୍ତି ନିମିତ୍ତ ଯେ ପରମ୍ପରା, ଆବେଷ୍ଟନୀ, ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ଯେ

ଆଭିଜାତ୍ୟ, ଏବଂ ଅଭ୍ୟାସ, ନିପୁଣତା ଓ ପର୍ଯ୍ୟବେକ୍ଷଣ ପାଠବ ଆଦି ଯାହା ସବୁ ଏକାନ୍ତ ଆବଶ୍ୟକ ସେ ସବୁ ତାଙ୍କର କିଛି ନ ଥିଲା । ଅଜ୍ଞତା ଓ ଦାରିଦ୍ର୍ୟର ନୀରନ୍ଧ୍ର ପାଚେରୀଘେରା ଏକ ଅଜ୍ଞାତ ଅଶ୍ରୁତ କନ୍ଧ ପରିବାରରେ ସେ ଜନ୍ମ ନେଇଥିଲେ । ଭିକ୍ଷା ଏବଂ ଗୋଚାରଣ ଥିଲା ତାଙ୍କ ଜୀବନର ପ୍ରଧାନ ଅବଲମ୍ବନ । ତହିଁରେ ପୁଣି ସେ ଥିଲେ ଜନ୍ମାନ୍ଧ । ରୂପ ଜଗତର ଯେଉଁ ସୁଷମା ଶ୍ରୀ ଏବଂ ରଞ୍ଜନରଙ୍ଗ, ନର କଣ୍ଠରେ ଭାଷା ଫୁଟାଏ, ପଙ୍ଗୁର ପଦ ଶୃଙ୍ଖଳ କାଟି ତାକୁ ଗିରିଶିଖର ଉଲ୍ଲଙ୍ଘନର ଶକ୍ତି ଓ ସାହସ ଦାନ କରେ, ନିଷ୍ଠୁର ବିଧିର ବିଡ଼ମ୍ବନାରେ ସେ ସେଥିରୁ ଚିରଦିନ ବଞ୍ଚିତ ଥିଲେ । ହେଲେହେଁ ଅନ୍ତରରେ ତାଙ୍କର ରୂପଜଗତର ନିଘଞ୍ଚ ଅନ୍ଧାର ଭିତରେ ଅରୂପ ଲୋକର ସହସ୍ର ଚନ୍ଦ୍ରଜ୍ୟୋତି ଜଳି ଉଠିଥିଲା । ଅନାମୟ ଧାମର ଅନାହତ ନାଦରେ ତାଙ୍କର ହୃଦୟତନ୍ତ୍ରୀ ନିକ୍ୱଣିତ ହୋଇ ଉଠି- ଥିଲା । ବ୍ରହ୍ମରସର ଅକଣ୍ଠ ସୁଧାପାନରେ ସେ ଆତ୍ମବିଭୋର ହୋଇ ପଡ଼ିଥିଲେ । ଶୂନ୍ୟ ବ୍ରହ୍ମର ସାଧନ, ମନନ ଓ ନିଦଧ୍ୟାସନରେ ତାଙ୍କର ସମଗ୍ର ଜୀବସତ୍ତା ଉତ୍ସର୍ଗୀକୃତ ହୋଇଥିଲା ।

'ଝରୁଛି ଅମିୟ ସତ୍ୟମନେ ପିଅ
ଅଛି ଯେତେ ଭକ୍ତ ସାଧୁ
ଦେଖ ଜ୍ଞାନନେତ୍ରେ ଅନୁଭବ ସୂତ୍ରେ
ଅନାମୁଁ ଝରୁଛି ମଧୁ ।"

"ଭକ୍ତିକୁ ତେଜିଲେ ନିର୍ଣ୍ଣୟ ବୁଝିଲେ
ତେବେ ଅଛି ପୂର୍ଣ୍ଣ କାମ
ଅନ୍ତ ତାକୁଥିବ ଅଲେଖ ମହିମା
ମୁଖ ତାକୁଥିବ ନାମ ।"

ବାସ୍ତବରେ ଭକ୍ତକବି ଭୋଇଙ୍କର ବାହାର ଓ ଭିତର ବ୍ରହ୍ମରସରେ ଉତ୍ପ୍ଳୁତ ହୋଇଥିଲା । ପ୍ରେମ ଗଦ୍‌ଗଦ ଚିତ୍ତର ମତ୍ତତା, କୈବଲ୍ୟ କାମୀ ଏକନିଷ୍ଠ ଭକ୍ତ ପ୍ରାଣର ବିଶ୍ୱଗ୍ରାସୀ ଅନନ୍ତ ବୁଭୁକ୍ଷା, ଅଧର୍ମ ଓ ଅନାଚାରପୀଡ଼ିତ ବିଶ୍ୱବାସୀ ଧାର୍ମିକ ବ୍ୟକ୍ତିର କରୁଣ କାତର ଆର୍ତ୍ତନାଦ, ସତ୍ୟସନ୍ଧ ସାଧକପ୍ରାଣର ତେଜୋମୟୀ ଆହ୍ୱାନ "ସ୍ତୁତିଚିନ୍ତାମଣି," "ବ୍ରହ୍ମଗୀତା" ଇତ୍ୟାଦି ଗ୍ରନ୍ଥର ଆବେଗମୟୀ ଉଚ୍ଛ୍ୱାସିକା ଭାଷାରେ ଯେପରି ଭାବରେ ଅଭିବ୍ୟକ୍ତ ହୋଇଛି ତାର ପଟାନ୍ତର ନାହିଁ । ସ୍ନେହଦୁଲାଳ ଅବୋଧ ସନ୍ତାନ ଭଳି କେତେ-ବେଳେ ସେ ବିଶ୍ୱପିତାଙ୍କର ଚରଣତଳେ ଲୋଟି ଯାଇ ଅନ୍ତରର ଅଳି ଅନୁଯୋଗ ଯୋଡ଼ି ଦେଇଛନ୍ତି । କେତେବେଳେ ଅନ୍ତରର ଆର୍ତ୍ତି, ବେଦନା ଓ ବ୍ୟାକୁଳତାର ଆଲୋଡ଼ନରେ ଆତ୍ମହରା ହୋଇ ପ୍ରାଣୋପମ ପରମବ୍ରହ୍ମଙ୍କୁ କଠିନ ତିରସ୍କାର ଓ ଲାଞ୍ଛନାର ବାଣୀ ଶୁଣାଇଛନ୍ତି । କେତେବେଳେ ଅବା ବୁକୁଫଟା କ୍ରନ୍ଦନରେ ମହୀକୁ ଲୋତକସିକ୍ତ କରି ଅରକ୍ଷରକ୍ଷଣ ପରମେଶ୍ୱରଙ୍କଠାରେ ଶରଣାପନ୍ନ ହୋଇଛନ୍ତି ।

"କିପାଁ ! ନିରପେକ୍ଷ  କରୁଅଛ ମୋତେ
କେଉଁ ଦୋଷ ମନେ ଧରି
ନିଷ୍ଠୁର ତୋ ହିଆ  ନ ବସେ ତୋ ଦୟା
ଭକ୍ତପ୍ରାଣଖିଆ ହରି
ହେଉଅଛୁ ଯାହା  ନ ଜାଣୁ କି ତାହା
ଅନ୍ତର୍ଯ୍ୟାମୀ ନାମ ବହି
ମୋତେ କୋପ କରି  କି ଯଶ ଅର୍ଜିବୁ
ଭକତ ଜୀବନ ଖାଇ ।

ଗୋକୁଳ ଠାକୁର          ହେଉଛନ୍ତି ଚକ୍ଷୁ
କେତେ ଦେଉଛନ୍ତି ଗଞ୍ଜଣା
କୃପାସିନ୍ଧୁ ନାମ          ବ୍ୟର୍ଥ ହେଉଛି
ନ ଯାଉଛି ଦୁଃଖାମଣା ।
ଛନ୍ଦକୁଟ ପାଶି          ମାୟା ମୋହ ରଶି
ପକାଇ ସିନ୍ଧୁ ଶୃଙ୍ଖଳେ
କୋଟିଏ କାଠରୁ          ଅନ୍ତର କରଛି
କିପାଇଁ ଗୁଣ୍ଡିରୁ ମୋତେ ।
ନାବେ ନ ବସାଇ          ଜଳରେ ଭସାଇ
କରୁଅଛ ଅବହେଳା
ଅଙ୍କରେ ଉଠାଇ          ନିଶୁଣି କଟାଇ
ଭବେ ବୁଡ଼ାଉଛ ଭେଳା ।
ଏ ଦୁର୍ଲକ୍ଷ୍ୟ ଚିତ୍ତ          ଅନୁସରଣି ଦଣ୍ଡ
ନ ପାରଇ ପ୍ରଭୁ ସହି
ଚିତ୍ତ ପ୍ରାଣ ଅଦ୍ୟ          ସମର୍ପଣ କଲି
ତୁମ୍ଭ ପାଦ ତଳେ ନେଇ ।

×          ×          ×

ପ୍ରେମେ ପୁଲକିତ          ଅଶ୍ରୁଜଳଯୁକ୍ତ
କୋଧଭରେ ଗଦଗଦ
କପାଳରେ ହସ୍ତ          ଦେଇ ଭୂମ ଭକ୍ତ
ଭଣେ ଭନି ଶତ ପଦ ।

×          ×          ×

ତ୍ରି ବ୍ରହ୍ମାଣ୍ଡ          ଅକ୍ଷୁଣିଆ କର
ତୁମ୍ଭଙ୍କୁ ଦେଉଛି ଟେକି

ଏକଛନ୍ଦ ପାଦେ ଘୋଡ଼ାଇ ସମ୍ଭାଳି
ଅମୃତ ଲୋଚନେ ଦେଖି
ମୋହ ପିଣ୍ଡ ପ୍ରାଣ ଦେଇଅଛି ଦାନ
ଅଲେଖ ପୁରୁଷ ପାଦେ
ଶ୍ରୀ ଛାମୁରେ ମୁହିଁ ବ୍ରହ୍ମାଣ୍ଡର ପାଇଁ
ଜଣାଣ କରୁଛି ପାଦେ ।

ସ୍ତୁତି ଚିନ୍ତାମଣିର ଏହି କରୁଣ ମର୍ମସ୍ପର୍ଶୀ ଭକ୍ତିଗୁଡ଼ିକ ଭକ୍ତି-ରସର ଉତ୍ତରଳ ପ୍ରବାହ, ପ୍ରକାଶର ମନୋହାରିତା, ହୃଦୟର ଆବେଗ ଏବଂ ପ୍ରାଣର ନିଷ୍ଠାବସ୍ଥାରେ ରସକଲ୍ଲୋଳର "କର ଧର କହୁଅଛି ହେ ଜନେ । କ୍ରୋଧ ଅଭିମାନ ନ ଧର ମନେ" ମଧୁସୂଦନଙ୍କ "ବଂଶୀଧ୍ୱନି ଶୁଣୁଛି ହେ ପ୍ରାଣର ଶ୍ରୀହରି ।

ମୋହନ ମୋହର ତୁହି ମୋହିର ମୋହର"

ଏବଂ ବହୁବିଧ ଚିନ୍ତାମଣିର ଅଦାଂଶ୍ଚନ୍ଦର ବଙ୍କପ୍ରି ସମୃଦ୍ଧ ସହ ତୁଳନୀୟ । ଅନ୍ଧ କବିଙ୍କର ଏହି ଭକ୍ତିଚୟରେ ନୀରସ ଦାର୍ଶନିକତାର ଲେଶ ମାତ୍ର ନାହିଁ, ଅପ୍ରାକୃତିକତାର ଗନ୍ଧପର୍ଯ୍ୟନ୍ତ ନାହିଁ, ପାଣ୍ଡିତ୍ୟର ମୋହ, ଅଲଙ୍କାରିକତାର ବାହାସ୍ଫୋଟ, କଳ୍ପନାର ଉତ୍ତୁଙ୍ଗପକ୍ଷ-ବିସ୍ତୃତ ଏ ସବୁ କିଛି ନାହିଁ । ମାନବ ଚିତ୍ତର ନୈତିକ, ପ୍ରେମ-ଧାତୁ ଯେପରି ପ୍ରାଣର ଭକ୍ତିତା, ହୃଦୟର ଆଲୋଡ଼ନ ଏବଂ ଅନ୍ତଃପ୍ରେରଣାର ରୂପରେ ନିଷ୍ପୀଡ଼ିତ ଓ ବିଗଳିତ ହୋଇ ବାଙ୍ମୟୀ ମଧୁଧାରା ରୂପେ ବୋହି ଯାଇଛି । ଚିତ୍ତ ଏଥିରେ ଚମତ୍କୃତ ହୁଏନି ଇନ୍ଦ୍ରିୟ ବୃତ୍ତି ଉତ୍ତେଜିତ ହୁଏନି, ହୃଦୟ ରସପ୍ଲୁତ ହୁଏ, ପ୍ରାଣ ଦ୍ରବୀଭୂତ ହୁଏ, ପ୍ରସନ୍ନତାର ଉଜ୍ଜ୍ୱଳ ଆଲୋକରେ ଆତ୍ମା ଶୁଚିସ୍ନାତ ହୁଏ । ଭୀମ କେବଳ ଭକ୍ତ ନ ଥିଲେ, ସେ ଥିଲେ ଚରମ ମାନବବାଦୀ ଏବଂ ପରମ ବିପ୍ଳବୀ । ବୌଦ୍ଧ ଧର୍ମର ପ୍ରଭାବ ତାଙ୍କ

ଲେଖାମାନଙ୍କରେ ସୁସ୍ପଷ୍ଟ । ବେଦାନ୍ତ ଧର୍ମର ବ୍ରହ୍ମଦର୍ଶନ ସାଙ୍ଗକୁ ବୌଦ୍ଧ ଧର୍ମର କରୁଣା ଏବଂ ମାନବିକତାର ରସପ୍ରବାହ ତାଙ୍କ ଜୀବନ ଜାହ୍ନବୀକୁ ଅପ୍ଲାବିତ କରିଥିଲା । ବୁଦ୍ଧ ଏବଂ ବିଦ୍ୟାପତିଙ୍କ ସଙ୍ଗେ ସେ ମଧ୍ୟ ବୁଝିଥିଲେ "ସବାର ଉପରେ ମାନୁଷ ସତ୍ୟ ତାର ଉପରେ ନାହିଁ" ସେଥିପାଇଁ ମାୟା ଛଳନା ଓ ପାପବିଦ୍ଧ ଜଗତର ଦୁଃଖ, ଦୁର୍ଗତି, କ୍ଳେଶ ଓ ତାପରେ କ୍ଷୁବ୍‌ଧ ହୋଇ ତା'ର କଲ୍ୟାଣ ଓ ଶ୍ରେୟ ସାଧନ ନିମିତ୍ତ ସେ ନିରତିଶୟ ବ୍ୟାକୁଳ ହୋଇ ପଡ଼ିଛନ୍ତି—

କାହିଁ ମୁଁ ଲୁଚିବି କେମନ୍ତେ ବଞ୍ଚିବି
ପଳାଇବି କେଉଁ ପନ୍ଥ
ଜଗତ କଷଣି କେତେ ମୁଁ ସହିବି
ବଦଉ ପଣ୍ଡିତ ଯେତେ ।

× × ×

ମୋର ପିଣ୍ଡ ପ୍ରାଣ ଦେଇଅଛି ଦାନ
ଅଲେଖ ପୁରୁଷ ପାଦେ
ଶ୍ରୀ ସ୍ତମ୍ଭରେ ମୁହିଁ ବ୍ରହ୍ମାଣ୍ଡର ପାଇଁ
ଜଣାଣ କରୁଛି ଏବେ ।
ଅଶେଷ ବ୍ରହ୍ମାଣ୍ଡ ଉବି ଯେବେ ଯିବ
କାହିଁରେ ରହିବି ମୁହିଁ
ମନ ଛନ ଛନ ହେଉଛି ଉଛନ୍ନ
ଏ ପିଣ୍ଡ ବ୍ରହ୍ମାଣ୍ଡ ପାଇଁ ।
ଏ ଜନ ଜଗତ ହତ ହୋଇଗଲେ
କାହିଁ ପଶୁରିବି ମୁହିଁ

ଏଣୁ କରି ସିନା    ପ୍ରଭୁ ଶ୍ରୀ ରାମଙ୍କୁ
ନିତି ଜଣାଣ କରଇ

× × ×

ଧରଣୀ ଧର    ସମ୍ଭାଳ ସୃଷ୍ଟି କର
ନୋହିଲେ ଭାସିଲା ନିଶ୍ଚେ
ବୁଡ଼ିଲା ସଂସାର    ଜଣାଇଲୁ ନାହିଁ
ନ ବୋଲିବ ମୋତେ ପଛେ ।

ଶରବିଦ୍ଧ କ୍ରୌଞ୍ଚ ଯୁଗଳର ଦୁଃଖ ସହି ନ ପାରି ଆଦି କବି ବାଲ୍ମୀକି ଅତ୍ୟାଚାରୀଙ୍କୁ ଅନନ୍ତ ନରକଗାମୀ କରିବାକୁ କୁଣ୍ଠାବୋଧ କରି ନାହାନ୍ତି କିନ୍ତୁ ଅନ୍ଧ କବି ଭୀମଙ୍କୁ ନିଜ ଓ ସହଯାତ୍ରୀମାନଙ୍କୁ ଲାଞ୍ଛିତ ଘୃଣିତ ଓ ଉପହସିତ ହେବାର ଦେଖି ମଧ୍ୟ କ୍ରୁଶବିଦ୍ଧ ଯିଶୁଖ୍ରୀଷ୍ଟଙ୍କ ସଦୃଶ ଜଗତର ପାପ ପ୍ରକ୍ଷାଳନ ନିମିତ୍ତ ଶାଶ୍ୱତ ଯନ୍ତ୍ରଣା ଅଙ୍ଗୀକାର କରି ନେବା ପାଇଁ ଯେପରି ଆଗଭର ହୋଇଛନ୍ତି ତାହାର ଦର୍ଶନରେ ବିସ୍ମୟର ଅବଧି ରହେ ନାହିଁ ।

"ଶରଣ ବାଞ୍ଛିତ    କାନ୍ଦି କାନ୍ଦି ଭକ୍ତ
ଗଡ଼ି ଗଲେଣି ସକଳ ।"
ଦୋଷ ଅପରାଧ    କ୍ଷମା କର ସ୍ୱାମୀ
ଜାଗ୍ରତରେ ପ୍ରତିପାଳ ।
ପ୍ରାଣୀଙ୍କ ଆରତ    ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ ।
ମୋ ଜୀବନ ପଛେ    ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।
ଏକ ଖଣ୍ଡ ହାଡ଼    ବିନ୍ଦାଏ ରୁଧିର
ଫୁଟେ ମାଉଁସ ଜାଣଇ ।

ତେଣୁ କର ସିନା    ପ୍ରାଣୀଙ୍କ ବିକଳ
ସହି ନ ପାରଇ ମୁହିଁ ।

ପୁଣି ମାନବଜାତିର କି ଉଜ୍ୱଳ ପରିକଳ୍ପନା ! ହୃଦୟର କି ବିପୁଳ ପ୍ରଶସ୍ତି ? ଭକ୍ତି, ଧର୍ମ ଓ ସମାଜ ସମ୍ବନ୍ଧରେ କି ମହୋଦାର ମତବାଦ ! କେବଳ ଉତ୍କଳ ନୁହେଁ, ଭାରତ ନୁହେଁ, ଜଗତର ବିଶ୍ୱର ସମଗ୍ର ପ୍ରାଣୀ ସମାଜ ତାଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେମ ଓ କରୁଣାର ପାତ୍ର ।

"ଜାଣୀଅଛି ମୁଁ ଯେ    ଭକ୍ତି ଭାବ ରଙ୍ଗେ
ଆତ୍ମେ ଅଣିମା ଅନନ୍ତ
ଭିନ୍ନ ବ୍ରହ୍ମାଣ୍ଡରେ    ଯେତେ ଜୀବ'ଜନ୍ତୁ
ସମସ୍ତେ ତୁମ ଭଗତ ।

× × ×

ଏକୋଇଶ ପୁର    ଚଉଦ ଭୁବନ
ଯେଉଁଠାରେ ଯେତେ ଜନ୍ତୁ
ସବୁ ଘଟେ ପ୍ରଭୁ    ଦେହୁ ଚେତା ଦିଅ
ହୁଅ ଅଲେଖ ଭଗତ ।

× × ×

ଏକା ଖଡ଼ଗରେ    ଦଶ ପାଞ୍ଚ ମୁଣ୍ଡ
ଛିଣ୍ଡିଲ ଭାରତ ଯୁଦ୍ଧେ
ଅନେକ ଅଙ୍ଗକୁ    ଘାତେ ପ୍ରହାରିଲେ
ଏ ଅଙ୍ଗକୁ ମୋର ବାଧେ ।
ଆତ୍ମା ଜଗତରେ    ଦୋଷାଦୋଷ ହେଲେ
ବଜୁ ପଡୁ ମୋ ମୁଣ୍ଡକୁ
କହେ ଭୀମ ଭୋଇ    ବ୍ରହ୍ମ ଶାପ ଦେଇ
ଢାଳି ଦିଅ ମୋ ମୁଣ୍ଡକୁ

ଓଡ଼ିଆ ସାହିତ୍ୟରେ ଏବଂବିଧ ବିଶ୍ୱପ୍ରାଣତାର ନିଦର୍ଶନ ଅଦ୍ୱିତୀୟ । କଳ୍ପନା କରିହୁଏନା ଶିକ୍ଷା, ସଭ୍ୟତା ଓ ସଂସ୍କୃତିର ଆଲୋକବର୍ଜିତ ଦୁର୍ଭେଦ୍ୟ ଗିରିମାଳାପରିବେଷ୍ଟିତ ବ୍ୟାଘ୍ର-ଭଲ୍ଲୁକାଦି ଅଧ୍ୟୁଷିତ ଗଡ଼ଜାତର ଏକ ଦରିଦ୍ର କନ୍ଧ ପରିବାରରେ ଜନ୍ମ ଗ୍ରହଣ କରି ଅନ୍ଧ ଭୀମା ଭୋଇଙ୍କଠାରେ କିପରି ଏ ବିଶ୍ୱ-ଜନୀନତା, ଏ ମହାପ୍ରାଣତା ସମ୍ଭବପର ହେଲା ।

ଅଗରୁ କୁହା ଯାଇଛି ଭୀମ ଥିଲେ ବିପ୍ଳବୀ, କର୍ମୀ, ଚିନ୍ତା, କଳ୍ପନାରେ ବିପ୍ଳବ ପଥର ପଥିକ ।

ବିପ୍ଳବୀର ଶକ୍ତି, ସାହସ, ସଂକଳ୍ପ, ଦମ୍ଭ, ଓଜ ଓ ବୀର୍ଯ୍ୟ, ବୀରର ଉଦାତ୍ତ ପୌରୁଷ, ଗଭୀର ଆତ୍ମବିଶ୍ୱାସ ଓ ନିର୍ଭୀକ ତେଜସ୍ୱିତା ତାଙ୍କ ଲେଖାର ଛନ୍ଦେ ଛନ୍ଦେ ଧ୍ୱନିତ । ଜନସମାଜର ଅଧୋଗତି, ଦୁର୍ବଳର ଲାଞ୍ଛନା, ବଞ୍ଚନା ଓ ଯାତନାରେ କେବଳ ନୀରବଲୋତକ ସମ୍ବରଣ କରି ସେ କ୍ଷାନ୍ତ ହୋଇ ନାହାନ୍ତି । ନିଜର କଳ୍ପିତ ସତ୍ୟ ଓ ମହିମା ସମାଜର ପ୍ରତିଷ୍ଠା ପାଇଁ କେବଳ ପ୍ରାଣ ଉତ୍ସର୍ଗ କରି ସନ୍ତୁଷ୍ଟ ହୋଇ ନାହାନ୍ତି । ଆବଶ୍ୟକ ପଡ଼ିଲେ ସମଗ୍ର ବିଶ୍ୱବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ମଧ୍ୟ ସେ ପ୍ରସ୍ତୁତ ।

ନବ ଖଣ୍ଡ ମହୀ                    ଥାଳି ପ୍ରାୟେ ହୋଇ
ହେଜିଲେ ମନକୁ ଆସେ
ଏ ମୋର ମନକୁ                    ଛପନକୋଟି ଜୀବ
ତରଣି ପରିଏ ଦିଶେ ।
ଏକା ଦିବସରେ                    କ୍ଷଣକ ଭିତରେ
ଦିଅନ୍ତି ପୃଥ୍ୱୀ ଲେଉଟାଇ
ଦନ୍ତକୁ କାମୁଡ଼ି                    କି ବୁଦ୍ଧି କରିବି
ଶ୍ରୀଗୁରୁଙ୍କ ଆଜ୍ଞା ନାହିଁ ।

କହୁଛି ସଂସାରେ        ଛତିଶ ଅଙ୍କରେ
ସାଧନ ହୋଇଲେ ପୂର୍ତ୍ତି
ନିଷ୍ଠୁର ବଚନ        ସାଧୁ ସୁଜ୍ଞଜନ
ଶୁଣି ଶୁଣି ମୋର ଚିତ୍ତ
ଭସିଥାଇ କୂଳ        ମହାନଦୀ ଜଳ
ଛୁଇଁ ଅଛି ସତ୍ୟ କଥା ।
ଧର୍ମକୁ ଲଙ୍ଘି        ସୁରାପାନ କରିବ
ହରିବ ବ୍ରାହ୍ମଣ ସ୍ତ୍ରିୟ
ପ୍ରାଣୀଙ୍କ ଭକ୍ଷଣ        ଭେଦୁ ଅଛି ମନ
ଜୀବନକୁ ମୋର ବାଧେ
ଭୁମ ଅରକ୍ଷିତ        କରି ଦଣ୍ଡବତ
କାରୁଣ ମାଗୁଛି ପଦେ ।

ଭୀମା ଭୋଇଙ୍କ ଜୀବନୀ ବର୍ଣ୍ଣନ ପ୍ରସଙ୍ଗରେ ତାଙ୍କ ନିଜର ଉକ୍ତି ସମୂହ ଉଲ୍ଲେଖ ଯୋଗ୍ୟ ।

ପିତା ମୋ ଅଟନ୍ତି        ଅନାଦି ଠାକୁର
ମାତା ଆଦି ଶକ୍ତି ନାରୀ
ଦୁହା ଯୁଗଳରୁ        ଜନମ ଲଭିଛି
କଳକୁଳ କଳା ଧରି ।

× × ×

ଜଗତରେ ଜୀବ        ଯେତେ ବୋଲୁଛନ୍ତି
ଦୋଷ ନାହିଁ ଦେବ ମୋତେ
ନିନ୍ଦା ହାନି ଲଭ        ପାପ ଧରମାଦି
ପୂରି ରହିଛି ଜଗତେ ।

× × ×

ପିତା ମାତା ଦୁଇ      ଯୁଗଳରେ ଯାଇ
ଅବନୀରେ କଲେ ଜାତ
ପୂର୍ବକାଳ ଘୋର      ତପସ୍ୟା ପୂର୍ଣ୍ଣରୁ
ହୋଇଲି କବି ପଣ୍ଡିତ ।

ଭକ୍ତ କବିଙ୍କର ଉପରୋକ୍ତ ଉକ୍ତି ସମୂହରେ ତିଳେମାତ୍ର ଅତିରଞ୍ଜନ ନାହିଁ । ଅକ୍ଷର ଗଣି ପଦ ଯୋଡ଼ିବା କବି ସେ ନୁହନ୍ତି । ଶାରଦ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ରସ ଭଳି କବିତାର ଅମୃତଧାରା ତାଙ୍କ ହୃଦୟକନ୍ଦରରୁ ଅବାରିତ ଗତିରେ ଝରି ପଡ଼ୁଛି ଏବଂ ବର୍ଷାଗମରେ ମହାନାଦୀ ମହାନଦୀର ଉତ୍ତରଳ ରସ ପ୍ରବାହ ଭଳି ତଟଭୂମିକୁ ବନ୍ୟାପ୍ଲାବିତ କରି ବୋହି ଚାଲି ଯାଇଛି । କବିଙ୍କ ନିଜ ଭାଷାରେ—

ଶୂନ୍ୟକୁ ଅନାଇ      ପଦ ବଖାଣଇ
ଅନୁଭବ କରି ବୁଦ୍ଧି
ଶଶୀ ତେଜ ପ୍ରାୟ      ହୋଇଲା ଉଦୟ
ହୃଦୟ ଭବ କି ଭେଦ ।

× × ×

ସାର ଅସାର      ଦୁତୀୟ ପରକାର
ବାତ୍ସଲ୍ୟରେ ପଦ ବସୁ
ବରଷା ଋତୁରେ      ମହାନଦୀ ପ୍ରାୟ
ପଦ ଅର୍ଥ ବଢ଼ି ଆସୁ ।

ଭୀମା ଭୋଇଙ୍କ କବିତା ନିର୍ମଳ ଅନୁଭୂତିର କବିତା । ସଯତ୍ନବର୍ଦ୍ଧିତ ପୁଷ୍ପବାଟିକାର ଆରୋପିତ ସୁଷମାଶ୍ରୀ ହୁଏତ ଏଥିରେ ନାହିଁ, ଅନ୍ତଃପୁରଚାରିଣୀ ରାଜରାଣୀର ଅଦ୍ଭୁତ ଶୋଭା ସମ୍ପଦରୁ ହୁଏ ତ ଏହା ଚିରବଞ୍ଚିତ । କିନ୍ତୁ କାନନଲତିକାର ସହଜ

ଅନାଡ଼ମ୍ବର ଅରଣ୍ୟଶ୍ରୀ, କନ୍ଦଲଲନାର ଉଦ୍ଦାମ ପ୍ରାଣବନ୍ତ ଏହାକୁ ଏକ ଅଭିନବ ରୂପଶ୍ରୀରେ ମଣ୍ଡିତ କରିଅଛି । ସୁତ ଚିନ୍ତାମଣିର ନିମ୍ନୋକ୍ତ ପଂକ୍ତିଚୟ ତାଙ୍କ କବିତ୍ୱ ଶକ୍ତିର ପ୍ରକୃଷ୍ଟ ନିଦର୍ଶନ ରୂପେ ବିଦ୍ୟମାନ ।

ନିରନ୍ତରେ ଭଗ୍ନ କରୁଅଛି ବିଘ୍ନ
ଅସ୍ଥି ମାଂସ କରି ଲୋଚୁ
ସମସ୍ତ ଲୋକ ପକ୍ୱଫଳ ଖାଇଲେ
ମୋ ଭାଗ୍ୟେ ପଡ଼ିଲା କଞ୍ଚା ।
ହସାରନ୍ତେ ଅଣ୍ଟି ତୋଳି ଦେଲେ ବାଣ୍ଟି
ପାଇଲେ ସାରିଆ ପଢ଼
ଥିଲା ମୋ କର୍ମରେ ପୂର୍ବ ଅଧର୍ମରେ
ଖୁଦ ମଲୁଖାଦ ଗୋଡ଼ ।
ସେ ଯେତେବେଳେ ପଡ଼ କର୍ମକୁ ଆଦରି
ଭୁଞ୍ଜନ୍ତେ ହୋଇଲା ବୃଥା
ପାଟିରେ ନପଡ଼ ହସୁ ଗଲା ଝଡ଼
କରେ ସ୍ୱାଦୁ କରେ ପିତା ।
ରଙ୍ଗ କଳା ଧଳା ଏକବେ ମିଶିଲା
ଝାବୋଡ଼ା ହୋଇଛି ଧାନ୍ୟ
ଭିନ୍ନ ଭିନ୍ନ କରି ପକାଇବେ ବୋଲି
ଗୁରୁଦେବ ଥିଲେ ଧନ୍ୟ ।
ବାହ୍ୟକୁ ଲଗାଇ ଲଜ୍ଜାକୁ ଜଗାଇ
ମିଛ ପସରକୁ ସାର
ମହାକାଲଫଳ ବାହାରେ ସୁନ୍ଦର
ଭିତର ପୋଡ଼ା ଅଙ୍ଗାର ।

ଏହିପରି ବହୁପଦ ଉଦ୍ଧାର କରି ଯାଇପାରେ । ଉପରୋକ୍ତ କବି ବଚନ ସମୂହରେ ପ୍ରଯୁକ୍ତ ଉପମାଗୁଡିକର ସରଳ ସୌନ୍ଦର୍ଯ୍ୟ ଏବଂ ଅନାଡମ୍ବର ଚମତ୍କାରିତା ସହୃଦୟ ରସିକ ମାନର ଉପଭୋଗ୍ୟ, ସଂଶୟ ନାହିଁ । ଉପମାର ଅସାଧାରଣ ଚିତ୍ର ଚମତ୍କାର ବିଧାୟକତ୍ୱ ସର୍ବବାଦସମ୍ମତ "କାଳିଦାସସ୍ୟ ଉପମା" ବିଶ୍ୱ ବିଶ୍ରୁତ । Aristotle ତାଙ୍କର Poetics ନାମକ ଗ୍ରନ୍ଥରେ ଉପମାକୁ କାବ୍ୟର ସର୍ବଶ୍ରେଷ୍ଠ ଉପାଦାନ ରୂପେ ଗ୍ରହଣ କରି ଅଛନ୍ତି । ଉତ୍କଳର ମେହେର କବିଙ୍କ ସଦୃଶ ଭୀମା ଭୋଇ ଚିରଚରିତ ପନ୍ଥାରେ ବ୍ୟତିକ୍ରମ ଘଟାଇ ଚିର-ପରିଚିତ ଆବେଷ୍ଟନୀ ମଧ୍ୟରୁ ଅଳଙ୍କାରର ଉପାଦାନ ଗ୍ରହଣ କରି ସ୍ୱସୌନ୍ଦର୍ଯ୍ୟଗ୍ରାହକତା ଓ ଉତ୍କୃଷ୍ଟ କବିପ୍ରାଣତାର ପରିଚୟ ଦେଇ-ଅଛନ୍ତି । କିନ୍ତୁ ଭୀମା ଭୋଇଙ୍କ ପକ୍ଷରେ କବିତା ଭାବଜୀବୀର କଳ୍ପନା ବିଳାସ ବା ସୁଶିକ୍ଷିତ ଅଭିଜାତ ସଂପ୍ରଦାୟର ଚିତ୍ତବିନୋଦନର ସାଧନ ମାତ୍ର ନ ଥିଲା । ଚରମ କର୍ତ୍ତବ୍ୟ ଏବଂ ପରମ ଧର୍ମ ରୂପେ ସେ ଦୀନ କବିର ଉପଜୀବିକା ବରଣ କରି ନେଇଥିଲେ ଏବଂ ଯାହା ପ୍ରକାଶାତୀତ, ଚିନ୍ତା ଓ କଳ୍ପନାର ବହିର୍ଭୂତ ତାହାକୁ ବାଣୀରୂପ ଦେବାକୁ ପ୍ରୟାସ କରିଥିଲେ । ଦେବଦୁର୍ଲ୍ଲଭଙ୍କ ଭାଷାରେ—

କବିତ୍ୱ ଅଯୁତ୍ତ ନୁହେ ଏମାନ—
ତେତେବେଳେ ତ ହେ ବୁଡ଼ିଥାଇ ଜ୍ଞାନ ।
ବୋଲିଲେ କବି ହୃଦେ ଥାନ୍ତି ହରି,
କବି ହୃଦୟରେ ହେ ସରସ୍ୱତୀ ବିଜେ କରି ।
ଏକ ପଦେ ଏକ ଶ୍ଳୋକକେ ଗୀତ,
କୃଷ୍ଣ ଅର୍ଥେ ଯେବେ କର କବିତ୍ୱ ।
ସର୍ବଦା ତାର ବୁଦ୍ଧି ଶୁଦ୍ଧି ହୋଇ,
କୃଷ୍ଣ ଅଙ୍ଗେଣ ହେ କାଳେଣୀ ଆତ୍ମା ଗଚ୍ଛଇ ।

ଭୀମା ଭୋଇଙ୍କ ପକ୍ଷରେ କବିତା ଭଗବତ ଚିନ୍ତାର ବାହନ ମାତ୍ର ଥିଲା ଏବଂ ଏହି କାର୍ଯ୍ୟରେ ସେ ଅସାଧାରଣ ସଫଳତା ହାସଲ କରି ଅଛନ୍ତି । ଭଞ୍ଜଙ୍କ କଳା କୌଶଳ, ବିଦଗ୍ଧର ଅର୍ଥ ଗୌରବ, ରାଧାନାଥଙ୍କ ପ୍ରକାଶ ସଂଯମ ଏବଂ ଶିଳ୍ପପାଠବ ଓ କବିସୂର୍ଯ୍ୟଙ୍କ ବୀଣାନିକ୍ୱଣ ସମକ୍ଷରେ ଭୀମା ଭୋଇଙ୍କ କବିତା ସମୂହ ଠିଆ ହୋଇ ପାରିବ ନାହିଁ ସତ୍ୟ, କିନ୍ତୁ ଜଗନ୍ନାଥଙ୍କ ପ୍ରାଞ୍ଜଳତା ଓ ସ୍ପଷ୍ଟତା, ଦୀନକୃଷ୍ଣଙ୍କ ଆବେଗ ଓ ଉଚ୍ଛ୍ୱାସ ଏବଂ ଶାରଳାଙ୍କ ସହଜ ମନୋହାରିତ୍ୱ ଓ ଉଦ୍ଦାମ ପ୍ରାଣବତ୍ତାର ସୁମଧୁର ସମନ୍ୱୟ ତାଙ୍କର କବିତାରାଜିକୁ ଅନବଦ୍ୟ ସୁଷମା ମଣ୍ଡିତ କରିଅଛି । ଉତ୍କଳର ବାଣୀଭବନରେ ସତ୍ୟ ଓ ସାଧନାର ପୂତ ପୂଜାକୁସୁମ ରୂପେ ଏଗୁଡ଼ିକ ଚିରନ୍ତନ ହୋଇ ରହିବ । ଧାଡ଼ି ମିଳାଇବା କବି ବହୁତ ବାହାରିଛନ୍ତି ଓ ବାହାରିବେ । ବିଦଗ୍ଧ ଜନତାର ଚିତ୍ତବିନୋଦନ ପାଇଁ ଗଳ୍ପ, ଉପନ୍ୟାସ, ନାଟକ ଲେଖା ହେଉଛି ଏବଂ ହେବ କିନ୍ତୁ ଦୁଃଖ, ନୈରାଶ୍ୟ, ପାପ ଓ ତାପର ଘନତାମିସ୍ରଘେରା ଦୁନିଆର ଦୁର୍ଗମ ପଥ ଧାରରେ ସତ୍ୟ, ଶାନ୍ତି ଓ ଅହିଂସାର ଦୀପଶିଖା ଜାଳି, ଯଶ ଅପଯଶର ବୋଝକୁ ଗୋଡ଼ରେ ଅଡ଼େଇ ଦେଇ—

"ସତ୍ୟରେ ମରିବ ସତ୍ୟରେ ତରିବ
ଏହି ଆଜ୍ଞା ମୋତେ ହେଉ
କହେ ଭୀମା ଭୋଇ ଏ ମୃତ୍ୟୁମଣ୍ଡଳେ
ଯଶ ଅପଯଶ ଥାଉ ।"

ବୋଲି ଗାଇପାରିବା ବ୍ୟକ୍ତି ବାସ୍ତବରେ କ୍ଷଣଜନ୍ମା ଏବଂ ସେମାନଙ୍କ ସଂଖ୍ୟା କୋଟିକେ ଗୋଟିଏ । ଅନ୍ଧ କବି ଭୀମା ଭୋଇ ଓଡ଼ିଆ ଜାତିର ପୂଜ୍ୟ, ନମସ୍ୟ ।

# ଦୁଃଖବାଦ ଓ କବିବର ରାଧାନାଥ ।

ଜଗତ ଏବଂ ଜୀବନରେ ଯାହା କିଛି ଅଶୁଭ, ଦୁଃଖଦ, ପ୍ରାଣସ୍ପର୍ଶୀ ଓ ମର୍ମାନ୍ତିକ, ତାହାର ଭିତର ଦେଇ ସାହିତ୍ୟ, କଳା, ଶିଳ୍ପ, ସଙ୍ଗୀତାଦିରେ ବହୁ ଶ୍ରେଷ୍ଠତମ ଓ ସୁନ୍ଦରତମ ସୃଷ୍ଟିର ପ୍ରକାଶ; ତାହାର ଭିତର ଦେଇ ବହୁ ବିଶ୍ୱବନ୍ଦିତ କବି, ଦାର୍ଶନିକ, କଳାକାର, ଶିଳ୍ପୀ ଓ ସଙ୍ଗୀତଜ୍ଞଙ୍କର ମର୍ମବାଣୀର ଅଭିବ୍ୟକ୍ତି, ପ୍ରତିଭାର ସ୍ଫୁରଣ । ଦାନ୍ତେ, ସେକ୍‌ସପିଅର, ସୋପେନହାଉର, ବିଥୋଭେନ, ପୁଷ୍କିନ, ଇଲିଅଟ, ଅଭିମନ୍ୟୁ, ଭକ୍ତଚରଣ, ଭୀମା ଭୋଇ, ରାଧାନାଥ ମୁଖ୍ୟତଃ ଦୁଃଖବାଦୀ । କ୍ରୌଞ୍ଚମିଥୁନବିୟୋଗବିଧୁର ଆଦିକବି ବାଲ୍ମୀକିଙ୍କର କାରୁଣ୍ୟବିମଥିତ ହୃଦୟକନ୍ଦରରୁ କାବ୍ୟସ୍ରୋତସ୍ୱତୀର ଆଦ୍ୟ କ୍ଷରଣ । ମାନବ ଜାତିର ସାହିତ୍ୟିକ ଚେତନାର ଆଦିମ ପ୍ରକାଶର ନିଦର୍ଶନ ସ୍ୱରୂପ ଯେଉଁ ଗଣଗୀତିକା ଓ ଲୋକକଥା-ସମୂହ ସଭ୍ୟତା ଓ ସଂସ୍କୃତିର ପ୍ରଥମ ଉନ୍ମେଷକାଳରୁ ପ୍ରଚଳିତ ହୋଇ ଆସୁଅଛି, ସେମାନଙ୍କ ମଧ୍ୟରୁ ଅଧିକାଂଶର ଆଦିଭିତ୍ତି ପୁତ୍ର-କନ୍ୟା, ପିତା ମାତା, ପତି ପତ୍ନୀ, ଭ୍ରାତା ଭଗିନୀର ବିଚ୍ଛେଦ ବିଧୁର, ସଂସାରଦାବଦହନବିଦଗ୍ଧ ନରନାରୀଙ୍କର ମର୍ମଗାଥାରେ ନିହିତ । ଏ ସବୁକୁ ଅନାକାଂକ୍ଷିତ, ଅନୀପ୍‌ସିତ ଆକସ୍ମିକ ବା କ୍ଷଣିକ ଉତ୍ତେଜନାରୂପେ ଉଡ଼ାଇଦେବା କଦାପି ବିଜ୍ଞତାର କାର୍ଯ୍ୟ ହେବନି । ବରଂ ଦୁଃଖବାଦ ଓ କବିତ୍ୱକଳା ମଧ୍ୟରେ ଏକ ଅଦ୍ଭୁତ ଯୋଗର ଯେ ସୂକ୍ଷ୍ମ ସୂଚନା ଦୃଷ୍ଟାନ୍ତ ସମୂହରେ ଧ୍ୱନିତ, ତାର ସୂତ୍ର ଧରି ପ୍ରକୃତ ସତ୍ୟର ସନ୍ଧାନରେ ପ୍ରବୃତ୍ତ ହେବା ଅଧିକ ଯୁକ୍ତିସଙ୍ଗତ । ଅନନ୍ତ ରହସ୍ୟଘନ, ସହସ୍ର ତରଙ୍ଗଭଙ୍ଗୁର ରଙ୍ଗିଳ ଜୀବନସ୍ରୋତ ମୂଳରେ ମୁଖ୍ୟତଃ ଦୁଇଟି ଧାରା ବର୍ତ୍ତମାନ । ଗୋଟିଏ ହାସ୍ୟର

ଅନ୍ୟଟି କନ୍ଦନର । ଗୋଟିଏ ସୁଖର ଅପରଟି ଦୁଃଖର । ଆନନ୍ଦାଶ୍ରୁର ଗଙ୍ଗା ଯମୁନା ମିଳନରେ ଜୀବନନଦ ପରିପୂର୍ଣ୍ଣ, ସଙ୍ଗୀତ ମୁଖର, ପ୍ରୀତିମଧୁର ।

ଜୀବନର ଏ ଦୁଇଟି ବିଭାବ ସମଭାବରେ ସତ୍ୟ, ସମଭାବରେ ସୁନ୍ଦର ଓ ସମଭାବରେ ଶିବ । ଅତୀତ, ଅପ୍ରାପ୍ତ, ଅନାକାଂକ୍ଷିତ, ହୃତ, ନଷ୍ଟ ଓ ଧ୍ୱସ୍ତର ଅକୁଳ ଅନୁଶୋଚନାରେ ବିଶ୍ୱମାନବର ଅନ୍ତର ଯେପରି ଆଲୋଡ଼ିତ ଏବଂ ହୃଦୟ ବିଷାଦଗ୍ରସ୍ତ, ଲବ୍ଧ, ସ୍ଥିତ, ପ୍ରାପ୍ତ ଆକାଂକ୍ଷିତ, ଅନାଗତର ଅମୃତ ଆସ୍ୱାଦନ ଓ ଅନନ୍ତ ଆଶାରେ ପ୍ରାଣ ସେପରି ପୁଲକିତ । ବିଶ୍ୱପ୍ରକୃତିର ସୃଷ୍ଟି ସ୍ଥିତି ଓ ଲୟ ଏହି ଦୁଇଟି ଭାବ ଉପରେ ଅବଲମ୍ବିତ । ତୈତ୍ତିରୀୟ ଉପନିଷଦ "ଯତଃ (ଆନନ୍ଦାତ୍) ଇମାନି ଭୂତାନି ଜାୟନ୍ତେ, ଯେନ ଜାତାନି ଜୀବନ୍ତି ଯଂ ପ୍ରୟନ୍ତି ଅଭିସଂବିଶନ୍ତି" ଆନନ୍ଦରୁ ଜୀବ ସମୂହର ଜନ୍ମ, ଆନନ୍ଦରେ ଏମାନଙ୍କର ଜୀବନଧାରଣ ଓ ଆନନ୍ଦରେ ଏମାନଙ୍କର ପ୍ରବେଶ ଓ ଅନ୍ତିମ ଅବସ୍ଥାନ । ଅନ୍ୟ ପକ୍ଷରେ ପରମାତ୍ମା ଠାରୁ ଜୀବାତ୍ମାର, ଅନନ୍ତରୁ ସାନ୍ତର, ଅସୀମରୁ ସସୀମର ବିଚ୍ଛେଦ ଓ ପୁନର୍ମିଳନ ପ୍ରୟାସରୁହି ବିଶ୍ୱସୃଷ୍ଟିର ଅଭିଯାତ । ବିଶ୍ୱପ୍ରକୃତିର ଏହି ଦୁଇଟି ବିଭାବ କାବ୍ୟ କବିତା, ନାଟକ ଉପନ୍ୟାସ, କଳା ସ୍ଥାପତ୍ୟାଦିର ଚିରନ୍ତନ ଉପାଦାନ ରୂପେ ବିଦ୍ୟମାନ । କିନ୍ତୁ ବିଶ୍ୱବରେଣ୍ୟ କବି, ଚିତ୍ରକର, ଶିଳ୍ପୀ, ସଙ୍ଗୀତଜ୍ଞ ସ୍ୱେଚ୍ଛାରେ ବରିନିଏ ଦୁଃଖ, ଅଶ୍ରୁ, କାରୁଣ୍ୟର ପଥ । ସୀତା, ଦମୟନ୍ତୀ, ବିୟେତ୍ରିଶ, କ୍ଲିଓପାଟ୍ରା, ରାମଚନ୍ଦ୍ର, ନଳ, ସାହାଜାହାନ, ହାମ୍ଲେଟ୍, ମାକବେଥଙ୍କର ଜୀବନସରଣୀ ଅନୁଧାବନ କରି ସେ ହୁଏ ଧନ୍ୟ । ଅବଶ୍ୟ ସେକ୍ସପିଅର, ଭବଭୂତି, ବାୟରଣ, ପୁଷ୍କିନ, ଇଲିଅଟ, ଅଭିମନ୍ୟୁ, ରାଧାନାଥଙ୍କ ସାଙ୍ଗକୁ କାଳିଦାସ, ରବୀନ୍ଦ୍ରନାଥ, ଉପେନ୍ଦ୍ର

ମଧୁସୂଦନ ଗଙ୍ଗାଧର ଅଚିନ୍ତ୍ୟ । ଆନନ୍ଦବାଦୀ ଓ ଆଶାବାଦୀଙ୍କ ତୁଳନାରେ ଦୁଃଖବାଦୀ ଓ ହତାଶାବାଦୀଙ୍କ ସଂଖ୍ୟା ନିଶ୍ଚିତଭାବରେ ଅଧିକ । ଦୁଃଖ, ଅଶ୍ରୁ, ବିଷାଦ, ହତାଶା, ନୀରାନନ୍ଦ ପ୍ରତି ବିଶ୍ୱବନ୍ଦିତ କବିକୁଳର ପକ୍ଷପାତିତା କାହିଁକି ? ଶାନ୍ତି, ସନ୍ତୋଷ, ସ୍ୱସ୍ତି, ହର୍ଷ, ଆନନ୍ଦ, ଆଲୋକର ସ୍ନିଗ୍ଧ, କୋମଳ କୁସୁମଶଯ୍ୟା ପରିତ୍ୟାଗ କରି ଅଶାନ୍ତି ଅସନ୍ତୋଷ, ଦୁଃଖ, ଅଶ୍ରୁ, ନୈରାଶ୍ୟ ଓ ଅନ୍ଧକାରର ବନ୍ଧୁର କଣ୍ଟକିତ ପଥ ପ୍ରତି ଏ ଆକର୍ଷଣ କାହିଁକି ? ପ୍ରକୃତିର ମଞ୍ଜୁମଧୁର କୋଳରେ ସୁଖନିଦ୍ରାର ନିଶ୍ୱାସ ନମାରି ଦୁଃଖର ଦାବଦହନ ପ୍ରତି ଏ ଅକୁଳ ଆକାଂକ୍ଷାର ରହସ୍ୟ କଣ ? ଏହାର ଉତ୍ତର-ଦୁଃଖର ସ୍ୱରୂପରେ, କବିମାନସର ପରିଚୟରେ. ଉଭୟର କ୍ରିୟା ପ୍ରତି-କ୍ରିୟାରେ, ଦେଶ, କାଳ, ଅବସ୍ଥା, ବ୍ୟକ୍ତିଭେଦରେ ଦୁଃଖାନୁଭୂତିର ତାରତମ୍ୟରେ ଅନୁସନ୍ଧେୟ । କବି ଓ ଦାର୍ଶନିକ ଉଭୟଙ୍କର ଭାବ ନେଇ କାରବାର । ଉଭୟ ସତ୍ୟାନୁସନ୍ଧାନରେ ପ୍ରବୃତ୍ତ । ହେଲେହେଁ ଉଭୟଙ୍କର ଦୃଷ୍ଟିକୋଣ ଓ ନୀତି ସ୍ୱତନ୍ତ୍ର । ଦାର୍ଶନିକର ଆୟୁଧ ତାର ବୁଦ୍ଧି, ଚିନ୍ତା ଓ ଯୁକ୍ତି । ତେଣୁ ଦୁଃଖ ଓ ସୁଖ ପ୍ରତି ତାର ସମଭାବ, ସମାନ ପ୍ରତିକ୍ରିୟା । କବିମାନସ କିନ୍ତୁ ଅନୁଭୂତି-ପ୍ରଧାନ, ଭାବପ୍ରବଣ, ସତତ ସମ୍ବେଦନଶୀଳ । ଦାର୍ଶନିକଙ୍କ ଜ୍ଞାନ, ବୁଦ୍ଧି, ଚିନ୍ତା ଓ ଯୁକ୍ତିର ତୀକ୍ଷ୍ଣଶାଣିତ କ୍ଷୁର ସ୍ପର୍ଶରେ ବିଶ୍ଳେଷଣ କରି ଯେଉଁ ସତ୍ୟରେ ପହଞ୍ଚେ, କବି ଜୀବନର ଗଭୀର ଉପଲବ୍ଧିର ଭିତର ଦେଇ ସେହି ଲକ୍ଷ୍ୟରେ ଉପନୀତ ହୁଏ । ଏଣୁ ଯାହା ପ୍ରାଣକୁ ସ୍ପର୍ଶ କରେ, ହୃଦୟକୁ ବିଦଳିତ କରେ ଅନ୍ତରକୁ ପ୍ରବଳ-ଭାବରେ ଆଲୋଡ଼ିତ କରେ ତାହା ପ୍ରତି ତାହାର ସମଧିକ ଆକର୍ଷଣ । ସୁଖ ଅପେକ୍ଷା ଦୁଃଖ, ଆନନ୍ଦ ଅପେକ୍ଷା ଅଶ୍ରୁ ଆଶା ଅପେକ୍ଷା ହତାଶା ସନ୍ତୁଦୟ ମାନବପ୍ରାଣର ସୂକ୍ଷ୍ମତମ ତନ୍ତ୍ରୀକୁ ଅଧିକ ଝଙ୍କାରରେ

ଆଘାତ କରେ ବୋଲି ସମ୍ବେଦନଶୀଳ ଭାବପ୍ରବଣ କବିମାନସର ଦୁଃଖ ସଙ୍ଗେ ଏ ଅନ୍ତରଙ୍ଗ ସଖ୍ୟଭାବ । ପୁଣି ପ୍ରେମ ପୃଥିବୀର ଅଧିକାଂଶ କାବ୍ୟ କବିତା, ନାଟକ ଉପନ୍ୟାସାଦିର ପ୍ରଧାନ ଉପଜୀବ୍ୟରୂପେ ଗୃହୀତ ହୋଇଥାଏ ଏବଂ ତାହା ଦୁଃଖର ଅନ୍ତର୍ଦହନ ଦ୍ୱାରହିଁ ସକଳ ବାଧାବିଘ୍ନ, ସ୍ୱାର୍ଥ ସଂକୀର୍ଣ୍ଣତାର ଶୃଙ୍ଖଳା ଛିନ୍ନ କରି ସାର୍ଥକତାର ସୁପଞ୍ଜୁଳ ଗୌରବରେ ମଣ୍ଡିତ ହୁଏ । ଭକ୍ତ କବି ମଧୁସୂଦନ ସେଥିପାଇଁ ବସନ୍ତଗାଥାର 'ଚିତ୍ତେଚ୍ଛେଦ' ନାମକ କବିତାରେ କହି ଅଛନ୍ତି—

"ଶୋକର ଅସୀମ ମସୀମୟ ଅନ୍ଧକାରେ
ପ୍ରେମର ପ୍ରଦୀପ ଜାଳି ମର୍ମବେଦନାରେ
ଯେ ଜନ ଜପଇ ଶିବରାତ୍ରି ଜାଗରଣେ ।
ଅଶ୍ରୁପୂତ ପ୍ରେମମନ୍ତ୍ରେ ହୃଦୟ ରତନେ
ସେହି ଏକା ଏ ଜଗତେ ମହାଧନେ ଧନୀ
ଅକ୍ଷୟ ଭଣ୍ଡାର ତାର ଦିବସ ରଜନୀ"

ସୁଖଭୋଗରେ ରୂପରସ ଗନ୍ଧଗାନର ବସ୍ତୁଜଗତ ପ୍ରତି ଆକୃଷ୍ଟ ମାନବର ପ୍ରବୃତ୍ତିନିଚୟ ମୁଖ୍ୟତଃ ବହିର୍ମୁଖୀ । କିନ୍ତୁ ଦୁଃଖରେ ମଣିଷ ହୁଏ ଅନ୍ତର୍ମୁଖୀ । ଦୁଃଖ ମାନବର ସୁପ୍ତ ଆଧ୍ୟାତ୍ମିକ ବୃତ୍ତିକୁ ଜାଗ୍ରତ କରି ସସୀମ, କ୍ଷଣଭଂଗୁର, ପଳାୟମାନ ବିଶ୍ୱପ୍ରକୃତିର ଅନ୍ତର୍ଦେଶରେ ନିହିତ ଅସୀମ, ଅଖଣ୍ଡ ଅନନ୍ତ ଶାଶ୍ୱତ ବିଶ୍ୱଚିନ୍ତର ପରିପୂର୍ଣ୍ଣ ପ୍ରକାଶର ଉପଲବ୍ଧିରେ ତାକୁ ସହାୟତା କରେ ବୋଲି ତା ପ୍ରତି ଭାବୁକ କବିପ୍ରାଣର ଏ ନିବିଡ଼ ଆକର୍ଷଣ । କାରୁଣ୍ୟ-ବ୍ୟଞ୍ଜିତ କବିପ୍ରାଣ ସେଥିପାଇଁ ବିଶ୍ୱ ସୃଷ୍ଟିର ରନ୍ଧ୍ରେ ରନ୍ଧ୍ରେ ଦେଖେ ଦୁଃଖର, କରୁଣାର, ଅଶ୍ରୁର ଅଖଣ୍ଡ ବର୍ତ୍ତମାନତା, ଅଦ୍ଭୁତ ଶକ୍ତିମତ୍ତା ପରିପୂର୍ଣ୍ଣ ସର୍ବବ୍ୟାପକତା । ଗାଏ —

ଏକୋ ରସଃ କରୁଣ ଏବ ନିମିତ୍ତଭେଦାଦ୍
ଭିନ୍ନଃ ପୃଥକ୍ ପୃଥଗିବାଶ୍ରୟତେ ବିବର୍ତ୍ତାନ୍
ଆବର୍ତ୍ତବୁଦ୍‌ବୁଦତରଙ୍ଗମୟାନ୍ ବିକାରା—
ନମ୍ଭୋ ଯଥା ସଲିଲମେବ ତୁ ତତ୍ ସମଗ୍ରମ୍ ।
—ଉତ୍ତରରାମଚରିତ ।

ସେତେବେଳେ ସୁଖର, ଆନନ୍ଦର ସ୍ନିଗ୍ଧଶ୍ୟାମ ଛାୟାଶୀତଳ ଉପତ୍ୟକା ବର୍ଜନ କରି ସେ ବରି ନିଏ ଦୁଃଖର ଲୁହ, ଲୁହର ବନ୍ଧୁର କଣ୍ଟକିତ ବିପତ୍‌ସଂକୁଳ ମାଳଭୂମି ।

"Yes I must pass them for a nobler life, Where I may find the agonies, the strife of human hearts"
—Keats.

ଦୁଃଖବାଦ ଓ ନୈରାଶ୍ୟବାଦ ମଧ୍ୟରେ ମାତ୍ରାଭେଦ ବର୍ତ୍ତିମାନ ଗୁଣଭେଦ ବା ପ୍ରକାରଭେଦ ନୁହେଁ । ଦୁଃଖର ଆକର୍ଷଣ ସହଜ ହେଲେହେଁ ଦୁନିଆର ପ୍ରତ୍ୟେକ କବି ଦୁଃଖବାଦୀ ନୁହନ୍ତି; ହେଲେ ବି ସମଭାବରେ ନୁହନ୍ତି । ବଂଶାନୁଗୁଣ, ଶିକ୍ଷା, ସ୍ୱାସ୍ଥ୍ୟ, ସଭ୍ୟତା, ସଂସ୍କୃତି, ସ୍ଥାନୀୟ ପରିବେଶ, ସାମାଜିକ ଜୀବନ, ପାରିବାରିକ ଜୀବନ ତଥା କାଳଗତ ପ୍ରଭାବ ସବୁ ମିଳି ତାଙ୍କୁ ଦୁଃଖବାଦୀ ବା ଆନନ୍ଦବାଦୀ କରିଥାଏ । ଆଧୁନିକ ଯୁଗରେ ନୈରାଶ୍ୟବାଦର ପ୍ରଧାନ ପ୍ରଚାରକ ବିଖ୍ୟାତ ଜର୍ମାନ୍ ଦାର୍ଶନିକ ସୋପେନହାଉରଙ୍କ ଦୁଃଖବାଦୀ ଦୃଷ୍ଟିକୋଣର ମୂଳରେ ଥିଲା ପିତାଙ୍କର ଅଶୁ ବିୟୋଗ । ମାତାଙ୍କର କ୍ରୂର ବ୍ୟବହାର ଓ ଉଚ୍ଛୃଙ୍ଖଳ ଜୀବନ, ପାରିବାରିକ ଅଶାନ୍ତି, ସମାଜର ଅବହେଳନ, ଫରାସୀ ବିପ୍ଳବର ବ୍ୟର୍ଥତା ଏବଂ ମାତୃଭୂମିର ଦୁର୍ଦ୍ଦଶା ।

ରାଧାନାଥ ଦୁଃଖବାଦୀ, ଏ କଥା ଆଗରୁ କୁହାଯାଇଛି । ଏକ ନିରବଚ୍ଛିନ୍ନ ବିଷାଦମୟ ରାଗିଣୀରେ ଗ୍ରଥିତ ରାଧାନାଥଙ୍କ ଜୀବନସଂଗୀତର ମର୍ମାନ୍ତିକ କରୁଣ ମୂର୍ଚ୍ଛନା ତାଙ୍କ କାବ୍ୟ କବିତାର ଛନ୍ଦେ ଛନ୍ଦେ ଧ୍ୱନିତ । ସେ ଜୀବନକୁ ଆଶା, ଆଲୋକ ଓ ଆନନ୍ଦ-ବର୍ଜିତ, ଅନ୍ଧତମସାଚ୍ଛନ୍ନ ଅବିମିଶ୍ର ବିୟୋଗାନ୍ତକ ନାଟକ ରୂପେ ସନ୍ଦର୍ଶନ କରିଅଛନ୍ତି । ଚିଲିକା, ଦରବାର, ମହାଯାତ୍ରା, ଉଷା, ପାର୍ବତୀ, କେଦାରଗୌରୀ, ଦଶରଥ ବିୟୋଗ, ଦୁର୍ଯ୍ୟୋଧନର ରକ୍ତନଦୀ ସଂତରଣ, ଶ୍ମଶାନଦୃଶ୍ୟ ଇତ୍ୟାଦି ଏହି ବିଶାଳାୟତନ ଜୀବନ ନାଟକର କ୍ଷୁଦ୍ର ବୃହତ୍ ଗୋଟିଏ ଗୋଟିଏ ଦୃଶ୍ୟ । ଏଠି ଜୀବନ ଜୀବନ୍ତମରଣ, ସୁଖ ସୁଖାଭାସ, ଆଶା ଅକାଶକୁସୁମ ଏବଂ ଆନନ୍ଦ ମରୁମରୀଚିକା ।

ଚିର ହାହାମୟ ଏ ଛାର ଜୀବନ
ଜୀବନ ନୁହଇ ଜୀବନ୍ତ ମରଣ ।
ସୁଖ ବୋଲି ଯାକୁ ବୋଲଇ ସଂସାର
କହୁଥାଇ ତାକୁ ଦୁରୁଁ ମୁଁ ଜୁହାର
ସୁଖରୂପେ ଯାହା ଜନ ନେତ୍ରେ ଦିଶେ
ହାତେ ଆସେ ହାତୁଁ ପଳିବା ପାଇଁ ସେ
ବସ୍ତୁ ନୁହଇ ସେ ଅଟଇଟି ଧୂମ
ଅନ୍ୟ ନାମ ତାର ଆକାଶକୁସୁମ

ଜରା ବ୍ୟାଧି, ମୃତ୍ୟୁଗ୍ରସ୍ତ ଜୀବନର ତୁଚ୍ଛତା, ହୀନତା, ନଶ୍ୱରତା ଓ ବ୍ୟର୍ଥତାର ଯେ ମର୍ମାନ୍ତିକ ଚିତ୍ର ସେ ଆଙ୍କିଛନ୍ତି, ତାହା ପାଠ କରି ନିୟତିର ଦୁର୍ବାର ଶକ୍ତି ସମକ୍ଷରେ ଆପଣାର କ୍ଷୁଦ୍ରତା, ଅସହାୟତା, ତଥା ଅକ୍ଷମତାର ଉପଲବ୍ଧିରେ ଦୁର୍ବଳ ରୁଦ୍ଧକଣ୍ଠ ମାନବ ଚିତ୍କାର କରି ଉଠେ । ବିଶ୍ୱମାନବର କରୁଣ କାତର

ଆର୍ତ୍ତନାଦ ଯେପରି ରାଧାନାଥଙ୍କର ବାଣୀରେ ମୂର୍ତ୍ତିମନ୍ତ ହୋଇ ଉଠିଛି । ଚିଲିକା, ଦରବାର, ମହାଯାତ୍ରାରେ ମାନବସୃଷ୍ଟିର ଯେ ମର୍ମବାଣୀ ମୂର୍ତ୍ତ ତାହା ପାଠକ ଚିତ୍ତରେ ମୋହମୁଦ୍‌ଗର, ଧର୍ମପଦ, ଭର୍ତ୍ତୃହରି— ନୀତିଶ୍ଳୋକର ସ୍ମରଣ ଆଣିଦିଏ । ମନରେ ଭ୍ରାନ୍ତି ଜନ୍ମେ । ଏ କଣ ଲୋକୋତ୍ତର ଚମତ୍କାରକାରୀ ସହୃଦୟ ହୃଦୟ ସଂବାଦଭଙ୍ଗୀ କାବ୍ୟାମୃତ ନା ମାୟାବାଦୀ ଦାର୍ଶନିକର ପଦ୍ୟବନ୍ଧ ଭାଷଣ ! କିନ୍ତୁ ରାଧାନାଥଙ୍କ କବିତା ସମୂହର ଶୁଷ୍କ ଦାର୍ଶନିକତା ତ ନାହିଁ, ପରନ୍ତୁ ସେଗୁଡ଼ିକୁ ହୃଦୟର ଅନନ୍ତଗଭୀର ପ୍ରଦେଶରୁ ଉଦ୍‌ଭୂତ କଳ୍ପନାଚପଳ ଉଚ୍ଛ୍ୱାସପୂର୍ଣ୍ଣ ରୋମାଣ୍ଟିକ ଆତ୍ମକଥନ ବୋଲି କେହି ବି କହି ପାରିବ ନାହିଁ । ରାଧାନାଥଙ୍କ ଜୀବନତତ୍ତ୍ୱ ଯେତିକି ଗଭୀର ସେତିକି ବ୍ୟାପକ, ସେତିକି ଅତଳସ୍ପର୍ଶୀ । ଜୀବନର ଦୁଃଖାତ୍ମକ ଅନୁଭୂତି ତାଙ୍କର ସ୍ୱଭାବସିଦ୍ଧ ଥିଲା । ସେଥିପାଇଁ ଭାରତୀୟ ପରଂପରା ଓ ସ୍ମୃତିର ପରମ ଉପାସକ ହୋଇ ମଧ୍ୟ ସେ ଉଷା, ପାର୍ବତୀ, ନନ୍ଦିକା, ଗୌରୀ ପରି ବିୟୋଗାନ୍ତକ ଚରିତ୍ର ସୃଷ୍ଟି କରି ପାରିଛନ୍ତି । କାହାରି କାହାରି ଧାରଣା ଜୀବନର ଦୁଃଖାତ୍ମକ କଳ୍ପନା (Tragic Conception of life) ସେ ପାଶ୍ଚାତ୍ୟ ସାହିତ୍ୟରୁ ଗ୍ରହଣ କରିଛନ୍ତି । ନାନା ବୈଜ୍ଞାନିକ ଆବିଷ୍କ୍ରିୟାଫଳରେ ଏକ ସର୍ବନିୟନ୍ତା ଅତିମାନବୀୟ ଶକ୍ତିର ଅସ୍ତିତ୍ୱରେ ଅବିଶ୍ୱାସ, ଫରାସୀ ବିପ୍ଳବର ବ୍ୟର୍ଥତା, ଶିଳ୍ପ ବିପ୍ଳବଜନିତ ସାଧାରଣ ମାନବର ଦୁରବସ୍ଥା, ଜର୍ମାନ ଦାର୍ଶନିକ ସୋପେନହାଉରଙ୍କ ପ୍ରଚାରିତ ନୈରାଶ୍ୟବାଦର ପ୍ରସାର ଇତ୍ୟାଦିର ସମ୍ମିଳିତ ପ୍ରତିକ୍ରିୟାରୁ ପାଶ୍ଚାତ୍ୟ ରୋମାଣ୍ଟିକ ସାହିତ୍ୟରେ ଦୁଃଖ ଓ ନୈରାଶ୍ୟବାଦର ଜନ୍ମ । ପ୍ରାଚ୍ୟ ତଥା ପାଶ୍ଚାତ୍ୟ ସାହିତ୍ୟରେ ଧୁରୀଣ ରାଧାନାଥଙ୍କ ସଂବେଦନଶୀଳ କବି ପ୍ରାଣ ରୋମାଣ୍ଟିକ ଯୁଗର ସାହିତ୍ୟ ପ୍ରତି ପ୍ରଧାବିତ ହେବା

ସ୍ୱାଭାବିକ । ସେକ୍‌ସପିଅର, ମିଲ୍‌ଟନ, ଶେଲି, ବାଯ୍‌ରଣ, କୀଟ୍‌ସ ପ୍ରଭୃତିଙ୍କ ରଚନା ତାଙ୍କର ବହୁଲେଖାରେ ଗଭୀର ରେଖାପାତ କରିଅଛି । ଉଷା, କେଦାରଗୌରୀ, ନନ୍ଦକେଶରୀ, ପାର୍ବତୀ, ମହାଯାତ୍ରା ଇତ୍ୟାଦି କାବ୍ୟର ବସ୍ତୁ ସଂଗଠନରେ ଗ୍ରିକ ବିୟୋଗାନ୍ତକ ନାଟକ, ସେକ୍‌ସପିଅରଙ୍କ ନାଟକାବଳୀ, ମିଲ୍‌ଟନଙ୍କ **Paradise lost** ଦ୍ୱାରା ସେ ପ୍ରଭାବିତ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ । ମହାଯାତ୍ରା, ଚିଲିକା ଓ ଦରବାରର ବହୁସ୍ଥଳରେ **Shelly Byron** ଓ **Keats**ଙ୍କ ପଦାବଳୀର ପ୍ରତିବିମ୍ବ ସୁସ୍ପଷ୍ଟ । କିନ୍ତୁ ସମସ୍ତ ଧାର ଉଧାର ସତ୍ତ୍ୱେ ରାଧାନାଥ ଅଧମର୍ଣ୍ଣ କବି ନୁହନ୍ତି । ତାଙ୍କର ଦୁଃଖ ଓ ନୈରାଶ୍ୟବାଦ ପାଶ୍ଚାତ୍ୟ ସାହିତ୍ୟରୁ ଅମଦାନି ନୁହେଁ କିମ୍ବା ପ୍ରାଚ୍ୟ ଦର୍ଶନରୁ ଅବିକଳ ଗୃହୀତ ନୁହେଁ, ତାହା ତାଙ୍କର ସଂପୂର୍ଣ୍ଣ ନିଜସ୍ୱ, ସ୍ୱଭାବସିଦ୍ଧ । ସେ କେବଳ ତାକୁ ଭାରତର ଐତିହ୍ୟ ଓ ବିଶ୍ୱସାହିତ୍ୟର ପରଂପରା ଉପରେ ପ୍ରତିଷ୍ଠିତ କରି ସାର୍ବଜନୀନତା ପ୍ରଦାନ କରିଛନ୍ତି । ସାହିତ୍ୟ ଜଗତରେ ଋଣ ଦୂଷଣୀୟ ନୁହେଁ ଯଦି ତାହା ଅନୁକୃତି ବା ହନୁକୃତିରେ ନିବଦ୍ଧ ନ ରହି ନବତର, ଉଜ୍ଜ୍ୱଳତର ଓ ସୁନ୍ଦରତର ସୃଷ୍ଟିର ସିଂହଦ୍ୱାର ଉଦ୍‌ଘାଟନ କରି ଦିଏ । ପଶ୍ଚାତ୍ୟ ସାହିତ୍ୟର ପଭାବ ତାଙ୍କ ପକ୍ଷରେ ଆକସ୍ମିକ ସୂତରାଂ ଗୌଣ । ବିଶ୍ୱର ଯାବତୀୟ ସମ୍ଭାବ୍ୟ ସ୍ଥଳରୁ ଦୁଃଖର ଜୀବନକଣିକା ଆହରଣରେ ଯେଉଁ କମନୀୟ କାବ୍ୟଜଗତ ନିର୍ମିତ ହୋଇଛି ତହିଁର ସମସ୍ତ ସିଦ୍ଧି ତାଙ୍କରହିଁ ପ୍ରାପ୍ୟ । କିନ୍ତୁ ଅନ୍ତରରେ ପ୍ରଶ୍ନ ଜାଗେ ରାଧାନାଥ ଫକୀରମୋହନ, ମଧୁସୂଦନ, ଗଙ୍ଗାଧରଙ୍କ ଯୁଗରେ ଜନ୍ମଗ୍ରହଣ କରି ସେ ନିରାଶାର କରୁଣ ବଂଶୀଧ୍ୱନି ଶୁଣାଇଲେ କାହିଁକି ? ସତ୍ୟଶିବ ସୁନ୍ଦର ପରମେଶ୍ୱରଙ୍କ ଅଭୟ ପାଦପଙ୍କଜରେ ଏକାନ୍ତ ବିଶ୍ୱାସୀ, ଦେଶପ୍ରାଣ, ଜାତିବର୍ଣ୍ଣ-

ଧର୍ମନିର୍ବିଶେଷରେ ମାନବମାନଙ୍କର କଲ୍ୟାଣକାମୀ, ପରଦୁଃଖ-କାତର, ସତତ କୋମଳମନସ୍କ, ଅଲୌକିକ ପ୍ରତିଭାସଂପନ୍ନ ରାଧାନାଥ କଣ ଦେଶ, ଜାତି ଓ ବିଶ୍ୱକୁ ଏହାଠାରୁ ସୁନ୍ଦରତର, କଲ୍ୟାଣତର, ମହତ୍ତର କିଛି ଦେଇ ପାରି ନ ଥାନ୍ତେ ? କିନ୍ତୁ ମନେ ରଖିବାକୁ ହେବ, ରାଧାନାଥଙ୍କ ଜୀବନଧାତୁ ଭିନ୍ନ ଉପାଦାନରେ ନିର୍ମିତ ହୋଇଥିଲା ।

"ସଂସାରେ ଥାଇ ମୁଁ ସଦା ଉଦାସୀନ
ଉଦାସୀନ ପ୍ରାୟେ କଟାଇଲି ଦିନ
ସଂସାରୀ ସଂଗତେ ସଂଗ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ
ହସି ଖେଳି ସେହୁ ଗମନ୍ତି ସମୟ
ଜୀବନ ମଣନ୍ତି ମହୋତ୍ସବମୟ
ଛାର ଭାଗ୍ୟ ମୋର ବିହିତ ପାଷାଣେ
ମୋ ଜୀବନ ଗଢ଼ା ଭିନ୍ନ ଉପାଦାନେ"

ଅନ୍ୟ କିଛି ଦେଇଥିଲେ ତାହା ହୁଏତ ଶ୍ରୁତିରୋଚକ ହୋଇଥାନ୍ତା କିନ୍ତୁ ତାଙ୍କ ପକ୍ଷରେ ଯାହା ମିଥ୍ୟା, ଶଠତା, ପ୍ରବଞ୍ଚନା, ଯାହା ସହିତ ତାଙ୍କ ପ୍ରାଣର ଯୋଗ ନାହିଁ, ଯହିଁରେ ତାଙ୍କର ଜୀବନ ଦେବତାର ସମର୍ଥନ ନାହିଁ, ସେପରି ସାହିତ୍ୟ ସତ୍ୟର ପୂଜାରୀ ରାଧାନାଥ ସୃଷ୍ଟି କରି ପାରନ୍ତେନି ।

ମନସ୍ତାତ୍ତ୍ୱିକ ବିଶ୍ଲେଷଣରୁ ଜଣାଯାଏ, ବ୍ୟକ୍ତିତ୍ୱ ବା ବୈୟକ୍ତିକ ଦୃଷ୍ଟିଭଙ୍ଗୀର କ୍ରମବିକାଶରେ ମୁଖ୍ୟତଃ ଦୁଇଟି ବିଷୟ ନିହିତ—୧-ବଂଶାନୁଗୁଣ୍ୟ ୨-ପରିବେଶ । ବଂଶାନୁଗୁଣ୍ୟ heridity ସହଜବୋଧ । ପରିବେଶ ଭିତରେ ଯାଏ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ, ଦେଶ, କାଳ, ସଭ୍ୟତା, ସଂସ୍କୃତି, ରାଜନୀତି, ଧର୍ମନୀତି, ଅର୍ଥନୀତି,

ଜଳବାୟୁ ସବୁ । ଏ ଦୁଇଟିର ଘାତ ପ୍ରତିଘାତରୁ ମାନସିକପ୍ରତିକ୍ରିୟା-ଗୁଡ଼ିକର ସମୀକରଣ ଫଳରେ ବ୍ୟକ୍ତିଠାରେ ଏକ ସୁସ୍ପଷ୍ଟ ଦୃଷ୍ଟି-କୋଣର ଆବିର୍ଭାବ ହୋଇଥାଏ । ସ୍ୱଭାବତଃ ରାଧାନାଥ ଥିଲେ ଅତ୍ୟନ୍ତ କୋମଳମନସ୍କ । ପ୍ରାଣୀ ମାନର ଦୁଃଖ ବା ଯନ୍ତ୍ରଣାରେ ସେ ଅତ୍ୟନ୍ତ ଅଧୀର ହୋଇ ପଡ଼ୁଥିଲେ । ଶିକ୍ଷାବିଭାଗର ଇନ୍‌ସ୍-ପେକ୍ଟର ଥିବାବେଳେ ଶଗଡ଼ରେ ଦୂରପଥ ଅତିକ୍ରମ କରିବା-ସମୟରେ ବଳଦମାନଙ୍କର କଷ୍ଟ ହେବ ଭାବି ଗାଡ଼ିରୁ ସେମାନଙ୍କୁ ଫିଟାଇଦେଇ ଚାଲି ଚାଲି ଯିବା କଥା ତାଙ୍କର ଜୀବନୀଲେଖକ ପ୍ରକାଶ କରିଅଛନ୍ତି । ଶୈଶବାବସ୍ଥାରେ ମାତୃବିୟୋଗ ତାଙ୍କୁ ଅତ୍ୟନ୍ତ ବିଚଳିତ କରି ପକାଇଥିଲା । ବହୁ ସମୟରେ ସେ ଶ୍ମଶାନକୁ ଯାଇ ସ୍ନେହମୟୀ ଜନନୀଙ୍କର ଶେଷ ପାର୍ଥିବ ପ୍ରତିକୃତିକୁ ଯେଉଁଠାରେ ନିଃଶେଷ କରି ଦିଆଯାଇଥିଲା ସେହିଠାରେ ବସି ଗଭୀର ଚିନ୍ତାମଗ୍ନ ରହୁଥିଲେ । ସେହି ସମୟରୁ ଜଗତ୍ ଓ ଜୀବନର ନଶ୍ୱରତା ତାଙ୍କର କୋମଳ ପ୍ରାଣରେ ଗଭୀର ରେଖାପାତ କରିଥିବା ମନେ ହୁଏ । ରାଧାନାଥଙ୍କ ସର୍ବପ୍ରଥମ ଲେଖା ବଙ୍ଗଳା 'କବିତାବଳୀ'ରେ ଏହାର ଆଭାସ ମିଳେ । ପରବର୍ତ୍ତୀ କାଳରେ କ୍ରମାଗତ ଭଗ୍ନସ୍ୱାସ୍ଥ୍ୟ, କନିଷ୍ଠ ପୁତ୍ରର ମୃତ୍ୟୁ, ଜ୍ୟେଷ୍ଠ ପୁତ୍ରର ମୂର୍ଚ୍ଛାରୋଗ, ନଅଙ୍କ ଦୁର୍ଭିକ୍ଷର ବିକଟ ସଂହାରଲୀଳା ତଥା ପ୍ରାଣପ୍ରିୟ ଉତ୍କଳର ଘୋର ଭାଗ୍ୟବିପର୍ଯ୍ୟୟ ଏବଂ ସମସାମୟିକ ଶିକ୍ଷିତ ଧନିକ ସମାଜର ଉଚ୍ଛୃଙ୍ଖଳତା ଓ ବ୍ୟର୍ଥତା ତାଙ୍କୁ ଚରମ ହତାଶାବାଦୀରେ ପରିଣତ କରିଥିବା ଖୁବ୍ ସମ୍ଭବପର ।

"ଚିର ଦିନ ଦୁଃଖ ପ୍ରହାରେ ଜର୍ଜର
ପଞ୍ଚଶୀର୍ଷ ମୂର୍ତ୍ତି ଦୁଃଖ-ଗୁରୁଙ୍କର

ଦୁଃଖ ଦଗ୍ଧ କ୍ଷୀଣଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ସତତ ଅଭ୍ୟସ୍ତ ।"

+ + +

"ସର୍ବେ ଯିବ ଭାଇ ଉଭେଇ ଅଚିରେ,
ବୁଦ୍‌ବୁଦ ପରାଏ ଏହି ନଦୀ ନୀରେ
ଅଖଣ୍ଡ ଦଣ୍ଡାୟମାନ କାଳସିନ୍ଧୁ—
ମଧ୍ୟେ ବିନ୍ଦୁ ରହି ନୁହ ଏକ ବିନ୍ଦୁ ।

+ + +

ସପ୍ତ ବିତସ୍ତିର କାଠ ହୋଇ ଭାଇ,
ବୃଥା କର କିପାଁ ଭାଗ୍ୟର ବଡ଼ାଇ ।
ବୃଥା କର କିପାଁ ସମ୍ପଦ ବିଶ୍ୱାସ,
ବିଜୁଳିପ୍ରାୟେହୁଁ ଯା ବିଭାର ବିକାଶ ।
ସୁଖ ଝଟକେ ଯେ ଚକ୍ଷୁ ଚମକାଇ,
ଦୁଃଖବଜ୍ରେ ପରେ କରେ ଧରଶାୟୀ ।
ବୃଥା ବହ ଏହି ଭଙ୍ଗୁର ଦେହକୁ,
ମଣି ଆପଣାକୁ (ଧରଶାୟୀ) ଜଣେ ଜଣେ ପ୍ରଭୁ ।
ରୋଗ ବ୍ୟାଘ୍ରେ କାଳ ଥରେ ଥରେ ଲୁଚି,
ଝିଙ୍କିଦେଲେ, ଏହି ଦର୍ପ ଯାଏ ଛୁଟି ।" ଇତ୍ୟାଦି

+ + +

ସମସାମୟିକ ସମାଜର ବ୍ୟର୍ଥତା କଥାଟି ଟିକିଏ ଏଠାରେ ପରିଷ୍କାର କରିଦେବା ଉଚିତ । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତା ଏକ ଦିଗରେ ଯେପରି ଦେଶର ସୁଧୀସମାଜକୁ ଦେଶାତ୍ମବୋଧ ଓ ସମାଜର ସଂସ୍କାର ଭାବନାଦ୍ୱାରା ଉଦ୍‌ବୁଦ୍ଧ କରିଥିଲା, ଅନ୍ୟ ଦିଗରେ ସେହିପରି ପାଶ୍ଚାତ୍ୟ ସଭ୍ୟତାର ଭୋଗବାଦ ଭାରତୀୟ ସମାଜ-ଜୀବନରେ ବହୁ ବିଭ୍ରାଟର କାରଣ ହୋଇଥିଲା । ରାଧାନାଥଙ୍କ

ଦରବାର, ଫକୀରମୋହନଙ୍କ ଉପନ୍ୟାସସମୂହ ଓ ଆତ୍ମଜୀବନୀ ଏବଂ ମଧୁସୂଦନଙ୍କ କେତେକ କବିତାରେ ଏହାର ଆଭାସ ସୁସ୍ପଷ୍ଟ ।

ରାଧାନାଥଙ୍କୁ ନୈରାଶ୍ୟବାଦୀ କହିବାବେଳେ ଆଧୁନିକ ପାଶ୍ଚାତ୍ୟ ସାହିତ୍ୟର ନୈରାଶ୍ୟବାଦ କଥା ମନେ ପଡ଼ିବା ସ୍ୱାଭାବିକ । ଆଧୁନିକ ଯୁଗର ନୈରାଶ୍ୟବାଦର ଅନ୍ତର୍ଦ୍ଦେଶରେ ନିହିତ ସଂଶୟ ଶିଳ୍ପ ଓ ବିଜ୍ଞାନକ୍ଷେତ୍ରରେ ନବ ନବ ଆବିଷ୍କ୍ରିୟା ଫଳରେ ଏକ ସର୍ବ-ନିୟାମକ ଈଶ୍ୱରଶକ୍ତିଦ୍ୱାରା ସୁପରିକଳ୍ପିତ ବିଶ୍ୱତନ୍ତ୍ରର ଶିବତ୍ୱରେ ଆସ୍ଥା ଓ ବିଶ୍ୱାସ ହରାଇବାଦ୍ୱାରା ପାଶ୍ଚାତ୍ୟ ଜଗତ ଅଳ୍ପ ସଂଶୟବାଦୀ ହୋଇ ପଡ଼ିଛି । ଏକ ସର୍ବଜ୍ଞାତା, ସର୍ବଶକ୍ତିମାନ୍ ସର୍ବବ୍ୟାପକ ଈଶ୍ୱରଶକ୍ତିର ଅସ୍ତିତ୍ୱ ସତ୍ୟ ହେଉ ବା ମିଥ୍ୟା ହେଉ ଦୁଃଖଦୁର୍ଦ୍ଦଶାସଂକୁଳ ଦୁର୍ବଳ ଅପୂର୍ଣ୍ଣ ମାନବଜୀବନରେ ତାହାଁରେ ବିଶ୍ୱାସ ସ୍ଥାପନର ଉପଯୋଗିତା ହେଲା ପରି ମନେ ହୁଏ । କାର୍ଯ୍ୟକାରଣବାଦୀ ଦାର୍ଶନିକର ଦୃଷ୍ଟିରେ ଏହା ହୁଏତ ଏକ ସମ୍ଭାବ୍ୟ କଥନ (**hypothesis**) କିନ୍ତୁ ଏହା ଯେ ମାନବ ଜୀବନର ଏକ ମହତ ମୂଲ୍ୟବାନ ସୁଖଙ୍କର ସମ୍ଭାବ୍ୟ କଥନ ଏଥିରେ ସଂଶୟର ଅବକାଶ ନାହିଁ । ଯେତେବେଳେ ମାନବର ସମସ୍ତ ବଳବୀର୍ଯ୍ୟ ସାହସ ଶକ୍ତି କାଳର ଦୁର୍ଲଂଘ୍ୟ ଚକ୍ରର ଆବର୍ତ୍ତନରେ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଯାଏ, ତାର ସମସ୍ତ ଆଶା, ଆକାଂକ୍ଷା ନୈରାଶ୍ୟର ଅନ୍ଧତମସାରେ ବିଲୀନ ହୁଏ, ସେତେବେଳେ ଏକମାତ୍ର ସ୍ଥିରନିଶ୍ଚିତ ଅଲୋକସ୍ତମ୍ଭରୂପେ ଏହାହିଁ ମାନବକୁ କର୍ତ୍ତବ୍ୟର ପଥରେ ଅଗ୍ରସର କରାଏ । କିନ୍ତୁ ଶିକ୍ଷା, ସଭ୍ୟତା ସଂସ୍କୃତି ଓ ବିଜ୍ଞାନର ମୋହରେ ଆଧୁନିକ ଯୁଗର ମାନବ ଆଜି ନିଜକୁ ସେହି ଅଭୟ ଆଶ୍ରୟରୁ ବଞ୍ଚିତ କରିବା ଫଳରେ ପାଶ୍ଚାତ୍ୟ ସାହିତ୍ୟ ଓ ପାଶ୍ଚାତ୍ୟ ପ୍ରଭାବିତ ଭାରତୀୟ ସାହିତ୍ୟକୁ ଏକ ଉତ୍କଟ ନୈରାଶ୍ୟବାଦ ଗ୍ରାସ କରିବାକୁ ବସିଛି । କିନ୍ତୁ ରାଧାନାଥଙ୍କ

ନୈରାଶ୍ୟବାଦର ଜନ୍ମ ସଂଶୟରୁ ନୁହେଁ, ବିଶ୍ୱାସରୁ । ଏହି ଦୃଷ୍ଟିରୁ ବିଚାର କଲେ ରାଧାନାଥ ନିରାଶାବାଦୀ ନୁହନ୍ତି; ବରଂ ଆଶାବାଦୀ, ଦୁଃଖବାଦୀ ନୁହନ୍ତି; ଆନନ୍ଦବାଦୀ, ତାଙ୍କର ହତାଶାବାଦର ଅନ୍ତରାଳରେ ଉଜ୍ଜ୍ୱଳ ଆଦର୍ଶବାଦର ପ୍ରଚ୍ଛନ୍ନ ବର୍ତ୍ତମାନତା । ଏ କଥା ଜଣାଶୁଣା ଯେ, ଯାହାର ଅଭିଳାଷ ଯେତିକି ଉଚ୍ଚ ତାହାର ଜୀବନରେ ଅସନ୍ତୋଷ ଓ ଅତୃପ୍ତିର ମାତ୍ରା ସେତେ ଅଧିକ ଏବଂ ଯାହାର ଅଭିଳାଷ ଯେତେ ସୀମିତ ତା ପକ୍ଷରେ ସନ୍ତୋଷ ଓ ପରିତୃପ୍ତି ସେତେ ସହଜଲଭ୍ୟ । ରାଧାନାଥଙ୍କର ଆଦର୍ଶ ଥିଲା ମହତ, ଆଶା ଥିଲା ବିରାଟ, ସେଥିପାଇଁ ସେ ସ୍ୱଳ୍ପରେ ସନ୍ତୁଷ୍ଟ ହେବାର ବ୍ୟକ୍ତି ନ ଥିଲେ । ଦରିଦ୍ର ବ୍ୟକ୍ତି ହୀନ କିନ୍ତୁ ଯିଏ ଅଧଲି ପାଇଲେ ସନ୍ତୁଷ୍ଟ ହୋଇଯାଏ ସେ ଅଧିକ ଦୀନ, ଅଧିକ ଦୟନୀୟ । ରାଧାନାଥ କାଞ୍ଚନ ଭ୍ରମରେ କାଚରେ ସନ୍ତୁଷ୍ଟ ହେବାର ବ୍ୟକ୍ତି ନ ଥିଲେ, ସ୍ନିଗ୍ଧ ଶୀତଳ ଜଳ ଭ୍ରମରେ ମରୁମରୀଚିକାରେ ଭୁଲିଯିବାର ବ୍ୟକ୍ତି ନ ଥିଲେ । ସେଥିପାଇଁ ସେ କ୍ଷଣଭଙ୍ଗୁର ଚିର-ଧଳାୟମାନ ସୁଖ ସମ୍ପଦକୁ ପରିତ୍ୟାଗ କରି ହତାଶାକୁ ବରି ନେଇଥିଲେ । ଅଖଣ୍ଡ, ଅନନ୍ତର ପ୍ରାପ୍ତି ନିମିତ୍ତ ଖଣ୍ଡ, ସସୀମ, ସାନ୍ତର ଭୋଗରେ ଜଳାଞ୍ଜଳି ଦେଇଥିଲେ । ଏଣୁ ପ୍ରଚଳିତ ଅର୍ଥରେ ରାଧାନାଥଙ୍କୁ ନୈରାଶ୍ୟବାଦୀରୂପେ ଅଭିହିତ କରିବା ସମୀଚୀନ ହେବନି ।

ଧର୍ମ ଏକା ପୋତ ଗଢ଼ିଛନ୍ତି ବିଧି;
ତରିବାକୁ ଏହି ସଂସାର ବାରିଧି ।

ଏଥିରେ ରାଧାନାଥଙ୍କ ଆଦର୍ଶୋଜ୍ଜ୍ୱଳ ଆଶାବାଦର ମଧୁର କୂଜନ, ଅନ୍ଧ ନିରାଶାର ବିଷାଦ ରାଗିଣୀର ଝଙ୍କୃତି ନୁହେଁ । ରାଧାନାଥ କେବେଁ ଜୀବନକୁ ଏଡ଼ି ଦେବାକୁ ଚାହିଁ ନ ଥିଲେ,

ବରଂ ଜୀବନ ନାମରେ ପରେଶତ ଜୀବନ୍ତ ମରଣର ପରିବର୍ତ୍ତିରେ ସେ ଚାହିଁଥିଲେ, ସତ୍ୟ ପୂତ ସାଧନାମୟ ଏକ ପରିପୂର୍ଣ୍ଣ ଜୀବନ— ଯେଉଁଠି ପାର୍ଥିବଦେହ ବିସର୍ଜନ ନ କରି ମଧ୍ୟ ମାନବ ହୁଏ ଦେବତା, ମର ହୁଏ ଅମର ଏବଂ ମର୍ତ୍ତ୍ୟ ହୁଏ ସ୍ୱର୍ଗ ।

ମନୁଷ୍ୟ ପୂଜାରେ ଯେତେକାଳ ଯାଏ
ଅମୃତତତ୍ତ୍ୱ ଯେବେ ସେଥିରୁ ପାଏ ।
ସାରସାର ବୁଝି ଦେଉଥାନ୍ତେ ଲୋକେ,
ଓହ୍ଲାଇ ଅସନ୍ତା ସ୍ୱର୍ଗ ମର୍ତ୍ତ୍ୟ ଲୋକେ ।
ହେଉଥାନ୍ତା ସିନା ଅକ୍ଳେଶେ ଅର୍ଜନ
ଏ ମରଜୀବନେ ଅମର ଜୀବନ ।
ହେଉଥାନ୍ତା ଅହା ମର୍ତ୍ତ୍ୟ ବିଶ୍ୱଗେହେ,
ଦେବତା ମାନବ ଏହି ମର୍ତ୍ତ୍ୟଦେହେ ।”

ପୃଥିବୀ ତାର ଅକ୍ଷଦଣ୍ଡର ଚାରି ପାଖରେ ଥରେ ଘୂରି ଆସିବା ଭଳି ପାଶ୍ଚାତ୍ୟ ସାହିତ୍ୟ ସଂଶୟ ଓ ଅବିଶ୍ୱାସର ଅଗ୍ନିପରୀକ୍ଷା ଭିତର ଦେଇ ପୁଣି ଥରେ ଈଶ୍ୱର ବିଶ୍ୱାସ ଓ ଧର୍ମ ଆଡ଼କୁ ମୁହାଁଇଲାଣି । “ଦତ୍ତ, ଦମ୍ୟତ, ଦୟଧ୍ୱମ୍”, ଆଧୁନିକ ଯୁଗର ସର୍ବ-ଶ୍ରେଷ୍ଠ କବି ଓ ଭାବୁକ T. S. Eliotଙ୍କ 'Waste Land'ର ଏ ଉକ୍ତି ବାସ୍ତବରେ ବିଶ୍ୱ ସାହିତ୍ୟ ପକ୍ଷରେ ଏକ ଶୁଭ ସୂଚନା । T. S. Eliot ନୈରାଶ୍ୟବାଦୀ ହେଲେହେଁ ତାଙ୍କର ପଦ୍ୟ ଓ ଗଦ୍ୟ ଲେଖାସମୂହ ଆଶାଗର୍ଭିତ । ନୈରାଶ୍ୟବାଦ, ଦୁଃଖ-ବାଦ ବା ବୈରାଗ୍ୟବାଦ ସେହିପରି ସ୍ୱାଧୀନ ସାହିତ୍ୟରେ ସର୍ବଶ୍ରେଷ୍ଠ କଥା ବା ଚୂଡ଼ାନ୍ତ ନିଷ୍ପତ୍ତି ନୁହେଁ । ଶୁକ୍ତିର ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ମୌକ୍ତିକର ସନ୍ଧାନ ସେ ଦେଇଛନ୍ତି । “ଦୁଃଖର ଅସୀମ ମସୀମୟ ଅନ୍ଧାର” ଟେକି ବରଣ କରି ନେଇଥିଲେହେଁ

ଆଶା, ଆନନ୍ଦ, ଆଲୋକର ସ୍ନିଗ୍ଧୋଜ୍ଜ୍ୱଳ ଶିଖାପ୍ରଭୃତି ତାଙ୍କର ଅଙ୍ଗୁଳିସଙ୍କେତ । କିନ୍ତୁ ତାହା ପ୍ରକୃତିର ଖଣ୍ଡ ଉପଭୋଗରେ ନାହିଁ ।

"କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମ ତୀରେ ପଶ୍ଚିମ ଜୀବନ
ବିନା ପ୍ରୟାସରେ ସୌନ୍ଦର୍ଯ୍ୟ-ପିପାସା,
ମେଣ୍ଟିବାର ଥିଲା ତୋହଠାରେ ଆଶା
ଭାଗ୍ୟ ହୋଇଥିଲେ ରୁଚି ଅନୁକୂଳ
ଅଶ୍ରିଥାନ୍ତି ମୁହିଁ ତୋର ରମ୍ୟ କୂଳ
କୁଟୀର ବିରଚି ଜଟିଅ ଚରଣେ
କାଟିଥାନ୍ତି ଆୟୁ ଶେଷ ଣିକାଅଁନେ
ମାତ୍ର ପରିଣାମେ ଛାୟା ବାଜିବତ
ଆଶାଟିର ସେ ଆଶା ହେଲା ପରିଣତ ।"

ପ୍ରକୃତିର ପରମ ଉପାସକ ରାଧାନାଥ ୱାର୍ଡ଼ସ୍‌ୱାର୍ଥଙ୍କ ସଦୃଶ ପ୍ରକୃତିକୁ ଏକ ସର୍ବନିୟାମକ ଅନ୍ତର୍ଯ୍ୟାମୀର ସ୍ଥାନ ଦେଇ ପାରି ନାହାନ୍ତି । ସ୍ନିଗ୍ଧ, ସୁନ୍ଦର, ସ୍ୱଚ୍ଛ, ପବିତ୍ର ହେଲେ ବି ପ୍ରକୃତି ବିଶ୍ୱତନ୍ତ୍ରର ଅଧୀନ, ଏକ ସର୍ବଭୂତାନ୍ତରାତ୍ମା ଈଶ୍ୱରଶକ୍ତିର ଇଙ୍ଗିତରେ ଚାଳିତ ।

ପାସୋରି ନାହିଁ ମୁଁ ସ୍ୱପ୍ନେ କଦାଚିତେ
ସର୍ବେ ଅଛୁଁ ଏକ ଦଦାର ବୋଇତେ

ଅଟେ ପଛେ ତୋଳି ଭବ ଉର୍ମିମାନ
ଭବଜଳଧିରେ ଗର୍ଜ୍ଜଇ ତୋଫାନ

ଯେଣେ ମନ ତେଣେ ରହୁଅଛୁ ନାହା
ନାହିଁ କିଛୁଅଳି ଦେଖାଇବ ଯାହା

କାହୁଁ ଅଇଲୁ ଏ କାହିଁ ଯିବ ବାହୁ
କହିବାକୁ ଏହା ନାବେ କେହି ନାହିଁ
କେହି ନାହିଁ ଏଥି ହେବ ଯେ ଭାଜନ
ଫେଡ଼ିବାକୁ ଏ ସମସ୍ୟା ସନାତନ ।"

ଏହି ସନାତନ ସମସ୍ୟାର ସମାଧାନରେ. ବିଶ୍ୱଜନର ମଙ୍ଗଳମୟ ବିଧାନର ଅବଧାରଣରେ, ଧର୍ମର ପାଳନରେ ସତ୍ୟ, ଆନନ୍ଦ ଓ ଆଲୋକର ଉପଲବ୍ଧିରେ ଏକା ମାନବର ସୁଖ ଶାନ୍ତି ନିହିତ ।

ସ୍ଥୂଳତଃ ଯେତେ ଗଭୀର ସୂଚନା ଗର୍ଭିତ ହେଲେ ବି ଜୀବନ ପ୍ରତି ରାଧାନାଥଙ୍କ ଦୃଷ୍ଟିଭଙ୍ଗି ମୁଖ୍ୟତଃ ନେତିବାଚକ । ରାଧାନାଥ ଓ ମଧୁସୂଦନ ଦୁହେଁ ଜୀବନର ଦୁଇ ବିଭିନ୍ନ ବିଭାଗର ଚିତ୍ରଣରେ ସୀମା ଅତିକ୍ରମ କରିଯାଇ ଅଛନ୍ତି । ମଧୁସୂଦନଙ୍କର "ଏ ସୃଷ୍ଟି ଅମୃତମୟ ହେ ..." ଯେପରି ଶଙ୍କା ଓ ଅବିଶ୍ୱାସଜନକ, ରାଧାନାଥଙ୍କ "ଚିର ହାହାମୟ ଏ ସ୍ଥାର ଜୀବନ । ନୁହଇ ଜୀବନ ଜୀବନ୍ତ ମରଣ" ସେହିପରି ଚିତ୍ତର ପୀଡ଼ାଦାୟକ ଓ ଅନ୍ତରର ଧୃତିନାଶକ । ଗଙ୍ଗାଧର ଦନ୍ତୁ ସଂଯମ ଓ ସୌସମ୍ୟର ସ୍ୱର୍ଣ୍ଣସରଣି କାଟି ଉଚିତ ମାର୍ଗ ପ୍ରଦର୍ଶନ କରିଥିବା ପରି ମନେ ହୁଏ । ମଙ୍ଗଳମୟ ବିଧାତାଙ୍କର ଅବଦାନରୂପେ ଦୁଃଖ ଓ ସୁଖ, ତ୍ୟାଗ ଓ ଭୋଗକୁ ସମାନ ମର୍ଯ୍ୟାଦା ଦେବାରେ ହିଁ ଭାରତୀୟ ପରଂପରାର ମହତ୍ତ୍ୱ ।

# ଆନନ୍ଦବାଦ ଓ ଉତ୍କଳ ମଧୁସୂଦନ

ବେଦନ, ଅଶ୍ରୁ, ହାହାକାର ଓ ହାହୁତାଶପୂର୍ଣ୍ଣ ଚିର-ଜଂଜାଳମୟ ଜୀବନରେ ସ୍ନେହ, ସହାନୁଭୂତିର ଦଦେ ଅହାବାଣୀ, ଆଶାଆଶ୍ୱାସନାର ଦଦେ ମିଠାକଥା ଦେବତାର ଆଶୀର୍ବାଦ ଭଳି ସୁଖକର ଓ ଅତ୍ୟାବଶ୍ୟକ ମନେ ହୋଇଥାଏ । ଦେଶର ଏକ ପରମ ସଂକଟମୟ ମୁହୂର୍ତ୍ତରେ ଉତ୍କଳର ବାଣୀମଞ୍ଚରେ ଅବତୀର୍ଣ୍ଣ ହୋଇ ଉତ୍କଳ ମଧୁସୂଦନ ଜାତୀୟ ଜୀବନର ଏକ ଶୂନ୍ୟସ୍ଥାନ ପୂରଣ କରିଥିଲେ । ମଧୁସୂଦନଙ୍କ ଆନନ୍ଦବାଦୀ ସାହିତ୍ୟର ଐତିହାସିକ ଉପଯୋଗିତା ଅସ୍ୱୀକାର କରିବାର ଉପାୟ ନାହିଁ । କିନ୍ତୁ କ୍ଷଣିକ ମୋହ, ସାମୟିକ ଉତ୍ତେଜନା, ମୁହୂର୍ତ୍ତର ପ୍ରେରଣା-ମାନ ସୃଷ୍ଟିରେ ଯଦି ମଧୁସୂଦନଙ୍କ ଆନନ୍ଦବାଦର ସାର୍ଥକତା ନିବଦ୍ଧ ରହେ ତାହାହେଲେ, ମାନବଜୀବନର ଅତ୍ୟନ୍ତ ଦୁର୍ବଳ ଏବଂ ଛଳନାପୂର୍ଣ୍ଣ ଭିତ୍ତି ଉପରେ ଏହାର ପ୍ରାଣପ୍ରତିଷ୍ଠା ବୋଲି କହିବାକୁ ପଡ଼ିବ । ଏତେ ସ୍ୱଳ୍ପପୁଞ୍ଜି ନେଇ କୌଣସି ସାହିତ୍ୟ ଜାତୀୟ ସାହିତ୍ୟର ଇତିହାସରେ ଚିରନ୍ତନତାର ଗୌରବ ହାସଲ କରି ପାରି ନାହିଁ । ୧୯୧୪—୧୮ ରେ ସମଗ୍ର ଇଉରୋପ ମହା-ଦେଶରେ ଆଶା, ଆନନ୍ଦ, ଉତ୍ସାହ ଓ ଉତ୍ତେଜନାପୂର୍ଣ୍ଣ ହେଉଁ ବହିଠି ସମର ସାହିତ୍ୟ ଯୁଦ୍ଧସମୟରେ ଜନସାଧାରଣଙ୍କ ଉପରେ ଏକ ପ୍ରକାର ଐନ୍ଦ୍ରଜାଲିକ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ-ଥିଲା, ଯୁଦ୍ଧୋତ୍ତର ଜଗତର ଅପେକ୍ଷାକୃତ ଶାନ୍ତ ବାତାବରଣରେ ତାର ସେ ପୂର୍ବ ଆଦର କେବଳ କମି ଗଲା ନୁହେଁ, ବଂଶ-

ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକ ବେଳକୁ ସେ ସାହିତ୍ୟର ସଂପୂର୍ଣ୍ଣ ବିପର୍ଯ୍ୟୟ ଘଟି ଏକ ଉତ୍କଟ ହତାଶାବାଦୀ ସାହିତ୍ୟ ତାର ସ୍ଥାନ ଅଧିକାର କରି ବସିଲା । ଆଜି ହୁଏତ ସେ ସାହିତ୍ୟର ନାମ-ପର୍ଯ୍ୟନ୍ତ ଲୋକେ ଭୁଲି ଯିବେଣି । ଭାରତରେ ସତ୍ୟାଗ୍ରହ-ଆନ୍ଦୋଳନ ବେଳର ଜାତୀୟବାଦୀ ସାହିତ୍ୟର ଆଜି ପତ୍ତା ନାହିଁ । ଏଣୁ ମାନବ ଜୀବନର କେଉଁ ସୁଗଭୀର ସତ୍ୟ, କେଉଁ ଅନନ୍ତ ରହସ୍ୟ, କିମ୍ବା ବାସ୍ତବତାର କେଉଁ ସୁଦୃଢ଼ ଭିତ୍ତି ଉପରେ ମଧୁସୂଦନଙ୍କ ଆଶା ଓ ଆନନ୍ଦବାଦ ପ୍ରତିଷ୍ଠିତ ତାହାର ନିରୂପଣରେହିଁ ସେ ସାହିତ୍ୟର ବାସ୍ତବ ମୂଲ୍ୟବତ୍ତା ବହୁପରିମାଣରେ ନିର୍ଭର କରେ ।

ଇଂରେଜୀ ସାହିତ୍ୟରେ ୱାର୍ଡସ୍ୱାର୍ଥ ଏବଂ କୋଲେରିଜଙ୍କ ମଧୁର ମିଳନ ସଦୃଶ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାକ୍‌କାଳରେ ରାଧାନାଥ ଓ ମଧୁସୂଦନଙ୍କ ଅମୃତ ସଂଯୋଗ ଏକ ନବଯୁଗର ସୂତ୍ରପାତ କରିଥିଲା । ଓଡ଼ିଆ ସାହିତ୍ୟର ଏହି ପୁଣ୍ୟଶ୍ଳୋକ କବି-ପୁଙ୍ଗବଦ୍ୱୟଙ୍କର ମଣିକାଞ୍ଚନ ସଂଯୋଗ ବିନା ଉତ୍କଳ ଭାରତୀଙ୍କର ଦଶା ଯେ ଆଜି କଣ ହୋଇଥାନ୍ତା ତାହା କଳ୍ପନାକରିବା ଦୁରୂହ । ରାଧାନାଥ ଥିଲେ ମଧୁସୂଦନଙ୍କର କୈଶୋର ଗୁରୁ, ଯୌବନସଖା, ଏବଂ ଚିର ଜୀବନର ପରମ ଉତ୍ସାହଦାତା ହିତାକାଂକ୍ଷୀ ବନ୍ଧୁ । ତେଣୁ ମଧୁସୂଦନଙ୍କ ଜୀବନଦର୍ଶନର ଯେକୌଣସି ଆଲୋଚନାରେ ରାଧାନାଥଙ୍କ ମତବାଦର ଉଲ୍ଲେଖ କଦାପି ଅପ୍ରାସଙ୍ଗିକ ନୁହେଁ । ରାଧାନାଥଙ୍କ କାବ୍ୟକବିତାସମୂହର ଆଲୋଚନାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ ସେ ଥିଲେ ମୁଖ୍ୟତଃ ଦୁଃଖବାଦୀ, ଜରା, ବ୍ୟାଧି ମୃତ୍ୟୁଗ୍ରସ୍ତ ଜୀବନର ତୁଚ୍ଛତା, ହୀନତା, ନଶ୍ୱରତା ଓ ବ୍ୟର୍ଥତାର ଯେ ବିଭୀଷିକାମୟ ଚିତ୍ର ସେ ଆଙ୍କିଛନ୍ତି ତାହା ପାଠକର ହୃଦୟର

ଦୁର୍ବାର ଶକ୍ତି ସମକ୍ଷରେ ଆପଣାର କ୍ଷୁଦ୍ରତା, ଅସାରତା, ଅସହାୟତା ତଥା ଅକ୍ଷମତାର ନିଦାରୁଣ ଉପଲବ୍ଧିରେ ରୁଦ୍ଧକଣ୍ଠ ଦୁର୍ବଳ-ମାନବ ଭୟ ଓ ନୈରାଶ୍ୟରେ ଚିତ୍କାର କରି ଉଠେ । ତାର ଉନ୍ନତ ପୌରୁଷ ନଇଁପଡେ । ଜୀବନ ଦୁଃସହ ହୋଇ ଉଠେ ।

ରାଧାନାଥଙ୍କ ପ୍ରିୟ ଶିଷ୍ୟ ମଧୁକଣ୍ଠ ମଧୁସୂଦନ କିନ୍ତୁ ଜଗତକୁ ନିରାଶାର ବିଷାଦରାଗିଣୀ ଶୁଣାଇ ନାହାନ୍ତି । ତା ପରିବର୍ତ୍ତିରେ ସଂସାରଦାବଦହନବିଦଗ୍ଧ ମାନବାତ୍ମା ଉଦ୍ଦେଶ୍ୟରେ ସେ ଆଶା ଓ ଆଲୋକ, ସୁଖ ଓ ସୌନ୍ଦର୍ଯ୍ୟ, ସ୍ୱସ୍ତି ଓ ଶାନ୍ତିର ଅମୃତ ନିର୍ଝରପ୍ରତି ଦୃଢ଼ ଅଙ୍ଗୁଳି ସଙ୍କେତ କରି ଅଛନ୍ତି ।

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ
ଜାଗ ନରନାରୀ ଅମୃତସନ୍ତତି
ପିଅ ସେ ଅମୃତପୟ ହେ,
ପିଇ ସେ ଅମୃତ ଦିବସ ଶର୍ବରୀ
ଗାଅ ଅମୃତର ଜୟ ହେ ।"

ସମାନ କାଳ ଓ ସମାନ ସାମାଜିକ ବାତାବରଣ ମଧ୍ୟରେ ଅଙ୍କିତ ଜୀବନର ଏହି ଦୁଇ ବିଭିନ୍ନ ଆଲେଖ୍ୟ ମଧ୍ୟରୁ କେଉଁଟି ସତ୍ୟ, କେଉଁଟି ମିଥ୍ୟା, କେଉଁଟି ବାସ୍ତବ, କେଉଁଟି ଅଳୀକ ଇନ୍ଦ୍ରଜାଲ ନିର୍ଣ୍ଣୟ କରି ନ ପାରି ପାଠକକୁ ମହା ଗୋଲକଧନ୍ଦାରେ ପଡ଼ିବାକୁ ହୁଏ ।

ସଂସାରର ଦୁଃଖ ଓ ଦୁର୍ଦ୍ଦଶା, ଜୀବନର ଆର୍ତ୍ତି ଓ ଅଶ୍ରୁ, ନିୟତିର ନିଗ୍ରହ ଓ ନିପୀଡ଼ନର ତିକ୍ତ ବିସ୍ୱାଦ ଅନୁଭୂତ ଯିଏ ଅଙ୍ଗେ ନିଭେଇଛୁ, ସେ ନିଶ୍ଚୟ କହିବ ଯେ ରାଧାନାଥଙ୍କ ଜୀବନ ଦର୍ଶନହିଁ

ସତ୍ୟର ଅଦୂରବର୍ତ୍ତୀ, ବାସ୍ତବ ଜଗତର ଅନୁରୂପ ଏବଂ ବିଶ୍ୱପ୍ରକୃତିର ଅନୁସାରକ । ଏଇଠି ଅନ୍ତରରେ ପ୍ରଶ୍ନ ଜାଗେ, ମଧୁସୂଦନଙ୍କ ଜୀବନ ଦର୍ଶନ ତାହାହେଲେ କଣ ଭାବବିଳାସୀ ଆଶାବାଦୀର କଳ୍ପନା କୁହୁକ, ଗଜଦନ୍ତବିନିର୍ମିତ ଶ୍ୱେତଅଟ୍ଟାଳିକାବିହାରୀ ସ୍ୱପ୍ନ-ଚାରୀର ସ୍ୱପ୍ନବିଳାସ ନା ଏକଦେଶଦର୍ଶୀ ଅସ୍ମାର୍ଥସେବାପରାୟଣ ଭୋଗବାଦୀର ନିଷ୍ଠୁର ଅବହେଳନା ? କିନ୍ତୁ ଯେଉଁମାନଙ୍କର ମଧୁସୂଦନଙ୍କର ଜୀବନ ଇତିହାସ ସଙ୍ଗେ ସାମାନ୍ୟ ମାତ୍ର ପରିଚୟ ଅଛି, ତାଙ୍କର କାବ୍ୟ କବିତା ସମୂହରେ ଯେଉଁମାନଙ୍କର କିଞ୍ଚିତ ପ୍ରବେଶ ଅଛି; ସେମାନେ ନିଶ୍ଚିତଭାବରେ ଜାଣନ୍ତି ଯେ ଉପରୋକ୍ତ ଇଙ୍ଗିତ ସମୂହ ମଧୁସୂଦନଙ୍କ ସମ୍ପର୍କରେ ସଂପୂର୍ଣ୍ଣ ଅସତ୍ୟ ଓ ପ୍ରୟୋଗର ଅଯୋଗ୍ୟ । ଦୁନିଆର ଦୁଃଖ, ଦୈନ୍ୟ ଓ ଦାରିଦ୍ର୍ୟ, ଆଧିବ୍ୟାଧି ଜରାମୃତ୍ୟୁର ଜ୍ୱାଳାମୟ ଦଂଶନ, ଜଗତର ପାପତାପ-କ୍ଲେଦ କାଳିମାର ବିକଟନର୍ତ୍ତନ ଏବଂ ବିଶ୍ୱମାନବର ବିକଳ-ବିଳାପସମୂହକୁ ଏଡ଼ି ଦେବାର ପ୍ରୟାସ ମଧୁସୂଦନଙ୍କ ସାହିତ୍ୟରେ କୁତ୍ରାପି ନାହିଁ । ଅନ୍ୟ ପକ୍ଷରେ ଭକ୍ତ କବିଙ୍କର କାରୁଣ୍ୟ କୋମଳ ପ୍ରାଣ ଏ ସବୁ ଦର୍ଶନ କରି ଏକ ଗଭୀର ବିଷାଦ-ବାଦର ପର୍ବତ ଭାରରେ ଭାଙ୍ଗିପଡ଼ିଛି । ତାଙ୍କର ଶ୍ରାନ୍ତ, କ୍ଳାନ୍ତ ଅବଶ, ଅବସନ୍ନ ଅନ୍ତରାତ୍ମା ଦୁଃଖ ଓ ନୈରାଶ୍ୟର ନିଃଶ୍ୱାସରୋଧୀ ବାୟୁମଣ୍ଡଳରେ ଚିତ୍କାର କରି ଉଠିଛି । କବି ପ୍ରାଣର ସେହି ଆର୍ତ୍ତ ହାହାକାର ଓ ଆକୁଳକ୍ରନ୍ଦନ ତାହାଙ୍କ "କବିତାବଳୀ", "କୁସୁମାଞ୍ଜଳି", "ଉତ୍କଳଗାଥା" "ବସନ୍ତଗାଥା", "ଦୃଷ୍ଟାନ୍ତମାଳା" ଓ "ସଂଗୀତମାଳା"ର ଗୀତିକବିତାସମୂହର ଛନ୍ଦେ ଛନ୍ଦେ ଧ୍ୱନିତ ।

ସତ୍ୟ, ଶିବ ସୁନ୍ଦର ସଚ୍ଚିଦାନନ୍ଦ ପରମେଶ୍ୱରଙ୍କର ଶିବତ୍ୱ ଓ ଅମୃତତ୍ୱରେ ପରମବିଶ୍ୱାସୀ ମଧୁସୂଦନ କିନ୍ତୁ ଦୁନିଆରେ ଦୁଃଖର ବୋଝ, ବିଶାଳ ସଂସାରର ବିପୁଳ ବିଷଭାରକୁ ବିଶ୍ୱ-ସୃଷ୍ଟିର ଚୂଡାନ୍ତ ନିଷ୍ପତ୍ତି ରୂପେ ଗ୍ରହଣ କରିବାରେ ସମ୍ମତ ହୋଇ-ପାରି ନାହାନ୍ତି । କବିର ଆବେଗଚଞ୍ଚଳ ହୃଦୟବୃତ୍ତି ଯାହାକୁ ରୂପ-ରେଖା ଦେଇ ବିଗ୍ରହବନ୍ତ କରିଛନ୍ତି, ଭକ୍ତର ଅଜାନ୍ତ ସଂସ୍କାର, ସତ୍ୟସନ୍ଧ ଭାବୁକର ସୁତୀକ୍ଷ୍ଣ ଭାବାନୁଭୂତି ତାକୁ ସତ୍ୟର ମର୍ଯ୍ୟାଦା ଦେବାକୁ କୁଣ୍ଠିତ ହୋଇଛନ୍ତି । ଦୁଃଖର ଶାଶ୍ୱତ ବର୍ତ୍ତମାନତାରେ, ଜରାବ୍ୟାଧିମୃତ୍ୟୁର ଅଖଣ୍ଡ ସାର୍ବଭୌମତ୍ୱରେ ତାଙ୍କର ସଂଶୟ ଉପସ୍ଥିତ ହୋଇଛି ।

'ନିରାଶାର କଥା ଛୁ ଛୁଁ କହିବ କେମନ୍ତେ
ଅନ୍ତରରେ ଅନୁଭବ ସରସ ବସନ୍ତେ''

ତେଣୁ ମାନବ ଜୀବନର ସରସ ବସନ୍ତ, ବିଶ୍ୱସୃଷ୍ଟିର ଚିରନ୍ତନ ସତ୍ୟର ସନ୍ଧାନରେ ସେ ପ୍ରବୃତ୍ତ ହୋଇଛନ୍ତି ।

ମାନବ ଚିତ୍ତର ଦୁଇ ଗୋଟି ବୃତ୍ତି : ଗୋଟିଏ କବିର ବୃତ୍ତି, ଅନ୍ୟଟି ଯୋଗୀର ବୃତ୍ତି, ଗୋଟିଏ ଭୋକ୍ତାର ଦୃଷ୍ଟି, ଅପରଟି ଦ୍ରଷ୍ଟାର । ଗୋଟିକର କାର୍ଯ୍ୟ ଅନୁଭବ, ଆସ୍ୱାଦନ, ଆପ୍ୟାୟନ, ରୂପ-ରସଗନ୍ଧଗାନାତ୍ମକ ଦୃଶ୍ୟମାନ ଜଗତସହିତ ତନ୍ମୟୀଭବନ; ଅନ୍ୟଟିର କାର୍ଯ୍ୟ ଧ୍ୟାନ, ଦର୍ଶନ, ମନନ ଏବଂ ନିଦିଧ୍ୟାସନ । ଦେଶ, କାଳ, ପାତ୍ର ଭେଦରେ ଏହି ବୃତ୍ତିଦ୍ୱୟ ମଧ୍ୟରୁ ଏକ ବା ଉଭୟ କେତେବେଳେ ସୁପ୍ତ ବା ଜାଗ୍ରତ, ଅର୍ଦ୍ଧସୁପ୍ତ ବା ଅର୍ଦ୍ଧଜାଗ୍ରତ, ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି ପାଖରେ ଦୃଷ୍ଟ ହୁଏ ଏବଂ ଏହି ଉଭୟ ବୃତ୍ତିର ଆନୁପାତିକ ତାରତମ୍ୟାନୁଯାୟୀ ଜଗତ ଓ ଜୀବନପ୍ରତି

ବ୍ୟକ୍ତିର ଦୃଷ୍ଟିଭଙ୍ଗୀରେ ଭେଦ ଲକ୍ଷିତ ହୁଏ । ଅନେକ ସମୟରେ ଦୁନିଆରେ ଯାହା ସୁଖ ବା ଦୁଃଖ, ସୁନ୍ଦର ବା କୁତ୍ସିତ, ଆନନ୍ଦ ବା ନୈରାଶ୍ୟନାମରେ ଅଭିହିତ ହୋଇଥାଏ ସର୍ବଶେଷ-ବିଶ୍ଳେଷଣରେ ତାହା କେବଳ ଦୃଷ୍ଟିଭଙ୍ଗୀର ଭେଦମାନରେ ପର୍ଯ୍ୟ-ବସିତ ହେବ ସନ୍ଦେହ ନାହିଁ । ମୃତ୍ତିକାପାଷାଣମୟ ଯେଉଁ ଉପତ୍ୟକାର ଅଶୋଭା, ଅସାମଞ୍ଜସ୍ୟ, ନଗ୍ନତା ଓ କୁତ୍ସିତତା ନିମ୍ନସ୍ଥ ବ୍ୟକ୍ତି ପକ୍ଷରେ ପୀଡ଼ାଦାୟକ ହୋଇଥାଏ, ଦୂରତ୍ୱର ଅଞ୍ଜନ ଦେଇ ଶୈଳଶିଖରଦ୍ରଷ୍ଟା ସେହି ଉପତ୍ୟକାର ଅପୂର୍ବ ରମଣୀୟ ସ୍ନିଗ୍ଧ ଶ୍ୟାମଶ୍ରୀ ପୁଣି ଆମର ନୟନମନ ସାର୍ଥକ କରିଥାଏ । ଯେଉଁ ଚନ୍ଦ୍ରମଣ୍ଡଳ ସୁଧାର ଆକର, ସୌନ୍ଦର୍ଯ୍ୟର ଆଧାର ରୂପେ ଲୋକମୁଖରେ ବହୁ ପ୍ରଶଂସିତ ବୈଜ୍ଞାନିକମାନଙ୍କର ଗବେଷଣା ଆଜି ପ୍ରମାଣ କରି ଦେଇଛି, ତାହା କେବଳ ଜନ-ମାନବ ଶୂନ୍ୟ, ଜୀବନଧର୍ମବର୍ଜିତ ଶୁଷ୍କ, ନୀରସ ଭୂଖଣ୍ଡ ମାତ୍ର । ଅଥଚ ସେହି ଚନ୍ଦ୍ରକୁ ଆଶ୍ରୟ କରି କାବ୍ୟଜଗତର କେତେ ସୁଷମା ସୌଧ ଗଢ଼ି ନ ଉଠିଛି । ଚନ୍ଦ୍ର ସଦୃଶ ବିଶ୍ୱର ବହୁସୌନ୍ଦର୍ଯ୍ୟ-ମୂଳରେ ଦୂରତ୍ୱହିଁ ମୂଳକାରଣରୂପେ ବର୍ତ୍ତମାନ ।

ସ୍ଥୂଳତଃ ସୌନ୍ଦର୍ଯ୍ୟ ବା ଶ୍ରୀହୀନତା ଆନନ୍ଦ ବା ନିରାନନ୍ଦ ବସ୍ତୁର ସ୍ୱରୂପରେ ଯେତେ ନାହିଁ ତାହାଠାରୁ ଅଧିକ ଅଛି ସେ ଗୁଡ଼ିକର ଆପେକ୍ଷିକ ଅବସ୍ଥିତିରେ । ଖଣ୍ଡଭାବରେ ଯାହା ଅସୁନ୍ଦର, ବିଚ୍ଛିନ୍ନ ଭାବରେ ନୈରାଶ୍ୟଜନକ, ସସୀମ ଅବସ୍ଥାରେ ଦୁଃଖଦ, ବ୍ୟଷ୍ଟି ରୂପରେ ଯାହା ମରଣଶୀଳ, ଅଖଣ୍ଡ, ଅସୀମ, ସମୂହ, ସମଷ୍ଟି, ଭାବରେ ତାହା ସୁନ୍ଦର, ସୁଖଦ, ଶୁଭଦ ଏବଂ ଅମର । "ଦୂର ପର୍ବତ ସୁନ୍ଦର" ନ୍ୟାୟରେ ଦୂରତ୍ୱର ଦୃଷ୍ଟି ବିକୃତ ଦୃଷ୍ଟି ନୁହେଁ, ପରିପୂର୍ଣ୍ଣ ଦୃଷ୍ଟି । ସାଧାରଣତଃ ନିକଟ

ଖଣ୍ଡ, ସସୀମ, ବିଚ୍ଛିନ୍ନର ଦୃଷ୍ଟି ଅନୁଭୂତି ପ୍ରବଣ, ଆବେଗସର୍ବସ୍ୱ କବିର ଦୃଷ୍ଟି, ଅଖଣ୍ଡ, ଅସୀମ ଓ ସମୂହର ଦୃଷ୍ଟି ଆଦର୍ଶବାଦୀ ଦାର୍ଶନିକର ଦୃଷ୍ଟି । ସାର୍ଥକ କବିତ୍ୱକଳାର ନିର୍ମାଣରେ ଏ ଦୁଇଟିଯାକର ସମନ୍ୱୟାତ୍ମକ ଉପସ୍ଥିତି ଏକାନ୍ତ ବାଞ୍ଛନୀୟ । ରାଧାନାଥ ଦୁଃଖବାଦୀ କାରଣ ସେ ମୁଖ୍ୟତଃ କବି । ହୃଦୟର ଆବେଗ, ଅନ୍ତରର ଅନୁଭୂତି, ପ୍ରାଣର ପହିଲି ପରଶ ତାଙ୍କ ନିକଟରେ ସବୁଠାରୁ ବଡ଼ କଥା ଥିଲା । ମଧୁସୂଦନ କିନ୍ତୁ କେବଳ କବି ନୁହନ୍ତି, ଦାର୍ଶନିକ. କେବଳ ରୋମାଣ୍ଟିକ ନୁହନ୍ତି ଆଦର୍ଶବାଦୀ ମଧ୍ୟ । ପ୍ରାଣର ଆବେଗ, ଚିତ୍ତର ଆଲୋଡ଼ନ, ହୃଦୟର ପରିପ୍ଲାବନ ଅବଶ୍ୟ ତାଙ୍କ କବି ଧର୍ମର ମୂଳପୁଞ୍ଜି । କିନ୍ତୁ ତାହା ଧ୍ୟାନଯୋଗିତ, ଦର୍ଶନଭାବିତ । ତାଙ୍କ କବିତାରେ emotion ଅଛି । କିନ୍ତୁ ସେ emotion "emotion recollected in tranquility" ଦାର୍ଶନିକତା ନୁହେଁ, କବିତ୍ୱ ସେ ସାହିତ୍ୟର ମୂଳ ନିଦାନ । କିନ୍ତୁ ସେ କବିତ୍ୱ "କବିତ୍ୱ ଶାନ୍ତିଜଳ ଏକାକାର" । ନୈରାଶ୍ୟବାଦୀ ରାଧାନାଥ ବସ୍ତୁପରିବର୍ତ୍ତରେ ଧୂମ, ଜୀବନ ସ୍ଥାନରେ ଜୀବନ୍ତ ମରଣ, ସୁଖ ବଦଳରେ ଜରା, ବ୍ୟାଧି ଓ ମୃତ୍ୟୁର ବିକଟ ନର୍ତ୍ତନ ଲୀଳାହିଁ ସନ୍ଦର୍ଶନ କରିଅଛନ୍ତି । ତାର କାରଣ ତାଙ୍କର ଦୃଷ୍ଟିରେଖା ନିମ୍ନସ୍ଥ ଇନ୍ଦ୍ରିୟଜଗତର ସମତଳ ଭୂମିକୁ ଅତିକ୍ରମ କରି ଇନ୍ଦ୍ରିୟାତୀତର ଉନ୍ନତ ଶୈଳ ଶିଖରକୁ ଉନ୍ନୀତ ହୋଇ ପାରିନି, ତାଙ୍କର କବିଦୃଷ୍ଟି ଏକମୁଖୀ । ମଧୁସୂଦନ କିନ୍ତୁ ଆଶା ଓ ଆନନ୍ଦବାଦୀ ଥିବା କଥା ଆଗରୁ କୁହାଯାଇଛି । ମରୀଚିକାମୟ ତରୁଶୂନ୍ୟ ମରୁର ଅନ୍ତରରେ ସୁଧାସ୍ରୋତ ସେ ଦର୍ଶନ କରି ଅଛନ୍ତି । ଗରଳରେ ଅମୃତ, ମରଣରେ ଅମରତ୍ୱର ସନ୍ଧାନ ସେ ପାଇଛନ୍ତି । ପତିତା ରମଣୀଠାରେ ସତୀତ୍ୱ ଓ ଦେବୀତ୍ୱର ସଙ୍କେତ ସେ ଅନୁଭବ କରି ଅଛନ୍ତି ସେଥିପାଇଁ ଅପୂର୍ବ ସାହସର ସହିତ ଗାଇ ପାରିଛନ୍ତି—

ଅନନ୍ତ ସରସ ବସନ୍ତ ମଧୁମୟ ଉତ୍ସବ
ଅନନ୍ତ ଜୀବନ ଯୌବନ ମହାନନ୍ଦ ବିଭବ ।
ଲେଖିଛନ୍ତି ତୋର ଲଲାଟେ ପ୍ରାଣବିଧାତା ତୋର
ତେଣୁ ଛିଣ୍ଡାଅ ତୁ ତୁଟେ ମୋହ ବନ୍ଧନ ଘୋର"

ଏହି ମୋହ ନିକଟର ମୋହ, ଖଣ୍ଡର ମୋହ, ସାନ୍ତ-ସସୀମର ମୋହ । ଏକ ଉଭୟମୁଖୀ କବିଦୃଷ୍ଟି ବଳରେ କବି, ଦାର୍ଶନିକ, ଶିଳ୍ପୀ, ମଧୁସୂଦନ ହିମାଚଳର ଶୁଭ୍ର ସମୁନ୍ନତ ଶିଖର ଦେଶକୁ ଉଠି ନିମ୍ନ ଦେଶର ସମସ୍ତ କ୍ଷୁଦ୍ର, କୁତ୍ସିତ, ଅସାର, ଅସୁନ୍ଦର ବସ୍ତୁ-ସମୂହକୁ ସେମାନଙ୍କର ଅବିକୃତ ସ୍ୱରୂପାବସ୍ଥିତରେ ଏବଂ ଅଖଣ୍ଡ ରୂପଶ୍ରୀରେ ଦେଖି ଅଛନ୍ତି । ସେଥିଲାଗି ଦୁନିଆ ଆଗରେ ଉତ୍ତରାଧି-କାରୀମାନଙ୍କ ପାଇଁ ସେ କେବଳ ଶ୍ରୀ, ସୌରଭ, ଶୁଭ୍ରତା, ଆଶା, ଆନନ୍ଦ ଓ ଆଲୋକର ଅର୍ଘ୍ୟଥାଳୀ ରଖିଦେଇ ଯାଇଛନ୍ତି ।

କିନ୍ତୁ ଦାର୍ଶନିକବ୍ୟାଖ୍ୟାସମ୍ମତ ଶିଳ୍ପିଜନୋଚିତ ତର୍କ-ସଂଗତ ଉର୍ଦ୍ଧ୍ୱଦୃଷ୍ଟି ବା ଅତଦୃଷ୍ଟି ମଧୁସୂଦନଙ୍କ ଆନନ୍ଦବାଦର ଏକମାତ୍ର କାରଣ ନୁହେଁ । ହୁଏତ ମଧୁସୂଦନଙ୍କ ଆନନ୍ଦବାଦର ଏହା ଏକ ଅନତିଗଭୀର ବ୍ୟାଖ୍ୟା । ଏହାର ମୂଳଉତ୍ସ ଜୀବନର ଗଭୀରତର ପ୍ରଦେଶରେ ବିଦ୍ୟମାନ । ଏକ ସ୍ୱୟଂସଂପୂର୍ଣ୍ଣ ସତ୍ତା-ରୂପରେ ନୁହେଁ । ଏକ ବୃହତ୍ତର ସତ୍ୟର ସ୍ୱାଭାବିକ ପରିଣତି ରୂପରେହିଁ ଏହାର ପ୍ରକୃତ ସ୍ୱରୂପ ଉଦ୍‌ଘାଟିତ । ଉପରେ କୁହା-ଯାଇଛି—ମଧୁସୂଦନ ଥିଲେ ଦାର୍ଶନିକ । କିନ୍ତୁ ମଧୁସୂଦନ ପ୍ରଥମେ ଭକ୍ତ ପରେ ଦାର୍ଶନିକ । ତାଙ୍କର ଦାର୍ଶନିକତାର ମନ୍ଦିର ଭକ୍ତିର ସୁଦୃଢ଼ ପୃଷ୍ଠପୀଠିକାଉପରେ ପ୍ରତିଷ୍ଠିତ । ତାଙ୍କର ଆନନ୍ଦ ଓ ଆଶାବାଦର ମୂଳଭିତ୍ତି ଭକ୍ତିରେ ନିହିତ । ଭକ୍ତିର ସାଧନାରେ

ମଧୁସୂଦନ ରହସ୍ୟବାଦୀ । ସାଧାରଣତଃ ଯାହା ଦୁର୍ବୋଧ, ଅସ୍ପଷ୍ଟ, ନିଗୂଢ଼ ରହସ୍ୟାବୃତ ତାହା ରହସ୍ୟବାଦନାମରେ ଅଭିହିତ ହୋଇଥାଏ । କିନ୍ତୁ କଥାର ବାଗ୍‌ଜାଲ, ବୁଦ୍ଧିର ଗୋଲକଧନ୍ଦା, ରୂପକ, ପ୍ରତୀକ ବା ସାଙ୍କେତିକତାର ଦୁର୍ଭେଦ୍ୟ ବ୍ୟୂହ ରଚନାରେ ରହସ୍ୟବାଦ ନାହିଁ । ସାଧକ ଭକ୍ତର ଦୃଷ୍ଟିରେ ତାହାର ରହସ୍ୟ-ବାଦ ଅପେକ୍ଷା ଅଧିକ ସରଳ, ସହଜବୋଧ ଓ ପ୍ରତ୍ୟକ୍ଷଗୋଚର ବସ୍ତୁ ହୋଇ କିଛି ନାହିଁ । ଚିର ନୂତନ ନିତ୍ୟ ପରିବର୍ତ୍ତନଶୀଳ, ବିଶ୍ୱସୃଷ୍ଟିର ସତତ ପଳାୟମାନ ଦୃଶ୍ୟ ଜଗତର ଅନ୍ତର୍ଦ୍ଦେଶରେ ବର୍ତ୍ତମାନ ଅଦ୍ୱୟ ସତ୍ତାର ସାକ୍ଷାତ ଅନୁଭୂତି, ପ୍ରକୃତି ପୁରୁଷର ଐକ୍ୟ-ଭାବନା, ସାନ୍ତ ସସୀମ ସହ ଅନନ୍ତ ଅସୀମର ଏକୀକରଣ, ପରମାତ୍ମା ସହ ଜୀବାତ୍ମାର ଅପରୋକ୍ଷ ସାକ୍ଷାତ୍‌କାର ପ୍ରୟାସରୁ ରହସ୍ୟ-ବାଦର ଜନ୍ମ ।

ମୁହିଁ କ୍ଷୁଦ୍ର ଊର୍ମି ତୁମେ ମହା ସିନ୍ଧୁ
ଊର୍ମି ସିନ୍ଧୁ ଏକାକାର
ଅନନ୍ତ ମଙ୍ଗଳ ସଙ୍କଳ୍ପ ସମ୍ଭୂତ
ମୁହିଁ ତୁମ୍ଭ ମହିମାର ।
ବିହଙ୍ଗମ ମୁହିଁ ଅନ୍ତରୀକ୍ଷ ତୁମ୍ଭେ
ତୁମ୍ଭ ବିନା କାହିଁ ପ୍ରାଣ
ତୁମ୍ଭର ସ୍ୱରୂପେ କରଇ ବିହାର
ଗାଇ ତବ ଜୟ ଗାନ ।

ଜୀବାତ୍ମାର ଏହି କରୁଣକାତର ଆତ୍ମନିବେଦନ, ବିଶ୍ୱମାନବର ଏହି ଚିର ଈପ୍‌ସିତ ଅଭିଳାଷ ଫୁଟିଛି ସୁଦୂର ଅତୀତରେ ଉପନିଷଦ୍-ଯୁଗର ଆର୍ଯ୍ୟଋଷି କଣ୍ଠରେ ।

ପୁଷନ୍ନେ କର୍ଷେ ଯମ ସୂର୍ଯ୍ୟ ପ୍ରାଜାପତ୍ୟ
ବେତକ୍ଳୋ ବ୍ୟୂହ ରଶ୍ମୀନ୍ ସମୂହ
ଯତ୍ ତଦ୍ ରୂପଂ କଲ୍ୟାଣତମମ୍
ତତ୍ତେ ପଶ୍ୟାମି ଯୋଽସାବସୌ ପୁରୁଷଃ ସୋଽହମସ୍ମି ।

(ହେ ସୂର୍ଯ୍ୟ, ହେ ପୂଷନ୍, ହେ ପ୍ରାଜାପତ୍ୟ ଦୟାକରି ତୁମର ଆଲୋକରଶ୍ମି ସମୂହ ସଂବରଣ କର, ମୁଁ ତୁମର କଲ୍ୟାଣତମ ରୂପ ଦର୍ଶନ କରେ । ସେହି ସୂର୍ଯ୍ୟମଣ୍ଡଳାବସ୍ଥିତ ପୁରୁଷଠାରୁ ମୁଁ ସ୍ୱତନ୍ତ୍ର ନୁହେଁ)

ଅଧୁନିକ ଯୁଗର ସର୍ବଶ୍ରେଷ୍ଠ ରହସ୍ୟବାଦୀ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କର ଗୀତାଞ୍ଜଳିରେ ଗାଇ ଅଛନ୍ତି—

ତୋମାୟ୍ ମୋର୍ କରବ୍ ବରଣ
ମୃତ୍ୟୁର ତାକା କରେ୍ ହରଣ
ଦୁ ହାତେ ଦିଏ୍ ଫେଲେ ଠେଲେ
ନୟନ ଭୁଲାନୋ ଏଲେ

ପ୍ରାଚୀନ ଓଡ଼ିଆ କବି ଅଭିମନ୍ୟୁ "ବିଦଗ୍ଧ ଚିନ୍ତାମଣି"ର ମଧୁର କାନ୍ତ କୋମଳ ପଦଚୟରେ ରାଧାକୃଷ୍ଣରୂପକ ମାଧ୍ୟମରେ ବିପ୍ରଲମ୍ଭ ଶୃଙ୍ଗାର ଅପୂର୍ବ ରସକଳ୍ପନା ଭିତର ଦେଇ ଭକ୍ତ ପ୍ରାଣର ଏହି ଅକୁଳ ଆକୁତି, ବିଶ୍ୱପ୍ରକୃତିର ଏହି ମିନତି ଭରା ଆହ୍ୱାନର ପ୍ରକାଶ ଅତୀବ ଚମତ୍କାରଭାବେ କରି ଅଛନ୍ତି ।

ଏତେ କଦର୍ଥନା ପାଉ କାହିଁକି
ଶଣଶଣି ପ୍ରାପ୍ତି ହେତୁ ନାହିଁକି ।
କୁମ୍ଭକାର କାଠ ଘୋଷାକୁ ବହି
କୃଷ୍ଣଦେହ ପାଇ ଜିଷ୍ଟିନ୍ତେ ରହି ।
କୃଷ୍ଣ ନାମ ଧରି ରେ,
ଯା ଯା ଅନୁକୂଳ କରି ବାହାରି ।

ଦେଶେ ଦେଶେ ଯୁଗେ ଯୁଗେ ଈଶାବାସ୍ୟୋପନିଷଦର ସେହି ଅଜ୍ଞାତନାମା ଋଷିଙ୍କ ଠାରୁ ଆରମ୍ଭ କରି ରବୀନ୍ଦ୍ର, ଅରବିନ୍ଦ-ପର୍ଯ୍ୟନ୍ତ, ପ୍ଲେଟୋଙ୍କଠାରୁ ହୁଇଟ୍‌ମ୍ୟାନ୍ ଟେନିସନଙ୍କ ପର୍ଯ୍ୟନ୍ତ ରୁମିଙ୍କ ଠାରୁ ଇକବାଲଙ୍କ ପର୍ଯ୍ୟନ୍ତ ଏବଂ ଅଚ୍ୟୁତାନନ୍ଦଙ୍କ ଠାରୁ ଭୀମା ଭୋଇ, ମଧୁସୂଦନଙ୍କ ପର୍ଯ୍ୟନ୍ତ ସେହି ଏକ ଭାବ, ଏକ ଆକାଂକ୍ଷା, ନୀଡ଼ହରା ବିହଙ୍ଗମର କୁଲାୟସନ୍ଧାନ, ପଥହରା ପଥିକର ମାର୍ଗାନ୍ୱେଷଣ, ଅଭିସାରିକା ନାୟିକାର ନିଶୀଥାଭିସାର ମାନବ ଅନ୍ତରକୁ ନିତ୍ୟ ନବୀନ ପ୍ରଣୋଦନାରେ ଆଲୋଡ଼ିତ କରିଛି । ସେ ବିତୃଷା, ପିପାସା, ଜିଜ୍ଞାସାର ଅନ୍ତ ହୋଇ ନାହିଁ, ହେବ ନାହିଁ ଯେତେ ଦିନ ଯାଏ ପ୍ରାଣର ଅବିରାମ ସ୍ରୋତ ବିଶ୍ୱବକ୍ଷରେ ପ୍ରବାହିତ ହେଉଥିବ । ମାନବର ନିରର୍ଥକ, ନିଷ୍ପ୍ରୟୋଜନ ଜୀବନରେ ତାହା ଆଣିଦିଏ ସାର୍ଥକତା ଓ ପ୍ରୟୋଜନୀୟତାର ଉପଲବ୍ଧି । ରହସ୍ୟବାଦୀ ଭକ୍ତର ଏହି ଅପରୋକ୍ଷ ସାକ୍ଷାତ୍‌କାର ହେଉଛି ଅନ୍ତରରେ ଅନ୍ତର୍ଯ୍ୟାମୀର ଦର୍ଶନ, ଜୀବାତ୍ମାରେ ପରମାତ୍ମାଙ୍କର ଆବିର୍ଭାବ, ଋଷିପ୍ରାଣରେ ଦେବତାର ଅବତରଣ, ହୃଦୟ ହିମାଚଳରେ ଜୀବନଭାସ୍କରଙ୍କର ଉଦୟ ଉତ୍ସବ ଏବଂ ପିଣ୍ଡରେ ବ୍ରହ୍ମାଣ୍ଡର ଉପଲବ୍ଧି । ମଧୁସୂଦନଙ୍କର "ଋଷିପ୍ରାଣେ ଦେବାବତରଣ" ଓ "ହିମାଳୟେ ଉଦୟ ଉତ୍ସବ" କବିତାଦ୍ୱୟର ଅମୃତରସପ୍ରବାହ, ଅପୂର୍ବ ପଦଯୋଜନା, ବିପୁଳ ଛନ୍ଦମାଧୁରୀ, ଅନୁପମ ପ୍ରକାଶଚାତୁର୍ଯ୍ୟ, ଲିପିସଂଯମ, ଗଠନପରିପାଟୀ ଓ କବି-ମାନସର ତୁଙ୍ଗ ଭାବକଳ୍ପନାମଧ୍ୟରେ ପ୍ରକୃତିପୁରୁଷର ଅପୂର୍ବ ମିଳନ, ଦ୍ୟାବା ପୃଥିବୀର ଦୈବ ବିବାହବନ୍ଧନ, ଭକ୍ତର ମାନସ-ପଟରେ ସ୍ଫୁରିତ ମହାମୃତ ଛବିର ବର୍ଣ୍ଣନା ଅତୀବ ମନୋହର । ଆଧୁନିକ ଓଡ଼ିଆ ସାହିତ୍ୟରେ ସେ ବାଣୀ ବିଭବ, ମଧୁମୟ ଛନ୍ଦସମ୍ପଦ,

ମହାପ୍ରାଣ କବିମହିମାର ଚିନ୍ମୟ ବିଳାସ, କବିପିକର କୁହୁଝଙ୍କାର ତୁଳନାରହିତ । ଭକ୍ତ କବିଙ୍କର ସେହି ଓଁକାର ଝଙ୍କାରମୟ ମର୍ମଭେଦୀ ଗାନର ବିପୁଳ ସରସ୍ୱତୀ ପ୍ରବାହରେ ଭାବୁକ ପାଠକ କୁଅଡ଼େ ଭାସିଯାଇ ଥଳକୂଳ ହରାଇ ବସେ—

ଅହେତୁକ ଅମାୟିକ ମହାପ୍ରେମଦ୍ୱେରେ
ପାର୍ବତୀ ପ୍ରକୃତି ମାହେନ୍ଦ୍ର ଯୋଗରେ
ଏ ଜୀବନ ଗଲା ମିଶି ଅପୂର୍ବ ମିଳନେ
ନିବିଡ଼ ପ୍ରେମର ନବ ବିବାହ ବନ୍ଧନେ ।

\+ + +

ମୋ ପ୍ରାଣ ବିଲୀନ ହେଲା ପ୍ରକୃତିର ପ୍ରାଣେ
ପ୍ରକୃତିର ପ୍ରାଣ ଉଚ୍ଛ୍ୱସିତ ମୋ ପରାଣେ ।

\+ + +

ପ୍ରକୃତି ସଂଗତେ ମିଳି ଯହୁଁ ଏହି ପ୍ରାଣ
ଅନୁଭବ କି ଅଦ୍ଭୁତ ଅମୃତ ଆହ୍ୱାନ ।
ଅନାଇଲି ପ୍ରେମ ନେତ୍ରେ ସେ ପ୍ରେମନିଧାନ ।
ସେ ଅନ୍ତରତମ ସଖା ନିଖିଳ ନିଦାନ
ଅନନ୍ତ ପ୍ରେମରେ ମୁଗଧ ସ୍ନିଗ୍ଧ ଆକର୍ଷଣେ
ଅଲକ୍ଷିତେ ପ୍ରାଣେ ପ୍ରାଣ ଟାଣି ନେଲେ କ୍ଷଣେ ।
ବୋଇଲି ହେ ପ୍ରାଣସ୍ୱାମୀ ଅହେ ଅନୁପମ
ଧନ୍ୟ ହେଲା ଆଜି ଏ ଅଧମ ପ୍ରାଣ ମମ
ଅନନ୍ତ ଅପାର ତବ ପ୍ରାଣେ ପ୍ରାଣରଣି
ମିଳିଛି ନିଭୃତେ ଆଜି ଏ ମୋର ପରାଣି ।
ଅନନ୍ତ ସଂଗତେ ମୋର ଅନନ୍ତ ମିଳନ
ମର୍ମେ ମର୍ମେ ପୁଲକିତ ସର୍ବଦେହ ମନ ।

ଜୀବନର ଏହି ମାହେନ୍ଦ୍ର ବେଳାରେ ବିଶ୍ୱସଂସାରର ସମସ୍ତ ନାନାତ୍ୱ, ଉଦ୍ବିଧଭାବ, ବାଧାବନ୍ଧ, ଭେଦ ବ୍ୟବଧାନର ବିରାଟ ତରଙ୍ଗରଣୀ ଅଖିପିଛଦ୍ୱାରେ ଖସି ପଡ଼ୁଛି ଏବଂ ପ୍ରେମିକପ୍ରାଣ ଭକ୍ତ କବି ଆପଣାର ଅନ୍ତର ଓ ବାହାରରେ ଏକ ଅଖଣ୍ଡ ଅଦ୍ୱୟ ସତ୍ତାର ଦିବ୍ୟାନୁଭୂତରେ ଭାବବିହ୍ୱଳ ହୋଇ ଗାଇ ଉଠିଛନ୍ତି ।

ଦେଶକାଳାତୀତ ଦୃଶ୍ୟ କଳ୍ପନା ଅତୀତ
ଅଥଚ ଜ୍ୟୋତିର ଜ୍ୟୋତି ଚକ୍ଷୁଅଗ୍ରେ ସ୍ଥିତ ।

ଦୂରରୁ ସୁଦୂର ଚିନ୍ତା ବାକ୍ୟ ଅଗୋଚର
ନିକଟୁ ନିକଟ ପ୍ରାଣ ସମଗ୍ର ପ୍ରାଣର ।

+　　　+　　　+

ସମ୍ମୁଖେ ପଶ୍ଚାତେ ସେହି ନିମ୍ନେ ଊର୍ଦ୍ଧ୍ୱେ ସେହି
ଦକ୍ଷିଣ ବାମରେ ସେହି ଅଥଚ ଅଦେହୀ ।

କେ ସେ ରେ ବରେଣ୍ୟ ଭର୍ଗ ପରମ ସୁନ୍ଦର
ପୂର୍ଣ୍ଣ ଅପ୍ରତିମ ପୂରି ବାହ୍ୟ ଅଭ୍ୟନ୍ତର" ।

ପ୍ରକୃତି ଓ ପୁରୁଷ, ଭକ୍ତ ଓ ଭଗବାନ, ବ୍ୟକ୍ତି ଓ ବିଶ୍ୱମଧ୍ୟରେ ଭେଦର ହିମାଦ୍ରି, ବିନ୍ଦୁର ଐଶ୍ୱରିକ ଭୂତଳଗାମିନୀ ଭାଗୀରଥୀର ଅମୃତ ଆପ୍ଲାବନର କୁଅଡ଼େ ଛିନ୍ନଭିନ୍ନ ହୋଇ ସବୁ ଏକାକାର ହୋଇ ଯାଇଛି । ଅନ୍ତରର ସକଳ ମଳିନତା, ସଂକୀର୍ଣ୍ଣତା ଓ ଅପୂର୍ଣ୍ଣତା, ଧୋଇ ହୋଇ ଯାଇଛି । ଆପଣାକୁ ସତ୍ୟର ଗୌରବରେ ଗୌରବାନ୍ୱିତ ଏବଂ ବିଶ୍ୱ ବିଜୟୀର ବିଭବରେ ଅପୂର୍ବ ବିଭବଶାଳୀ ମଣି ସେ କହୁ ଅଛନ୍ତି ।

"ଏ ନିଖିଳ ବିଶ୍ୱ ଆଜ ନିଜସ୍ୱ ମୋହର
ଏ ବିଭବ, ଏ ସୁକାନ୍ତ, ଧରଣୀ ଅମ୍ବର ।

ବଂଶୀଧ୍ୱନି ଶୁଣୁଛି ପ୍ରାଣର ଶ୍ରୀହରି
ମୋହରି ମୋହରି ତୁହି ମୋହରି ମୋହରି
ଅଣୁରେ ଅଣୁରେ ନାଚି ଏ ମହାବିଶ୍ୱର
ବାଜୁଅଛି ଅନାହତ ବୀଣା ବାଣୀସ୍ୱର ।
ପ୍ରାଣେ ପ୍ରାଣେ ପ୍ରତିଧ୍ୱନି ତାରି ବାଜୁଛି ଶ୍ରୀହରି
ମୋହରି ମୋହରି ତୁହି ମୋହରି ମୋହରି ।

ବର୍ତ୍ତମାନ ସ୍ପଷ୍ଟ ବୁଝିହେବ ମଧୁସୂଦନ କାହିଁକି ଆନନ୍ଦବାଦୀ ? କାହିଁକି ସେ ବିଶ୍ୱସୃଷ୍ଟିକୁ ଦୁଃଖର ଆଧାର ନୁହେଁ ସୁଖର ଅମ୍ବୁଦରୂପେ, ବିଧାତାର ଅଭିଶାପ ନୁହେଁ ଈଶ୍ୱରଙ୍କର ଆଶୀର୍ବାଦରୂପେ ଗ୍ରହଣ କରି ଅଛନ୍ତି । ଜଗତରେ ସବୁଠାରୁ ନିଃସ୍ୱ, ଦରିଦ୍ର, ଯାହାର କିଛି ନାହିଁ ସେ ନୁହେଁ, ନାହିଁ ବୋଧଟା ସବୁଠାରୁ ଯାହାର ବେଶି ସେହି ଲୋକ । ଜୀବନର ଏହି ନାହିଁ ଦାଗଟାକୁ ନିଃଶେଷିତ କରିଦେଇ ପାରିଥିଲେ ବୋଲି ଭକ୍ତି ଓ ପ୍ରେମର ପରିପୂର୍ଣ୍ଣତାଦ୍ୱାରା ଏକ ଅଖଣ୍ଡ ବିଶ୍ୱବୋଧର ସର୍ବବ୍ୟାପକତାବଳରେ ମାନବ ମନର ଏହି ଶୂନ୍ୟ ମଣ୍ଡଳଟିକୁ ଉଡ଼ାଇଦେଇ ପାରିଥିଲେ ବୋଲି ମଧୁସୂଦନ ଆନନ୍ଦବାଦୀ, ମଧୁସୂଦନଙ୍କ ଜୀବନ ଦର୍ଶନର ଆଲୋଚନା ପ୍ରସଙ୍ଗରେ ତାଙ୍କ ଆନନ୍ଦବାଦର ଏହି ମୂଳମନ୍ତ୍ରଟିକୁ ବିସ୍ମୃତ ହେଲେ ଚଳିବନି । ଏହି ମୂଳ ତଥ୍ୟଟିକୁ ଅସ୍ୱୀକାର କରି ପାଶ୍ଚାତ୍ୟ ଜଗତର ସୁଖଶାନ୍ତି ସନ୍ତୋଷ ଅନ୍ୱେଷଣର ପ୍ରୟାସ ଆଜି ବ୍ୟର୍ଥ ହୋଇଛି । ନୈରାଶ୍ୟବାଦର ଯେଉଁ ଅତଳ ଗହ୍ୱରରେ ତାହା ଆଜି ଉପନୀତ ହୋଇଛି ତହିଁରୁ ଫିଟିବାକୁ ହେଲେ ସେହି ମୂଳମନ୍ତ୍ରର ସାଧନାପୀଠକୁ ପୁଣି ଫେରି ଯିବାକୁ ହେବ । କିନ୍ତୁ ବ୍ୟକ୍ତି ବିଶେଷର ଏକାନ୍ତ ନିଜସ୍ୱ ଅନୁଭୂତି ଉପରେ ପ୍ରତିଷ୍ଠିତ ଏକ ମତବାଦକୁ ସାର୍ବଜନୀନତାର କଷଟିରେ ପରୀକ୍ଷା ବିନା ମହାସତ୍ୟର ମର୍ଯ୍ୟାଦା ଦେବା ଉଚିତ

ହେବ ନାହିଁ ବୋଲି କେହି ହୁଏତ ଯୁକ୍ତି ଉତ୍ଥାପନ କରି ପାରନ୍ତି । ଅଗରୁ କୁହାଯାଇଛି ଭଗବତ୍‌ପ୍ରେମ ମାନବ ଜୀବନରେ ଏକ ଅତି ଅଦମ ସତ୍ୟ ।

ନିକୃଷ୍ଟ ଠାରେ ଗୁପ୍ତାବସ୍ଥିତ
ମଧ୍ୟ ଭଳିରେ ପ୍ରତିବିମ୍ବ ଖ୍ୟାତ ।
ଅଯତ୍ନ ଅସ୍ଫୁଟ ଅଙ୍କ ବହିତ
ଉତ୍ତମ ଜନମନରେ ଉଦିତ (ଅଭିମନ୍ୟୁ)

ଧର୍ମ, କର୍ମ, ଗୁଣ, ସଂସ୍କାର ଓ ସ୍ୱଭାବଭେଦରେ ତାର ପ୍ରକାଶରେ ତାରତମ୍ୟ ଲକ୍ଷିତ ହେଲେହେଁ ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ସଂଶୟର ଜମାଟବନ୍ଧା ସହସ୍ର ଗ୍ରନ୍ଥି କାଟି ତାହା ଯୁଗେ ଯୁଗେ ଆତ୍ମପ୍ରକାଶ କରିଅଛି । ଅଚ୍ୟୁତାନନ୍ଦ, ଯଶୋବନ୍ତ, ଅନନ୍ତ, କବୀର, ମୀରାବାଈ, ରାମକୃଷ୍ଣ ପରମହଂସ ପ୍ରମୁଖ ସ୍ୱଳ୍ପଶିକ୍ଷିତ ଓ ତଥା କଥିତ ସଭ୍ୟତା ଓ ସଂସ୍କାର ବର୍ଜିତ ବ୍ୟକ୍ତିମାନଙ୍କର ଜୀବନ ଏହାର ଉଦାହରଣ ।

ସତ୍ୟାନୁସନ୍ଧାନପ୍ରବୃତ୍ତ ଆଧୁନିକ ଓଡ଼ିଆ ସାହିତ୍ୟର ଶୁକ୍ର-ବୃହସ୍ପତିରୂପୀ କବିଯୁଗଳଙ୍କ ମଧ୍ୟରୁ ରାଧାନାଥ ଜୀବନ ସଙ୍ଗେ ସମଭାବରେ ଗତି କରି ମାନବ ଜୀବନର ଦୁଃଖ ଓ ନୈରାଶ୍ୟ, କ୍ଲେଶ ଓ କାଳିମାର ନରକପୁରୀ ଉଦ୍‌ଘାଟିତ କରି ଅଛନ୍ତି । ମଧୁସୂଦନ କିନ୍ତୁ ଊର୍ଦ୍ଧ୍ୱାଭିମୁଖୀ ହୋଇ ମାନବ ଜୀବନର ଉନ୍ନତ ଓ ଅପୂର୍ବ ସମ୍ଭାବ୍ୟତାର ସୌର ମଣ୍ଡଳରେ ଉପନୀତ ହୋଇ ଅଛନ୍ତି । କବିବର ରାଧାନାଥଙ୍କ ଜୀବନଟି ଏକ ଦୀର୍ଘ ବିୟୋଗାନ୍ତକ ନାଟକ । ସେହି ଜୀବନର ସମସ୍ତ ଶ୍ରୀ, ସୌନ୍ଦର୍ଯ୍ୟ, ବର୍ଣ୍ଣଚ୍ଛଟା ଓ ରସମାଧୁରୀ ଏକ ବିରାଟ ନିଷ୍ଫଳତାର ହାହାକାରରେ ପରିପୂର୍ଣ୍ଣ । Shellyଙ୍କ ଭାଷାରେ "A beautiful and intellectual angel

beating in the void of his luminous wings in vain." ହଜାରବାର ଗୌରବ, ଫେର ପାଇବାର ଉତ୍କଣ୍ଠା ସେ ଜୀବନରେ ଅଛି, କିନ୍ତୁ ଉପାର୍ଜନର ସଫଳତାମହାଧନେ ଧନୀ ହେବାର ସୌଭାଗ୍ୟରୁ ସେ ବଞ୍ଚିତ । ରାଧାନାଥ ସୌନ୍ଦର୍ଯ୍ୟର ଉପାସକ । ନିର୍ମଳ ସୌନ୍ଦର୍ଯ୍ୟର ଏଷଣା ତାଙ୍କୁ ଜୀବନର ଊଷର ଭୂମିରେ ଉପନୀତ କରିଅଛି । ହୁଏତ ପାଶ୍ଚାତ୍ୟ ସାହିତ୍ୟପ୍ରବୀଣ ରାଧାନାଥ ହୋମର ଓ ଭର୍ଜିଲଙ୍କର ପ୍ରଭାବରୁ ଆପଣାକୁ ସଂପୂର୍ଣ୍ଣ-ଭାବରେ ମୁକ୍ତ କରିପାରି ନାହାନ୍ତି । ଭାରତୀୟ ଆଧ୍ୟାତ୍ମିକତାର ପରମ ଉପାସକ ଓ ସୁଯୋଗ୍ୟ ଉତ୍ତରସାଧକରୂପେ ମଧୁସୂଦନ କିନ୍ତୁ ସୁନ୍ଦରକୁ ବିଚ୍ଛିନ୍ନ ଭାବରେ ଦେଖି ନାହାନ୍ତି । ତାଙ୍କର ସୁନ୍ଦର ଏବଂ ଆନନ୍ଦ ସତ୍ୟ ଏବଂ ଶିବ ସଙ୍ଗେ ଏକ ଅବିଚ୍ଛିନ୍ନ ଯୋଗସୂତ୍ରରେ ଗ୍ରଥିତ । ସେଥିରୁ ତାକୁ ବିଚ୍ଛିନ୍ନ କରି ଦେଖିବାଦ୍ୱାରା ତାର ପ୍ରକୃତ ସ୍ୱରୂପ ପ୍ରକାଶ ପାଇ ପାରିବନି । ଭାରତୀୟ ମନୀଷୀ କାବ୍ୟ-ନାଟକାଦିରେ ଟ୍ରାଜେଡ଼ିକୁ ସ୍ଥାନ ଦେଇନି । ଭକ୍ତକବି ମଧୁସୂଦନ ଜୀବନର ଟ୍ରାଜେଡ଼ିକୁ ଅସ୍ୱୀକାର କରି ଅଛନ୍ତି ।

କବିଙ୍କ ଭାଷାରେ—

"ବିରାଟ ଭ୍ରୁକୁଟି କରି ଆସୁ ଅଧିବ୍ୟାଧି
ଯେତେ ସାଧିବାର ସେ ଥାଉ ଦାଉ ସାଧି ।
ଅନନ୍ତ ଅଭୟ ପ୍ରଭୋ ଦେଇଛ ଅନ୍ତରେ,
ଅନନ୍ତ ଜୀବନଧାର ଢାଳି ମହାନରେ
ଅନନ୍ତ ଉତ୍ସାହ ପୁଣି ଆନନ୍ଦ ଅମୃତ
ଝରି ନୀର ପ୍ରାୟ ତେଣୁ ହେଉଛି ନିଃସୃତ ।"

କବିବର ରାଧାନାଥ ତାହାଙ୍କ ଦରବାର କାବ୍ୟରେ କହି-ଅଛନ୍ତି:—

"କାହୁଁ ଅଇଲୁ ଏ କାହିଁ ଯିବ ବହି
କହିବାକୁ ଏହା ଲବେ କେହି ନାହିଁ ।
କେହି ନାହିଁ ଏଥି ହେବ ଯେ ଭଜନ
ଫେଡ଼ିବାକୁ ଏ ସମସ୍ୟା ସନାତନ" ।

ରାଧାନାଥ ଯାହା ପାରିନାହାନ୍ତି, ମଧୁସୂଦନ ତାହା ପାରିଛନ୍ତି । ଉପନିଷଦର ନଚିକେତା ଭଳି ସେ କେବଳ ମୃତ୍ୟୁ-ଲୋକକୁ ଅତିକ୍ରମ କରିଛନ୍ତି ନୁହେଁ, ଅମୃତ ଲୋକର ସନ୍ଧାନ-ନେଇ ଫେରିଛନ୍ତି ଏବଂ ସେହି ଆନନ୍ଦ ଲୋକର ଫଳଭୁକ୍ ହେବା-ପାଇଁ "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ" ବୋଲି ଜଗଦ୍-ବାସୀଙ୍କୁ ଡାକ ଦେଇଛନ୍ତି, ଉପାୟ ବି ବତାଇ ଦେଇଛନ୍ତି ।

ସାଧ ଏହି ପୁଣ୍ୟମନ୍ତ୍ରର
ଲଭିବ ରେ ଅନ୍ତରେ
ନିତ୍ୟୋତ୍ସବମୟ ବସନ୍ତ
ଭବ ମରୁପ୍ରାନ୍ତରେ ।
ଜୀବନର ଉତ୍ସ ନିର୍ମଳ
ଶୁଦ୍ଧ ହେବ କ୍ଷଣକେ
ବହିବ ଅନ୍ତରେ ଉଥୁଳି—
ଧାଇଁ ମହାପୁଲକେ ।
ଆଶା ପାରିଜାତ ଫୁଟିବ
ହୃଦ ନନ୍ଦନ ବନେ
ଜ୍ଞାନ ଭକ୍ତି କର୍ମ ଗୌରବ
ବ୍ୟାପି ଯିବ ଜୀବନେ ।

ଆଧୁନିକ ଯୁଗର ଆର୍ଯ୍ୟଋଷି ଭକ୍ତ କବି ମଧୁସୂଦନଙ୍କର ଏ ସନ୍ଦେଶ ଆଜି କେବଳ ଉତ୍କଳ ପକ୍ଷରେ ନୁହେଁ ସମଗ୍ର ବିଶ୍ୱ-ପକ୍ଷରେ ମୂଲ୍ୟବାନ ।

— —

# ଅର୍ଘ୍ୟଥାଳୀରେ
# ମେହେରକବିଙ୍କ ଜୀବନସନ୍ଦେଶ

ସୃଷ୍ଟି ଓ ସ୍ରଷ୍ଟା, ବହିର ଓ ବିଧାତାର ସଂପର୍କ ଅତ୍ୟନ୍ତ ନିବିଡ଼, ବନ୍ଧନ ଅତ୍ୟନ୍ତ ଦୃଢ଼ । ଶତ ସହସ୍ର ଆକାର ଇଙ୍ଗିତ ସୂଚନା ସଙ୍କେତ ମଧ୍ୟ ଦେଇ ସୃଷ୍ଟିର ଅନ୍ତର୍ଦ୍ଦେଶରେ ସ୍ରଷ୍ଟାର ଆତ୍ମାପୁରୁଷଟିର ଚିନ୍ମୟ ବିଳାସ ପ୍ରତି ମୁହୂର୍ତ୍ତରେ ପରିସ୍ଫୁଟ । କବି-ପ୍ରଜାପତିର ଅଭିନବ ସୃଷ୍ଟି ବି ଏ ନିୟମର ବହିର୍ଭୂତ ନୁହେଁ । କିନ୍ତୁ ମହାକାବ୍ୟ ବା ଖଣ୍ଡକାବ୍ୟର ବିଚିତ୍ର ରସପ୍ରବାହମଧ୍ୟରେ କବିପ୍ରାଣର ସୂକ୍ଷ୍ମଧାରାଟିକୁ ଧରି ପାରିବା ଚିନ୍ତାଶୀଳ ଗ୍ରାହକ, ସନ୍ଧାନୀ ସମାଲୋଚକ ବ୍ୟତୀତ ଅନ୍ୟ ପକ୍ଷରେ ଆଦୌ ସମ୍ଭବପର ନୁହେଁ ।

ପୁଣି ସୃଷ୍ଟିର ନିୟମରେ ସ୍ରଷ୍ଟା ବି କେତେକ ପରିମାଣରେ ବନ୍ଧା । କାବ୍ୟକଳାର ଶତ ସହସ୍ର ବିଧିବିଧାନ, ନୀତିନିୟନ୍ତ୍ରଣୀ-ମଧ୍ୟରେ କଳାକାରର ଉନ୍ମୁକ୍ତ ଆତ୍ମନିବେଦନର ସୁଯୋଗ ଏକାନ୍ତ ସୀମିତ । ଗୁଣ, ରୀତି, ଛନ୍ଦ ଏବଂ ଅଳଙ୍କାରାଦିର ସୁନିପୁଣ ସଂସ୍ଥାନ-ଦ୍ୱାରା କାବ୍ୟ ସୌଧଟିକୁ ସର୍ବାଙ୍ଗସୁନ୍ଦର କରି ଗଢ଼ିବା କାବ୍ୟଶିଳ୍ପୀର ଚରମ ଲକ୍ଷ୍ୟ । ତେଣୁ କବିପ୍ରାଣ ଏଠାରେ କିଞ୍ଚିତ୍ ବହିର୍ମୁଖୀ ।

କିନ୍ତୁ ମୁକ୍ତକ (Lyric) ଉନ୍ମୁକ୍ତ ପରିସର ମଧ୍ୟରେ କବି-କଳ୍ପନା କ୍ରୀଡ଼ାଚଞ୍ଚଳ । କବି ଏଠି ଆପଣାର ସଙ୍ଗୀତରେ ଆପେ ବିଭୋର । କବିଚିତ୍ତର ଏହି ମଧୁମୟ ଗୁଞ୍ଜନ-ଭିତରେ ଆମେ ନିବିଡ଼ଭାବରେ ଅନୁଭବ କରୁ କବିପ୍ରାଣର କୋମଳ ସ୍ପର୍ଶ, ଆଉ ଶୁଣୁ କବିର ହୃଦୟ ତନ୍ତ୍ରୀର ମଞ୍ଜୁ ଝଙ୍କାର । ଏହି ଦୃଷ୍ଟିରୁ ବିଚାର କଲେ ଗଙ୍ଗାଧରଙ୍କର 'ତପସ୍ୱିନୀ', 'ପ୍ରଣୟ-

ବଲ୍ଲରୀ', 'କୀଚକବଧ', ଇତ୍ୟାଦି କାବ୍ୟମାନଙ୍କ ଅପେକ୍ଷା ତାଙ୍କର 'ଅର୍ଘ୍ୟଥାଳୀ' ଓ 'ମହିମା'ର ଗୀତିକବିତାଗୁଡ଼ିକ ଅଧିକ ମୂଲ୍ୟବାନ ।

'ଅର୍ଘ୍ୟଥାଳୀ'ର ପ୍ରତ୍ୟେକଟି ଅର୍ଘ୍ୟ ଏକ ଏକ କମନୀୟ ପୁଷ୍ପ । କବିର ହୃଦୟ-କାନନରେ ଏ ଫୁଲଗୁଡ଼ିକ ବିଭିନ୍ନ ସମୟରେ ଫୁଟିଛି । ଅର୍ଘ୍ୟଥାଳୀର ମୁଖବନ୍ଧରେ ଗ୍ରନ୍ଥକାର ନିଜେ କହି ଅଛନ୍ତି— "ଗଛଟିଏ ହେଲେ ଅବଶ୍ୟ ତହିଁରେ ଫୁଲ ଫୁଟେ । ତେବେ ଅରଣ୍ୟରେ ସୁପୁଷ୍ପ ଫୁଟେ ନାହିଁ । ମୋର ହୃଦୟରେ ନାନା-ସମୟରେ ନାନା ଭାବ ଉଦିତ ହୋଇଥାଏ । ତହିଁରୁ କେତେକ ପଦ୍ୟାକାରରେ ଲେଖି ପତ୍ରପତ୍ରିକାମାନଙ୍କରେ ପ୍ରକାଶ କରିଥିଲି । ତାହା ସୁଗନ୍ଧ ହେଉ କି ନିର୍ଗନ୍ଧ ହେଉ, ପୁଷ୍ପରୂପେ ଗଣ୍ୟ" । ବୃକ୍ଷରେ ଯାହା କିଛି ସୁନ୍ଦର, ସରସ, ସ୍ନିଗ୍ଧ ଏବଂ ସୌରଭଯୁକ୍ତ, ତାର ପ୍ରକାଶ ଫୁଲରେ । ଏହି କବିତାପୁଷ୍ପଗୁଡ଼ିକର ସମ୍ୟକ୍ ପର୍ଯ୍ୟବେକ୍ଷଣଦ୍ୱାରା କବିହୃଦୟ-କାନନର ସ୍ୱଚ୍ଛତା, ଶୁଭ୍ରତା ଏବଂ ସରସତା କଳିବାର ପ୍ରୟାସ କେବେହେଁ ବୃଥା ହେବ ନି । କବି ସ୍ରଷ୍ଟା, ଦ୍ରଷ୍ଟା ଓ ସମାଲୋଚକ ।

"ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତିଃ
ଯଥାସ୍ମୈ ରୋଚତେ ବିଶ୍ୱଂ ତଥେଦଂ ପରିବର୍ତ୍ତତେ ।"

ସୁତରାଂ ଉଦ୍ଧୃତ କବିତା ସମୂହ ଜଗତ, ଜୀବନ ଏବଂ ଜନ-ସାମାଜପ୍ରତି କବିଙ୍କର ସନ୍ଦେଶ ଦ୍ୱାରା ଗର୍ଭିତ ।

"ଭକ୍ତ" କବିତାଟିରେ କବିଙ୍କର ଐଶ୍ୱର୍ଯ୍ୟାଶ୍ରିତ ଦୀନଦାସ୍ୟ-ଭାବର ବିଳାସ ଅତ୍ୟନ୍ତ ଚମତ୍କାର । ବେଦର ପୁରୁଷସୂକ୍ତ ଏବଂ ଗୀତାର ବିଶ୍ୱରୂପ ଦର୍ଶନରେ ଭଗବାନଙ୍କ ଐଶ୍ୱର୍ଯ୍ୟ ଭାବର ପରିପୂର୍ଣ୍ଣ ପ୍ରକାଶ ହୋଇଅଛି । ଭଗବାନ୍ ଅସୀମ, ଅନନ୍ତ । ତାଙ୍କର ମହିମା ମହତ୍ତ୍ୱ, ଶକ୍ତିମତ୍ତା କ୍ଷୁଦ୍ରାଦପି କ୍ଷୁଦ୍ର ଏହି ପାର୍ଥିବ ବସ୍ତୁସମୂହର

ମାନଦଣ୍ଡଦ୍ୱାରା ମାପିବାର ପ୍ରୟାସ ଧୃଷ୍ଟତା ମାତ୍ର । ଏଣୁ ଉପନିଷଦରେ ଋଷି କହୁଅଛନ୍ତି—"ଶ୍ରୋତ୍ରସ୍ୟ ଶ୍ରୋତ୍ରଂ ମନସୋ-ମନୋଯଦ୍ ବାଚୋ ହ ବାଚଂ ସ ଉ ପ୍ରାଣସ୍ୟ ପ୍ରାଣଃ ।" କବିଙ୍କ ଭାଷାରେ "କୃପାସିନ୍ଧୁ ବୋଲି ମନ ବଳୁ ନାହିଁ ସିନ୍ଧୁ ଯେଣୁ କୃପାବିନ୍ଦୁ ।" ପୁଣି ଲୌକିକ ରୀତରେ ତାଙ୍କର ଭଜନ ପୂଜନ, ଆରାଧନ ମଧ୍ୟ ନିରର୍ଥକ, ଯେହେତୁ ପରମ କାରୁଣିକ ଭଗବାନ୍ ଲୀଳାପ୍ରୟାସୀ ହୋଇ କୋଟି କୋଟି ବ୍ରହ୍ମାଣ୍ଡର ସୃଷ୍ଟି କରୁଅଛନ୍ତି । ବିଶ୍ୱର ଯାବତୀୟ ବସ୍ତୁ ତାଙ୍କର ପ୍ରସାଦ, ଅନୁଗ୍ରହ ଓ ଦାନ । ଯାହା ତାଙ୍କର ଦାନ, ତାହା ତାଙ୍କୁହିଁ ଅର୍ପଣ କରିବାରେ କୌଣସି ପୌରୁଷ ନାହିଁ । ଜୀବାତ୍ମା ପରମାତ୍ମାଙ୍କର ଅଂଶଭୂତ । 'ତତ୍ତ୍ୱମସି'—'ଅହଂ ବ୍ରହ୍ମାସ୍ମି' କିନ୍ତୁ ଭକ୍ତକବି କହୁଅଛନ୍ତି— "ମୁକାର ମାତର ମୋର ନୁହେ ବୋଲି କହିବାକୁ ନାହିଁ ସାଧ" । ଏହି ପଦକ-ଭିତରେ କବିଙ୍କର ଦୀନତା, ବିନୟ, ସୌଜନ୍ୟ ଏବଂ ଭକ୍ତିଉଦ୍‌ଗତ ହୃଦୟର ଗଭୀର ଆତ୍ମନିବେଦନର ଚମତ୍କାର ପ୍ରକାଶ । ବିଶ୍ୱକବି ରବୀନ୍ଦ୍ରନାଥ ମଧ୍ୟ ତାଙ୍କର ଗୀତାଞ୍ଜଳିରେ କହିଅଛନ୍ତି—

ଛାଡ଼ିତେ ପାରିନି ଅହଂକାରେ
ଘୁରି ମରି ଶିରେ ବହିୟା ତାରେ
ଯା ଆଛେ ଆମାର ସକଲି କବେ
ନିଜ ହାତେ ତୁମି ତୁଲିଆ ଲବେ ।

ସ୍ଥୂଳତଃ ପଦ୍ୟଟିରେ ଭାବର ବିଶେଷ କିଛି ନୂତନତ୍ୱ ନାହିଁ, କିନ୍ତୁ ପ୍ରକାଶଭଙ୍ଗୀର ବୈଚିତ୍ର୍ୟ କବିତାଟିକୁ ଏକ ପରମ ରମଣୀୟ ରୂପଶ୍ରୀରେ ମଣ୍ଡିତ କରିଛି ।

'ଅପୂର୍ବବସ୍ତୁନିର୍ମାଣକ୍ଷମା ପ୍ରଜ୍ଞା ପ୍ରତିଭା ମତା ।' କବିତାର ଉପାଦାନ ଚିର ପୁରାତନ, କିନ୍ତୁ କବିତା ନିତ୍ୟ ନୂତନ । ପ୍ରକାଶର ଚମତ୍କାରିତ୍ୱହିଁ କବିତାର ପ୍ରାଣ ।

ଏ କବିତାଟିରେ ଆଉ ଏକ କଥା ଲକ୍ଷ୍ୟ କରିବାର ଅଛି । ଯାହା ଅନିର୍ବଚନୀୟ ଏବଂ ସଂପୂର୍ଣ୍ଣ ଭାଷାତୀତ, ତାହା ହେଉଛି କବିତାଟିର ପ୍ରତି ବର୍ଣ୍ଣ, ପ୍ରତି ପଦ, ପ୍ରତି ବାକ୍ୟରେ କବିଙ୍କ ଅନ୍ତରାତ୍ମାର ଧ୍ୱନନ ।

'ଅମୃତମୟ' ଏବଂ 'ମଧୁମୟ' କବିତାଦ୍ୱୟ 'ଭକ୍ତ' କବିତାର ସଗୋଣ । ଏହି କବିତା ଦ୍ୱୟରେ ନବବିକଶିତ ଫୁଲର ଗନ୍ଧ,ସରସ କବିତାର ଛନ୍ଦ, ବନ ବିହଙ୍ଗର ମଧୁର ତାନ, ଉଷାର ମୃଦୁମଧୁର ଆଲୋକ, ଶିଶୁର ସରଳ ତରଳ ଗାନ ଇତ୍ୟାଦି ଅନ୍ତର୍ଜଗତ ଓ ବହିର୍ଜଗତର ସୌନ୍ଦର୍ଯ୍ୟ ସମୂହକୁ ଏକ ଏକ ଅମୃତର ଝରଣାରୂପେ କଳ୍ପନାକରି ତହିଁର ସୁମଧୁର ତୋୟପାନଦ୍ୱାରା କ୍ଷୁଧିତ ପୀଡ଼ିତ ଆତ୍ମାର ଶ୍ରାନ୍ତି ଓ କ୍ଲାନ୍ତି ଅପନୋଦନନିମିତ୍ତ କବି ବିଶ୍ୱବାସୀଙ୍କୁ ଆହ୍ୱାନ କରିଛନ୍ତି—

ଧୀର ଲଳିତ ଶୀତଳ ବାତ
ଚିର ଲଳିତ କୁମୁଦ-ନାଥ
କ୍ଷୀର ଧବଳ ଚନ୍ଦ୍ରିକା ଜାଲ
ନୀର ଦାନ-ଦକ୍ଷ ଘନମାଳ
ମୃଦୁ ମଧୁର ଆଲୋକ ଉଷାର
ନବ ପଲ୍ଲବ ପତିତ ତୁଷାର
ଅମୃତମୟ          ଅମୃତରୟ
ମତାଇଦେଉଛି ସଂସାର ।

+     +     +

ବିଶ୍ୱ ଦେଖ ମଧୁମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟ ରେ,

ରବୀନ୍ଦ୍ରନାଥ ଓ **shelly** ମଧ୍ୟ ବିଶ୍ୱପ୍ରକୃତିର ଅନ୍ତରାଳରେ ସତ୍ୟ, ପ୍ରେମ ଓ ଶାନ୍ତିର ସନ୍ଧାନ ଦେଇଅଛନ୍ତି ।

"ଏଇ ତୋ ତୋମାର ପ୍ରେମ ଓଗୋ
ହୃଦୟ ହରଣ
ଏଇ ଯେ ପାତାଏ ଆଲୋ ନାଚେ
ସୋନାର ବରଣ
ଏଇ ଯେ ମଧୁର ଅଲସଭରେ
ମେଘ ଭେସେ ଯାୟ ଆକାଶ ପରେ
ଏଇ ଯେ ବାତାସ ଦେହେ କରେ
ଅମୃତ ଝରଣ
ଏଇ ତ ତୋମାର ପ୍ରେମ, ଓଗୋ ହୃଦୟ ହରଣ ।

—'ଗୀତାଞ୍ଜଳି'

"The Golden harvests spring
the unfailing sun,
Sheds light and life,
the fruits, flowers and the trees
Arise in due succession,
all things speak
Peace, harmony and love."

—Queen Male.

ଏଠାରେ କବିପ୍ରତିଭାର ତାରତମ୍ୟ ପ୍ରସଙ୍ଗ ବିଚାରକୁ ନ ଆଣି ଏତିକିମାତ୍ର କୁହାଯାଇପାରେ ଯେ, କବି ଗଙ୍ଗାଧରଙ୍କର ଏ ସନ୍ଦେଶର ମୂଲ୍ୟ ବିଂଶ ଶତାବ୍ଦୀର ଏ ନୈରାଶ୍ୟ ଓ ବ୍ୟର୍ଥତାର ଯୁଗରେ ଦଳିତ, ନିଷ୍ପେଷିତ, ଦୁଃଖଦୁର୍ଦ୍ଦଶାଗ୍ରସ୍ତ ଜନତା ନିକଟରେ ବହୁତ ବେଶୀ । କାରଣ ମହାଲକ୍ଷ୍ମୀଙ୍କର ସ୍ୱର୍ଣ୍ଣାଞ୍ଚଳର ଅନ୍ତରାଳରେ ସୁରକ୍ଷିତ ଏବଂ ସୌଭାଗ୍ୟଦେବୀଙ୍କର ଅଭ୍ରମ୍ଭ କ୍ରୋଡ଼ରେ ପରିବର୍ଦ୍ଧିତ ସ୍ୱପ୍ନ-ବିଳାସୀ କବିମାନେ ଯେତେବେଳେ ବିଶ୍ୱସୃଷ୍ଟିର ଜୟଜୟକାର କରନ୍ତି, ପ୍ରକୃତିର ସତ୍ୟ, ଶାନ୍ତି ଓ ପ୍ରେମମନ୍ତ୍ର ଉଚ୍ଚାରଣ କରନ୍ତି, କ୍ଷୁଧିତ ନିଷ୍ପେଷିତ ଜନତା ସେତେବେଳେ ବିସ୍ମୟସ୍ତବ୍ଧ ନେତ୍ରରେ ସେହି ଆଡ଼କୁ ଚାହିଁ ରହେ । ତାର ଅନ୍ତର ସେଥିରେ ଆନ୍ଦୋଳିତ ହୁଏ ନ, ମୁଖମଣ୍ଡଳରେ ହାସ୍ୟର ଶୁଭ୍ରାଲୋକ ଉଙ୍କୁଟି ଉଠେ ନ, କିନ୍ତୁ ଜୀବନର କଠିନ କଠୋର ସଂଗ୍ରାମରେ କ୍ଷତବିକ୍ଷତ, ଚିର ଦରିଦ୍ର, ଚିର ଉପେକ୍ଷିତ ଗଙ୍ଗାଧରଙ୍କର ମୁହଁରୁ ଯେତେବେଳେ ଏହା ବାହାରେ, ଜନତାର ଅନ୍ତରରେ ସେତେବେଳେ ଚେତନା ଜାଗେ । ତାର ଚିତ୍ତରେ ଆନ୍ଦୋଳନ ଆସେ, ସେ ଭାବେ ଏଥିରେ କିଛି ସତ୍ୟ ଥିବ ପରା ! ଗଙ୍ଗାଧର କେବେ ଗଜଦନ୍ତବିନିର୍ମିତ ଶ୍ୱେତ ଅଟ୍ଟାଳିକାର (Ivory tower) ବିଳାସୀ ନଥିଲେ । ଜଞ୍ଜାଳ ଜାଲଦଜାଲେ ଯାହାର ଉଦର ସଦା ସର୍ବଦା ଅଚଳ, ତାଙ୍କର ସ୍ୱପ୍ନ-ବିଳାସ ପାଇଁ ଅବସର କାହିଁ ? କିନ୍ତୁ ଗଙ୍ଗାଧରଙ୍କ ଲେଖାମାନରେ ଯେଉଁ ବିଶ୍ୱ ମଧୁମୟ, ଅମୃତମୟ, ମଧୁକ୍ଷରର ଜନ୍ମସ୍ଥଳ, ତାହା ଆଧୁନିକ ଯୁଗରେ ପାଶ୍ଚାତ୍ୟ ଜଗତର ସର୍ବଶ୍ରେଷ୍ଠ କବି ଓ ଭାବୁକ T. S. Eliotଙ୍କ 'Wastelands' ଗ୍ରନ୍ଥରେ କଭଳି ରୂପ ପରିଗ୍ରହ-କରିଛି, ତାହା ଦେଖାଯାଉ—

"If there were water
And No rock
If there were rock
And also water
And water
A Spring
A pool and the rock
If there were the sound of watering
Not the cicada and dry grass singing
But sounds of water over the rock
When the hermit thrush
sings in the pine
*Drip drop, drip drop drop drop*
But there is no water.

ସମଗ୍ର ବିଶ୍ୱ ଆଜି ହାହୁତାଶମୟ ଦଗ୍ଧମରୁପ୍ରାନ୍ତର, ରସହୀନ କଠୋର କଠିଣ ପାଷାଣ, ଜ୍ୱଳନ୍ତ ଅଗ୍ନିକୁଣ୍ଡ, ସର୍ବତ୍ର ବିଶ୍ୱମାନବର କରୁଣ ଆର୍ତ୍ତନାଦ, ତ୍ରାହି ତ୍ରାହି ଡାକ ।

"To Carthage then I come
Burning burning, burning
O Lord then pluckest me out
O Lord thou pluckest"

ଏକ ସମୟରେ ରଚିତ ବିଶ୍ୱପ୍ରକୃତିର ଏହି ପରସ୍ପର ବିରୋଧୀ ଚିତ୍ର ଦୁଇଟି ମଧ୍ୟରୁ କେଉଁଟି ସତ୍ୟ, ପୁଣି କେଉଁଟି ବା ମିଥ୍ୟା ? ବିଚାର ବସିଲେ କୌଣସିଟି ମିଥ୍ୟା ନୁହେଁ । ସଂସାରର ଦୁଃଖଦୈନ୍ୟ, ଅଶ୍ରୁ, ଲାଞ୍ଛନା, ବଞ୍ଚନାକୁ ଗଙ୍ଗାଧରଙ୍କର ସାହିତ୍ୟରେ କୁତ୍ରାପି ଏଡ଼ିଦେବାର ପ୍ରୟାସ ନାହିଁ । କିନ୍ତୁ ବିଶ୍ୱପ୍ରକୃତିର ତଥା

ମାନବ ଅନ୍ତରର ଅମୃତ ଝରଣାର ଅପ୍ଳାବନଦ୍ୱାରା ବିଶ୍ୱବ୍ରହ୍ମାଣ୍ଡର ଏହି ମହା ହଳାହଳକୁ ନିଃଶେଷ ବା ସଂପୂର୍ଣ୍ଣ ଆତ୍ମସାତ୍ କରିଦେବାର ସମ୍ଭାବ୍ୟତାକୁ ସେ ଏହାଠାରୁ ସର୍ବଦା ବଡ଼ ମନେକରୁଥିଲେ । ୨୫୦୦ ବର୍ଷ ପୂର୍ବେ ଥରେ ଭଗବାନ୍ ବୁଦ୍ଧ ଦୁନିଆ ଆଗରେ ଏହି ସତ୍ୟ ବାଢ଼ିଥିଲେ । ଏହି ବିଂଶ ଶତାବ୍ଦୀରେ ପୁଣି ଥରେ ମହାତ୍ମା ଗାନ୍ଧୀ ଦୁନିଆକୁ ଏହି ପଥ ଦେଖାଇଦେଇ ଅଛନ୍ତି । 'Waste land'ରେ ବି ଏହାର ସୂଚନା ଅଛି—

"ଜୟୁଧ୍ୱମ୍, ଦତ୍ତ, ଦମ୍ୟତ"
ବିଶ୍ୱନାଥଙ୍କର କରୁଣା କନ୍ଦର
ମଧୁ ଝର ଜନ୍ମସ୍ଥଳ ।
ତୃହିଁ ଝର ପ୍ରତ    ଉଭେ କଲେ ଗତ
ପାଇବୁ କରୁଣା ଚଲ ରେ ଜୀବନ ॥

ପ୍ରକୃତି ତାର ଅପୂର୍ବ ରୂପ ରହସ୍ୟର ଆସ୍ୱାଦନର ଭିତର ଦେଇ ମଣିଷକୁ ପ୍ରେମ, ଜ୍ଞାନ ତଥା ପରମାର୍ଥପ୍ରାପ୍ତିରୂପ ପରିପୂର୍ଣ୍ଣ ପ୍ରକାଶର ପଥରେ ନେଇଯାଏ । ମହାତ୍ମା ଗାନ୍ଧୀ ଠାଏ କହିଛନ୍ତି — "When I admire the wonder of a sunset or the beauty of the moon, my soul expands in worship of the creator" । ପ୍ରକୃତି ଚିତ୍ରଣରେ ରାଧାନାଥ ଯଥାର୍ଥବାଦୀ । Shakespeare ଙ୍କ ପ୍ରକୃତି ଚିତ୍ରଣ ଆଲୋଚନା-ପ୍ରସଙ୍ଗରେ ଜଣେ ପାଶ୍ଚାତ୍ୟ ସମାଲୋଚକ କହି ଅଛନ୍ତି— "A primrose to him was just a primrose and nothing more" । ରାଧାନାଥଙ୍କ ସମ୍ବନ୍ଧରେ ଠିକ୍ ଏହି କଥା କୁହାଯାଇ ପାରେ । କିନ୍ତୁ ଓ୍ୱାର୍ଡ଼ସ୍ୱର୍ଥଙ୍କ ସଦୃଶ ଗଙ୍ଗାଧର ପ୍ରକୃତିର ଅନ୍ତର୍ଦ୍ଦେଶରେ ନିହିତ ଗଭୀର ଆଧ୍ୟାତ୍ମିକ ଶକ୍ତି ବଳରେ ମାନବତ୍ୱର ପରିପୂର୍ଣ୍ଣ ବିକାଶର ସମ୍ଭାବ୍ୟତାକୁ ଉଚ୍ଚସ୍ଥାନ ଦେଇ ଅଛନ୍ତି ।

ମୁଁ ତ ଅମୃତସାଗର ବନ୍ଧୁ
ନଭେ ଉଠିଥିଲି ତେଜ ସିନ୍ଧୁ,
ଖସି ମିଶିଛି ଅମୃତଧାରେ
ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ପାପତାପରେ
ହୋଇ ଶିଶିର ମିଶିବି ତାପରେ,
ଅମୃତ ମଧୁ ଅମୃତ ବନ୍ଧୁ
ସହିତ ମିଶିବ ସାଗରେ ।

ମଣିଷ ଅମୃତର ସନ୍ତାନ । ଅମୃତତ୍ତ୍ୱହିଁ ତାର ଭାଗ୍ୟଲିପି ଦୁନିଆର କୌଣସି ଶକ୍ତି, ସେ ଯେତେ ବଡ଼ ହେଉନା କାହିଁକି, ତାକୁ ଏଥିରୁ କଶ୍ମିନ୍‌କାଳେ ବଞ୍ଚିତ କରିପାରିବ ନି । ଦଳିତ ନିଷ୍ପେଷିତ, ଅବହେଳିତ, ଲାଞ୍ଛିତ, ଦୋଷ ଦୁର୍ବଳତାର ମାନବ-ଉପରେ କି ଗଭୀର ବିଶ୍ୱାସ ! ଏ ଦୃଷ୍ଟିରୁ ବିଚାର କଲେ ଏଇ କେତୋଟି ଧାଡ଼ି କେବଳ ଓଡ଼ିଆସାହିତ୍ୟରେ କାହିଁକି, ସମଗ୍ର ବିଶ୍ୱସାହିତ୍ୟରେ ସମ୍ମାନ ପାଇବାର ଯୋଗ୍ୟ । ସୁପ୍ରସିଦ୍ଧ ଫରାସୀ ଲେଖକ Victor Hugo ଙ୍କ ଉପନ୍ୟାସ "Less Miserables ରେ ଲେଖିଅଛନ୍ତି—Is there not in every human soul a primitive spark, a divine element incorruptible in this world immortal in the next, which can be developed by good kindled lit up and made resplendently radiant and which evil cannot entirely extinguish".

ଗଙ୍ଗାଧର ସତ୍ୟ, ଶିବ, ସୁନ୍ଦରର ଉପାସକ ଥିଲେ । ଜଗତରେ ଯାହା କିଛି ମହନୀୟ, ସ୍ୱଚ୍ଛ, ଶୁଭ୍ର, ସରସ ସତ୍ତାଭୂର

ଦୀପ୍ତିରେ ପ୍ରୋଜ୍ଜ୍ୱଳ, କଲ୍ୟାଣର ମହିମାରେ ମହିମାନ୍ୱିତ, ସେସବୁକୁ ସେ ନିଜର କାବ୍ୟ ସମୂହର ଉପଜୀବ୍ୟ ବସ୍ତୁରୂପେ ଗ୍ରହଣ କରି ଅଛନ୍ତି । ରାଧାନାଥଯୁଗରେ ଜନ୍ମଗ୍ରହଣ କରି ମଧ୍ୟ ଅତୀତର ଗୌରବୋଜ୍ଜ୍ୱଳ ଗ୍ରନ୍ଥାଦିରୁ ସେ ତାଙ୍କର ଉପାଦାନ ଆହରଣ କରି ଅଛନ୍ତି, ଆଉ ସୀତା, ଶକୁନ୍ତଳା, ଦ୍ରୌପଦୀ, ରାମ, ଅର୍ଜୁନ, ଦୁଷ୍ୟନ୍ତାଦି ପୁଣ୍ୟଶ୍ଲୋକ ନରନାରୀମାନଙ୍କୁ ନିଜ କାବ୍ୟର ନାୟକ-ନାୟିକାରୂପେ ଗ୍ରହଣ କରି ଅଛନ୍ତି । ଗଙ୍ଗାଧର ଗୁଣୀ, ବିବେକ-ବାନ୍, ଶିଳ୍ପର ଗ୍ରାହକ । 'ଉତ୍କଳ ମାତାର ରୋଦନ' 'ସ୍ୱର୍ଗୀୟା କୃଷ୍ଣକୁମାରୀ' 'ମଧୁସୂଦନ ରାଓଙ୍କ ସ୍ୱର୍ଗାରୋହଣ' 'ସ୍ୱର୍ଗୀୟ କବିବର ରାଧାନାଥ ରାୟ' 'ବଳରାମ ଦେବ' ଇତ୍ୟାଦି କବିତା ସମୂହରେ ଗଙ୍ଗାଧରଙ୍କର ଗୁଣଗ୍ରାହକତାର ପରିଚୟ ମିଳେ । 'କବି ହୋଇ କରୁଥିବ ନିର୍ମଳ କବିତ୍ୱ । ମନଦେଇ ଶୁଣୁଥିବ ରସିକ ପଣ୍ଡିତ ।' (ଦୀନକୃଷ୍ଣ) ଗଙ୍ଗାଧରଙ୍କର ପବିତ୍ର ଲେଖନୀ ନିର୍ମଳ କବିତ୍ୱ ବ୍ୟତୀତ ଅନ୍ୟବିଧ ପ୍ରୟୋଜନ ସାଧନ ନିମିତ୍ତ କେବେ କିଛି ଲେଖିବାକୁ ଯାଇ ନି । ବିଶ୍ୱସୃଷ୍ଟିରେ କ୍ଷୁଦ୍ରାଦପିକ୍ଷୁଦ୍ର ଦୁର୍ବାଦଳର ସୃଷ୍ଟି ବି ଉଦ୍ଦେଶ୍ୟବିହୀନ ନୁହେଁ । ଏହା ହିଁ ନୀତି, ଗଙ୍ଗାଧରଙ୍କ ଜୀବନର ନୀତି । ବିଶ୍ୱବିଧାନ ତନ୍ତ୍ରରେ ସ୍ୱ ସ୍ୱ ଧର୍ମସଂପାଦନହିଁ ପ୍ରତ୍ୟେକ ସୃଷ୍ଟବସ୍ତୁର ଚରମ ଲକ୍ଷ୍ୟ । ଏଣୁ ହେୟ, ତୁଚ୍ଛ ହୋଇ କୌଣସି ବସ୍ତୁ ନାହିଁ । ମହାଭିକାରୀ, ଗର୍ବ, ସୂର୍ଯ୍ୟପ୍ରତି ଖଦ୍ୟୋତର ଖେଦ, ଅନ୍ଧକାରର ଆତ୍ମପ୍ରସାଦ ଏବଂ ନର ଓ ମୟୂର ଇତ୍ୟାଦି କବିତାରେ ଏହି ଭାବର ବିଳାସ ।

ଗଙ୍ଗାଧର ଚିର ଆଶାବାଦୀ । ଜୀବନକୁ ସେ କେବେ 'ଜୀବନ୍ତ ମରଣ' ରୂପେ ଦେଖି ନାହାନ୍ତି । 'ମଳୟର ଆବାହନ' କବିତାଟିରେ ଛନ୍ଦେ ଛନ୍ଦେ କବିଙ୍କର ତୁଙ୍ଗ ଆଶାବାଦର ଉଦାତ୍ତ ସ୍ୱର ଧ୍ୱନିତ—

ଧୀରେ ଧୀରେ ଆସ ମଳୟ ପବନ
ଧୀରେ ଧୀରେ ଆସ ବହି,
ପୁଲକିତ କର ଉତ୍କଳବାସୀଙ୍କି
ଶୁଭ ସମାଚାର କହି ।

\+ \+ \+

ଅନେକ ପାଦପ ଚନ୍ଦନ ହୁଅନ୍ତି
ପରି ତୁମ୍ଭ ପରଶରେ,
ଅମ୍ଭ ଦେଶ ତରୁ ସକଳ ତହିଁରୁ
ବଞ୍ଚିତ କେଉଁ ଦୋଷରେ ।

ଗ୍ରୀଷ୍ମ ବର୍ଷା ଶୀତକ୍ଳିଷ୍ଟ ଧରଣୀ ବକ୍ଷରେ ଦୀର୍ଘ ଏକ ବର୍ଷର ବିଚ୍ଛେଦ ପରେ ନବଜୀବନର ବିପୁଳ ସୁଖସମ୍ଭାର ଘେନି ଯେଉଁବେଳେ ବସନ୍ତର ମୃଦୁ ମଳୟ ସମୀରଣ ପଦାର୍ପଣ କରେ, ସେତେବେଳେ ଅପାର ଆନନ୍ଦରେ ପ୍ରତି ମାନବର ଅନ୍ତର ଉଲ୍ଲସିତ ହୁଏ ! ଜୀବନର ସମସ୍ତ ଅର୍ଘ୍ୟ ନିଃଶେଷିତ କରି ତାଙ୍କ ପାଦରେ ଝାଙ୍କିଦେଇ ସେ କରେ ତାର ଅଭ୍ୟର୍ଥନା । ଉପରୋକ୍ତ ପ୍ରକାଶିତ ଅର୍ଥର ଅନ୍ତରାଳରେ ଧ୍ୱନିତ ଗୂଢ଼ ଅର୍ଥଟି ଆହୁରି ଚମତ୍କାର ! ଦେଶପ୍ରାଣ କବି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ସଙ୍କେତକୁ ମଳୟପବନରୂପେ କଳ୍ପନାକରି ତାର ଆବାହନ କରିଥିବା ବିଚିତ୍ର ନୁହେଁ ।

ଆଗରୁ କହିଛି, ଗଙ୍ଗାଧର ସ୍ୱପ୍ନବିଳାସୀ ପଦ୍ମଭୁକ୍ ନ ଥିଲେ, ଆଦର୍ଶର ପୂଜାରୀ ଗଙ୍ଗାଧରଙ୍କ କାବ୍ୟକବିତା ସମୂହରେ କଠୋର ବାସ୍ତବତାକୁ ଏଡ଼ି ଦେବାର ପ୍ରୟାସ କୁତ୍ରାପି ନାହିଁ । ବରଂ ଫକୀରମୋହନଙ୍କ ତୁଲ୍ୟ ସରସ ବ୍ୟଙ୍ଗାତ୍ମକ ଉକ୍ତି ଭିତର ଦେଇ ସମାଜର ଦୂଷିତ, ଗଳିତ କ୍ଷତସ୍ଥାନଗୁଡ଼ିକର ଅସ୍ତ୍ରୋପଚାରରେ ଗଙ୍ଗାଧର ସାହସ ଓ ସିଦ୍ଧହସ୍ତତାର ପରିଚୟ ଦେଇ ଅଛନ୍ତି ।

"ମନ ଯା'ର ବ୍ୟସ୍ତ ସଦା ପରସ୍ୱ ହରଣେ
ଧନ ଯା'ର ବଦଳାଇ ଗଣିକାଚରଣେ ।
ଜୀବନ ଯା' ଲକ୍ଷ ଲକ୍ଷ ଲୋକଙ୍କର ଭାର
ତାକୁ ମଧ୍ୟ ବୋଲୁଥାନ୍ତି ଧର୍ମ ଅବତାର ।"

ଦେଶ ଓ ସମାଜର ପୂଜାବେଦୀରେ ଏ ଭଳି ଭଣ୍ଡ ଧର୍ମାତ୍ମା-ମାନଙ୍କର ଅଭିଷେକ ଅଜୀବ ଏ ରାଜ୍ୟରେ ଦୁର୍ଲଭଦର୍ଶନ ନୁହେଁ । ଜ୍ୟେଷ୍ଠ ଜାତିର ଅପକର୍ମର ପରିଣାମ, ପଞ୍ଚାମୃତ, ପ୍ରେତର ଅନୁତାପ ଇତ୍ୟାଦି କବିତାରେ ନାନା ସାମାଜିକ ସମସ୍ୟା ସମ୍ବନ୍ଧରେ କବି ନିଜର ମନୋଭାବ ବ୍ୟକ୍ତ କରିଅଛନ୍ତି —

"ଧନାହାରେ ସଭ୍ୟମାନେ ଏବେଣେ ଛନ୍ତି ବସି
ଫଳାହାର ଲୋଭେ ଯା'ର ଚିର ଏକାଦଶୀ ।
କାଳିଦେବ ବନ୍ଧୁ ପ୍ରଜା ଦ୍ରବ୍ୟଭାର
ଯୋଗାଡ଼ କରନ୍ତି ଲେନ୍ଦ୍ରିପେମ୍ବ ଫଳାହାର ।
ଅନ୍ନାହାର ଫଳାହାର ଅବା ଜଳଯୋଗ
ମୂଲ୍ୟରେ ଅଧିକ ହୁଏ ସେ ଏକ ସୁଯୋଗ ।"

କେତେବେଳେ ନୀରବିଣୀ ଅନ୍ତଃସଲିଳା ଫଲ୍‌ଗୁଧାରା ସଦୃଶ, କେତେବେଳେ ବା କଳକଳନାଦିନୀ କ୍ଷୁଦ୍ର ପ୍ରବାହିନୀ ଗିରିତଟିନୀ-ସଦୃଶ ଦେଶାତ୍ମବୋଧର ଅପୂର୍ବ ରସରେ ରାଧାନାଥ ଯୁଗର ସାହିତ୍ୟ ଅଭିଷେଚିତ । ଗଙ୍ଗାଧର ଦେଶପ୍ରେମୀ, ଭାରତୀ ଭାବନାର ପ୍ରୋଜ୍ଜ୍ୱଳ ହୋମଶିଖା ରୂପେ ହେଉ ଅଥବା ତପସ୍ୱିନୀର ସ୍ନିଗ୍ଧ ସଲଜ୍ଜ-ଦୀପାଲୋକରୂପେ ହେଉ, ଦେଶାତ୍ମବୋଧର ବହୁ ବିଚିତ୍ର ପ୍ରକାଶ ଗଙ୍ଗାଧର ସାହିତ୍ୟକୁ ଗୌରବମୟ କରିଛି । ଗଙ୍ଗାଧରଙ୍କ ଦୃଷ୍ଟି ଥିଲା ଉନ୍ନତ, ଚିତ୍ତ ଉଦାର, ପ୍ରାଣ ମହାନ୍ । ଏଣୁ ଦେଶାତ୍ମବୋଧନାମରେ

ନୀଚ ମଦାନ୍ଧତା କିମ୍ବା ସଂକୀର୍ଣ୍ଣ ପ୍ରାଦେଶିକତା କେବେ ତାଙ୍କ ହୃଦୟରେ ସ୍ଥାନ ପାଇନି । ସରୋବରର ସ୍ୱଚ୍ଛତା ଓ ଶୁଭ୍ରତା— ନିମିତ୍ତ ଜଳ ନିଷ୍କାସନ ଓ ଜଳ ପ୍ରବେଶର ପଥ ଉନ୍ମୁକ୍ତ ରହିବା ଏକାନ୍ତ ଆବଶ୍ୟକ । ଭାଷା ଓ ସାହିତ୍ୟ ସମ୍ବନ୍ଧରେ ଗଙ୍ଗାଧର ବରାବର ଏହି ଭାବ ପୋଷଣ କରି ଆସି ଅଛନ୍ତି । ଉତ୍କଳଭାରତୀଙ୍କ ଉକ୍ତି ଏବଂ ଉଦ୍‌ବୋଧନ କବିତାଦ୍ୱୟରୁ ଅଜି ମଧ୍ୟ ଆମର ବହୁତ କଥା ଶିଖିବାକୁ ଅଛି ।

ଦରିଦ୍ର ଭୁଲିଆ କବି ଗଙ୍ଗାଧର ଏ ଦେଶକୁ ଅନେକ କିଛି ଦେଇଛନ୍ତି, ଦେହ; ମନ ପ୍ରାଣ ସବୁ । ଏ ଦେଶ ପ୍ରତି ତାଙ୍କର ଶେଷ ବାର୍ତ୍ତା ହେଉଛି—

ଦେଖି ବହୁଛି ହେ ଈଶ୍ୱର ଅଶେଷ ଧାର,
ଜ୍ଞାନକର୍ମ ଗଙ୍ଗା— ଯମୁନା ପରିଏ
ଭବୁ କରିବାକୁ ପାର—
ସେ ଧାର ଯୁଗଳ ଉତ୍କଳ ଭୂମିର
ବହୁଦୂରେ ଅଛି ରହି,
କୁଲ୍ୟା ଖୋଳିବାର ପ୍ରୟାସ ନ କଲେ
ଆସି ନ ପାରିବ ବହି ।

# ସାହିତ୍ୟର ଉତ୍ପତ୍ତି
# ଓ
# ବିକାଶରେ ଅର୍ଥନୀତିର ପ୍ରଭାବ

କାହାର କାହାର ଧାରଣା ସାହିତ୍ୟ ଓ ଅର୍ଥନୀତି ଦୁଇଟି ସଂପୂର୍ଣ୍ଣ ବିଭିନ୍ନ ଜଗତର ବସ୍ତୁ । ଗୋଟିଏ ସୁଶ୍ରୀ, ସରସ, ସ୍ୱର୍ଗୀୟ ଏବଂ ଆତ୍ମଧର୍ମୀ; ଅପରଟି ଶୁଷ୍କ, ନୀରସ, ଜାଗତିକ ଓ ଦେହଧର୍ମୀ । ଗୋଟିଏ ସତ୍ୟ ଶିବ ଓ ସୁନ୍ଦରର ବାହକ, ଅପରଟି ଶଇତାନର ପୂଜାରୀ । କିନ୍ତୁ ଟିକିଏ ଚିନ୍ତାକରି ଦେଖିଲେ ଜଣା ପଡ଼ିବ ଯେ, ସାହିତ୍ୟ ଏବଂ ଅର୍ଥନୀତି ମଧ୍ୟରେ ଏ ଯେଉଁ ସୀମାରେଖା ଟଣାଯାଉଛି, ତାହା ସଂପୂର୍ଣ୍ଣ କୃତ୍ରିମ, ହୁଏତ ଦଳ ବା ଶ୍ରେଣୀବିଶେଷର ବିଷୟବୁଦ୍ଧି-ପରିଚାଳିତ କପୋଳକଳ୍ପନା ମାତ୍ର । ମାନବଜାତିର ସଭ୍ୟତା, ସଂସ୍କୃତି ଓ ସାହିତ୍ୟର ଇତିହାସ ଆଲୋଚନା କରି ଦେଖିଲେ ସ୍ପଷ୍ଟ ପ୍ରତିପାଦିତ ହେବ ଯେ, ଯୁଗେ ଯୁଗେ ଅର୍ଥନୀତି ସାହିତ୍ୟକୁ ତାର ଉଦ୍ଭବ, ଉନ୍ନତି ଓ ବିକାଶରେ ନାନା ଭାବରେ ପ୍ରଭାବିତ କରି ଆସିଛି । କେବଳ ସାହିତ୍ୟ ନୁହେଁ, ବିଜ୍ଞାନ, ଧର୍ମ, ଦର୍ଶନ, କଳା ସ୍ଥାପତ୍ୟାଦି ଜ୍ଞାନର ସକଳ ବିଭାଗର ଅନ୍ତର୍ଦେଶରେ ଅର୍ଥନୀତିର ସୁଦୂରପ୍ରସାରୀ ପ୍ରଭାବର ସ୍ପଷ୍ଟ ସଙ୍କେତ ବର୍ତ୍ତମାନ । ମୁଖ୍ୟତଃ ମାନବ ଏକ ଅର୍ଥନୈତିକ ଜୀବ ଏବଂ ତାର ଅପରାପର ଶକ୍ତି ଓ ପ୍ରବୃତ୍ତି ସମୂହର ଭୂୟୋବିକାଶ ଏହି ମୂଳ ପ୍ରବୃତ୍ତିରୁ ସ୍ଫୁଟ ହୋଇଥିବା ଖୁବ୍ ସମ୍ଭବପର । କୃଷି, ଶିକାର ଏବଂ ଆତ୍ମରକ୍ଷା-ନିମିତ୍ତ ସଂଗ୍ରାମାଦିରେ ଅନୁକୂଳ ମାନସିକ ବାତାବରଣ ସୃଷ୍ଟି

କରିବା ଉଦ୍ଦେଶ୍ୟରେ ସାମୂହିକ ପ୍ରଚେଷ୍ଟାରୂପରେ ସାହିତ୍ୟର ପ୍ରଥମ ଉନ୍ମେଷ ହୋଇଥିବା ସପକ୍ଷରେ କେତେକ ଲୋକ ମତ ଦିଅନ୍ତି । ପରେ ସଭ୍ୟତାର ବିକାଶ ପଥରେ କର୍ମର ନାନା ବିଭାଗ-ଫଳରେ ସାମାଜିକ ଓ ଅର୍ଥନୈତିକ ସଂଗଠନ ଜଟିଳ ହୋଇ ପଡ଼ିବା ସଙ୍ଗେ ସଙ୍ଗେ ସାହିତ୍ୟ ଓ ସଙ୍ଗୀତାଦି ବାସ୍ତବତାରୁ ବିଚ୍ୟୁତ ହୋଇ ବୈୟକ୍ତିକ କୃତ୍ରିମ ଉଦ୍ୟମରେ ପରିଣତ ହୋଇଅଛି । ଏ ଗୁଡ଼ିକର ଶୁଦ୍ଧ ସ୍ୱଚ୍ଛ ଅବିକାଶିତ ରୂପ ଏବେ ମଧ୍ୟ ଭାରତ, ଆଫ୍ରିକା ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନଙ୍କରେ ଆଦିମ ଅଧିବାସୀମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ଅନ୍ୟ କାହାରି କାହାରି ମତରେ ବିବାହ, ପୁତ୍ରଜନ୍ମ, ବସନ୍ତାଗମ, ନୂତନ ଶସ୍ୟ-ସଂଗ୍ରହାଦି ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକରେ ମାନବ ଜୀବନର ଉଦ୍‌ବୃତ୍ତ ପ୍ରାଣଶକ୍ତିର ସ୍ୱାଭାବିକ ପରିସ୍ଫୁରଣହିଁ ସାହିତ୍ୟସଙ୍ଗୀତାଦି-ଲଳିତ କଳାର ଆଦିସୃଷ୍ଟିର ମୂଳବୀଜରୂପେ ଅନୁସନ୍ଧେୟ । ପୁଣି କେହି କେହି କହୁଥାନ୍ତି ଯେ ଜୀବନ ସଂଗ୍ରାମରେ କ୍ଷତ-ବିକ୍ଷତ କର୍ମକ୍ଳାନ୍ତ ମାନବର ଶ୍ରମାପନୋଦନପ୍ରୟାସରୁ ସାହିତ୍ୟର ଉତ୍ପତ୍ତି । ବସ୍ତୁତଃ କାଳସ୍ରୋତର ପ୍ରତିଲୋମରେ ଭାସିଯାଇ ସାହିତ୍ୟ ସଙ୍ଗୀତାଦି ଲଳିତ କଳାର ଆଦି ସୃଷ୍ଟି ମୂଳରେ ବର୍ତ୍ତମାନ କାରଣସମୂହର ସାକ୍ଷାତ ପରିଚୟ ଲାଭ ନିଶ୍ଚିତରୂପେ ଆମ୍ଭମାନଙ୍କ ପକ୍ଷରେ ଏକାନ୍ତ ଅସମ୍ଭବ, ଇତିହାସ, ନୃତତ୍ତ୍ୱାଦି-ଦ୍ୱାରା ପ୍ରଦତ୍ତ ଜ୍ଞାନାଲୋକ ସାହାଯ୍ୟରେ ଏକ ଯୁକ୍ତିଯୁକ୍ତ ସମ୍ଭାବ୍ୟ କଥନ ଗଢ଼ିନେବାହିଁ ଏକମାତ୍ର ପନ୍ଥା । ଏଣୁ ଅର୍ଥନୀତି, ଦର୍ଶନ, ବିଜ୍ଞାନ ଏବଂ ସୌନ୍ଦର୍ଯ୍ୟ ଶାସ୍ତ୍ର ଇତ୍ୟାଦି ବିଭିନ୍ନ ଦୃଷ୍ଟିକୋଣରୁ ସାହିତ୍ୟର ଉତ୍ପତ୍ତି ସମ୍ବନ୍ଧରେ ଯେଉଁ ସବୁ ମତବାଦ ବିଭିନ୍ନ ବ୍ୟକ୍ତି ବା ଗୋଷ୍ଠୀମାନଙ୍କଦ୍ୱାରା ଉପସ୍ଥାପିତ କରାଯାଇଥାଏ,

ସେଗୁଡ଼ିକର ଉତ୍କର୍ଷ ଅପକର୍ଷର ଆଲୋଚନା ଅନୁଚିତ ଏବଂ ଅନାବଶ୍ୟକ ।

ଏଣୁ ବ୍ୟକ୍ତି ବା ଗୋଷ୍ଠୀର ଅର୍ଥନୀତିକ ପ୍ରଚେଷ୍ଟାରୁହିଁ ସାହିତ୍ୟର ଉତ୍ପତ୍ତି, ଏହି ମତବାଦ ନେଇ ବିଶେଷ ମୁଣ୍ଡ ଖରଚ ନ କରି ଯୁଗେ ଯୁଗେ କିପରି ଅର୍ଥନୀତି ସାହିତ୍ୟର ବିକାଶ, ପ୍ରଗତି ଓ ପରିଣତିକୁ ଗଭୀର ଭାବରେ ପ୍ରଭାବିତ କରିଅଛି, ତାହାହିଁ ଆଲୋଚନା କରାଯିବା ଉଚିତ ।

ଆମର ଶାସ୍ତ୍ର ପୁରାଣରେ ଅନ୍ନମୟ, ପ୍ରାଣମୟ, ମନୋମୟ, ଜ୍ଞାନମୟ ଏବଂ ଆନନ୍ଦମୟ ଭେଦରେ ପଞ୍ଚକୋଷର ବର୍ଣ୍ଣନା କରାଯାଇଛି । ଶାସ୍ତ୍ର–ବର୍ଣ୍ଣିତ ଏ ପଞ୍ଚକୋଷକୁ ମାନବିକ ବିକାଶର ପାଞ୍ଚଟି ସ୍ତର ରୂପେ ଗ୍ରହଣ କରାଯାଇପାରେ ଏବଂ ସମଗ୍ର ମାନବିକ ବିକାଶର ମୂଳଭିତ୍ତି ତାର ଅନ୍ନମୟ କୋଷ ।

'ଅନ୍ନାଦ୍ ଭବନ୍ତି ଭୂତାନି<br>
ପର୍ଜନ୍ୟାଦନ୍ନ ସମ୍ଭବଃ ।<br>
ଯଜ୍ଞାଦ୍ ଭବତି ପର୍ଜନ୍ୟୋ<br>
ଯଜ୍ଞଃ କର୍ମସମୁଦ୍ଭବଃ ।"

ଗୀତାରେ କର୍ମଯୋଗର ମାହାତ୍ମ୍ୟ ବ୍ୟାଖ୍ୟାନ ପ୍ରସଙ୍ଗରେ ଏ କଥା କୁହା ଯାଇଛି । ସମଗ୍ର ସୃଷ୍ଟିପ୍ରକ୍ରିୟା ଅନ୍ନଉପରେ ନିର୍ଭର କରେ । ସେଥିପାଇଁ ଆଦିସ୍ରଷ୍ଟା ହିରଣ୍ୟଗର୍ଭଙ୍କର ଅନ୍ୟ ନାମ ଅନ୍ନ । ମାନବ ଜୀବନର ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶକୁ ବହୁ ଭାବରେ ପ୍ରଭାବିତ ଓ ନିୟନ୍ତ୍ରିତ କରିଥାଏ ବୋଲି ଅନ୍ନଶାସ୍ତ୍ର ବା ଅର୍ଥନୀତି ଆଧୁନିକ ଜଗତରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇଅଛି । ଅନ୍ନର ପ୍ରାଚୁର୍ଯ୍ୟ ତଥା ଅନାୟାସ-

ଲଭ୍ୟଥିବା ମାନବର ଅନ୍ତରରେ ଆଣିଦେଏ ଏକ ବିରାଟ ବିସ୍ମୟ-ବୋଧ, ଅପୂର୍ବ ରହସ୍ୟ ଭାବନା, ତୁଙ୍ଗ ଆଶୀର୍ବାଦ ଏବ ଏକ ଦିବ୍ୟ ଅଲୌକିକ ଅତିମାନବିକ ଶକ୍ତିରେ ଗଭୀର ବିଶ୍ୱାସ । ଅନ୍ୟ ପକ୍ଷରେ ଅନ୍ନର ଅନାଟନ ତଥା ପ୍ରକୃତିର ଦାନକୁଣ୍ଠତାଜନିତ କଠୋର ସଂଗ୍ରାମ ଅନ୍ତରରେ ଆଣି ଦିଏ ଅପୂର୍ବ କର୍ମପ୍ରେରଣା, ଗଭୀର ଆତ୍ମପୌରୁଷବୋଧ ଏବଂ ଜୀବନ ପ୍ରତି ଦୃଢ଼,ବାସ୍ତବ ଦୃଷ୍ଟି-ଭଙ୍ଗୀ । ବେଦମନ୍ତ୍ର ସମୂହର ଛନ୍ଦେ ଛନ୍ଦେ ଧ୍ୱନିତ ଆର୍ଯ୍ୟଋଷି-କଣ୍ଠର ଉଚ୍ଛଳ ଉଦାତ୍ତ ସଙ୍ଗୀତର ପ୍ରେରକ ଶକ୍ତି ସେହି ଅନ୍ନ:—

" ଅଶ୍ୱାବତୀ ର୍ଗୋମତୀ ର୍ବିଶ୍ୱ ସୁବିଦୋ<br>
ଭୂରି ଚ୍ୟବନ୍ତ ବସ୍ତବେ ।<br>
ଉଦୀରୟ ପ୍ରତିମା ସୁନୃତା ଉଷ<br>
ଶ୍ଚୋଦ ରାଧୋ ମଘୋନାମ୍ ।"

ହେ ଉଷା ଦେବତା ! ପ୍ରଜାମାନଙ୍କର ସୁଖ ବାସ ନିମିତ୍ତ ତୁମେ ବହୁ ଗାଭୀ ଓ ଅଶ୍ୱରେ ଯୁକ୍ତ ହୋଇଅଛ । ମୋତେ ପ୍ରିୟ ହିତକର କଥା କୁହ ଏବଂ ଆମ୍ଭମାନଙ୍କୁ ପ୍ରଚୁର ଅର୍ଥଦାନ କରିବା ନିମିତ୍ତ ଧନୀ ଲୋକମାନଙ୍କୁ ପ୍ରେରଣା ଦିଅ ।

ସୁଜଳା-ସୁଫଳା-ଶସ୍ୟ-ଶ୍ୟାମଳା ଭାରତ ଭୂମିର ଅନ୍ନ ପ୍ରାଚୁର୍ଯ୍ୟ ଓ ଅନନ୍ତ ପ୍ରକୃତି ସୁଷମା ଆର୍ଯ୍ୟଋଷିର କଣ୍ଠରେ ଫୁଟାଇଛି ଆଶାର ଶତ ବିଚିତ୍ର ରାଗିଣୀ, ଆନନ୍ଦର ମଧୁରମୂର୍ଚ୍ଛନା ଏବଂ ସହସ୍ର ସ୍ୱପ୍ନିଳ କଳ୍ପନାସୃଷ୍ଟି । ଫଳରେ ବେଦଯୁଗର ରଚନାସମୂହ ପରବର୍ତ୍ତୀ ଯୁଗର ରଚନା ସଦୃଶ ପର ଜୀବନର ଗୁରୁଗମ୍ଭୀର ଚିନ୍ତାରାଜିଦ୍ୱାରା ଭାରାକ୍ରାନ୍ତ ନୁହେଁ କିମ୍ବା ଇହ ଜୀବନର ଦୁଃଖ ଦୁର୍ଦ୍ଦଶାର ବିଭୀଷିକାମୟ ଚିତ୍ରଦ୍ୱାରା ବିଷାଦ କାଳିମାଗ୍ରସ୍ତ ନୁହେଁ ।

କିନ୍ତୁ ପରବର୍ତ୍ତୀ ଯୁଗରେ ଜନସଂଖ୍ୟାର କ୍ରମାଗତ ବୃଦ୍ଧି ଅର୍ଥନୀତିକ ସମ୍ପଦର ସସୀମତା, ତଥା ବଣ୍ଟନନୀତିର ଅସମାନତା-ଫଳରେ ଯେତେବେଳେ ସମାଜରେ ବିଶୃଙ୍ଖଳା ଓ ବିଦ୍ରୋହର ସୂଚନା ଦେଖା ଦେଇଛି, ସେତେବେଳେ ସମାଜର ପୁରୋହିତବର୍ଗ (କ୍ଷତ୍ରିୟ ଓ ବ୍ରାହ୍ମଣ) ଉପନିଷଦର ପରଜୀବନ, ଜନ୍ମାନ୍ତର ବାଦ, କର୍ମଫଳ ଇତ୍ୟାଦି ଦାର୍ଶନିକ ତତ୍ତ୍ୱର ଅବତାରଣାଦ୍ୱାରା ଏ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଅଛନ୍ତି । ଧନ ସମ୍ପତ୍ତିରେ ବ୍ୟକ୍ତିଗତ ଅଧିକାର ଏକ ପବିତ୍ର ଅନୁଷ୍ଠାନରୂପେ ସ୍ୱୀକୃତ ହୋଇଅଛି ଏବଂ ତାର ଅନୁସରଣ ବା ବ୍ୟତିକ୍ରମରୁ ଯଥାକ୍ରମେ ପାପପୁଣ୍ୟର ଧାରଣା ସୃଷ୍ଟି ହୋଇଛି ।

"ଈଶା ବାସ୍ୟ ମିଦଂ ସର୍ବଂ
ଯତ୍କିଞ୍ଚିତ୍ ଜଗତ୍ୟାଂ ଜଗତ୍
ତେନ ତ୍ୟକ୍ତେନ ଭୁଞ୍ଜୀଥା
ମା ଗୃଧଃ କସ୍ୟ ସ୍ୱିଦ୍ଧନମ୍

ଶୋଷକ ଶାସକବର୍ଗର ବିଳାସିତା ଓ କର୍ମବିମୁଖତା ଏବଂ ଦଳିତ, ଶୋଷିତ ସମ୍ପ୍ରଦାୟର ନୈରାଶ୍ୟ ଅବସାଦ ଏବଂ ଜଡ଼ତା ଦୂରୀକରଣପୂର୍ବକ ସୁସ୍ଥ ସବଳ ରାଷ୍ଟ୍ରଜୀବନ ଗଠନ-ନିମିତ୍ତ କର୍ମ ମାନବ ଜୀବନର ପରମ ଧର୍ମ ରୂପେ ଗୃହୀତ ହୋଇ-ଅଛି । କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ।

ସ୍ଥୂଳତଃ ଶିକାର ଯୁଗର ଆଦିମ ଗୋଷ୍ଠୀବାଦ ସ୍ଥାନରେ କୃଷି ଅର୍ଥନୀତିକୁ କେନ୍ଦ୍ର କରି ଶ୍ରେଣୀ ବୈୟକ୍ତିକ ବୃତ୍ତିଧିକାର-ଉପରେ ପ୍ରତିଷ୍ଠିତ ଯେଉଁ ନୂତନ ସମାଜ ବ୍ୟବସ୍ଥା ଗଢ଼ି ଉଠିଲା

ତାହାକୁ ଧର୍ମ, ସମାଜନୀତି ଓ ରାଜନୀତି କ୍ଷେତ୍ରରେ ବର୍ଣ୍ଣାଶ୍ରମ ଧର୍ମ-ନାମରେ ନାମିତ କରି ଏକ ଚିରନ୍ତନ ରୂପ ଦିଆ ହେଲା । ହିନ୍ଦୁର ବର୍ଣ୍ଣ ବିଭାଗ ବ୍ୟବସ୍ଥା ଯେ ମୁଖ୍ୟତଃ ଏକ ଅର୍ଥନୀତିକ ସଂସ୍ଥା, ତାହାର ସମର୍ଥନ ମିଳେ ଗୀତାରେ ଶ୍ରୀକୃଷ୍ଣଙ୍କ ଉକ୍ତିରୁ—

"ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ
ଗୁଣ କର୍ମ ବିଭାଗଶଃ ।"

ମହାଭାରତରେ ମଧ୍ୟ ଏହାର ପ୍ରମାଣ ଅଛି:-

ଏକ ବର୍ଣ୍ଣମିଦଂ ପୂର୍ବଂ ବିଶ୍ୱମାସୀଦ୍ ଯୁଧିଷ୍ଠିର
କର୍ମ କ୍ରିୟା ବିଶେଷେଣ ଚାତୁର୍ବର୍ଣ୍ଣ୍ୟଂ ପ୍ରତିଷ୍ଠିତମ୍ ।

ସ୍ୱରୂପତଃ ଏହା ଏକ ପ୍ରକାର ପୁଞ୍ଜିବାଦ ବା ଧନିକବାଦ ହେଲେହେଁ ଧର୍ମ, କର୍ମ, ତ୍ୟାଗ ଓ ଗ୍ରାମ୍ୟ ଅର୍ଥନୀତିର ସହଜ ସରଳ ସଂସ୍ଥା ଉପରେ ପ୍ରତିଷ୍ଠା କରି ଏହାକୁ ଉଚିତ ସୀମା ଭିତରେ ରଖି ଦିଆ ହେଲା । ସଂସ୍କୃତ ସାହିତ୍ୟର ପ୍ରତିଷ୍ଠା ମୁଖ୍ୟତଃ ଏହି ବର୍ଣ୍ଣାଶ୍ରମ ଧର୍ମ ଉପରେ ହୋଇଅଛି । ବୌଦ୍ଧ ଧର୍ମର ବୈପ୍ଳବିକ ସମ୍ଭାବ୍ୟତା କୌଣସି ସୁବ୍ୟବସ୍ଥ ଆର୍ଥନୀତିକ ରୂପରେ ପ୍ରକାଶ ପାଇବା-ପୂର୍ବରୁ ତାହା ଏ ଦେଶରୁ ବିଲୟ ଭଜିଲା । କିନ୍ତୁ ଏ ଦେଶରେ ବୌଦ୍ଧଧର୍ମର ବ୍ୟାପକ ପ୍ରସାରଦ୍ୱାରା ବର୍ଣ୍ଣାଶ୍ରମଧର୍ମରେ ନାନା କୁସଂସ୍କାର ପ୍ରବେଶ କରି ଯେ ଜଡ଼ତା ଓ ଶିଥିଳତା ଆସି ଯାଇଥିଲା ଓ ଯେ ସବୁ ଅବ୍ୟବସ୍ଥା ଉପୁଜିଥିଲା, ସେ ସବୁର ସଂସ୍କାର କରି ଜନସାଧାରଣଙ୍କର ସ୍ନେହ, ପ୍ରୀତି ଓ ସହାନୁଭୂତି ଆକର୍ଷଣପୂର୍ବକ ତାହାକୁ ପୁନର୍ବାର ସୁଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରିବାର ପ୍ରୟାସ ହେଲା ଗୁପ୍ତ ଯୁଗରେ । କାଳିଦାସ ଓ ଭବଭୂତି ପ୍ରଭୃତି ସଂସ୍କୃତ-ସାହିତ୍ୟରଥୀମାନଙ୍କ କାବ୍ୟ ଓ ନାଟକାବଳୀ ଦେଶରେ ଏହି ନବୀନ ଉତ୍ସାହ, ପ୍ରେରଣା ଓ ଉଦ୍ୟମର ସାହିତ୍ୟିକ ପ୍ରକାଶ ।

ସଂସ୍କୃତ କାବ୍ୟମାନଙ୍କରେ ନାୟକନାୟିକା ଭେଦ, ସଂସ୍କୃତନାଟ୍ୟ-ସାହିତ୍ୟର ପାତ୍ରଭେଦ, ବସ୍ତୁ ସଂଗଠନ ଏବଂ ଭାଷାବିନ୍ୟାସାଦି ବର୍ଣ୍ଣାଶ୍ରମ ବ୍ୟବସ୍ଥାଦ୍ୱାରା ପ୍ରଭାବିତ । ଭାରତୀୟ ସାହିତ୍ୟ ଓ ସଂସ୍କୃତି ମୁଖ୍ୟତଃ ଗ୍ରାମ୍ୟ ଅର୍ଥନୀତି ଓ ବର୍ଣ୍ଣାଶ୍ରମ ବ୍ୟବସ୍ଥାର ସାରଲ୍ୟ ଓ ସଂଯମ ଉପରେ ପ୍ରତିଷ୍ଠିତ ଥିଲେହେଁ ପରବର୍ତ୍ତୀ ଯୁଗର ରଚନା-ସମୂହ ଏକଚ୍ଛତ୍ର ଶାସକମାନଙ୍କର ରାଜଧାନୀକୁ କେନ୍ଦ୍ର କରି ଯେଉଁ-ବିଳାସବ୍ୟସନମୟ ନାଗର ଜୀବନ ଆତ୍ମପ୍ରକାଶ କରିଥିଲା, ତାହା-ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବାକୁ ଲାଗିଲା । ବିଶେଷ କରି ଯେଉଁ କାମସୂତ୍ର କାଳିଦାସଙ୍କ ପରବର୍ତ୍ତୀ ଯୁଗର ସଂସ୍କୃତ ସାହିତ୍ୟ ତଥା ମଧ୍ୟଯୁଗୀୟ ପ୍ରାଦେଶିକ ସାହିତ୍ୟ ଉପରେ ଗଭୀର ରେଖାପାତ କରିଛି, ତାହା ବସ୍ତୁତଃ ନାଗରି ଅର୍ଥନୀତି ଏବଂ ରାଜପ୍ରସାଦର ଉଲ୍ଲଗ୍ନ ଉଚ୍ଛୃଙ୍ଖଳ ଜୀବନର ସୁସ୍ପଷ୍ଟ ଅଭିବ୍ୟକ୍ତି । ପାଶ୍ଚାତ୍ୟ ସାହିତ୍ୟ ସଙ୍ଗେ ତୁଳନା କରି ଦେଖିଲେ ଭାରତୀୟ ସାହିତ୍ୟର ବିଷୟବସ୍ତୁ, ବାହ୍ୟ-ରୂପ ସଂବିଧାନ ଓ ଚିନ୍ତାଧାରାରେ ଯେ ବୈଚିତ୍ର୍ୟହୀନ ଏକରୂପତା ପରିଲକ୍ଷିତ ହୁଏ, ତାର କାରଣ ଅନେକାଂଶରେ ଭାରତୀୟ ଅର୍ଥନୀତିକ ଚିନ୍ତାଧାରାର ସ୍ଥିତିଶୀଳତାରେ ଅନୁସନ୍ଧାନ କରିବାକୁ ପଡ଼ିବ । ଆତ୍ମରକ୍ଷା ବା ସମୂଳଧ୍ୱଂସର ଜୀବନ ମରଣ ସମସ୍ୟାରେ ଏକାବେଳକେ ବ୍ୟାପୃତ ରହି ଭାରତୀୟ ଭାବଧାରା ସ୍ୱକୀୟ କ୍ରିୟା ଶୀଳତା ହରାଇବା ସଙ୍ଗେ ସଙ୍ଗେ ବାହ୍ୟଜଗତର ଚିନ୍ତାଧାରାରୁ ମଧ୍ୟ କ୍ରମେ ବିଚ୍ଛିନ୍ନ ହୋଇପଡ଼ିଲା ଏବଂ ପ୍ରଗତିର ଏହି ଦୁଇଟି ମୁଖ୍ୟ ସ୍ରୋତ ବନ୍ଦ ହୋଇଯିବା ଫଳରେ ଭାରତୀୟ ସାମାଜିକ ଓ ଅର୍ଥ-ନୀତିକ ସଂଗଠନରେ କୌଣସି ବିପ୍ଳବାତ୍ମକ ଯୁଗାନ୍ତକାରୀ ପରି-ବର୍ତ୍ତନ ସମ୍ଭବପର ହେଲା ନାହିଁ । ବିଦେଶୀ ଶାସକଗୋଷ୍ଠୀର ନ୍ୟସ୍ତ-ସ୍ୱାର୍ଥ, ପରାଧୀନ ଭାରତୀୟ ବର୍ଣ୍ଣ-ହିନ୍ଦୁର ଆତ୍ମରକ୍ଷା ପ୍ରଭୃତିଦ୍ୱାରା

ପ୍ରତ୍ୱେଦିତ କଠୋର ସାମାଜିକ ଓ ଅର୍ଥନୀତିକ ବ୍ୟବସ୍ଥା ଓ ଦଳିତ
ନିଷ୍ପେଷିତ ପତିତ ହିନ୍ଦୁ ସଂପ୍ରଦାୟର ଅକୁଣ୍ଠ ଦାସ୍ୟ ସ୍ୱୀକାର-
ଫଳରେ ଇଉରୋପର ଫରାସିବିପ୍ଳବ ଛାଞ୍ଚରେ କୌଣସି ଜନଜାଗରଣ
ଏ ଦେଶରେ ମସ୍ତକ ଉତ୍ତୋଳନ କରିପାରିଲା ନ । ଅର୍ଥନୀତିକ
ସଂଗଠନ, ଉତ୍ପାଦନ ଓ ବଣ୍ଟନ ପ୍ରଣାଳୀ ଚିରାଚରିତ ପନ୍ଥା ଧରି
ଚାଲିବା ଫଳରେ ସାହିତ୍ୟିକ ଚିନ୍ତାରାଜ୍ୟରେ ଏକ ନିସ୍ତରଙ୍ଗ
ନିଶ୍ଚଳତାର ରାଜତ୍ୱ ଓ ବସ୍ତୁବିନ୍ୟାସରେ ବୈଚିତ୍ର୍ୟହୀନ ଏକରୂପତା
ଇଂରାଜମାନଙ୍କ ଆଗମନ ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟର ଏକ
ଅପ୍ରୀତିକର ପୀଡ଼ାଦାୟକ ବୈଶିଷ୍ଟ୍ୟର ପରିଚାୟକ ହୋଇ ରହିଲା ।
କାଳିଦାସୋତ୍ତର ଯୁଗର ସଂସ୍କୃତ ସାହିତ୍ୟ ଓ ପ୍ରାଦେଶିକ ମଧ୍ୟ-
ଯୁଗୀୟ ସାହିତ୍ୟରେ ବିଳାସୀ ଧନିକ ସମାଜର ଜୟଜୟକାର ଓ
ପ୍ରାସାଦବିହାରିଣୀ ରାଜରାଣୀର ରୂପର ପ୍ରଶଂସା ଶୁଣି ଶୁଣି ମଣିଷ
ରୁଦ୍ଧଶ୍ୱାସ ହୋଇପଡ଼େ । ଆଧୁନିକ ଯୁଗରେ ଭାରତର ବିଭିନ୍ନ
ପ୍ରାଦେଶିକ ସାହିତ୍ୟମାନଙ୍କରେ ବସ୍ତୁବିନ୍ୟାସ ଓ ରୂପସଂବିଧାନରେ
ଯେ ବହୁବିଧତା, ଚିନ୍ତାରାଜ୍ୟରେ ଯେ କ୍ରିୟାଶୀଳତା, ବସ୍ତୁ-
ତାନ୍ତ୍ରିକତା ଓ ବିପ୍ଳବ ଉନ୍ମୁଖତାର ପରିଚୟ ମିଳେ, ତାହାକୁ
ପାଶ୍ଚାତ୍ୟ ଶିକ୍ଷାର ଆଶୀର୍ବାଦ ବୋଲି ମଣିବାକୁ ହେବ ।

ଏଣେ ଭାରତୀୟ ସାହିତ୍ୟ ତାର ନୀରବ ନିସ୍ତରଙ୍ଗ ମଧ୍ୟ-
ଯୁଗୀୟ ପୁଷ୍ପଦୋଳାରେ ଅଖଣ୍ଡ ସୁଷୁପ୍ତିର ନିଶ୍ୱାସ ମାରୁଥିବା ବେଳେ
ପାଶ୍ଚାତ୍ୟ ଜଗତରେ ବିଜ୍ଞାନରେ ବହୁ ବିଚିତ୍ର ଆବିଷ୍କାର ଓ ଉଦ୍ଭାବନ-
ଫଳରେ ମାନବର ଚିନ୍ତାରାଜ୍ୟରେ ଯେଉଁ ଭୂକମ୍ପ ସଂଘଟିତ ହେଲା,
ତହିଁରୁ ଉଦ୍ଭୂତ ଶକ୍ତିର ବିଚ୍ଛୁରଣଦ୍ୱାରା ଦେଶରେ ଅର୍ଥନୀତିକ ଓ
ସାମାଜିକ ସଂଗଠନର ରୂପରେଖ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇ-
ଗଲା । ସମୂହ ଭାବରେ ସଂଘଟିତ ପରିବର୍ତ୍ତନ ସମୂହ ଶିଳ୍ପ ବିପ୍ଳବ

ନାମରେ ପରିଚିତ । ଶିଳ୍ପ-ବିପ୍ଳବର ଆଶୁଫଳ ସ୍ୱରୂପ ବିକେନ୍ଦ୍ରୀକୃତ କୃଷି-ଅର୍ଥନୀତି ନଗରର କେନ୍ଦ୍ରୀକୃତ ଶିଳ୍ପ ଅର୍ଥନୀତିରେ ପରିଣତ ହୋଇଗଲା ଏବଂ ଅପେକ୍ଷାକୃତ ସ୍ୱଳ୍ପ ଅନିଷ୍ଟସାଧକ ସାମନ୍ତବାଦ ସ୍ଥାନରେ ଉତ୍କଟ ପୁଞ୍ଜିବାଦର ଆବିର୍ଭାବ ହେଲା । ପୁଞ୍ଜିବାଦର ରଥ-ଚକ୍ର ତଳେ ଦଳିତ, ନିଷ୍ପେଷିତ ବୃନ୍ତଚ୍ୟୁତ ଏକ ସର୍ବହରା ଶ୍ରମିକ-ସମାଜର ସୃଷ୍ଟି ଓ ତଜ୍ଜନିତ ଅନୁଷଙ୍ଗିକ ସମସ୍ୟା ସମୂହ ପରିସ୍ଥିତିକୁ ଅତ୍ୟୁର ଜଟିଳ କରିପକାଇଲା । ଅର୍ଥନୀତିକ ଓ ସାମାଜିକ କ୍ଷେତ୍ରରେ ସଂଘଟିତ ଏ ସମଗ୍ର ବିରାଟ ପରିବର୍ତ୍ତନର ପିଣ୍ଡୀକୃତ ପ୍ରଭାବରୁ ଆପଣାକୁ ସଂପୂର୍ଣ୍ଣ ମୁକ୍ତ ରଖି ଚିରାଚରିତ ପନ୍ଥା ଧରି ଉନ୍ନତିର ମାର୍ଗରେ ଅଗ୍ରସର ହେବା ସାହିତ୍ୟ ପକ୍ଷରେ ଏକ ରକମ ଅସମ୍ଭବ ହୋଇ ଉଠିଲା । ତାର ବିଷୟବସ୍ତୁ, ରୂପ ସଂବିଧାନ ଓ ଚିନ୍ତା-ଧାରାରେ ଅଭୂତପୂର୍ବ ପରିବର୍ତ୍ତନ ସଂଘଟିତ ହେବାକୁ ଲାଗିଲା । ଏ ପର୍ଯ୍ୟନ୍ତ କବିତା ଥିଲା ମାନବର ଭାବ ପ୍ରକାଶର ସର୍ବଶ୍ରେଷ୍ଠ ବାହନ । କିନ୍ତୁ ଶିଳ୍ପଯୁଗର ବାତାବରଣ କବିତ୍ୱ ବିକାଶର ପରିପନ୍ଥୀ ବୋଲି ଅନେକଙ୍କର ମତ ।

For it is almost impossible to be a good poet in an industrial age. Deep down my attitude is a protest against the fate which has made me a poet in an industrial age"

—Hubert Read.

ଏଣୁ ଗଦ୍ୟ ସାହିତ୍ୟ, 'ବିଶେଷ କରି ଉପନ୍ୟାସ ଏବଂ କ୍ଷୁଦ୍ର ଗଳ୍ପ ଅଧିକରୁ ଅଧିକ କାବ୍ୟରେ ସ୍ଥାନ ଅଧିକାର କରିବାକୁ ଲାଗିଲା । ସାହିତ୍ୟର ସିଂହାସନରେ ଦୀନ ଦଳିତ ଅବହେଳିତ ସାଧାରଣ ମାନବର ପ୍ରତିଷ୍ଠାଫଳରେ ଅମୀର ଓମରା ଓ, ରାଜରାଜୁଡ଼ା କ୍ରମଶଃ

ଅପସର ଯିବାକୁ ଲାଗିଲେ । ଆଧୁନିକ ଯୁଗର ସାହିତ୍ୟରେ ରୋମାଣ୍ଟିକ୍‌ବାଦ, ପଳାୟନବାଦ, ରହସ୍ୟବାଦ, ସଂଶୟବାଦ, ନୈରାଶ୍ୟବାଦ, ଆଦର୍ଶବାଦ, ବାସ୍ତବବାଦ ଇତ୍ୟାଦି ଯେ ସବୁ ବିଭିନ୍ନ ମତବାଦର ନାମ ଶୁଣାଯାଇଥାଏ, ଶିଳ୍ପ ଯୁଗର ପରିବର୍ତ୍ତିତ ଅର୍ଥନୀତିକ ତଥା ସମାଜର ସଂଗଠନରେ ସେ ଗୁଡ଼ିକର ମୂଳ ଉତ୍ସ ନିହିତ । ଶିଳ୍ପ ସଭ୍ୟତାର କଠୋର ବାସ୍ତବତା ସମ୍ମୁଖରେ କବି-ଆଗରେ ଦୁଇଟି ମାତ୍ର ପଥ ଉନ୍ମୁକ୍ତ ଥିଲା । ଗୋଟିଏ ପଳାୟନର ପଥ, ଅନ୍ୟଟି ସମ୍ମୁଖୀକରଣର ପଥ । ପ୍ରଥମଟିରୁ **Sky lark, Solitary Reaper, Lake Isle of Innsfree**ର ସୃଷ୍ଟି । ଅପରଟିରୁ **Hollow men, Wasteland, Dance of death**ର ଉଦ୍ଭବ । ଗୋଟିଏ ଆଶା ଉଦ୍ଦୀପନା, ଆନନ୍ଦ, ପ୍ରେମର ସ୍ୱର୍ଗିମ, ସ୍ୱପ୍ନିଳ ରହସ୍ୟ ଲୋକ, ଅନ୍ୟଟି ଦୁଃଖ, ଦୈନ୍ୟ ଅଶ୍ରୁ, ନୈରାଶ୍ୟ, ସଂଶୟର ହାହୁତାଶମୟ ସାହାରା । ସ୍ଥୂଳତଃ ଗୋଟିଏ ରୋମାଣ୍ଟିକ୍ । ଦୁଇଦୁଇଟି ବିଶ୍ୱତ୍ରାସୀ ସମରର ତିକ୍ତ ଅଭିଜ୍ଞତା-ଫଳରେ ଶିଳ୍ପ ସଭ୍ୟତା ଓ ପୁଞ୍ଜିବାଦୀ ଅର୍ଥନୀତିକ ସଂଗଠନରେ ବାସ୍ତବ ସ୍ୱରୂପ ସ୍ପଷ୍ଟରୁ ସ୍ପଷ୍ଟତର ହୋଇଯିବା ସଙ୍ଗେ ସଙ୍ଗେ ରୋମାଣ୍ଟିକ୍ ଯୁଗର ସ୍ୱପ୍ନସୁନ୍ଦର କଳ୍ପନା ମାୟାମରୀଚିକାରେ ପରିଣତ ହୋଇଅଛି ଏବଂ ସାହିତ୍ୟର ସିଂହାସନ ଅଧିକାର କରିଛି ଏକ ନିର୍ମମ ନିଷ୍ଠୁର ବାସ୍ତବବାଦ । ଆଜିର କବିତା ଅଶାନ୍ତି, ଅସନ୍ତୋଷ, ମୃତ୍ୟୁ, ଧ୍ୱଂସର ପ୍ରଳୟ ଗୀତିକା ଗାଇ ଗାଇ ଚାଲିଛି କେଉଁ ଏକ ଅଜ୍ଞାତ, ଅନାଗତ ଅଭିଯାନର ସୀମାହୀନ ପଥରେ । ଆଧୁନିକ ସାହିତ୍ୟର ଏ ସ୍ୱର୍ଗାରୋହଣ ପର୍ବର ଉଦ୍‌ଯାପନ ମୃତ୍ୟୁର ଅମା-ଅନ୍ଧକାରରେ କି ଅମୃତତ୍ୱର ଜ୍ଞାନାଲୋକରେ, କିଏ କହିବ ? କବିତାର ଏ ପରିସ୍ଥିତି ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଅନ୍ତରରେ

ତାର ଭବିଷ୍ୟତ୍ ସମ୍ବନ୍ଧରେ ଗଭୀର ସଂଶୟପୂର୍ଣ୍ଣ ଦୃଷ୍ଟିପାତ କରନ୍ତି । କିନ୍ତୁ ଆଶାବାଦୀ ବି ଏକାନ୍ତ ବିରଳ ନୁହନ୍ତି । ସେମାନଙ୍କ ମତରେ ଶିଳ୍ପ-ସଭ୍ୟତାକୁ ଗ୍ରହଣ ବା ତ୍ୟାଗ କରିବାର ପ୍ରଶ୍ନ ଆଉ ଉଠୁ-ନାହିଁ । ଶିଳ୍ପ ସଭ୍ୟତା ଓ ଲଳିତ କଳାର ବିକାଶ ମଧ୍ୟରେ ସ୍ୱ-ବିରୋଧ ପାଇଁ ମଧ୍ୟ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ବସ୍ତୁତଃ ଶିଳ୍ପ ସଭ୍ୟତା ଶାନ୍ତି, ସନ୍ତୋଷର ପରିପନ୍ଥୀ ନୁହେଁ, ବରଂ ଯେଉଁ କାମ ପାଇଁ ବଳବାନ୍, ଧନିକ ଓ କ୍ଷମତାଶାଳୀ ଦୁର୍ବଳ, ଦରିଦ୍ର, ଅକ୍ଷମଙ୍କୁ ଦାସତ୍ୱର ବନ୍ଧନରେ ବାନ୍ଧିବାକୁ ପଶ୍ଚାତ୍‌ପଦ ହେଉ ନ ଥିଲା, ଶିଳ୍ପ ଓ ବିଜ୍ଞାନ ତାର ସେ କାମ କରିଦେବା ପାଇଁ ଆଜି ତାର ଦୁଆରେ ଠିଆ ହୋଇଛନ୍ତି । ତେଣୁ ଯେଉଁ ଭୂଇଁଖଣ୍ଡରେ ମଣିଷ ଦାସ ଭାବରେ ଅନ୍ୟର ଅନ୍ନ ସଂସ୍ଥାନର ଯୋଗାଡ଼ କରୁ-ଥିଲା, ସେଇଠାରୁ ଆଜି ସେ ଅକ୍ଳେଶରେ ଫେରିଯାଇପାରିବ, ଦାସଭାବରେ ନୁହେଁ, ପ୍ରଭୁଭାବରେ । ଏକୁଟିଆ ନୁହେଁ, ସଙ୍ଗରେ ରହିବ ତାର ଅଦ୍ଭୁତ ଶକ୍ତିସଂପନ୍ନ ବହୁ ପରିଚାରକ ଓ ପରିଚାରିକା ଏବଂ ତାର ସେ ପରିଚାରକ ଓ ପରିଚାରିକା ହେବେ, ବିଦ୍ୟୁତ୍, ବାଷ୍ପୀୟଶକ୍ତି, ଯନ୍ତ୍ରଶକ୍ତି ଇତ୍ୟାଦି । ଏପରି ଏକ ବାତାବରଣରେ ଶାନ୍ତି, ସନ୍ତୋଷ, ସଭ୍ୟତା, ସଂସ୍କୃତି, ସାହିତ୍ୟ ସଙ୍ଗୀତାଦି, ଲଳିତ କଳାର ବିକାଶ ପାଇଁ ପ୍ରତିବନ୍ଧକ ରହିବ ନାହିଁ । ସ୍ଥୂଳତଃ ସଭ୍ୟତା ସଂସ୍କୃତି, ସାହିତ୍ୟ ଓ ବିଶ୍ୱଶାନ୍ତିର ମୁକ୍ତି ଓ ପୁନଃପ୍ରତିଷ୍ଠା ନିମିତ୍ତ ବିଶ୍ୱଚିନ୍ତାଧାରା ପୁଣି ଥରେ ଆଜି ଅର୍ଥନୀତିର ବିକେନ୍ଦ୍ରୀକରଣ ଆଡ଼କୁ ଗତି କରିବାକୁ ଆରମ୍ଭ କଲେଣି । ବିକେନ୍ଦ୍ରୀକରଣହିଁ-ଗାନ୍ଧିବାଦର ମୂଳନୀତି । **Aldux Huxley**ଙ୍କ ଦ୍ୱାରା ରଚିତ **Science, Liberty and Peace** ନାମକ ପୁସ୍ତକର ମୁଖ୍ୟ ପ୍ରତିପାଦିତ ବିଷୟବସ୍ତୁ ହେଉଛି, ଅଧୁନିକ ଜଗତରେ ବିକେନ୍ଦ୍ରୀ-କରଣର ଉପଯୋଗିତା ।

ଅନ୍ୟ ପକ୍ଷରେ ଯାନ୍ତ୍ରିକ, ଶୈଳ୍ପିକ ଓ ଅର୍ଥନୈତିକ ସଂଗଠନ ଓ ଉତ୍ପାଦନ ବ୍ୟବସ୍ଥାରେ କୌଣସି ବିପ୍ଳବାତ୍ମକ ପରିବର୍ତ୍ତନ ନ ଆଣି କେବଳ ଶାସନକର୍ତ୍ତୃତ୍ୱ ଓ ବଣ୍ଟନବ୍ୟବସ୍ଥାରେ ପରିବର୍ତ୍ତନ ଘଟାଇ ପୁଞ୍ଜିବାଦର ବିଲୋପସାଧନଦ୍ୱାରା ବିଶ୍ୱଶାନ୍ତି-ପ୍ରତିଷ୍ଠାର ପ୍ରୟାସରୁ ମାର୍କସବାଦର ଜନ୍ମ । ଶେଷସୁଦ୍ଧା ମାର୍କସ-ବାଦର ମାନବ ସମାଜର ଏକମାତ୍ର ଜୀବନାଦର୍ଶନରୂପେ ସ୍ୱୀକୃତ ହେଉ, ବିଶ୍ୱସାହିତ୍ୟର ଇତିହାସରେ ଏକ ଗୌରବମୟ ଅଧ୍ୟାୟର ଜନ୍ମଦାତା ରୂପେ ଚିରସ୍ମରଣୀୟ ହୋଇ ରହିବା ନିଶ୍ଚିତ । ଏ ଦେଶରେ ମାର୍କସ୍‌ବାଦୀ ସାହିତ୍ୟ ତାର ଶୈଶବୋଚିତ ରୋମାଣ୍ଟିକ୍ ସ୍ତରକୁ ଅତିକ୍ରମ କରି ନ ଥିଲେହେଁ ରୁଷ ପ୍ରଭୃତି କେତେକ ଦେଶରେ ଦ୍ରୁତ ଅଗ୍ରଗତି ଫଳରେ ପ୍ରୌଢ଼ତ୍ୱର ପ୍ରୋଜ୍ଜ୍ୱଳ ମହିମାରେ ମଣ୍ଡିତ ହେବାରେ ସମର୍ଥ ହୋଇଛି । ପୃଥିବୀର ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱସାହିତ୍ୟର ଭବିଷ୍ୟତ ସ୍ୱର୍ଣ୍ଣନୀଡ଼ ମାର୍କସବାଦ ବା ଏକ ବିକେନ୍ଦ୍ରୀକୃତ ଅରାଜକତାବାଦ—କିମ୍ବା ଗାନ୍ଧିବାଦକୁ ଅବଲମ୍ବନ କରି ରଚିତ ହେବ, ତାହା ସ୍ଥିର-ନିଶ୍ଚିତ ଭାବରେ କହି ପାରିବା ସମ୍ଭବପର ନହେଲେହେଁ ଏ କଥା ଧ୍ରୁବ ନିଶ୍ଚିତ ଯେ ଆଧୁନିକ ସାହିତ୍ୟର ଜୀବନ ପ୍ରତି ନେତି-ବାଚକ ମନୋବୃତ୍ତିରେ ପରିବର୍ତ୍ତନ ସଂଶୋଧିତ ନ ହେଲେ ତାହା ଦିନେ ନା ଦିନେ ନିঃଶେଷ ହୋଇଯିବ, ଯେହେତୁ ଏକ ଦେବାଳିଆ ବ୍ୟାଙ୍କର ମହଜୁଦ୍ ପାଣ୍ଠିରୁ ଅଣାଯାଇଥିବା ଋଣ ଉପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବରେ ନିର୍ଭର କରି କଦାପି ଭବିଷ୍ୟତର ସୌଧ ଗଢ଼ାଯାଇ ନ ପାରେ ।

ସାହିତ୍ୟିକ ଚିନ୍ତାଧାରା ସଙ୍ଗେ ସଙ୍ଗେ ସାହିତ୍ୟର ବାହ୍ୟ ରୂପ ସଂବିଧାନ ବି ଶିଳ୍ପଯୁଗ ଓ ଯାନ୍ତ୍ରିକ ସଭ୍ୟତାର ସର୍ବଗ୍ରାସୀ

ପ୍ରଭାବରୁ ମୁକ୍ତ ଲଭ ନା । ଭଞ୍ଜଯୁଗର ଯେ କୌଣସି ଛାନ୍ଦ ସହିତ "ଭାନୁମତୀର ଦେଶ" ବା 'ପାଣ୍ଡୁଲିପି'ର କବିତା ସମୂହର କିମ୍ବା **Tennyson** ଙ୍କ ଯେ କୌଣସି କାବ୍ୟ ସହିତ **T. S. Eliot Wasteland** ବା **Hollow Men** ଇତ୍ୟାଦି କବିତା ସମୂହର ତୁଳନା କରି ଦେଖିଲେ ଛାନ୍ଦ, ଭାଷା, ବସ୍ତୁ ସଙ୍ଗଠନାଦିରେ କି ବିରାଟ ପରିବର୍ତ୍ତନ ସଂଘଟିତ ହୋଇଛି, ତାର ଏକ ସ୍ଥୂଳ ଧାରଣା କରିହେବ । ବିଜ୍ଞାନର ପ୍ରସାରଜନିତ ଅର୍ଥନୀତିକ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ବ୍ୟବସାୟ, ବାଣିଜ୍ୟ, ଯାନବାହାନ ଚଳାଚଳ-କ୍ଷେତ୍ରରେ ସଂଘଟିତ ବିପ୍ଳବାତ୍ମକ ପରିବର୍ତ୍ତନ ସମୂହ ମାନବର ଦୈନନ୍ଦିନ ବ୍ୟବହାରଯୋଗ୍ୟ ଶବ୍ଦଭଣ୍ଡାରରେ ବିପୁଳ ପରିବର୍ତ୍ତନ ଓ ପରିବର୍ଦ୍ଧନର କାରଣ ହେଲା । ଶବ୍ଦପ୍ରୟୋଗରେ ପୂର୍ବର ଆଭିଜାତ୍ୟ ବଜାୟ ରଖି କବିତା, ଉପନ୍ୟାସ, ନାଟକ ବା ଗଳ୍ପ ଲେଖିବା ଆଉ ସମ୍ଭବପର ହେଲା ନା । ଅର୍ଥନୀତି କ୍ଷେତ୍ରରେ ସାମ୍ୟବାଦ, ସାମାଜିକ କ୍ଷେତ୍ରରେ ବିଶ୍ୱମାନବବାଦ ସଦୃଶ ସାହିତ୍ୟର ଦରବାରରେ ବି ଅପାଂକ୍ତେୟ ଅସ୍ପୃଶ୍ୟ ହୋଇ ଆଉ କିଛି ରହିଲା ନାହିଁ । ନାରୀର କୃଷ୍ଣକେଶଦାମ ସହିତ ଦଳିତ ଅଞ୍ଜନ କିମ୍ବା ସ୍ୱଚ୍ଛ ଶୁଭ୍ର ଶଯ୍ୟା ସହିତ ଦୁଗ୍ଧଫେନ ତୁଳିତ ହେବାକୁ ଯେପରି ଉପଯୁକ୍ତ, ବାଷ୍ପୀୟ ଶକଟରୁ ନିର୍ଗତ ଘନକୃଷ୍ଣ ଧୂମ୍ରରାଶି ବା ସାନ୍‌ଲାଇଟ୍ ସାବୁନର ଫେଣ ମଧ୍ୟ ତାଦୃଶ ଉପଯୁକ୍ତ ବିବେଚିତ ହେଲା । ଫଳରେ ଅଳ୍ପ କେତେକ ବର୍ଷ ପୂର୍ବେ ଯେଉଁ ଶବ୍ଦ ବା ପ୍ରୟୋଗସମୂହ ଅଯୋଗ୍ୟ ଜ୍ଞାନରେ ପରିତ୍ୟକ୍ତ ହୋଇଥାନ୍ତା ସେଗୁଡ଼ିକ ବହୁ ପ୍ରଥମ ଶ୍ରେଣୀର ଲେଖକମାନଙ୍କର କାବ୍ୟ କବିତାର କଳେବରମଣ୍ଡିତ କରିବାକୁ ଲାଗିଲା । ଏକ ଗତିଶୀଳ ସଂପୂର୍ଣ୍ଣ ଜାଗତିକ ଗଦ୍ୟମୟୀ ସଭ୍ୟତାର ଯୁଗରେ

ପ୍ରାଚୀନ ସାହିତ୍ୟର ଛନ୍ଦବୈଚିତ୍ର, ସଙ୍ଗୀତମାଧୁର୍ଯ୍ୟ ଆଜି ସୁଦୂର ଅତୀତର ଏକ ଗୌରବମୟ ସ୍ମୃତିର ବସ୍ତୁ ହୋଇ ରହିଲା ଏବଂ ତା ସ୍ଥାନରେ ଦେଖାଦେଲା ଛନ୍ଦରାଜ୍ୟରେ ନିତ୍ୟ ନୂତନ ପରୀକ୍ଷାଜନିତ ଏକ ପ୍ରକାର ଅରାଜକତା, ଯାହାର ଚରମ ପରିଣତି ପ୍ରକାଶ ପାଇଲା ଆଜିର ଗଦ୍ୟ-କବିତା ରୂପରେ । ଆଧୁନିକ କାବ୍ୟ, ନାଟକ, ଉପନ୍ୟାସାଦିରେ ଯେ ଚରିତ୍ର ଚିତ୍ରଣର ଜଟିଳତା, ଯେ ପ୍ରକାଶର ଅସ୍ପଷ୍ଟତା, ଯେ ଅର୍ଥର ଅନିର୍ଦ୍ଦିଷ୍ଟତା ଦେଖାଯାଏ ତାହା ହୁଏତ ୨୦୦ ବର୍ଷ-ପୂର୍ବେ ପଲ୍ଲୀର କୃଷି ଅର୍ଥନୀତିରେ ସମ୍ଭବପର ହୋଇ ନ ଥାନ୍ତା । ମୂଳତଃ ସାହିତ୍ୟରେ ଯାହା ପ୍ରତୀକମ୍ଭ ଏବଂ ପ୍ରତୀକବାଦ ନାମରେ ପରିଚିତ, ତାହା ବି ଅର୍ଥନୈତିକ ସଂଗଠନ ସହ ଗଭୀର ସମ୍ବନ୍ଧଯୁକ୍ତ ।

ଆଜିର ଏ ସାହିତ୍ୟ କୁଶ୍ରୀ, କୁତ୍ସିତ ହୋଇପାରେ, କିନ୍ତୁ ସତ୍ୟର କଠିନ କଠୋର ଭିତ୍ତି ଉପରେ ଏହାର ପ୍ରତିଷ୍ଠା । ଯେ କୌଣସି ଯୁଗରେ ବର୍ତ୍ତମାନସତ୍ତ୍ୱର କଳାତ୍ମକ ପ୍ରକାଶହିଁ ସାହିତ୍ୟ । ସୁତରାଂ ଯଦି କେହି ଆଧୁନିକ ସାହିତ୍ୟକୁ ଘୃଣା, ତାଚ୍ଛଲ୍ୟ ବା ବିଦ୍ରୂପର ଦୃଷ୍ଟିରେ ଦେଖେ, ତାହା କେବଳ ଆତ୍ମପ୍ରବଞ୍ଚନାରେହିଁ ପର୍ଯ୍ୟବସିତ ହେବ । ଅବଶ୍ୟ ଉତ୍କଳ ତଥା ଭାରତ ଅନେକାଂଶରେ ମଧ୍ୟଯୁଗୀୟ ଅର୍ଥନୈତିକ ସଂଗଠନର ସ୍ତରକୁ ଅତିକ୍ରମ କରି ନାହିଁ । ତେଣୁ ଏଠାରେ ଆଧୁନିକ ସାହିତ୍ୟ ପ୍ରତି ସମୁଚିତ ସହାନୁଭୂତି ପ୍ରକାଶ ନ ପାଇବାରେ କିଛି ବୈଚିତ୍ର୍ୟ ନାହିଁ । ପୁନଶ୍ଚ ଏ ଦେଶରେ ଆଧୁନିକ ସାହିତ୍ୟନାମରେ ଯାହା ପରିଚିତ, ତାହା ଦେଶର ଅର୍ଥନୈତିକ ଓ ସାମାଜିକ ସଂଗଠନରୁ ସ୍ୱତଃ ସ୍ଫୂର୍ତ୍ତ ହୋଇ ସାଂସ୍କୃତିକ ପରଂପରା ଉପରେ ସୁପ୍ରତିଷ୍ଠିତ ନହୋଇ ଏକ ବିଦେଶୀ

ସାହିତ୍ୟର ଅନୁକରଣରେ ରଚିତ ହେଉଥିବାରୁ ଜନସାଧାରଣଙ୍କର ପ୍ରୀତି ଆକର୍ଷଣ କରିବା ସମ୍ଭବପର ହେଉ ନ ।

ଉପରୋକ୍ତ ଆଲୋଚନାରେ ଦେଶର **ଅର୍ଥନୀତିକ** ଭିତ୍ତି ସହିତ ସାହିତ୍ୟର ଏକ ଅଦ୍ୱୟ ଯୋଗର କଳ୍ପନା କରାଯାଇଛି । ହେଲେ ହେଁ ସାହିତ୍ୟ କେବେହେଁ ଅର୍ଥନୀତିର ନୀରସ ଶୁଷ୍କ କାର୍ଯ୍ୟୋପଯୋଗୀ ପଦ୍ୟବନ୍ଧ ବିତରଣୀ ହୋଇ ନ ପାରେ । ପଙ୍କରୁ ଜନ୍ମେ ପଙ୍କଜ; କିନ୍ତୁ ଦୁହିଁଙ୍କର ମଧ୍ୟରେ ସୌନ୍ଦର୍ଯ୍ୟ, ଶୁଭ୍ରତା, ସୌରଭରେ କି ଆକାଶ ପାତାଳ ପ୍ରଭେଦ ! ଦେଶର ଅର୍ଥନୀତିକ, ସାମାଜିକ ଓ ସାଂସ୍କୃତିକ ସ୍ଥିତିରୁ ରସ ଆହରଣ କରି ଅଙ୍କୁରି ଉଠେ କବିତାର ଯେଉଁ କୋମଳ କଳ୍ପଲତିକା, କବିର ଅନ୍ତର ରସରେ ଅଭିଷେଚିତ, ପରିପାଳିତ ଓ ପରିବର୍ଦ୍ଧିତ ହୋଇ ଯେତେବେଳେ ତାହା ପଲ୍ଲବିତ ପୁଷ୍ପ ଓ ଫଳଯୁକ୍ତ ହୁଏ, ସେତେବେଳେ ତା ଶ୍ରୀ, ଶୁଭ୍ରତା ଓ ସୌରଭରେ ମୁଗ୍ଧ ଜନତା ଆନନ୍ଦରେ ଗାଇ ଉଠେ—

ମଧୁମୟ ସୃଷ୍ଟି          ସୁଧାମୟ ବୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ

—(ସମାପ୍ତ)—

ବ୍ରହ୍ମପୁର ଶିରୋମଣି ପ୍ରେସ୍‌ରେ ଶ୍ରୀ ଅନନ୍ତ ତ୍ରିପାଠି ଶର୍ମାଙ୍କ ଦ୍ୱାରା ମୁଦ୍ରିତ